ଧରିତ୍ରୀ
DHARITRI




ସମ୍ବଲପୁର, ସୋମବାର, ଅଗଷ୍ଟ ୯/୨୦୨୧ (୧୬ ପୃଷ୍ଠା) | Sambalpur, Monday, August 9/2021 | ★★
୧୭ଶ ଭାଗ ୨୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


ଟୋକିଓ ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବରେ ରବିବାର ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଆତସବାଜି କାର୍ଯ୍ୟକ୍ରମ। (ରିପୋର୍ଟ ଖେଳ ପୃଷ୍ଠା)।




# ନୂଆ ସଂସ୍କୃତି ଆପଣାଅ: ବେଦାନ୍ତ


Fw: Reminder of e-mail message dtd. 09.11.2020

RK SINGH
to me

REGARDS.

RK Singh,Laxmi Bhawan Kuans 756100
Mining
9437499038

9337195659,Rd No. 1 Satyendra Nagar Auranagabad 824101

From: PG Sureshkumar <pg.sureshkumar@vedanta.co.in>
Sent: Fri, 13 Nov 2020 14:56:02 GMT+0530
To: FACOR OSTAPAL <facor.ostapal@gmail.com>
Subject: Re: Reminder of e-mail message dtd. 09.11.2020

Dear Sir

You are aware that the company is taken over by M/s Vedanta. We need to adopt to new culture. You may kindly explain this to the local functionaries, the same till full team starts functioning.
The issues will be resolved going forward.
Regards
Suresh Kumar

From: FACOROSTAPAL <facorostapal@gmail.com>
Sent: Friday, November 13, 2020 1:53 PM
To: PG Sueshkumar <pg.sureshkumar@vedanta.co.in>
Cc: RK SINGH <g_medal@rediffmail.com>; facor mines <facor.mines@vedanta.co.in>; SUMANTA GUPTA <SUMANTA.GUPTA@vedanta.co.in>
Subject: Reminder of e-mail message dtd. 09.11.2020

୨୦୨୦ ନଭେମ୍ବର ୧୩ରେ ବେଦାନ୍ତର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ପି.ଜି. ସୁରେଶ କୁମାର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଏ.କେ. ପାତ୍ରଙ୍କୁ ପଠାଇଥିବା ଇ-ମେଲ।

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୮।୮**

ଅର୍ଥ ବଳରେ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ହାତରେ ରଖି କିଭଳି ଲୋକଙ୍କୁ ଦମନ କରାଯାଇପାରୁଛି ତାହାର ପଦ୍ଧତି ନିକଟରେ ବେଦାନ୍ତ କମ୍ପାନୀର ଏକ ଆଭ୍ୟନ୍ତରୀଣ ଇ-ମେଲ୍‌ରୁ ଜଣାପଡ଼ିଥିଲା। ୨୦୨୦ ନଭେମ୍ବର ୧୩ରେ ଫାକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଏ.କେ. ପାତ୍ର ବେଦାନ୍ତର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର (ସିଇଓ) ପି.ଜି. ସୁରେଶ କୁମାରଙ୍କ ନିକଟକୁ ସେହି ଇ-ମେଲ୍ ପଠାଇଥିଲେ। କିଛିଦିନ ହେଲା ନିର୍ଦ୍ଦିଷ୍ଟ ଅର୍ଥ ପାଇ ନ ଥିବାରୁ ସ୍ଥାନୀୟ ପ୍ରଶାସନ ଯଥା କାଳିଆପାଣି ଥାନାଧିକାରୀ, ଡେପୁଟି ଡାଇରେକ୍ଟର୍ ଅଫ୍ ମାଇନ୍ସ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୁଖଙ୍କ ମାସିକ ଆବଶ୍ୟକତାକୁ ପୂରଣ କରାଯାଇ ପାରିନାହିଁ ବୋଲି ଉକ୍ତ ଇ-ମେଲ୍‌ରେ ଦର୍ଶାଯାଇଥିଲା। ଏନେଇ 'ପ୍ରଶାସନକୁ ସମ୍ଭାଳିବ ଏମିତି' ଶୀର୍ଷକ ଏକ ଖବର ଗତ ଜୁଲାଇ ୨୯ରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା। ଇତିମଧ୍ୟରେ କମ୍ପାନୀର ଆହୁରି ଅନେକ ଇ-ମେଲ୍ ଆମର ହସ୍ତଗତ ହୋଇଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଫାକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜରଙ୍କ ଇ-ମେଲ୍‌କୁ ନେଇ ବେଦାନ୍ତ ସିଇଓ ସୁରେଶ ଦେଇଥିବା ଉତ୍ତର। ଏଥିରେ ସୁରେଶ ଉଲ୍ଲେଖ କରିଛନ୍ତି ଯେ, 'ଆପଣ ଜାଣିଛନ୍ତି କମ୍ପାନୀ ବେଦାନ୍ତକୁ ହସ୍ତାନ୍ତର ହୋଇଛି। ଆମକୁ ନୂଆ ସଂସ୍କୃତି ଆପଣାଇବା ଆବଶ୍ୟକ। ଯେ ପର୍ଯ୍ୟନ୍ତ ଫୁଲ୍ ଟିମ୍‌ରେ କାର୍ଯ୍ୟ ଆରମ୍ଭ ନ ହୋଇଛି ସେ ପର୍ଯ୍ୟନ୍ତ ଆପଣ ସ୍ଥାନୀୟ ଅଧିକାରୀମାନଙ୍କୁ ଏହା ବୁଝାଇପାରିବେ।' ବେଦାନ୍ତ ସିଇଓ ଦେଇଥିବା ଏହି ଉତ୍ତରରୁ କମ୍ପାନୀ କିଭଳି ଓଡ଼ିଶାରେ ପ୍ରଶାସନକୁ ସମ୍ଭାଳୁଛି ତାହା ଅଧିକ ସ୍ପଷ୍ଟ ହେଉଛି।

ପ୍ରଶାସନିକ ଅଧିକାରୀମାନେ ବନ୍ଧା ପଡ଼ିଥିବାରୁ ବେଦାନ୍ତ ନିଜ ଇଚ୍ଛା ମୁତାବକ କାମ କରୁଛି। ଫଳସ୍ୱରୂପ ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ ମାଇନ୍ସ ସେଫ୍‌ଟି (ଡିଜିଏମ୍‌ଏସ୍) ପକ୍ଷରୁ ୨୩।୭।୨୦୨୧ରେ ଓସ୍ତପାଳ କ୍ରୋମାଇଟ୍ ଖଣିକୁ ଅସ୍ଥାୟୀ ଭାବେ ବନ୍ଦ ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ କେବଳ ବେଖାତିର ନୁହେଁ,ସେହି ଖଣିକୁ ବନ୍ଦ କରିବାକୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବେଦାନ୍ତଠାରୁ ପ୍ରବଳ ମାତ୍ରାରେ ଲାଭ ପାଉଥିବା ପ୍ରଶାସନିକ ଅଧିକାରୀ କମ୍ପାନୀର ବେଆଇନ କାର୍ଯ୍ୟ ପ୍ରତି ଆଖି ବନ୍ଦ କରିଦେଉଛନ୍ତି। ଏହାଦ୍ୱାରା ଜନସାଧାରଣ ଗୁରୁତର କ୍ଷତି ସହୁଛନ୍ତି। ☞ପୃଷ୍ଠା-୪

## ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଭର୍ଚୁଆଲରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିବ ବୋଲି ଜଣାପଡିଛି। ଭୁବନେଶ୍ୱରରେ ଥିବା ମନ୍ତ୍ରୀମାନେ ଲୋକସେବା ଭବନରୁ ଏବଂ ନିର୍ବାଚନମଣ୍ଡଳୀରେ ଥିବା ମନ୍ତ୍ରୀମାନେ ଜିଲା ମୁଖ୍ୟାଳୟ କନଫରେନ୍ସ ହଲ୍‌ରୁ ଯୋଗଦେବେ।

## କୋଭିଶିଲ୍ଡ-କୋଭାକ୍ସିନ ମିଶ୍ରିତ ଡୋଜ୍ ଅଧିକ ପ୍ରଭାବୀ

**ଆଇସିଏମ୍‌ଆର୍‌ର ଦାବି**

**ନୂଆଦିଲ୍ଲୀ, ୮।୮**

କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ତିଆରି କରିଥିବା କୋଭାକ୍ସିନ ଟିକାର ମିଶ୍ରିତ ଡୋଜ୍ ଅପେକ୍ଷାକୃତ ଅଧିକ ପ୍ରଭାବଶାଳୀ। ଭୂତାଣୁ ବିରୋଧରେ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିବାରେ ଏହା ସଫଳ ବୋଲି ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍) ଦ୍ୱାରା ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଚଳିତ ବର୍ଷ ମେ' ଏବଂ ଜୁନ୍‌ରେ ୯୮ ଜଣଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ଉତ୍ତରପ୍ରଦେଶର ୧୮ ଜଣ ରହିଥିଲେ। ୧୮ ଜଣଙ୍କୁ ପ୍ରଥମ ଡୋଜ କୋଭିଶିଲ୍ଡ ଏବଂ ଦ୍ୱିତୀୟ ଡୋଜ କୋଭାକ୍ସିନ ☞ପୃଷ୍ଠା-୪

## ଅଲ୍-କାଏଦା ଟାର୍ଗେଟରେ ଦିଲ୍ଲୀ ବିମାନବନ୍ଦର

**ନୂଆଦିଲ୍ଲୀ,୮।୮**

- ବିସ୍ଫୋରଣରେ ଉଡ଼ାଇବାକୁ ଧମକ
- ଦମ୍ପତିଙ୍କ ନାଁରେ ଆସିଛି ଇ-ମେଲ୍
- ସୁରକ୍ଷା କଡ଼ାକଡ଼ି, ହାଇଆଲର୍ଟ ଜାରି

ଅଲ୍-କାଏଦା ଆତଙ୍କବାଦୀଙ୍କ ଟାର୍ଗେଟରେ ଜାତୀୟ ରାଜଧାନୀ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ) ରହିଛି। କଡ଼ା ସୁରକ୍ଷା ବଳୟରେ ଥିବା ଏହି



ବିମାନବନ୍ଦରକୁ ବୋମାମାଡ଼ କରି ବିସ୍ଫୋରଣରେ ଉଡ଼ାଇ ଦେବାକୁ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଦିଲ୍ଲୀ ପୋଲିସକୁ ଇ-ମେଲ୍ ମିଳିବା ପରେ ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱାଧୀନତା ଦିବସ ପାଳନକୁ ସପ୍ତାହେ ବାକି ଥିବାବେଳେ ଏହି ଧମକପୂର୍ଣ୍ଣ ମେଲ୍ ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି। ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସମ୍ଭାବ୍ୟ ବିସ୍ଫୋରଣ ଭୟରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ଦିଲ୍ଲୀ ଏୟାରପୋର୍ଟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଶନିବାର ଅପରାହ୍ନ ୫ଟା ୪୫ ମିନିଟରେ india.212@protonmail.comରୁ ଏକ ମେଲ୍ ଆସିଥିଲା। କରନବୀର ସୁରି ଓରଫ ମହମ୍ମଦ ଜଲାଲ ଓ ତାଙ୍କ ସ୍ତ୍ରୀ ଶେଲୀ ଶାରଦା ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ଖେଳରେ ଜାତି**

## ଡ୍ରଗ୍ସ ପାଇଁ ପୁଅକୁ ବିକିଦେଲେ ବାପା

ଡ୍ରଗ୍ସ ଖାଇବା ନିଶାରେ ନିଜ ଅଢ଼େଇ ବର୍ଷର ଶିଶୁପୁତ୍ରକୁ ଆସାମର ଜଣେ ବ୍ୟକ୍ତି ୪୦ ହଜାର ଟଙ୍କାରେ ବିକ୍ରି କରିଛନ୍ତି। ମୋରିଗାନ୍ ଜିଲାର ଲହରିଘାଟ ଗ୍ରାମର ଅମିନୁଲ୍ ଇସ୍‌ଲାମ ତାଙ୍କ ପୁଅକୁ ବିକି ଦେଇଥିବା ନେଇ ସ୍ତ୍ରୀ ରୁକ୍ମିନା ବେଗମ୍ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅମିନୁଲ୍ ଏବଂ ଶିଶୁକୁ କିଣିଥିବା ମହିଳାଙ୍କୁ ଗିରଫ କରିଛି। ପୁଅର ଆଧାରକାର୍ଡ ଆବଶ୍ୟକ ପଡୁଥିବା କହି ଅମିନୁଲ୍ ଶିଶୁଟିକୁ ଘରୁ ନେଇଥିଲେ ହେଁ ଆଉ ଆଣି ନ ଥିଲେ। ପୋଲିସ ଶିଶୁଟିକୁ ଉଦ୍ଧାର ପରେ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଛି।



## ସଂକ୍ଷେପରେ

### ରିଷି ସୁନକଙ୍କ ପଦାବନତି ପାଇଁ ବୋରିସ୍‌ଙ୍କ ଧମକ


ବୋରିସ ଜନ୍‌ସନ ରିଷି ସୁନକ

**ଲଣ୍ଡନ, ୮।୮:** ଯାତ୍ରା କଟକଣା ଏବଂ ସବୁଜ ସଂସ୍କାରକୁ ନେଇ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଏବଂ ଚାନ୍ସେଲର ଅଫ୍ ଏକ୍ସଚେକର ରିଷି ସୁନକଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ସୁନକଙ୍କ ପଦାବନତି କରି ତାଙ୍କୁ ସ୍ୱାସ୍ଥ୍ୟ ସଚିବ କରାଇବା ପାଇଁ ବୋରିସ ଚେତାବନୀ ଦେଇଛନ୍ତି। ରିଷି ବ୍ୟୟ ସମୀକ୍ଷାକୁ କଡ଼ାକଡ଼ି କରିବାକୁ ଚାହୁଁଥିବାବେଳେ ବୋରିସ ସହମତ ହୋଇ ନ ଥିଲେ। କରୋନା ସଙ୍କଟ ପରେ ସାର୍ବଜନିକ ଫାଇନାନ୍ସ ପ୍ରସ୍ତୁତ ପାଇଁ ରିଷି ପ୍ରସ୍ତୁତି ଆରମ୍ଭ କରିଛନ୍ତି।

### ହ୍ୱାଟ୍ସଆପ୍‌ରେ ମିଳିବ ଟିକା ପ୍ରମାଣପତ୍ର

**ନୂଆଦିଲ୍ଲୀ, ୮।୮:** କୋଭିଡ୍ ଟିକା ନେଉଥିବା ଲୋକଙ୍କୁ ଏଣିକି ହ୍ୱାଟ୍ସଆପ୍‌ରେ ମାତ୍ର କେଇ ସେକେଣ୍ଡ ମଧ୍ୟରେ ପ୍ରମାଣପତ୍ର ମିଳିଯିବ। ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଟିକା ସାର୍ଟିଫିକେଟ କୋୱିନ୍ ପୋର୍ଟାଲରୁ ଡାଉନ୍‌ଲୋଡ କରିବାକୁ ପଡୁଥିଲା। ଏବେ ମାଇଁଗଭ୍ କରୋନା ହେଲ୍ପଡେସ୍କ ମାଧ୍ୟମରେ ସହଜରେ ସାର୍ଟିଫିକେଟ ମିଳିବ। ହ୍ୱାଟ୍ସଆପ୍‌ରେ 'କୋଭିଡ୍ ସାର୍ଟିଫିକେଟ' ଲେଖି ନମ୍ବର +୯୧ ୯୦୧୩୧୫୧୫୧୫କୁ ପଠାନ୍ତୁ ଏବଂ ଓଟିପି ଦିଅନ୍ତୁ। ଅଳ୍ପ ସେକେଣ୍ଡରେ ସାର୍ଟିଫିକେଟ ଆସିଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଯାତ୍ରା କଟକଣା କୋହଳ କଲା ବ୍ରିଟେନ

**ନୂଆଦିଲ୍ଲୀ, ୮।୮:** ବ୍ରିଟେନ ଗସ୍ତ ପାଇଁ ଭାରତୀୟଙ୍କ ଉପରୁ ଯାତ୍ରା କଟକଣା କୋହଳ କରାଯାଇଛି। ଭାରତକୁ ଏବେ 'ରେଡ୍' ଲିଷ୍ଟରୁ 'ଅମ୍ବର' ତାଲିକାରେ ରଖାଯାଇଛି। ଅର୍ଥାତ କରୋନା ଟିକାର ୨ ଡୋଜ ନେଇଥିବା ବ୍ୟକ୍ତି ବ୍ରିଟେନ ଗଲେ ହୋଟେଲରେ ୧୦ ଦିନ ବାଧ୍ୟତାମୂଳକ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବନି। ଭାକ୍ସଜେଭ୍‌ରିଆ ବ୍ରାଣ୍ଡରେ ଭାରତରେ ପ୍ରସ୍ତୁତ ଅକ୍ସଫୋର୍ଡ/ଆଷ୍ଟ୍ରାଜେନିକା ଟିକା ନେଇଥିବା ବ୍ୟକ୍ତିଙ୍କ ପାଇଁ ହିଁ ଏହି କୋହଳ ନୀତି ଲାଗୁ ହେବ।

### ରାଜୀବ ଗୌବାଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା



**ନୂଆଦିଲ୍ଲୀ, ୮।୮:** କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ବର୍ଷେ ବଢ଼ାଇଛନ୍ତି। ଝାଡ଼ଖଣ୍ଡ କ୍ୟାଡର ୧୯୮୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଗୌବା ଆସନ୍ତା ୩୦ରେ ଅବସର ନେବାକୁ ଥିବାବେଳେ ତାଙ୍କ ବର୍ଦ୍ଧିତ କାର୍ଯ୍ୟକାଳକୁ କ୍ୟାବିନେଟର ନିଯୁକ୍ତି କମିଟି ଅନୁମୋଦନ କରିଛି। ଅଗଷ୍ଟ ୨୦୧୯ରେ ସେ ପି. କେ. ସିହ୍ନାଙ୍କ ପରେ ସେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ଗୌବା ସ୍ୱରାଷ୍ଟ୍ର ସଚିବ ଭାବେ ୩୧ ଅଗଷ୍ଟ ୨୦୧୭ରୁ ୩୧ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ଏଥିସହ ସେ ୧୫ ମାସ ପାଇଁ ଝାଡ଼ଖଣ୍ଡର ମୁଖ୍ୟ ସଚିବ ଦାୟିତ୍ୱରେ ଥିଲେ।

# ବଢୁଛି ହାଜତ ହିଂସା

## ଥାନାରେ ହେଉଛି ସର୍ବାଧିକ ମାନବାଧିକାର ଉଲ୍ଲଂଘନ

### ଥମୁନି ପୋଲିସ ବର୍ବରତା

**ସପ୍ତାହେ ପରେ ଭାରତ ପାଳିବାକୁ ଯାଉଛି ୭୫ତମ ସ୍ୱାଧୀନତା ଦିବସ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଜୀବନ ଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଛି। କୌଣସି ବ୍ୟକ୍ତି ମୁକ୍ତ ଭାବେ ଜୀବନ ଅତିବାହିତ କରିବା ଅଧିକାରରୁ ବଞ୍ଚିତ ହେବେ ନାହିଁ ବୋଲି ଏହି ଧାରା କହିଥାଏ। କିନ୍ତୁ ଆଇନ ରକ୍ଷକ ପୋଲିସର କାର୍ଯ୍ୟକଳାପକୁ ଦେଖିଲେ ଏହାର ଓଲଟା ଚିତ୍ର ସାମ୍ନାକୁ ଆସିଥାଏ। ଦେଶର ଥାନାଗୁଡ଼ିକରେ ହାଜତ ହିଂସା ବୃଦ୍ଧି ପାଇବା ଏହାର ଜ୍ୱଳନ୍ତ ପ୍ରମାଣ। ମିଥ୍ୟା ମାମଲାରେ ଲୋକଙ୍କୁ ଫସାଇ ମାଡ଼ ମାରିବା, ଦୋଷ ମନାଇବା ଲାଗି ଅଭିଯୁକ୍ତଙ୍କୁ ମରଣାନ୍ତକ ନିର୍ଯାତନା ଦେବା, ମହିଳା ହୋଇଥିଲେ ଥାନା ଭିତରେ ବଳାତ୍କାର କରିବା ଭଳି ଗଦା ଗଦା ନଜିର ପୋଲିସର ଚାଲିଚଳଣ ଓ ବ୍ୟବହାର ଉପରେ ପ୍ରଶ୍ନଚିହ୍ନ ଲଗାଇଆସିଛି। ହାଜତ ହିଂସାକୁ ରୋକିବା ପାଇଁ ଆଇପିସି ଦଫା ୩୩୦, ୩୩୧, ୩୪୮; ସାକ୍ଷ୍ୟ ପ୍ରମାଣ ଆଇନ ଧାରା ୨୫, ୨୬; ସିଆର୍‌ପିସି ଧାରା ୭୬ ଏବଂ ପୋଲିସ ଆକ୍ଟ ଧାରା ୨୯ରେ ବ୍ୟବସ୍ଥା ରହିଛି। ହାଜତ ମୃତ୍ୟୁ ଓ ନିର୍ଯାତନା ବଢ଼ିବାରେ ଲାଗିଛି। ଏହି ନିଷ୍ଠୁର ବାସ୍ତବତାକୁ ନେଇ ରବିବାର ଚିନ୍ତାବ୍ୟକ୍ତ କରିଛନ୍ତି ଭାରତର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନା।**




ସିଜେଆଇ ଏନ୍.ଭି. ରମନା



### ନ୍ୟାୟିକ ସେବା ପାଇଁ ମୋବାଇଲ ଆପ୍ ଶୁଭାରମ୍ଭ କଲେ ସିଜେଆଇ

ନୂଆଦିଲ୍ଲୀ, ୮।୮ (ଆଇଏଏନ୍‌ଏସ୍)

ଏବେ ମଧ୍ୟ ଥାନା ହାଜତରେ ପୋଲିସ ଅତ୍ୟାଚାର ଜାରି ରହିଛି। ଦେଶର ଥାନାଗୁଡ଼ିକରେ ମାନବାଧିକାରର ସର୍ବାଧିକ ଉଲ୍ଲଂଘନ ହେବା ସହ ଶାରୀରିକ ନିର୍ଯାତନା ଦିଆଯାଉଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ରବିବାର କହିଛନ୍ତି। ଏପରି କି ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ପୋଲିସର ଥାର୍ଡ ଡିଗ୍ରୀରୁ ବାଦ୍ ପଡୁନାହାନ୍ତି। ଦେଶବ୍ୟାପୀ ପୋଲିସ ଅଫିସରମାନଙ୍କ ସମ୍ବେଦୀକରଣ କରିବା ପାଇଁ ସିଜେଆଇ ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ (ଏନ୍‌ଏଏଲ୍‌ଏସ୍‌ଏ)କୁ ନିର୍ଦ୍ଦେଶ ଦେଇଛନ୍ତି।

ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆଇନ ସେବା ମୋବାଇଲ ଆପ୍ଲିକେଶନ ଏବଂ ଏନ୍‌ଏଏଲ୍‌ଏସ୍‌ଏର ଭିଜନ ଓ ମିଶନ ଷ୍ଟେଟ୍‌ମେଣ୍ଟ ଶୁଭାରମ୍ଭ ଅବସରରେ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି, ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ଏକ ଅନ୍ତହୀନ ମିଶନ। ଆଇନରେ ଶାସିତ ସମାଜରେ ପରିଣତ ହେବାକୁ ହେଲେ ବିଶେଷ ସୁବିଧା ପାଉଥିବା ଏବଂ ସବୁଠୁ ଅସୁରକ୍ଷିତଙ୍କ ମଧ୍ୟରେ ନ୍ୟାୟ ପାଇବାରେ ଥିବା ବ୍ୟବଧାନକୁ ଦୂର କରିବା ଜରୁରୀ। ନାଗରିକମାନଙ୍କ ବିଶ୍ୱାସ ହାସଲ କରିବାକୁ ହେଲେ ନ୍ୟାୟପାଳିକାକୁ ପ୍ରତ୍ୟେକଙ୍କୁ ଆଶ୍ୱାସନା ଦେବାକୁ ହେବ ଯେ ଆମେ ସେମାନଙ୍କ ପାଇଁ ରହିଛୁ। ସର୍ବାଧିକ ସମୟ ଧରି ଅସୁରକ୍ଷିତମାନେ ନ୍ୟାୟିକ ବ୍ୟବସ୍ଥା ବାହାରେ ରହିଆସିଛନ୍ତି। ସମାନତା ଆଣିବା ଦିଗରେ ସମସ୍ତେ କାର୍ଯ୍ୟ କରିବା ଉପରେ ଜଷ୍ଟିସ ରମନା ଗୁରୁତ୍ୱ ଦେଇଛନ୍ତି। ଏହି ମୋବାଇଲ ଆପ୍ ଗରିବ ଓ ଅବହେଳିତମାନଙ୍କୁ ଆଇନଗତ ସହାୟତା ତଥା କ୍ଷତିପୂରଣ ପ୍ରଦାନରେ ସହାୟକ ହେବ ବୋଲି କହିଛନ୍ତି।

ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆଇନ ସେବା ଯୋଗାଇଦେବା ତଥା ବିବାଦର ଆପୋସ ସମାଧାନ ପାଇଁ ଲୋକ ଅଦାଲତ ଆୟୋଜନ କରିବା ପାଇଁ ଆଇନ ସେବା କର୍ତ୍ତୃପକ୍ଷ ଆଇନ, ୧୯୮୭ ଅଧୀନରେ ଏନ୍‌ଏଏଲ୍‌ଏସ୍‌ଏ ଗଠନ କରାଯାଇଥିଲା। ସିଜେଆଇ ଏହାର ପାଟ୍ରନ୍-ଇନ୍-ଚିଫ୍ ଅଛନ୍ତି। ସାମ୍ବିଧାନିକ ଘୋଷଣାନାମା ଏବଂ ଗ୍ୟାରେଣ୍ଟି ସତ୍ତ୍ୱେ ଥାନାରେ ପ୍ରଭାବୀ ନ୍ୟାୟିକ ପ୍ରତିନିଧିଙ୍କ ଅଭାବ ଗିରଫ ତଥା ଅଟକ ବ୍ୟକ୍ତିଙ୍କୁ ବଡ଼ କ୍ଷତି ପହଞ୍ଚାଉଛି। ସେମାନଙ୍କୁ ପୋଲିସ ହାଜତରେ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡୁଛି। ବର୍ତ୍ତମାନ ନିଆଯାଉଥିବା ନିଷ୍ପତ୍ତି ପରବର୍ତ୍ତୀ ସମୟରେ ଅଭିଯୁକ୍ତ ନିଜକୁ ସୁରକ୍ଷା ଦେବାରେ କେତେ ସମର୍ଥ ତାହା ନିର୍ଦ୍ଧାରଣ କରିବ। ବିଶେଷ ଅଧିକାରପ୍ରାପ୍ତ ବ୍ୟକ୍ତି ମଧ୍ୟ ଥାର୍ଡ ଡିଗ୍ରୀରୁ ବର୍ତ୍ତୁ ନ ଥିବା ନିକଟରେ ପ୍ରକାଶିତ ଏକ ରିପୋର୍ଟ ଆଧାରରେ ସିଜେଆଇ କହିଥିଲେ। ପୋଲିସର ଅତ୍ୟଧିକ ବଳପ୍ରୟୋଗ ରୋକିବାକୁ ହେଲେ ଆଇନଗତ ସହାୟତା ପାଇବା ସାମ୍ବିଧାନିକ ଅଧିକାର ଏବଂ ମାଗଣା ଆଇନଗତ ସହାୟତା ସେବା ପାଇବା ସମ୍ପର୍କିତ ସୂଚନାର ବହୁଳ ପ୍ରସାର ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ରମନା କହିଛନ୍ତି। ବ୍ୟୟବହୁଳ ଆଇନଗତ ପ୍ରକ୍ରିୟା ଆଦି ପ୍ରତିବନ୍ଧକ ଯୋଗୁ ସମସ୍ତଙ୍କ ପାଖରେ ଆଇନ ପହଞ୍ଚିବା ଲକ୍ଷ୍ୟ ପୂରଣ ହେଉନାହିଁ। ଇଣ୍ଟରନେଟ ସଂଯୋଗ ଅଭାବରୁ ଦୁର୍ଗମ ଅଞ୍ଚଳର ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖାଯାଇଛି। ମାଗଣା ଆଇନ ସେବା ନେଇ ସଚେତନତା ସୃଷ୍ଟିରେ ପୋଷ୍ଟାଲ ନେଟ୍‌ୱର୍କକୁ ବ୍ୟବହାର କରାଯାଇପାରିବ। ଆଇନଗତ ସହାୟତା ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସିଜେଆଇ ବରିଷ୍ଠ ଆଇନଜୀବୀମାନଙ୍କୁ ଅନୁରୋଧ କରିବା ସହ ଏନ୍‌ଏଏଲ୍‌ଏସ୍‌ଏର ସେବା ବାର୍ତ୍ତାକୁ ଗଣମାଧ୍ୟମରେ ପ୍ରସାର କରିବା ପାଇଁ ଆହ୍ୱାନ ଦେଇଛନ୍ତି।

### ୩ ବର୍ଷରେ ୩୪୮ ହାଜତ ମୃତ୍ୟୁ

୨୦୧୮ରୁ ୨୦୨୧ ମଧ୍ୟରେ ଦେଶର ପୋଲିସ ହାଜତରେ ୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଏହାବାଦ୍ ଅନ୍ୟ ୧,୧୮୯ ଜଣଙ୍କୁ ପୋଲିସ ନିର୍ଯାତନା ସହିବାକୁ ପଡ଼ିଛି। ଏହା ହେଉଛି ସରକାରୀ ହିସାବ, ଯାହାକୁ ଲୋକ ସଭାରେ ଗତ ମଙ୍ଗଳବାର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ମାନିଛନ୍ତି। ନିତ୍ୟାନନ୍ଦ କହିଥିଲେ, ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କଠାରୁ ମିଳିଥିବା ତଥ୍ୟାନୁସାରେ ୨୦୨୦-୨୧ରେ ପୋଲିସ ହାଜତରେ ୧୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅଟକ ଥିବା ୨୩୬ ଜଣଙ୍କ ଉପରେ ପୋଲିସ ବର୍ବର ବ୍ୟବହାର ଦେଖାଇଛି। ୨୦୧୯-୨୦ରେ ଏହି ସଂଖ୍ୟା ଯଥାକ୍ରମେ ୧୧୨ ଓ ୪୧୧ ଥିଲା। ସେହିପରି ୨୦୧୮-୧୯ରେ ହାଜତ ମୃତ୍ୟୁ ସଂଖ୍ୟା ୧୩୬ ଥିବାବେଳେ ୫୪୨ ହାଜତ ନିର୍ଯାତନା ମାମଲା ରୁଜୁ ହୋଇଥିଲା।

### ଗିରଫଦାରିର ୨୪ ଘଣ୍ଟା ଭିତରେ ୬୦% ମୃତ୍ୟୁ

ବିଗତ ୧୦ ବର୍ଷର ରେକର୍ଡକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ ହାଜତରେ ୬୦% ମୃତ୍ୟୁ ଘଟିଛି। ଏହି କ୍ଷେତ୍ରରେ ମହାରାଷ୍ଟ୍ର(୨୧.୫%), ଆନ୍ଧ୍ରପ୍ରଦେଶ(୧୩%) ଓ ଗୁଜରାଟ(୧୧%) ସବୁଠୁ ଆଗରେ ରହିଛି। ୧୦ ବର୍ଷ ଭିତରେ ଦେଶର ମୋଟ ହାଜତ ମୃତ୍ୟୁ ସଂଖ୍ୟା ୧,୦୦୪ ଥିବାବେଳେ ଏହି ୩ ରାଜ୍ୟରେ ଏହାର ପ୍ରାୟ ଅଧା ୪୬୦ ମାମଲା ସାମ୍ନାକୁ ଆସିଛି। ତେବେ ଏନ୍‌ଏଚ୍‌ଆର୍‌ସିରେ ସମସ୍ତ ହାଜତ ମୃତ୍ୟୁର ରିପୋର୍ଟ କରାଯାଉ ନ ଥିବାରୁ ପ୍ରକୃତ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୧୯ରେ ହାଜତ ମୃତ୍ୟୁକୁ ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଏବଂ ଏନ୍‌ଏଚ୍‌ଆର୍‌ସି ତଥ୍ୟରେ ତାଳମେଳ ନ ଥିଲା। ସେହିପରି ନ୍ୟାଶନାଲ କ୍ୟାମ୍ପେନ୍ ଏଗେନ୍‌ଷ୍ଟ ଟର୍ଚର (ଏନ୍‌ସିଏଟି) ରିପୋର୍ଟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ଆହୁରି ଅଧିକ ହାଜତ ମୃତ୍ୟୁ ଓ ନିର୍ଯାତନା ମାମଲା ହୋଇଥିବା ଦର୍ଶାଯାଇଥିଲା। ଗିରଫଦାରିର ୨୪ ଘଣ୍ଟା ମଧ୍ୟରେ ୬୩% ହାଜତ ମୃତ୍ୟୁ ଘଟିଥିବା ଏନ୍‌ସିଏଟି ଦର୍ଶାଇଥିଲା। ଅର୍ଥାତ୍ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ହାଜର କରାଇବା ପୂର୍ବରୁ ହିଁ ସେମାନଙ୍କ ଜୀବନ ଚାଲିଯାଇଥିଲା।

## ଆଉ ଏକ ରାଜଧାନୀ ଦଖଲ କଲା ତାଲିବାନ

କାବୁଲ, ୮।୮

ତାଲିବାନ ଆତଙ୍କବାଦୀମାନେ ରବିବାର ଆଉ ଏକ ପ୍ରାଦେଶିକ ରାଜଧାନୀକୁ ଦଖଲ କରିଛନ୍ତି। ଉତ୍ତର ଭାଗରେ ଥିବା ସାର୍-ଇ-ପୁଲ୍ ପ୍ରଦେଶର ରାଜଧାନୀକୁ ସେମାନେ ନିଜ ଅକ୍ତିଆରକୁ ନେବା ସହ ଉତ୍ତରପୂର୍ବ ଆଫଗାନିସ୍ତାନର କୁନ୍ଦୁଜ୍ ସହରରେ ଥିବା ପ୍ରମୁଖ ସରକାରୀ ବିଲ୍ଡିଂକୁ କବ୍‌ଜା କରିଛନ୍ତି। ସୈନ୍ୟବାହିନୀ କେବଳ ବିମାନବନ୍ଦରରେ ସୀମିତ ରହିଛି। ଶୁକ୍ରବାରଠାରୁ ଇତିମଧ୍ୟରେ ତାଲିବାନ ୪ଟି ପ୍ରାଦେଶିକ ରାଜଧାନୀ ଦଖଲ କଲାଣି। ପୂର୍ବରୁ ଆତଙ୍କବାଦୀମାନେ ଅଧିକାଂଶ ଗ୍ରାମାଞ୍ଚଳକୁ ଦଖଲ କରିଥିଲେ। ସାର୍-ଇ-ପୁଲ୍ ପ୍ରଦେଶର କାଉନସିଲ ସଦସ୍ୟ ମହମ୍ମଦ ନୂର୍ ରହମନିଙ୍କ ସୂଚନା ଅନୁଯାୟୀ ତାଲିବାନ ଆତଙ୍କବାଦୀ ଗଭର୍ନର ହାଉସ, ପୋଲିସ କମାଣ୍ଡ, ନ୍ୟାଶନାଲ ଡିରେକ୍ଟୋରେଟ ଅଫ୍ ସିକ୍ୟୁରିଟି କମ୍ପାଉଣ୍ଡ ସମେତ ରାଜଧାନୀର ସରକାରୀ ବିଲ୍ଡିଂଗୁଡ଼ିକୁ ସେମାନଙ୍କ ଅକ୍ତିଆରକୁ ନେଇଛନ୍ତି।

### ୫୭୦ ଆତଙ୍କବାଦୀ ନିହତ

ଅନ୍ୟପକ୍ଷରେ ଆମେରିକା ବାୟୁସେନା ସହାୟତାରେ ଆଫଗାନ ସୈନ୍ୟବାହିନୀ ବିଭିନ୍ନ ସ୍ଥାନରେ ଥିବା ତାଲିବାନ ଆଡ୍ଡା ଉପରେ ଆକ୍ରମଣ କରିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ୫୭୦ ଆତଙ୍କବାଦୀ ନିହତ ହେବା ସହ ୩୦୯ ଜଣ ଆହତ ହୋଇଛନ୍ତି। ସୁରକ୍ଷା ବାହିନୀ ପକ୍ଷରୁ ନଙ୍ଗରହାର, ଲାଗମାନ, ଗଜ୍‌ନୀ, ପାକ୍‌ଟିଆ, ପାକ୍‌ଟିକ, କାନ୍ଦାହାର, ଉରୁଜ୍‌ଗାନ, ହେରାଥ, ପାରାହ, ଜୋଜାନ, ସାରା-ଇ-ପୋଲ୍, ପର୍‌ୟାବ, ହେଲମଣ୍ଡ, ନିମ୍‌ରୁଜ, କୁଣ୍ଡୁଜ୍, ବଡଖଶାନ ଏବଂ କପିସା ପ୍ରଦେଶରେ ବୋମାମାଡ଼ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଟାଇଟ୍ ପୋଷାକ ପିନ୍ଧିଥିବା ମହିଳାଙ୍କୁ ହତ୍ୟା

**କାବୁଲ, ୮।୮:** ଟାଇଟ୍ ପୋଷାକ ପିନ୍ଧି ଘରୁ ବାହାରିଥିବାରୁ ଏବଂ ସାଙ୍ଗରେ କେହି ପୁରୁଷ ନ ଥିବାରୁ ଜଣେ ୨୧ ବର୍ଷୀୟା ମହିଳାଙ୍କୁ ତାଲିବାନ ଆତଙ୍କବାଦୀ ଗୁଳି କରି ହତ୍ୟା କରିଛନ୍ତି। ତାଲିବାନ କବଳରେ ଥିବା ଆଫଗାନିସ୍ତାନର ବାଲ୍‌ଖ ପ୍ରଦେଶର ସମର କାନ୍ଦିଆନ୍ ଗ୍ରାମରେ ଏହି ଘଟଣା ଘଟିଛି। ମୃତା ନାଜାନିନ୍ ଘରୁ ଏକ ଗାଡ଼ିରେ ବାଲ୍‌ଖା ରାଜଧାନୀ ମଜର-ଏ-ଶରିଫ୍ ଅଭିମୁଖେ ବାହାରିଥିବାବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରିଥିବା ପୋଲିସ କହିଛି। ତେବେ ତାଲିବାନ ମୁଖପାତ୍ର ଏହାକୁ ଅସ୍ୱୀକାର କରିବା ସହ ସଙ୍ଗଠନ ଏହାର ତଦନ୍ତ କରୁଛି ବୋଲି କହିଛନ୍ତି।

## ଆଇଟିବିପିରେ ପ୍ରଥମ ମହିଳା ଅଫିସର



ନୂଆଦିଲ୍ଲୀ, ୮।୮

ଇଣ୍ଡୋ-ତିବ୍ବତାନ୍ ବର୍ଡର ପୋଲିସ (ଆଇଟିବିପି) ପ୍ରଥମ ଥର ପାଇଁ କମ୍ବାଟରେ ଦୁଇଜଣ ମହିଳା ଅଫିସରଙ୍କୁ ସାମିଲ କରିଛି। ରବିବାର ମୁସୌରିଠାରେ ୫୩ ଆଇଟିବିପି ଅଫିସରଙ୍କ ପାସିଂ ଆଉଟ୍ ପରେଡ୍ ହୋଇଥିଲା। ପ୍ରକୃତି ଏବଂ ଦୀକ୍ଷା ଆଇଟିବିପିରେ କମାଣ୍ଡାଇଜଡ୍ ଅଫିସର ଭାବେ ଯୋଗ ଦେଇଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏବଂ ଆଇଟିବିପି ମହାନିର୍ଦ୍ଦେଶକ ଏସ୍.ଏସ୍. ଦେଶ୍ୱାଲ ପାସିଂ ଆଉଟ ପରେଡ୍ ବେଳେ ଉପସ୍ଥିତ ଥିଲେ।

## ୫ ଜଣଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୮।୮

ସୋସିଆଲ ମିଡିଆରେ ବିଚାରପତି ଏବଂ ନ୍ୟାୟପାଳିକା ବିରୋଧରେ ଅପମାନଜନକ ମନ୍ତବ୍ୟ ପୋଷ୍ଟ କରିବା ଅଭିଯୋଗରେ ଗତ ମାସକ ମଧ୍ୟରେ ୫ ଜଣଙ୍କୁ ସିବିଆଇ ଗିରଫ କରିଥିବା କହିଛି। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତବର୍ଷ ନଭେମ୍ବରରେ ସିବିଆଇ ଏହାର ତଦନ୍ତ ଆରମ୍ଭ କରିଥିଲା। ସିବିଆଇ ଗତ ଶନିବାର ଆନ୍ଧ୍ରପ୍ରଦେଶରୁ ପତ୍ତାପୁ ଆଦର୍ଶ ଏବଂ ଲାଭାନୁରୁ ସାମ୍ବା ଶିବ ରେଡ୍ଡୀଙ୍କୁ ଗିରଫ କରିଥିଲା। ଗତ ମାସ ୨୮ରେ ଧାମି ରେଡ୍ଡୀ କୋଣ୍ଡା ରେଡ୍ଡି, ବାମୁଲା ସୁଧୀର ଏବଂ ଜୁଲାଇ ୯ରେ କୁଏତ୍‌ରୁ ଫେରିଥିବା ଲିଙ୍ଗାରେଡ୍ଡୀ ରାଜଶେଖର ରେଡ୍ଡୀଙ୍କୁ ଗିରଫ କରିଥିଲା। ଆନ୍ଧ୍ରପ୍ରଦେଶ ହାଇକୋର୍ଟ ବିଚାରପତି ଦେଇଥିବା କେତେକ କୋର୍ଟ ରାୟକୁ ନେଇ ଅଭିଯୁକ୍ତମାନେ ଉଦ୍ଦେଶ୍ୟମୂଳକ ଭାବେ ନ୍ୟାୟପାଳିକାକୁ ଟାର୍ଗେଟ କରିବା ସହ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ବିଚାରପତି ଓ ନ୍ୟାୟପାଳିକା ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଉଥିଲେ।

### ବିଚାରପତିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ

ସୂଚନାଯୋଗ୍ୟ, ସିବିଆଇ ଏବଂ ଅନ୍ୟ ଏଜେନ୍ସିଗୁଡ଼ିକ ନ୍ୟାୟପାଳିକାକୁ ଆଦୌ ସହାୟତା କରୁ ନ ଥିବା ଦୁଇ ଦିନ ପୂର୍ବରୁ ପ୍ରଧାନ ବିଚାରପତି ଏନ୍.ଭି. ରମନା କହିଥିଲେ। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ମାମଲା ରୁଜୁ କରିବା ସହ ଏତଲାରେ ନାମ ଥିବା ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୧୩ ଜଣଙ୍କୁ ଖୋଜି ବାହାର କରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ଆମେରିକାରେ ଓ ଅନ୍ୟ ଜଣେ ବିଦେଶରେ ରହୁଥିବା ସିବିଆଇ କହିଛି। ଏପର୍ଯ୍ୟନ୍ତ ୧୧ ଅଭିଯୁକ୍ତଙ୍କୁ ଜେରା କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି।

## ୫୦ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

ଶ୍ରୀନଗର, ୮।୮

ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ଜମ୍ମୁ-କଶ୍ମୀରର ୧୪ ଜିଲାର ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଛି। ବେଆଇନ ଘୋଷିତ ଜମାତ୍-ଇ-ଇସ୍‌ଲାମୀ ସଂଗଠନର କେତେଜଣ ସଦସ୍ୟଙ୍କ ଘରେ ଏହି ଚଢ଼ାଉ କରାଯାଇଛି। ଏଥିରେ ଏନ୍‌ଆଇଏ ଅଧିକାରୀମାନଙ୍କୁ ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ସହାୟତା କରିଥିଲେ। ପାକିସ୍ତାନ ଏବଂ ବିଚ୍ଛିନ୍ନତାବାଦୀଙ୍କୁ ସମର୍ଥନ କରୁଥିବା ଏହି ସଂଗଠନକୁ ୨୦୧୯ରେ ବେଆଇନ ଘୋଷଣା କରାଯାଇଥିଲା। ଏହି ସଂଗଠନ ଜମ୍ମୁ-କଶ୍ମୀରରେ ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ପାଇଁ ପାଣ୍ଠି ସଂଗ୍ରହ କରୁଥିଲା। ଏନ୍‌ଆଇଏ ପକ୍ଷରୁ ଶ୍ରୀନଗର, ବଡ୍‌ଗାମ, ଗନ୍ଦେରବାଲ, ମାରମୁଲ୍ଲା, କୁପ୍‌ୱାଡ଼ା, ବନ୍ଦିପୋର୍, ଅନନ୍ତନାଗ, ଶୋପିଆନ, ପୁଲୱାମା, କୁଲ୍‌ଗାମ, ରାମ୍ବାନ, ଡୋଡା, କିସ୍ତୱାର ଏବଂ ରାଜୌରୀ ଜିଲାରେ ଥିବା ଜମାତ୍-ଇ-ଇସ୍‌ଲାମୀ ସଦସ୍ୟଙ୍କ ଘରେ ଚଢ଼ାଉ କରିଛି।

### ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା

# ପୃଥିବୀରେ ମଙ୍ଗଳ ଜଳବାୟୁ

ୱାଶିଂଟନ୍, ୮।୮



- ଚ୍ୟାଲେଞ୍ଜକୁ ସାମ୍ନା କରିବେ ମହାକାଶଚାରୀ
- ଆବେଦନ ଗ୍ରହଣ କରୁଛି ନାସା
- ବର୍ଷେ ବିତାଇ ଅଭିଜ୍ଞତା ନେବେ

ମଙ୍ଗଳରେ ଜନବସତି ସ୍ଥାପନ ସ୍ୱପ୍ନ ପୂରଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି ବୈଜ୍ଞାନିକ। ସେଠାକାର ଜଳବାୟୁ ଜୀବନଧାରଣ ନିମନ୍ତେ ଅନୁକୂଳ ହୋଇ ନ ଥିବାବେଳେ ଅନୁରୂପ ପରିବେଶ ପ୍ରସ୍ତୁତ କରିଛି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା। ସମାନ ବାସସ୍ଥାନରେ ମଣିଷ ନିଜକୁ ଖାପ ଖୁଆଇପାରିଲେ ଏହି ସ୍ୱପ୍ନ ପୂରଣ ହୋଇପାରିବ ବୋଲି ନାସା ପକ୍ଷରୁ କୁହାଯାଇଛି। ମଙ୍ଗଳରେ ମଣିଷ ପାଇଁ ସୃଷ୍ଟି ହେଉଥିବା ଚ୍ୟାଲେଞ୍ଜକୁ ସାମ୍ନା କରିବା ନିମନ୍ତେ ଏହି ନକଲି ବାସସ୍ଥାନକୁ ବାସ ଉପଯୋଗୀ କରିବା ଏବଂ ଏହା ସହ ଖାପଖୁଆଇବାରେ ମହାକାଶଚାରୀ ପ୍ରସ୍ତୁତ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଲାଲ୍‌ଗ୍ରହ ଭଳି ଅନୁରୂପ ଜଳବାୟୁରେ ସମୟ ବିତାଇବାକୁ ନାସା ମହାକାଶଚାରୀଙ୍କ ନିକଟରୁ ଆବେଦନ ଗ୍ରହଣ କରୁଛି। ପ୍ରାଥମିକ ଭିତ୍ତିରେ ୪ ଜଣଙ୍କୁ ସେହିଭଳି ବାସସ୍ଥାନରେ ଖାପ ଖୁଆଇ ରହିବା ନିମନ୍ତେ ଯୋଜନା ହୋଇଛି।

ହ୍ୟୁଷ୍ଟନଠାରେ ଥିବା ଜନ୍‌ସନ୍ ସ୍ପେସ୍ ସେଣ୍ଟର ବିଲ୍ଡିଂରେ ୩-ଡି ପ୍ରିଣ୍ଟର ଦ୍ୱାରା ୧୭ ଶହ ବର୍ଗ ଫୁଟ୍ ଆକାରର ମଙ୍ଗଳ ଗ୍ରହର ପରିବେଶ ଅନୁଯାୟୀ ବାସସ୍ଥାନ ନିର୍ମାଣ କରାଯାଇଛି। ସେଠାରେ ବର୍ଷେ ପର୍ଯ୍ୟନ୍ତ ରହିବା ପାଇଁ ଶୁକ୍ରବାର ନାସା ଆବେଦନ ଗ୍ରହଣ କରିବା ଆରମ୍ଭ କରିଛି। ଲାଲ୍‌ଗ୍ରହରେ ଭବିଷ୍ୟତ ଆହ୍ୱାନକୁ ସାମ୍ନା କରିବାରେ କେତେଜଣ ଉତ୍ସୁକ ଅଛନ୍ତି ତାହା ନାସା ଅଧ୍ୟୟନ କରିବ। ଏହି ବାସସ୍ଥାନରେ ସେମାନେ ସମ୍ବଳର ଅଭାବ, ଉପକରଣ କାର୍ଯ୍ୟକ୍ଷମ ନ ହେବା, ଯୋଗାଯୋଗରେ ସମସ୍ୟା ସହ ପରିବେଶ ସମ୍ବନ୍ଧୀୟ ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେବେ। ଏଥିରେ ସ୍ପେସ୍‌ୱାକ୍‌ର ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ଏ ସବୁ ଭିତରେ ଜୀବନ ଧାରଣ ପାଇଁ ସୃଷ୍ଟି ହେଉଥିବା ଶାରୀରିକ ଏବଂ ମାନସିକ ଅସୁବିଧା ବାବଦରେ ତଥ୍ୟ ମିଳିପାରିବ ଓ ଏହାର ସମାଧାନ ନିମନ୍ତେ ରାସ୍ତା ବାହାରି ପାରିବ ବୋଲି ନାସା କହିଛି। କେବଳ ୩୦-୫୫ ବର୍ଷ ବୟସ ବର୍ଗର ଆମେରିକା ନାଗରିକ କିମ୍ବା ସେଠାକାର ସ୍ଥାୟୀ ବାସିନ୍ଦା ଏହି ଆବେଦନ କରିପାରିବେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୩୨,୫୬,୦୬୩ | ୪୩,୦୪,୯୮୭ | ୧୮,୨୫,୯୮,୯୪୮ |
| ଭାରତ | ୩,୧୯,୪୪,୦୭୭ | ୪,୨୮,୦୭୨ | ୩,୧୧,୦୨,୭୨୪ |
| ଓଡ଼ିଶା | ୯,୮୭,୦୭୦ | ୬୪୩୫(+୫୩) | ୯,୬୯,୯୧୬ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବନ୍ଦ ଘରୁ ମିଳିଲା ୨ ଭଉଣୀଙ୍କ ମୃତଦେହ

କେନ୍ଦୁଝର, ୮।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ନୟାକୋଟ ଥାନା ଅଧୀନ ଫୁଲଝର ଗ୍ରାମର ଏକ ବନ୍ଦ ଘରୁ ରବିବାର ସନ୍ଧ୍ୟାରେ ଦୁଇ ଭଉଣୀଙ୍କ ମୃତଦେହ ମିଳିଛି। ମୃତ ଦୁଇ ଭଉଣୀ ହେଲେ ଭିକାରୀ ଦେହୁରୀଙ୍କ ଝିଅ କ୍ଷୀର (୧୯) ଓ ରୁକ୍ମିଣୀ (୧୭)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସକାଳେ ମା', ବାପା ବିଲକୁ ଯାଇଥିବାବେଳେ ଦୁଇ ଭଉଣୀ ଘରେ ଥିଲେ। ସନ୍ଧ୍ୟାରେ ଫେରିବା ପରେ ଘର ଘବାଟ ବନ୍ଦ ଥିବା ସେମାନେ ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ କବାଟ ଭାଙ୍ଗି ଘର ଭିତରେ ଦୁଇ ଝିଅଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ସାନ ଭଉଣୀ ରୁକ୍ମିଣୀଙ୍କ ମୁଣ୍ଡଟି ଶରୀରରୁ ଅଲଗା ହୋଇ ପଡ଼ିଥିବାରୁ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ସାନ ଭଉଣୀକୁ ମାରି ବଡ଼ ଭଉଣୀ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏସ୍‌ଡିପିଓ ପି.ଜେ ଟପ୍ପୋ କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

### ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ବିଞ୍ଝାରପୁର,୮।୮(ଡି.ଏନ.ଏ.): ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ବିହାରୀ ପଞ୍ଚାୟତ ବାଲିଗଣ୍ଡ କୁଆଁରପୁର ଗ୍ରାମର ଧାନକ୍ଷେତରେ କାମ କରୁଥିବା ବେଳେ ବଜ୍ରପାତ ଘଟି ରବିବାର ମଧ୍ୟାହ୍ନରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଞ୍ଝାରପୁର ଥାନା ଆଉଁରୀ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଗିରିଧାରୀ ମଲିକ(୫୮)। ଗୁରୁତର ହେଲେ ସେହିଗ୍ରାମର ନବଘନ ମଲିକ(୫୨)। ଉଭୟ କୁଆଁରପୁରକୁ ଯାଇ କାମ କରୁଥିଲେ। ବିଲରେ ୬ଜଣ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗିରିଧାରୀଙ୍କ ମୃତ୍ୟୁ ହୋଇଥିବାବେଳେ ନବଘନ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗିରିଧାରୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍ ନିଲମ୍ବିତ

## ଜରି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି

ବିଞ୍ଝାରପୁର/ସିଂହପୁର, ୮।୮(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ଜରି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଦୁର୍ନୀତିରେ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ତୁଷାର ପାତ୍ର, ପିଇଓ ପ୍ରକାଶ କୁମାର ଜେନା ଓ ଜିଆର୍‌ଏସ୍ ପାର୍ଥସାରଥୀ ଥାଟୋଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ନିଜ ଦାୟିତ୍ୱରେ ଅବହେଳା ଓ ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସେମାନଙ୍କୁ ଶନିବାର ନିଲମ୍ବିତ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବ୍ଲକ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ତେବେ ଭାତହାଣ୍ଡିରୁ ଗୋଟିଏ ଭାତ ଦେଖିଲାପରି ବ୍ଲକର ୨୯ଟି ପଞ୍ଚାୟତ ମଧ୍ୟରୁ ଉକ୍ତ ପଞ୍ଚାୟତକୁ ନମୁନା ଭାବେ ପରୀକ୍ଷା କରାଯାଇଛି। ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ୍ୟ ତଦନ୍ତ କରାଗଲେ କୋଟିକୋଟି ଟଙ୍କାର ଦୁର୍ନୀତି ପଦାକୁ ଆସିବ ବୋଲି ମତପ୍ରକାଶ ପାଇଛି।



କନିଷ୍ଠ ଯନ୍ତ୍ରୀ ତୁଷାର ପାତ୍ର, ପିଇଓ ପ୍ରକାଶ କୁମାର ଜେନା ଓ ଜିଆର୍‌ଏସ୍ ପାର୍ଥସାରଥୀ ଥାଟୋଇ।

ପ୍ରକାଶଯୋଗ୍ୟ, ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ଆର୍ଥିକ ବର୍ଷରେ ଜରି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗଡ଼ଗଡ଼ି ପୋଖରୀ ଖନନ, ରାମଚନ୍ଦ୍ର ବେହେରାଙ୍କ ଘରଠାରୁ ପ୍ରମୋଦ ସାମଲଙ୍କ ଘର ପର୍ଯ୍ୟନ୍ତ ଚାଷୀ ବନ୍ଧ ନିର୍ମାଣ, ବିପିନ ମାହାରାଠାରୁ ବଡ଼ଜୋରି ମୁହଁ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, ଗଡ଼ଗଡ଼ିଠାରୁ ବଳଦିଆ ଗଡ଼ା ନାଳ ଖନନ, ନାରଣ ମଲିକଙ୍କ ଜମିଠାରୁ ୧୪ ମାଣିଆଁ ପର୍ଯ୍ୟନ୍ତ ଚାଷୀ ବନ୍ଧ ନିର୍ମାଣ, ଗଡ଼ଗଡ଼ି ମୁହଁଠାରୁ ଭାବନା ବାଡ଼ି ପର୍ଯ୍ୟନ୍ତ ଚାଷୀ ବନ୍ଧ ନିର୍ମାଣ, କଙ୍କଡ଼ାପାଟିଆ ନାଳ ସଫେଇ, ଗଡ଼ଗଡିଠାରୁ ଶ୍ୟାମଡ଼ିହ ପର୍ଯ୍ୟନ୍ତ ଚାଷୀ ବନ୍ଧ ନିର୍ମାଣ, ଶ୍ମଶାନଘାଟଠାରୁ ଜଳସେଚନ ବନ୍ଧ ପର୍ଯ୍ୟନ୍ତ ଚାଷୀ ବନ୍ଧ ନିର୍ମାଣ ସମେତ ମୋଟ୍ ୨୨ ପ୍ରକଳ୍ପରେ ଆଦୌ କାର୍ଯ୍ୟ କରାଯାଇ ନାହିଁ। କିନ୍ତୁ ପଞ୍ଚାୟତର ଉକ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ ଜିଆରଏସ୍ ମିଥ୍ୟା ବିଲ୍ କରି ଶ୍ରମିକଙ୍କ ନାମରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ୍ କରିଥିଲେ।

ଏନେଇ ପଞ୍ଚାୟତର ସମିତିସଭ୍ୟ ଭୂବନାନନ୍ଦ ସାମଲଙ୍କ ସମେତ ତାଙ୍କ ସମର୍ଥକ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜୁନ ୨୮ରେ ଅନଶନରେ ବସିଥିଲେ। ଘଟଣାକୁ ନେଇ ପଞ୍ଚାୟତ, ବ୍ଲକ ଓ ଜିଲାରେ ଚର୍ଚ୍ଚା ହୋଇଥିଲା। ଏହାକୁ ଚପାଇ ଦେବାପାଇଁ ଅସାଧୁମେଣ୍ଟ ଲାଗି ପ୍ରୟାସ ହୋଇଥିଲା। କିନ୍ତୁ ଆନ୍ଦୋଳନକାରୀଙ୍କ ଜିଦ୍ ଆଗରେ ପ୍ରଶାସନକୁ ମୁଣ୍ଡ ନୁଆଁଇବାକୁ ପଡ଼ିଛି। ପ୍ରଥମ ଦିନରୁ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇ ଦେବାକୁ ପ୍ରଶାସନ ଚେଷ୍ଟାକରି ବିଫଳ ହୋଇଥିଲା। ଘଟଣାକୁ ନେଇ ପଞ୍ଚାୟତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୫ ଦିନର ଅନଶନ ପରେ ପ୍ରଶାସନର ନିଷ୍କ୍ରିୟତା ବିରୋଧରେ ପଞ୍ଚାୟତବାସୀ ଏକଜୁଟ ହୋଇଥିଲେ। ଲୋକେ ପଞ୍ଚାୟତର ବିଭିନ୍ନ ରାସ୍ତାରେ ଟାୟାର ଜାଳି ଅନ୍ଦୋଳନ କରିଥିଲେ। ଏପରି କି ବିଞ୍ଝାରପୁର-ରାଜକନିକା ରାସ୍ତା ଅବରୋଧ କରାଯାଇଥିଲା। ପରିସ୍ଥିତି ଅଣାୟତ୍ତ ଦେଖି ଉପଜିଲାପାଳ ଶରତ ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହରିହର ବିହାରୀ, ବିଡିଓ ମିନତି ଜଗଦେବ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀ ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ଶେଷରେ ବିଡିଓ ଜଗଦେବ ଦୁର୍ନୀତିର ତଦନ୍ତ ୩ ସପ୍ତାହ ମଧ୍ୟରେ କରାଯିବ ଏବଂ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ସିଡିଭିଓଙ୍କୁ ଗିରଫ କଲା ଭିଜିଲାନ୍ସ

## ଗାଡ଼ିରୁ ମିଳିଲା ୨ ଲକ୍ଷ ୨୭ ହଜାର ଟଙ୍କା

ନୂଆପଡ଼ା ଅଫିସ,୮।୮

ନୂଆପଡ଼ା ଜିଲାରେ ପୁଣି ଜଣେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ତ୍ରିଲୋଚନ ଧଳ। କଳାହାଣ୍ଡି ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟକୁ ନେଇ ତାଙ୍କୁ ଅଧିକ ପଚରାଉଚରା କରାଯାଉଛି। ରବିବାର ନୂଆପଡ଼ାସ୍ଥିତ ତାଙ୍କ ସରକାରୀ ବାସଭବନ, କାର୍ଯ୍ୟାଳୟ ସମେତ କଟକ ଜିଲା ନରାଜସ୍ଥିତ ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି।

ସିଡିଭିଓ ଧଳ ବିଭାଗୀୟ କର୍ମଚାରୀମାନଙ୍କୁ ଅନେକ ସମୟରେ ଟଙ୍କା ଲାଞ୍ଚ ମାଗୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଅସନ୍ତୁଷ୍ଟ କର୍ମଚାରୀମାନେ ଏ ନେଇ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଶନିବାର ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ କିରାଣି ପ୍ରତିମାରାଣୀ ଦାସଙ୍କୁ ଗିରଫ କରି କଳାହାଣ୍ଡି ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟରେ ଜେରା କରୁଥିଲେ। ଏହି ସମୟରେ ଧଳ ଟଙ୍କା ନେଇ ଗାଡ଼ିରେ କଟକ ଯିବାକୁ ଥିବା କୌଣସି ସୂତ୍ରରୁ ଖବର ପାଇ ରାତି ୧୧ଟାରେ ଭବାନୀପାଟଣାରୁ ବାହାରି ରାତି ପ୍ରାୟ ୨ଟାରେ ନୂଆପଡାରେ ପହଞ୍ଚି ଲୁଚି ରହିଥିଲେ। ରାତି ପ୍ରାୟ ୩ଟାରେ ପ୍ରାଣୀ ଚିକିତ୍ସା ଅଧିକାରୀ ଧଳ ଏକ ଭଡା ଗାଡି (ନଂ.ଓଡି-୨୬ଡି-୧୨୨୨)ରେ ସରକାରୀ ବାସଭବନରୁ ବାହାରି କଟକ ଜିଲା ନରାଜ ଅଭିମୁଖେ ଯିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଧଳଙ୍କୁ କାବୁ କରିଥିଲେ। ଗାଡି ଯାଞ୍ଚ କରିବାକୁ କହିବାରୁ ଧଳ ଏହାର ବିରୋଧ କରିଥିଲେ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଗାଡି ଯାଞ୍ଚ କରି ଏକ କଳାରଙ୍ଗର ବ୍ୟାଗ ପାଇଥିଲେ। ସେହି ବ୍ୟାଗ୍‌ରୁ ୨ ହଜାର,



ତ୍ରିଲୋଚନ ଧଳ

୫ଶହ, ୨ଶହ ଓ ଶହେ ଟଙ୍କିଆ ନୋଟ ବାହାରି ଥିଲା। ଜବତ ନୋଟ ଗଣିବାରୁ ୨ ଲକ୍ଷ ୨୭ ହଜାର ଟଙ୍କା ହୋଇଥିଲା। ଏହି ଟଙ୍କା ବିଷୟରେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇପାରି ନ ଥିଲେ। ପରେ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ଆଲମିରାରୁ ଏକ ଲଫାପାରେ ଭର୍ତ୍ତି ଶହେଟି ୫ଶହ ଟଙ୍କିଆ ନୋଟ ବାହାରିଥିଲା। ଏହାବାଦ୍ ତାଙ୍କ ସରକାରୀ ବାସଭବନରୁ ୫୧ହଜାର ୨ଶହ ଟଙ୍କା ଜବତ କରାଯାଇଛି। ସମୁଦାୟ ୩ଲକ୍ଷ ୨୮ହଜାର ୨ଶହ ନଗଦ ଟଙ୍କା ଭିଜିଲାନ୍ସ ବିଭାଗ ଜବତ କରିବା ସହ ଧଳଙ୍କୁ ଗିରଫ କରିଥିଲା। କୋରାପୁଟ, କଳାହାଣ୍ଡି ଓ ନୂଆପଡ଼ା ଭିଜିଲାନ୍ସ ବିଭାଗର ମିଳିତ ଉଦ୍ୟମରେ ଚଢାଉ କାର୍ଯ୍ୟ ଜାରି ରହିଛି। ଚଢ଼ାଉରେ ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ, ନୂଆପଡ଼ା ଇନ୍ସପେକ୍ଟର ଦୀନବନ୍ଧୁ ବେହେରା, ସନ୍ତୋଷ ମହାନ୍ତି, ଶିବ ପ୍ରସାଦ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏ ନେଇ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୧୬/୨୧) ରୁଜୁ ହୋଇଛି।

# ଆଜିଠୁ ଖୋଲିବ ବୈଷୟିକ ଶିକ୍ଷାନୁଷ୍ଠାନ

## କୋଭିଡ୍ ଗାଇଡ୍‌ଲାଇନ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମୁଥିବାରୁ ଧୀରେ ଧୀରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବାରେ ଲାଗିଛି। ସୋମବାରଠାରୁ ରାଜ୍ୟରେ ଥିବା ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବ। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଇଞ୍ଜିନିୟରିଂ, ଡିପ୍ଲୋମା, ପଲିଟେକ୍ନିକ ଓ ଆଇଟିଆଇ କଲେଜ କର୍ତ୍ତୃପକ୍ଷ କୋଭିଡ୍ କଟକଣା ଭିତରେ ପାଠପଢ଼ା ଆରମ୍ଭ କରିବେ। କେବଳ ଶେଷବର୍ଷ ଛାତ୍ରୀଛାତ୍ର କଲେଜ ଓ ବିଶ୍ୱବିଦ୍ୟାଳୟକୁ ଆସିବେ। କଣ୍ଟେନମେଣ୍ଟ ଜୋନ୍‌ରେ ରହୁଥିବା ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନକୁ ଆସିବା ମନା କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ତଥା ରାଜ୍ୟ ବାହାରୁ ମଧ୍ୟ ଛାତ୍ରୀଛାତ୍ର ଆସିବାକୁ ଥିବାରୁ ବୈଷୟିକ ଶିକ୍ଷାନୁଷ୍ଠାନ ସହ ହଷ୍ଟେଲ ମଧ୍ୟ ଖୋଲିବ। ସାମାଜିକ ଦୂରତା ବଜାୟ ରଖିବା ସହ ଅଧିକ ଛାତ୍ରୀଛାତ୍ର ଥିଲେ ସେମାନଙ୍କୁ ଦୁଇଟି ବ୍ୟାଚ୍‌ରେ ବିଭକ୍ତ କରାଯିବ। ଛାତ୍ରୀଛାତ୍ର ବା କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ ସେମାନଙ୍କୁ ସଙ୍ଗରୋଧ ପାଇଁ ହଷ୍ଟେଲରେ ବ୍ୟବସ୍ଥା କରାଯିବ। ସେପଟେ କରୋନା କଟକଣା ସହ ଶିକ୍ଷାନୁଷ୍ଠାନ ଖୋଲିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିବାରୁ କଲେଜ କର୍ତ୍ତୃପକ୍ଷ ରବିବାର ଶ୍ରେଣୀଗୃହ, ଲାବୋରେଟୋରି ଓ ହଷ୍ଟେଲକୁ ସାନିଟାଇଜ କରାଯାଇଛି।

ଏ ନେଇ ବିଭାଗୀୟ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି, ବର୍ତ୍ତମାନ କେବଳ ଶେଷବର୍ଷ ପିଲାଙ୍କ ପାଇଁ ଶିକ୍ଷାନୁଷ୍ଠାନ ଖୋଲିବ ଓ ପରବର୍ତ୍ତୀ ସମୟରେ ସ୍ଥିତି ଦେଖି ଅନ୍ୟ କ୍ଲାସ୍‌ଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁସାରେ ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବ। ଏ ନେଇ ପ୍ରସ୍ତୁତି ଶେଷ ହୋଇଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ସଂକ୍ରମଣକୁ ଦୃଷ୍ଟିରେ ରଖି କଲେଜରେ କ୍ଲାସ୍ ବ୍ୟବସ୍ଥା କରାଯିବ। ସାମାଜିକ ଦୂରତା, ମାସ୍କ ପିନ୍ଧିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। କୋଭିଡ୍ ଗାଇଡ୍‌ଲାଇନ ପାଳନ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



**ଆଜିର ମନ୍ତବ୍ୟ**

ପାର୍ଲାମେଣ୍ଟ ଅଚଳାବସ୍ଥା ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବା ଜରୁରୀ। କ୍ଷତି ପୂରଣ ପାଇଁ ମୌସୁମୀ ଅଧିବେଶନର କାର୍ଯ୍ୟକାଳ ବଢ଼ାଯାଉ। **-ମନୋଜ କୁମାର ଝା, ଆର୍‌ଜେଡି ଏମ୍‌ପି**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣ୍ଟା ଫିଂରିକି**
**ଏତେ ଗୁଣ ବୋଲି ଜାଣିଥିଲି କି ।**

କାହାର କି ଗୁଣ ଅଥବା ଖୁଣ ଅଛି ତାହା ହଠାତ ଜଣାପଡ଼ି ନ ଥାଏ। ତେବେ ସମୟ ଆସିଲେ ବଳେ ତାହା ଜଣାପଡ଼ି ଯାଇଥାଏ। ଯାହାର ପ୍ରକୃତି ମନ୍ଦ ତାହା ଦିନେ ନା ଦିନେ ଧରାପଡ଼ି ଯାଇଥାଏ। ଉପରକୁ ଭଦ୍ର ଜଣା ପଡୁଥିବା ବ୍ୟକ୍ତିଙ୍କ ଭିତିରିଆ ମନ୍ଦ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କମାର ଘର କ୍ଷୁର ନହୁରୁଣୀ**
**ଭଣ୍ଡାରି ଘରର ମୁଠି**
**ଧନ ଦେଲାବେଳେ ମନ ନବଳଇ**
**ହଜିଯାଏ ଚାବିକାଠି।**

କଥାରେ ଅଛି ଅଳପ ଧନ ବିକଳ ମନ। ଯାହାର ସମ୍ବଳ ସୀମିତ ସେତକ ତାହାର ସର୍ବସ୍ୱ ହୋଇଥାଏ। ସେଥିରୁ କାଣିଚାଏ ଦେବା କଥା ପଡ଼ିଲେ ମନ ଅଥୟ ହୋଇଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶସର୍ସ

# ଖୋର୍ଦ୍ଧା ଝିଅ ସମୀକ୍ଷାଙ୍କୁ ଆମନ୍ତ୍ରଣ

**ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଯୋଗିତା**

- ଭାରତରୁ ଏକମାତ୍ର ପ୍ରତିଯୋଗୀ
- ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ

**ଖୋର୍ଦ୍ଧା ଅଫିସ, ୮।୮**

ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଯୋଗିତାରେ ଖୋର୍ଦ୍ଧାର ଝିଅ ସୁଶ୍ରୀ ସମୀକ୍ଷା ପଣ୍ଡା ଭାଗ ନେବେ। ସମୀକ୍ଷାଙ୍କୁ ଆମନ୍ତ୍ରଣ କରିଛନ୍ତି ଇଂଲଣ୍ଡ କ୍ରିକେଟ ଦଳର ଅଧିନାୟକ ଜୋ ରୁଟ୍। ଏହି ପ୍ରତିଯୋଗିତାରେ ବିଶ୍ୱର ୧୦ ଦେଶରୁ ୩ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ଭାରତରୁ ଏକମାତ୍ର ପ୍ରତିଯୋଗୀ ଭାବେ ଓଡ଼ିଆ ଝିଅ ସମୀକ୍ଷା ସାମିଲ ହେବେ। ଏଥିଲାଗି ସମୀକ୍ଷାଙ୍କୁ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଅମିତାଭ ବଚ୍ଚନ, ଶାହରୁଖ ଖାନ୍, ସଲମାନ ଖାନ୍, ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି, ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜେତା ନୀରଜ ଚୋପ୍ରା ଏବଂ ବ୍ରୋଞ୍ଜପଦକ ବିଜେତା ପି. ଭି. ସିନ୍ଧୁଙ୍କ ପରି ଅନେକ ସେଲିବ୍ରିଟି ଶୁଭେଚ୍ଛା ଜଣାଇଛନ୍ତି। ସମୀକ୍ଷା ନିଜ କାନ୍‌ଭାସ୍‌ରେ ସେଲିବ୍ରିଟିମାନଙ୍କ ଫଟୋ ଅତି ନିଖୁଣ ଭାବେ ଆଙ୍କି ସେମାନଙ୍କ ପ୍ରଶଂସକ (ଫ୍ୟାନ୍) ପାଲଟି ଯାଇଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ୍ ଅଗ୍ରୱାଲଙ୍କ ଚିତ୍ର ଆଙ୍କି ପ୍ରଂଶସା ସାଉଁଟିଥିଲେ ସମୀକ୍ଷା। ନିଜ ଚିତ୍ର ଦେଖିବା ପରେ ସମୀକ୍ଷାଙ୍କ ଫ୍ୟାନ୍ ହୋଇଯାଇଥିଲେ ଲବ୍। ଏହି ପ୍ରତିଯୋଗିତାକୁ ସମୀକ୍ଷାଙ୍କୁ ପଠାଇବା ପାଇଁ ଲବ୍‌ଙ୍କ ସମେତ ଆଇସିଏମ୍‌ଆର୍ ମୁଖ୍ୟ ବଲରାମ ଭାର୍ଗବ ଉଦ୍ୟମ କରିଛନ୍ତି। ଏନେଇ ସମୀକ୍ଷା କହିଛନ୍ତି, ମୁଁ ଅତ୍ୟନ୍ତ ଖୁସି। ଅନ୍ତର୍ଜାତୀୟ ଆର୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବି ବୋଲି ଆଶା କରି ନ ଥିଲି। ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ସହଜ କଥା ନୁହେଁ। ଏଥିରେ ପ୍ରଥମ ତିନିଜଣଙ୍କ ମଧ୍ୟରେ ନ ଆସିଲେ ବି ଟପ୍ ଟେନ୍‌ରେ ରହିବାକୁ ଚେଷ୍ଟା କରିବି। ଭାରତରୁ ମୁଁ ଏକମାତ୍ର ପ୍ରତିଯୋଗୀ ଭାବେ ମନୋନୀତ ହୋଇଥିବା ଜାଣିବା ପରେ ଅତ୍ୟନ୍ତ ଖୁସି ଅଛି। ଏଥିଲାଗି ମୁଁ ନିଜକୁ ପ୍ରସ୍ତୁତ କରୁଛି। ଲବ୍ ଅଗ୍ରୱାଲ ମୋତେ ଏକ ଭିଡିଓ ମେସେଜ କରିଥିଲେ, ଯେଉଁଥିରେ ଜୋ ରୁଟ୍ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଯୋଗିତାରେ ଭାଗନେବାକୁ ଆମନ୍ତ୍ରଣ କରିଛନ୍ତି। ପ୍ରଥମେ ମୁଁ ଏହାକୁ ବିଶ୍ୱାସ କରିପାରି ନ ଥିଲି। ଏକଥା ପରିବାର ଲୋକଙ୍କୁ ଜଣାଇଥିଲି। ପରେ ଲବ୍ ଅଗ୍ରୱାଲଙ୍କ ସହ କଥା ହୋଇଥିଲି। ସେ କହିଲେ, ଏହି ପ୍ରତିଯୋଗିତାରେ ସଫଳତା ହାସଲ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତୁମ ଭାଗନେବା ତା'ଠୁ ଅଧିକ ଗୁରୁତ୍ୱ ବହନ କରେ। ପୂର୍ବରୁ ଏକ ଟିମ୍ ସହ ଅନ୍ତର୍ଜାତୀୟସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛି। ପ୍ରଥମ ଥର ପାଇଁ ଏକାକୀ ଜଣେ ଭାରତୀୟ ଭାବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ମନୋନୀତ ହେବା ପରେ ମୁଁ ଉତ୍ସାହିତ। ଦିନକୁ ପାଠପଢ଼ା ସହ ୨ରୁ ୩ ଘଣ୍ଟା ଚିତ୍ର ଅଭ୍ୟାସ କରେ। ପିଲାବେଳୁ ଏଥିପ୍ରତି ମୋର ଆଗ୍ରହ ରହିଥିଲା। ଏବେ ତାହା ସଫଳ ହୋଇଛି।



ସୁଶ୍ରୀ ସମୀକ୍ଷା ପଣ୍ଡା

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବି ଓ ଚନ୍ଦ୍ରଙ୍କ ଏକତ୍ର ଅବସ୍ଥାନ ହେତୁ ପାରିବାରିକ ସମସ୍ୟା ସୁଧାରିବାକୁ ପ୍ରଯତ୍ନ କରିବେ। ନୂତନ ଯୋଜନା ଲାଗି ସାହାଯ୍ୟ, ସହଯୋଗ ପାଇବାରେ ଅସୁବିଧା ହେବ ନାହିଁ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣ ଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବୃଷ**
ଚନ୍ଦ୍ରଙ୍କ ଏକାଦଶରେ ରାହୁ ସପ୍ତମଭାବକୁ ଦୃଷ୍ଟି ଦେଉଥିବାରୁ ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଯେଉଁ କାର୍ଯ୍ୟ ପାଇଁ ତତ୍ପର ହୋଇ ଉଠିଛନ୍ତି, ତାହା ନିଶ୍ଚିତ ପୂରଣ ହୋଇଯିବ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧପଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ମିଥୁନ**
ତୃତୀୟାଧିପ ଦ୍ୱିତୀୟସ୍ଥ ଯୋଗୁ ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଅଟକି ରହିଥିବା ଫାଇଲ୍ କାମ ସକାଶେ ମାନସିକ ସ୍ଥିରତା ରହିନପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ ।

**କର୍କଟ**
ଚନ୍ଦ୍ର ସ୍ୱଗୃହୀ ଓ ରବିଙ୍କ ସହ ଥିବାରୁ ସ୍ୱାସ୍ଥ୍ୟ ପରିସ୍ଥିତିରେ ବିଶେଷ ଉନ୍ନତି ଦେଖାଯାଇ ନ ପାରେ। କୌଣସି ଅତୀତ ଘଟଣା ପ୍ରତି ସିଂହାବଲୋକନ କରି ଅନୁତାପ କରିପାରନ୍ତି। ଉପରିସ୍ଥଙ୍କ ଆଶ୍ୱାସନା କାରଣରୁ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଘରକୁ ଆଣିପାରନ୍ତି।

**ସିଂହ**
ଧନାଧିପତି ରାଶିରେ ରହିଥିବାରୁ ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ଯୋଜନା କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିବାର ଇଚ୍ଛା ପ୍ରବଳତର ହୋଇପାରେ। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ବକ୍ରୀ ବୃହସ୍ପତିଙ୍କ ଯୋଗୁ ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମ କଲେ ସମସ୍ୟାର ସମାଧାନ ହେବାରେ କୌଣସି ଅସୁବିଧା ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ଇଚ୍ଛା ନ ଥିଲେ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ତୁଳା**
ଶନି ଓ ରବି ସହ ଚନ୍ଦ୍ରଙ୍କ ପାରସ୍ପରିକ ଦୃଷ୍ଟିଭେଦ କାରଣରୁ ମାନସିକ ଅବସ୍ଥା ବିଗିଡ଼ିଯିବ। ଆଜି ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡ଼ାର ସମ୍ଭାବନା ରହିଛି।

**ବିଛା**
ଅଷ୍ଟମାଧିପତି ଯୁକ୍ତ ରାଶ୍ୟାଧିପତି ହେତୁ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ମଧ୍ୟ ରହିଛି। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ ପୂର୍ବକ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ।

**ଧନୁ**
ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଯଥା ସମୟରେ ହୋଇଯିବ। ପ୍ରତିଯୋଗିତାରେ ସଫଳତା ପାଇବେ। ବୃହସ୍ପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର**
କର୍ମାଧିପ ଅଷ୍ଟମସ୍ଥ ହେତୁ ସ୍ଥଗିତ କାମ ସମ୍ପନ୍ନ କଷ୍ଟକର ହେବ। ଆଜି ପ୍ରତି କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣରେ ରଖିବା ଭଲ। ସନ୍ଧ୍ୟା ସମୟରେ ନିକଟ ସମ୍ପର୍କୀୟମାନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ ଏବଂ ପ୍ରଶଂସିତ ମଧ୍ୟ ହେବେ।

**କୁମ୍ଭ**
ସ୍ୱାସ୍ଥ୍ୟ କ୍ରମଶଃ ନିରାମୟ ଦିଗକୁ ଗତି କରୁଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ । ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଆକସ୍ମିକ ଭାବରେ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ମୀନ**
ଷଷ୍ଠ ସ୍ଥାନରେ ବୁଧ ରହିଥିବାରୁ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସୁଧାରିବା ସକାଶେ ବନ୍ଧୁମାନଙ୍କ ହସ୍ତକ୍ଷେପରୁ ପରିସ୍ଥିତିକୁ ସୁଧାରି ନେବେ। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

# ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି କଂଗ୍ରେସ କାର୍ଯ୍ୟକାରୀ ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୮।୮(ଆଇଏଏନ୍‌ଏସ୍)**

ଜାତୀୟ କଂଗ୍ରେସ ସାଂଗଠନିକ ସ୍ତରରେ ଖୁବ୍‌ଶୀଘ୍ର ବଡ଼ ପରିବର୍ତ୍ତନ ନେଇ ବିଚାରବିମର୍ଶ ଚାଲିଛି। ସାଧାରଣ ସମ୍ପାଦକ ଏବଂ ରଜ୍ୟ ପ୍ରଭାରୀ ସ୍ତରରେ ଅଦଳବଦଳ ହେବା ସହ ସୋନିଆ ଗାନ୍ଧୀଙ୍କ କାର୍ଯ୍ୟଭାର ଲାଘବ କରିବା ପାଇଁ ଜଣେ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତି ଦେବା ଲାଗି ଚିନ୍ତା କରାଯାଉଛି। ଉତ୍ତର ଭାରତରୁ ଜଣେ ହିନ୍ଦୀଭାଷୀ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇପାରେ। ସେମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ, କମଲ ନାଥ ଏବଂ ହରିୟାଣାର ପୂର୍ବତନ ସିଏମ୍ ଭୂପିନ୍ଦର ସିଂ ହୁଡ଼ାଙ୍କ ନାଁ ଉଠୁଛି। ଏହା ବ୍ୟତୀତ ଚତୁର୍ଥ ବ୍ୟକ୍ତି ଭାବେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଥିବା ଗୁଲାମ ନବୀ ଆଜାଦଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି।

ସର୍ବାଧିକ ଅଭିଜ୍ଞତା ଏବଂ ବିଭିନ୍ନ ରାଜନୈତିକ ଦଳ ସହ ଭଲ ସମ୍ପର୍କ ରଖିଥିବା କମଲନାଥ କାର୍ଯ୍ୟକାରୀ ସଭାପତି ହୋଇପାରନ୍ତି ବୋଲି କୁହାଯାଉଛି। ଅହମଦ ପଟେଲଙ୍କ ପରଲୋକ ପରେ କମଲନାଥ ଅଧିକାଂଶ ସମୟରେ ସୋନିଆ ଗାନ୍ଧୀଙ୍କୁ ଭେଟୁଛନ୍ତି। ଗତ ଡିସେମ୍ବରରେ ସୋନିଆଙ୍କ ସହ ଅସନ୍ତୁଷ୍ଟ ନେତାମାନଙ୍କ ବୈଠକ କରାଇବାରେ ସେ ମୁଖ୍ୟ ଭୂମିକା ନେଇଥିଲେ।

# ଭୁବନେଶ୍ୱରରେ ୧.୨୪% ଆର୍-ଭାଲ୍ୟୁ

**ମାଇକ୍ରୋ କଣ୍ଟେନମେଣ୍ଟକୁ ଗୁରୁତ୍ୱ ଦେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ**

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

ଭୁବନେଶ୍ୱରରେ କରୋନାର କ୍ଲଷ୍ଟର ସଂକ୍ରମଣ ହେଉଛି। ବର୍ତ୍ତମାନର ଆର୍-ଭାଲ୍ୟୁ ୧.୨୪% ରହିଛି ଅର୍ଥାତ୍ ୧୦୦ଜଣ ଆକ୍ରାନ୍ତ ୧୨୪ଜଣଙ୍କୁ ସଂକ୍ରମିତ କରିଛନ୍ତି। ରାଜଧାନୀ ହୋଇଥିବାରୁ ସହରକୁ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ବହୁତ ଲୋକ ଆସୁଛନ୍ତି। ଏଥିସହିତ କରୋନା ଆକ୍ରାନ୍ତ ମଧ୍ୟ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ଏସବୁ କାରଣରୁ ଭୁବନେଶ୍ୱରରେ ସଂକ୍ରମଣ ହାର ଅଧିକ ରହୁଛି। କ୍ଲଷ୍ଟର ସଂକ୍ରମଣ ଯୋଗୁ ଜଣେ ସଂକ୍ରମଣ ହେଲେ ପୂରା ପରିବାର ଆକ୍ରାନ୍ତ ହେଉଛନ୍ତି। ତେଣୁ ଭୁବନେଶ୍ୱରରୁ ଯେଉଁ ଘରେ ଜଣେ ପଜିଟିଭ୍ ବାହାରୁଛନ୍ତି, ସେହି ଘରକୁ ସମ୍ପୂର୍ଣ୍ଣ କ୍ୱାରାଣ୍ଟାଇନରେ ରଖିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି। ସେ କହିଛନ୍ତି, ମାଇକ୍ରୋ କଣ୍ଟେନମେଣ୍ଟକୁ କଡ଼ାକଡ଼ି କରିବା ଆବଶ୍ୟକ। ତା'ହେଲେ ଭୁବନେଶ୍ୱରରେ ସଂକ୍ରମଣ କମିବ। ସେପଟେ ରାଜ୍ୟରେ ଗତ ୨୪ଘଣ୍ଟାରେ ୧,୨୪୩ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩୧୯ ଜଣ ରହିଥିବାବେଳେ କେବଳ ଭୁବନେଶ୍ୱରରୁ ୨୬୪ଜଣ ଅଛନ୍ତି। ସେହିଭଳି ରାଜ୍ୟରୁ ଆଉ ୬୯ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ରାଜ୍ୟରେ ଆର୍-ଭାଲ୍ୟୁ ୧% ତଳେ ରହିଥିଲା।



## ପ୍ରଥମ ପୃଷ୍ଠାରୁ...

### ନୂଆ ସଂସ୍କୃତି ଆପଣାଅ...

ବେଦାନ୍ତ ୨୧।୯।୨୦୨୦ରେ ଫେରୋ ଆଲଏଜ୍ କର୍ପୋରେଶନ ଲିମିଟେଡ୍ (ଫାକର) ନାମରେ ଥିବା ଓସ୍ତପାଳ, କଳରଙ୍ଗିଅଟା ଏବଂ କାଠପାଳ କ୍ରୋମାଇଟ୍ ଖଣିକୁ ଲିଜ୍ ସୂତ୍ରରେ ନେଇଥିଲା। ତେବେ ଗତ ନଭେମ୍ବରରେ ବେଦାନ୍ତ ଦ୍ୱାରା ଓସ୍ତପାଳ ଖଣି ଖନନ ପୂର୍ବରୁ ସେଠାରେ ଥିବା ପ୍ରାୟ ୧୫ ଲକ୍ଷ କ୍ୟୁବିକ୍ ମିଟର ବିଷାକ୍ତ ପାଣିକୁ ଇଟିପି (ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ) ବାହାରେ ଡମଶାଳା ନାଳାରେ ଛାଡ଼ି ଦିଆଯାଇଥିଲା। ଖଣି କର୍ତ୍ତୃପକ୍ଷଙ୍କ ହ୍ୱାଟ୍ସଆପ୍ ଗ୍ରୁପରେ ଏନେଇ ଆଲୋଚନା ମଧ୍ୟ ହୋଇଥିଲା। ସେହି ହ୍ୱାଟ୍ସଆପ୍ ବାର୍ତ୍ତାଳାପର କେତୋଟି ସ୍କ୍ରିନ୍ ଶଟ୍ ଧରିତ୍ରୀର ହସ୍ତଗତ ହୋଇଛି। ଖଣିଠାରୁ ଉତ୍ତର ଦିଗକୁ ଥିବା ଡମ୍ପର ଦୂରତା ଅସୁରକ୍ଷିତ ଭାବେ ମାତ୍ର ୨୦ ମିଟର ଏବଂ ଦକ୍ଷିଣକୁ ରହିଥିବା ଡମ୍ପର ଦୂରତା ମାତ୍ର ୩୦ ମିଟରରେ ରହିଥିବା ନେଇ କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ 'ସେଣ୍ଟ୍ରାଲାଇଜଡ୍ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ ମନିଟରିଂ ସିଷ୍ଟମ' ମାଧ୍ୟମରେ ୯।୪।୨୦୨୧ ଏବଂ ୧୬।୪।୨୦୨୧ରେ ୨ଟି ଅଭିଯୋଗ ହୋଇଥିଲା। ଗତ ଜୁନ ୧୭ ଓ ୧୮ରେ ଡିଜିଏମ୍‌ଏସ୍ ଭୁବନେଶ୍ୱର କ୍ଷେତ୍ର ଡେପୁଟି ଡାଇରେକ୍ଟର ଇନୁମୁଲା ସତ୍ୟନାରାୟଣ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଡିଜିଏମ୍‌ଏସ୍ ପକ୍ଷରୁ ଖଣି ଖନନ ବନ୍ଦ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଉକ୍ତ ନିର୍ଦ୍ଦେଶକୁ ମିଳିମିଶି ଉଲ୍ଲଂଘନ କରାଯାଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ୨୦୧୮ ମାର୍ଚ୍ଚରେ ତାମିଲନାଡୁ ଥୋଥୁକୁଡ଼ିସ୍ଥିତ ବେଦାନ୍ତ କମ୍ପାନୀର କପର ସ୍ମେଲ୍‌ଟର କାରଖାନାକୁ ଜଳ ପ୍ରଦୂଷଣ ପାଇଁ ଦାୟୀ କରାଯିବା ସହ ଏହାକୁ ବନ୍ଦ କରିବା ନିମନ୍ତେ ଦାବି ହୋଇଥିଲା। ଏନେଇ ଆନ୍ଦୋଳନ ବେଳେ ୧୩ ଜଣ ସ୍ଥାନୀୟ ଲୋକ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ହୋଇଥିଲେ। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ତାମିଲନାଡୁ ସରକାର ୨୦୧୮ ମେ ମାସରେ ପରିବେଶ ନିୟମ ଉଲ୍ଲଂଘନ ପାଇଁ କାରଖାନାକୁ ବନ୍ଦ କରିଦେଇଥିଲେ। ସେହିପରି ରାଜସ୍ଥାନର ବେଦାନ୍ତ ଜିଙ୍କ୍ ମାଇନ୍ସରେ ପ୍ରାୟ ୨୫୦୦ କୋଟି ଟଙ୍କାର ରାଜସ୍ୱ ଠକେଇ ହୋଇଥିବା ନେଇ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଅନ୍ୟ ସବୁ ରାଜ୍ୟର ସେଠାକାର ସରକାର ବେଆଇନ କାର୍ଯ୍ୟକୁ ବନ୍ଦ କରି ଲୋକଙ୍କ ହିତକୁ ଜଗୁଥିବାବେଳେ ଓଡ଼ିଶାରେ ତାହାର ବିପରୀତ କରାଯାଉଛି।

### ଅଲ୍-କାଏଦା ଟାର୍ଗେଟରେ ....

ଓରଫ ହସିନା ରବିବାର ସିଙ୍ଗାପୁରରୁ ଭାରତକୁ ଆସୁଛନ୍ତି। ସେମାନେ ଆଇଜିଆଇରେ ଦିନେରୁ ୩ ଦିନ ମଧ୍ୟରେ ବୋମା ଖଞ୍ଜିବେ ବୋଲି ଇ-ମେଲ୍‌ରେ ଉଲ୍ଲେଖ କରାଯାଇଛି। ବିମାନବନ୍ଦରକୁ ବିସ୍ଫୋରଣରେ ଉଡ଼ାଇଦେବା ପାଇଁ ଅଲ୍-କାଏଦା ଇ-ମେଲ୍ ଜରିଆରେ ଧମକ ଦେଇଥିବା ନେଇ ଆଇଜିଆଇ ଥାନା ବିମାନବନ୍ଦରର ଏୟାରଲାଇନ୍ ଅପରେଶନ୍ସ କଣ୍ଟ୍ରୋଲ ସେଣ୍ଟର(ଏଓସିସି)କୁ ଜଣାଇଦେଇଛି। ଏହି ଖବର ପାଇବା ପରେ ବିମାନବନ୍ଦରରେ ଅତିରିକ୍ତ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ଏୟାରପୋର୍ଟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତନାଘନା ପରେ ପୋଲିସ ଜାଣିବାକୁ ପାଇଛି ଯେ, ପୂର୍ବରୁ ମଧ୍ୟ ମହମ୍ମଦ ଜଲାଲ ଓ ହସିନାଙ୍କ ନାମରେ ଅନୁରୂପ ଧମକ ଦିଆଯାଇଥିଲା। ଏହାକୁ ବମ୍ବ ଥ୍ରେଟ୍ ଆସେସ୍‌ମେଣ୍ଟ କମିଟି (ବିଟିଏସି) 'ନନ୍-ସ୍ପେସିଫିକ୍' ବୋଲି ଘୋଷଣା କରିଥିଲା। ଏସ୍‌ଓପି ଅନୁଯାୟୀ ସିକ୍ୟୁରିଟି ଅପରେଶନ୍ସ କଣ୍ଟ୍ରୋଲ ସେଣ୍ଟର (ଏସ୍‌ଓସିସି) ସମ୍ପୃକ୍ତ ଏଜେନ୍ସିଗୁଡ଼ିକୁ ଏନେଇ ଅବଗତ କରାଇଛି ଏବଂ ସୁରକ୍ଷା ବଳକୁ ହାଇଆଲର୍ଟରେ ରଖାଯାଇଛି। ଆଇଜିଆଇ ବିମାନବନ୍ଦରର ସମସ୍ତ ଟର୍ମିନାଲରେ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରୁଛନ୍ତି। ପ୍ରବେଶପଥରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଏୟାରପୋର୍ଟକୁ ଆସୁଥିବା ସମସ୍ତ ଯାନବାହନକୁ ଯାଞ୍ଚ କରାଯାଉଛି। ପ୍ରକାଶ ଯେ, ଗତ ମାର୍ଚ୍ଚ ୨୧ରେ ମଧ୍ୟ ଆଇଜିଆଇ ବିମାନବନ୍ଦରକୁ ଉଡ଼ାଇବା ନେଇ ଦିଲ୍ଲୀ ପୋଲିସ ପାଖକୁ informer.igia@protonmail.comରୁ ଏପରି ଏକ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। ସେଥିରେ କରନବୀର ଓ ଶେଲୀଙ୍କୁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ବୋଲି ଦର୍ଶାଯାଇଥିଲା। ପୂର୍ବରୁ ମିଳିଥିବା ଧମକର ତଦନ୍ତ ରିପୋର୍ଟ ଅନୁଧ୍ୟାନ କରିବା ପାଇଁ ଦିଲ୍ଲୀ ପୋଲିସକୁ ବିମାନବନ୍ଦର କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

### କୋଭିଶିଲ୍ଡ-କୋଭାକ୍ସିନ...

ଦିଆଯାଇଥିଲା। ସେହିପରି ୪୦ ଜଣଙ୍କୁ କୋଭିଶିଲ୍ଡ ଏବଂ ଅନ୍ୟ ୪୦ ଜଣଙ୍କୁ କୋଭାକ୍ସିନର ଦୁଇଟି ଯାକ ଡୋଜ୍ ଦିଆଯାଇଥିଲା। ସମାନ ଟିକା ନେଇଥିବା ବ୍ୟକ୍ତିଙ୍କ ତୁଳନାରେ ପୃଥକ୍ ଡୋଜ୍ ନେଇଥିବା ଲୋକଙ୍କ ଶରୀରରେ ଅଧିକ ଆଣ୍ଟିବଡି ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଏଥିସହ ଭୂତାଣୁର ଆଲ୍‌ଫା, ବିଟା ଓ ଗାମା ଭାରିଆଣ୍ଟ ବିରୋଧରେ ମଧ୍ୟ ମିଶ୍ରିତ ଟିକା ଅଧିକ ପ୍ରଭାବୀ ବୋଲି ଅଧ୍ୟୟନରୁ ଜାଣିବାକୁ ମିଳିଛି। ଆଡେନୋଭାଇରସ୍‌କୁ ନେଇ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ନିଷ୍କ୍ରିୟ କରୋନା ଭୂତାଣୁ ଥିବା କୋଭାକ୍ସିନର ମିଳିତ ପ୍ରଭାବ ଦ୍ୱାରା ମିଶ୍ରଣ ଡୋଜ୍ କେବଳ ସୁରକ୍ଷିତ ନୁହେଁ ସାର୍ସ-କୋଭ୍-୨ ଭାଇରସ୍ ବିରୋଧରେ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମଧ୍ୟ ଦକ୍ଷ ବୋଲି ଆଇସିଏମ୍‌ଆର୍ କହିଛି। ତେଣୁ ମିଶ୍ରିତ ଡୋଜ ବ୍ୟବହାର ଦ୍ୱାରା ଗୋଟିଏ ଟିକା ଅଭାବ ପଡ଼ିଲେ ତାହାକୁ ଅନ୍ୟ ଟିକା ସହ ମିଶାଇ ନେଇହେବ। ତଥାପି ଏ ଦିଗରେ ଆହୁରି ଅଧ୍ୟୟନ ଜାରି ରହିଛି ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କରୋନା ବିରୋଧରେ ମିଶ୍ରିତ ଟିକା ଡୋଜ ସୁରକ୍ଷିତ ନୁହେଁ ବୋଲି ଗତ ଜୁଲାଇରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ପ୍ରମୁଖ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ କହିଥିଲେ। ଅଳ୍ପ ତଥ୍ୟ ଉପଲବ୍ଧ ଥିବାରୁ ପୃଥକ୍ ଟିକାର ବ୍ୟବହାରକୁ ସେ 'ବିପଜ୍ଜନକ ଟ୍ରେଣ୍ଡ' ବୋଲି ପ୍ରକାଶ କରିଥିଲେ।

# ପ୍ରଧାନମନ୍ତ୍ରୀ ବିରୋଧୀଙ୍କ ଦାବି ଶୁଣନ୍ତୁ: ଡେରେକ୍ ଓ'ବ୍ରିଏନ୍

ନୂଆଦିଲ୍ଲୀ, ୮।୮: ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଶେଷ ହେବାକୁ ଆଉ ଗୋଟିଏ ସପ୍ତାହ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନାରେ ଭାଗ ନେଇ ବିରୋଧୀଙ୍କ ଦାବି ଶୁଣନ୍ତୁ ବୋଲି ତୃଣମୂଳ କଂଗ୍ରେସ ସଦସ୍ୟ ଡେରେକ୍ ଓ'ବ୍ରିଏନ୍ ରବିବାର କହିଛନ୍ତି। ପେଗାସସ୍ ସ୍ପାଏୱେର୍ ବିବାଦ, କୃଷି ଆଇନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। 'ମିଷ୍ଟର ମୋଦି କମ୍ ଲିଶିନ୍ ଟୁ ଅସ୍' ନାମରେ ସେ ଏକ ୩ ମିନିଟର ଭିଡିଓ ଟୁଇଟ୍ କରିଛନ୍ତି, ଯେଉଁଥିରେ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ କରୁଥିବା ଦାବିସବୁ ରହିଛି। ଜୁଲାଇ ୧୯ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲାବେଳେ ପ୍ରଧାନମନ୍ତ୍ରୀ ମାତ୍ର ଗୋଟିଏ ଥର ଯୋଗଦେଇ ପ୍ରାରମ୍ଭିକ ମନ୍ତବ୍ୟ ରଖିବା ସହ ନୂଆ ମନ୍ତ୍ରୀମାନଙ୍କ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ। ପେଗାସସ୍ ଗୁପ୍ତଚରଗିରି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ ଜାରି ରଖିଥିବାରୁ ଗୃହ କାର୍ଯ୍ୟ ଚାଲିପାରୁ ନାହିଁ। ବିଭିନ୍ନ ଦେଶରେ ପେଗାସସ୍ ସ୍ପାଏୱେର୍‌ର ବେଆଇନ ବ୍ୟବହାର କରାଯାଉଛି। ଭାରତରେ ବିଭିନ୍ନ ରାଜନେତା, ଖବରଦାତା, ପ୍ରଶାସକ, କୋର୍ଟ ଅଧିକାରୀ, ଜଣେ ପୂର୍ବତନ ନିର୍ବାଚନ କମିଶନର ଏବଂ ଅନ୍ୟମାନଙ୍କ ବିରୋଧରେ ଏହି ସ୍ପାଏୱେର୍‌କୁ ବ୍ୟବହାର କରାଯାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା।


## classifieds

**Everyday 0674-2580101, 2549302**



**SALE**

ଭୁବନେଶ୍ୱର ଚନ୍ଦକା, ପିତାପଲ୍ଲୀ ରାସ୍ତାର ମଝିରେ ବିକାଶ ସ୍କୁଲ ପାଖରେ ଘରବାଡ଼ି ପ୍ଲଟ 2400 Sq.ft. 15,60,000/- (20 Plot available), Lipsa - 9938016295. D-70884

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ Boundarywall, Electricity with 30ft. road sqft.-700/-ରେ ମିଳୁଛି। 7008045582, 7749800648.** D-21248

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883



Want a dream home on your own plot assistance for construction, design and development. Contact: K.K. Construction 7008268129, 9439143273. D-71313



Newly open SPA offer @799/-, positively health benefits, Jaydev Bihar. 7846814019. D-60000

Refreshing your mind, your body with tha best therapy at Lotus Spa. 8018891951. D-70466

Take wellness relax massage ladies/ gents therapist 800/-, 7008773793, 8018656899. D-59999

Newly open Sairkupa Panchakarma Spa positively health benefits with expert. 8984068077. D-21263

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡ୍ରଗ୍ସର ଉତ୍ସ ନ ଜାଣିଲେ ଲଗାମ କଷ୍ଟକର

ଭୁବନେଶ୍ୱର ଶହୀଦନଗର ଅଞ୍ଚଳରେ ପିଲାବେଳୁ ବଢ଼ିଥିବା ସତ୍ୟନାରାୟଣ ପ୍ରଧାନ ଏବେ ଦେଶର ୨ ପ୍ରମୁଖ ପଦବୀରେ ଅବସ୍ଥାପିତ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ(ଏନ୍‌ଡିଆର୍‌ଏଫ୍)ର ମହାନିର୍ଦ୍ଦେଶକ ଥିବା ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ପ୍ରଧାନ ନିକଟରେ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ(ଏନ୍‌ସିବି) ମୁଖ୍ୟଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିଶା ସାମଗ୍ରୀ ଚୋରା କାରବାରର ଆନ୍ତଃରାଜ୍ୟ ଗ୍ରୁପ୍‌କୁ ଚିହ୍ନଟ କରାଯିବା ସହ ଏନେଇ ତୀକ୍ଷ୍ଣ ନଜର ରଖାଯାଉଛି। ଏନ୍‌ସିବିର ପୁନର୍ଗଠନ ଏବଂ ବଢ଼ିଚାଲିଥିବା ନିଶାର ଆତଙ୍କ ଉପରେ ରୋକ ଲଗାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦିଲ୍ଲୀର ସ୍ୱତନ୍ତ୍ର ଖବରଦାତାଙ୍କୁ ଧରିତ୍ରୀ ଆଳାପ ପାଇଁ ସାକ୍ଷାତ୍‌କାର ଦେବା ଅବସରରେ ପ୍ରଧାନ ଏହା କହିଛନ୍ତି।



ସତ୍ୟନାରାୟଣ ପ୍ରଧାନ

**ଧରିତ୍ରୀ ଆଳାପ**

**୧. ଆପଣଙ୍କ ପିଲାବେଳର ସ୍ୱପ୍ନ ଏବଂ ବର୍ତ୍ତମାନର ପଦବୀକୁ ନେଇ କ'ଣ କହିବେ?**

ଉ: ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ। ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରୁ ଉଚ୍ଚଶିକ୍ଷା ଶେଷ କରିବା ପରେ ଭାରତୀୟ ବୈଦେଶିକ ସେବା ପାଇଁ ଆଗ୍ରହୀ ଥିଲି। ତେବେ ପରବର୍ତ୍ତୀ ସମୟରେ ଆଇପିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ପଦପଦବୀରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛି।

**୨. ନିକଟରେ ଆପଣଙ୍କୁ ଏନ୍‌ସିବିର ମୁଖ୍ୟଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ଉପରେ କ'ଣ ଯୋଜନା ରଖିଛନ୍ତି?**

ଉ: ଏହି ଦାୟିତ୍ୱ ସାମୟିକ। ମୁଁ ଜାଣିନାହିଁ କେତେଦିନ ଏହି ଦାୟିତ୍ୱରେ ରହିବି। ହେଲେ ଯେତେଦିନ ବି ରହିବି, ସେପର୍ଯ୍ୟନ୍ତ ଠିକ୍‌ଭାବେ କାର୍ଯ୍ୟ ସମ୍ପାଦନ କରିବି। ବିଶେଷକରି ଭାରତ ହେଉଛି ଏପରି ଏକ ଦେଶ ଯେଉଁଠି ନିଶା କାରବାର ଆରମ୍ଭ, ଚାଲାଣ ଏବଂ ବ୍ୟବହାର ହୋଇଥାଏ। ତେଣୁ ଏହାକୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ। ଯେଉଁ ଦେଶଗୁଡ଼ିକରୁ ନିଶା ଚାଲାଣ ହୋଇ ଆମ ଦେଶକୁ ଆସୁଛି, ସେଗୁଡ଼ିକ ସହ ଆମ ଦେଶର ସ୍ଥଳ ଓ ସାମୁଦ୍ରିକ ସୀମା ସଂଲଗ୍ନ ରହିଛି। ଯେପର୍ଯ୍ୟନ୍ତ ଏହା କେଉଁଠୁ ଆସୁଛି ଏବଂ ଏହାର ଚାଲାଣକାରୀ କିଏ ବୋଲି ଆମେ ନ ଜାଣିଛେ, ସେପର୍ଯ୍ୟନ୍ତ ଡ୍ରଗ୍ସ ଉପରେ ଲଗାମ ଲଗାଯାଇପାରିବ ନାହିଁ। ତେଣୁ ରାଜ୍ୟ ପୋଲିସ, ଗୋଇନ୍ଦା ସଂସ୍ଥା ଏବଂ ଅନ୍ତର୍ଜାତୀୟ ଡ୍ରଗ୍ସ ନିରୋଧୀ ଏଜେନ୍ସିଗୁଡ଼ିକ ସହ ମିଶି କାମ କରିବାକୁ ପଡ଼ିବ।

**୩. ନିଶା କାରବାର ରୋକିବାରେ ଏନ୍‌ସିବି ନିଜକୁ ପ୍ରସ୍ତୁତ କରିପାରୁ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ଆସିଥାଏ। ଆପଣ ଏହାକୁ କେମିତି ନେଉଛନ୍ତି?**

ଉ: ପ୍ରତ୍ୟେକ ସଂସ୍ଥା ଓ ବିଭାଗ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରଖେ। ଏନ୍‌ସିବି ମଧ୍ୟ ଏହା କରୁଛି। ବର୍ତ୍ତମାନ ଏବଂ ଭବିଷ୍ୟତର ଡ୍ରଗ୍ସ ଚ୍ୟାଲେଞ୍ଜର ମୁକାବିଲା ଲାଗି ଏନ୍‌ସିବିର ପରିସର ବୃଦ୍ଧି ପାଇଁ ସରକାର ମଧ୍ୟ ପ୍ରତିଶ୍ରୁତିବଦ୍ଧ।

**୪. ଏନ୍‌ସିବିରେ ମାନବସମ୍ବଳର ଅଭାବ ଏବଂ ଦୁର୍ବଳ ଭିତ୍ତିଭୂମି ଏହାର ସାମର୍ଥ୍ୟକୁ ପ୍ରଭାବିତ କରିଛି କି?**

ଉ: ଏନ୍‌ସିବିର ପରିସର ବୃଦ୍ଧି ଯୋଜନା କେବଳ ମାନବ ସମ୍ବଳରେ ସୀମିତ ନୁହେଁ ବରଂ ନୂଆ ଅଫିସ, ଆଞ୍ଚଳିକ କାର୍ଯ୍ୟାଳୟ, ବୈଷୟିକ ବ୍ୟବସ୍ଥା, ଯାନବାହନ ଆଦି କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ପ୍ରସ୍ତାବ ରହିଛି। ଏନ୍‌ସିବିର ଟେକ୍ନୋଲୋଜି ଅପ୍‌ଡେଟ କରିବା ପାଇଁ ଆମେ ଏକ ଆଭ୍ୟନ୍ତରୀଣ ସମୀକ୍ଷା କରିଛୁ, ତାହା ଉପରେ କାମ ଚାଲିଛି।

**୫. ଓଡ଼ିଶା ଆପଣଙ୍କ ନିଜ ରାଜ୍ୟ। ଏଠାରେ ଗଞ୍ଜେଇ କାରବାର ବହୁଳ ମାତ୍ରାରେ ଚାଲିଥିବା କୁହାଯାଏ। ଏବେ ରାଜ୍ୟରେ ବ୍ରାଉନ୍‌ସୁଗାର ଚାଲାଣ କରାଯିବାରେ ଛାତ୍ରଗୋଷ୍ଠୀକୁ ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ଏନେଇ ଏନ୍‌ସିବିର ରଣନୀତି କ'ଣ ରହିଛି?**

ଉ: ଆମେ କେବଳ ଓଡ଼ିଶା ନୁହେଁ, ବରଂ ସବୁ ରାଜ୍ୟ ଉପରେ ନଜର ରଖିଛୁ। କେଉଁ ରାଜ୍ୟରେ କିଭଳି ଏବଂ କିପରି ଡ୍ରଗ୍ସ ଚାଲାଣ ହେଉଛି, ତାକୁ ଦୃଷ୍ଟିରେ ରଖି ସବୁଠି ଭିନ୍ନ ଭିନ୍ନ ରଣନୀତି ଆପଣାଉଛୁ। ଓଡ଼ିଶା ଏଥିରୁ ବାଦ୍ ପଡ଼ିବ ନାହିଁ।

**୬. ବଙ୍ଗୋପସାଗର ଡ୍ରଗ୍ସ ଚାଲାଣ ପାଇଁ ଏକ ଟ୍ରାନ୍‌ଜିଟ ରୁଟ୍ ପାଲଟିଛି। ଏନ୍‌ସିବି ଏହା ଉପରେ କେତେ ସଚେତନ?**

ଉ: ଆମେ ଯେତେବେଳେ କୌଣସି ରାଜ୍ୟ ଉପରେ ଅନୁଧ୍ୟାନ କରୁ, ସେଠାକୁ ଚାଲାଣ ହେଉଥିବା ବିଭିନ୍ନ ପ୍ରକାର ଡ୍ରଗ୍ସ, କେଉଁମାନେ ଏହାକୁ ଚାଲାଣ କରୁଛନ୍ତି, ଏହାର ବ୍ୟବହାର, କିଏ ପାଣ୍ଠି ଯୋଗାଉଛନ୍ତି ଏସବୁ ଉପରେ ଧ୍ୟାନ ଦେଇଥାଉ। ମାଓବାଦୀ ଓ ଆତଙ୍କବାଦୀଙ୍କୁ ଡ୍ରଗ୍ସ ଦିଆଯାଉଛି କି, ସେନେଇ ମଧ୍ୟ ଦୃଷ୍ଟି ଦିଆଯାଉଛି।

**୭. ବଙ୍ଗୋପସାଗର ଓ ଓଡ଼ିଶା ଦେଇ କେଉଁ ପ୍ରକାରର ନିଶାଦ୍ରବ୍ୟ ଚାଲାଣ ହେଉଛି?**

ଉ: ବୃତ୍ତିଗତ ଗୋପନୀୟତା ଦୃଷ୍ଟିରୁ ଏ ପ୍ରସଙ୍ଗରେ କିଛି କହିବା ଠିକ୍ ହେବ ନାହିଁ।

**୮. ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ୨୦୨୦ରେ ୩୫କେଜି ବ୍ରାଉନସୁଗାର ଜବତ କରିଥିବାବେଳେ ଏନ୍‌ସିବି ଭୁବନେଶ୍ୱର ଶାଖାକୁ ସେଭଳି ସଫଳତା ମିଳିପାରି ନାହିଁ। ଏନେଇ କ'ଣ କହିବେ?**

ଉ: ମୋ ମତରେ ଏହା ଏକ ଭୁଲ ଧାରଣା। ଭୁବନେଶ୍ୱର, ଗୟା ଓ ପାଟଣାରେ ଥିବା ଏନ୍‌ସିବିର ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ସାରା ଦେଶରେ ଏକ ବଡ଼ ନେଟ୍‌ୱର୍କର ରହସ୍ୟ ଉନ୍ମୋଚିତ କରିବାରେ କୋଲ୍‌କାତାସ୍ଥିତ ଜୋନାଲ ଅଫିସକୁ ସହଯୋଗ କରୁଛନ୍ତି। ଭୁବନେଶ୍ୱରରେ ଥିବା କାର୍ଯ୍ୟାଳୟର କାମ ରାଜ୍ୟ ପୋଲିସ ଭଳି କେବଳ ଭୁବନେଶ୍ୱରରେ ସୀମିତ ନୁହେଁ। ସାରା ଦେଶ ପାଇଁ ଏନ୍‌ସିବି କାମ କରୁଛି।

**୯. ଏନ୍‌ଡିଆର୍‌ଏଫ୍‌ର ଆପଣ ମହାନିର୍ଦ୍ଦେଶକ ଅଛନ୍ତି। ବାତ୍ୟା ସମୟରେ ଲୋକଙ୍କ ଜୀବନହାନିକୁ ରୋକିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। କିନ୍ତୁ ବାରମ୍ବାର ସାମୁଦ୍ରିକ ଝଡ଼ ଆସୁଥିବାରୁ ରାଜ୍ୟର ଆର୍ଥିକ ଭିତ୍ତିଭୂମି ଉପରେ ଏହାର ପ୍ରଭାବ ପଡ଼ୁଛି। ଏ ଦିଗରେ କିଛି ରଣନୀତି ସ୍ଥିର କରିଛନ୍ତି କି?**

ଉ: ଜନସାଧାରଣଙ୍କ ଜୀବନ ରକ୍ଷାରେ ଆମେ ବହୁତ ବଡ଼ ପଦକ୍ଷେପ ନେବାରେ ସକ୍ଷମ ହୋଇଛୁ। ଏବେ ଭିତ୍ତିଭୂମିଗତ ଢାଞ୍ଚା, ସାଧାରଣ ସମ୍ପତ୍ତି ଓ ଗରିବ ହାଉସିଂ କଲୋନିଗୁଡ଼ିକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରିବୁ। ବାତ୍ୟା ନିରୋଧୀ ଭିତ୍ତିଭୂମି ନିର୍ମାଣ ପାଇଁ ଓଡ଼ିଶା ସରକାର କେନ୍ଦ୍ରକୁ ଏକ ପ୍ରସ୍ତାବ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଲିଶନ୍ ଅଫ୍ ଡିଜାଷ୍ଟର ରେଜିଲିଆଣ୍ଟ ଇନ୍‌ଫ୍ରାଷ୍ଟ୍ରକ୍ଚର(ସିଡିଆର୍‌ଆଇ) ଆରମ୍ଭ କରିଛନ୍ତି, ଯାହାକୁ ବିଶ୍ୱବ୍ୟାପୀ ସ୍ୱୀକୃତି ମିଳିଛି।

**୧୦. ସିଭିଲ୍ ସର୍ଭାଣ୍ଟ ହେବା ପାଇଁ ଯାତ୍ରା କିପରି ଥିଲା?**

ଉ: ସିଭିଲ ସର୍ଭିସ୍ କରିବା ପାଇଁ ମୁଁ ସ୍ଥିର କରି ନ ଥିଲି। ମୋତେ କେବଳ ଗୋଟିଏ ଜବ୍ ଦରକାର ଥିଲା। ଭୁବନେଶ୍ୱରର ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଛି। ଅନ୍ୟ ବନ୍ଧୁମାନଙ୍କ ଭଳି ଜେଏନ୍‌ୟୁରେ ନାମ ଲେଖାଇଥିଲି। ସବୁବେଳେ କ୍ରିକେଟରେ କ୍ୟାରିୟର ଗଢ଼ିବା କିମ୍ବା ଯେକୌଣସି ଏକ ଚାକିରି ପାଇବା ଆଶାରେ ଥିଲି। ତେବେ ପରୀକ୍ଷା ଦେଇଯିବା ସମୟରେ ଭାରତୀୟ ବୈଦେଶିକ ସେବା(ଆଇଏଫ୍‌ଏସ୍) ପ୍ରତି ଆଗ୍ରହୀ ଥିଲି। କିନ୍ତୁ ପୋଲିସ ସେବାରେ ଯୋଗଦାନ ପରେ ଅଧିକ ଖୁସି ଓ ସନ୍ତୋଷ ଲାଗୁଛି।

**୧୧. ଆପଣ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏଜେନ୍ସିର ପରିଚାଳନା କରୁଛନ୍ତି। ଏକସଙ୍ଗେ ଉଭୟ ପଟେ କିପରି ସମୟ ଦିଅନ୍ତି? ଅବସର ବେଳେ କ'ଣ କରନ୍ତି?**

ଉ: କାର୍ଯ୍ୟ ସମ୍ପାଦନକୁ ଟେକ୍ନୋଲୋଜି ସହଜ କରିଦେଇଛି। ମୁଁ ଇଲେକ୍ଟ୍ରୋନିକ୍ ମୋଡ୍‌ରେ ସମସ୍ତ ଫାଇଲ ପାଇଥାଏ। ସେସବୁକୁ ନେଇ କାମ କରିବାରେ କିଛି ଅସୁବିଧା ହୋଇ ନ ଥାଏ। ସମୟ ମିଳିଲେ ବହି ପଢ଼େ ଓ ପରିବାର ସହ ଗୀତ ଶୁଣେ।

**୧୨. ଦିଲ୍ଲୀରେ ଓଡ଼ିଆ ଖାଦ୍ୟ ଖାଆନ୍ତି?**

ଉ: ଆମ ରୋଷେୟା ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ଶିଖିଛନ୍ତି। ମୋତେ ପଖାଳ ବହୁତ ଭଲ ଲାଗେ। ଏପରି କି ଲଣ୍ଡନରେ ଥିବାବେଳେ ମଧ୍ୟ ପଖାଳ ଖାଉଥିଲି। ଏହାକୁ ଛାଡ଼ି ଚଳିପାରିବି ନାହିଁ। ଦହି ବାଇଗଣ ମଧ୍ୟ ମୋର ପ୍ରିୟ ଖାଦ୍ୟ। ମକା ରୁଟି ଓ ସୋରିଷ ଶାଗ ବି ଭଲ ଲାଗେ।

**୧୩. କର୍ମମୟ ଜୀବନରେ କେଉଁ ଶିକ୍ଷା ପାଇଛନ୍ତି?**

ଉ. ସବୁଠୁ ବଡ଼ ଶିକ୍ଷା ହେଉଛି ମାନବିକତା। ପ୍ରତ୍ୟେକ ବିଜ୍ଞ ବ୍ୟକ୍ତିଙ୍କୁ ନମ୍ର ହେବାକୁ ପଡ଼ିବ। ଜୀବନ ବହୁ ସୀମିତ। ଅଭିଜ୍ଞତା ମଧ୍ୟ ସୀମିତ। ବ୍ରହ୍ମାଣ୍ଡ ହେଉଛି ବିଶାଳ। ଭଗବାନଙ୍କ ନିକଟରେ ସବୁବେଳେ ଗୋଟିଏ ପ୍ରାର୍ଥନା କରିଥାଏ ଯେ ମୋତେ ନମ୍ର କରି ରଖିଥାଆନ୍ତୁ। ଆପଣ ଯେତେ ଉଚ୍ଚ ପଦ ପଦବୀରେ ରହିଲେ ମଧ୍ୟ ଜୀବନରେ ନମ୍ରତା ରହିବା ଜରୁରୀ।

– ସାକ୍ଷାତ୍‌କାର: କୁଲ୍‌ଦୀପ ସିଂ

# ୨ ଶିଶୁକନ୍ୟା ଆଖି ବୁଜିଲେ

## ଏସ୍‌ସିବିରେ ଏକକାଳୀନ ୪ ଶିଶୁ ଜନ୍ମହେବା ଘଟଣା

କଟକ ଅଫିସ,୮।୮

କଟକ ଏସ୍‌ସିବି ମେଡିକାଲରେ ଶନିବାର ଏକାଥରକେ ଜନ୍ମ ହୋଇଥିବା ୪ ଶିଶୁକନ୍ୟାଙ୍କ ମଧ୍ୟରୁ ରବିବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ନବଜାତ ଶିଶୁ ପରିପକ୍ୱ ନ ଥିବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ସେମାନଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ବେହେରା କହିଛନ୍ତି।

ଭଞ୍ଜନଗର ଡିହପଡ଼ା ଅଞ୍ଚଳର ଛବିତା ନାୟକ ଗର୍ଭବତୀ ଥିବାରୁ ପ୍ରସବ ନିମନ୍ତେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅଲଟ୍ରାସାଉଣ୍ଡ କରାଯିବା ପରେ ଗର୍ଭରେ ୪ ସନ୍ତାନ ଥିବା ଜଣାପଡିଥିଲା। ମହିଳାଙ୍କ ଜଣ୍ଡିସ୍ ସହ ଅନେକ ରୋଗ ରହିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ବୁଧବାର ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ସେ ଭର୍ତ୍ତି ହୋଇଥିଲେ। ଶନିବାର ଅପରାହ୍ନରେ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଲେବର ରୁମ୍‌କୁ ନିଆଯାଇଥିଲା। ସେଠାରେ ବିଭାଗୀୟ ମୁଖ୍ୟ ପ୍ରଫେସର ତୁଷାର କରଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ତାଙ୍କର ପ୍ରସବ କରାଇଥିଲେ। ପରେ ମହିଳା ୪ ଶିଶୁକନ୍ୟା ଜନ୍ମ ଦେଇଥିଲେ। ସେମାନ ଓଜନ ଭିନ୍ନଭିନ୍ନ ରହିଥିଲା। ଜନ୍ମ ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଇସିୟୁରେ ରହି ଚିକିତ୍ସିତ ହେଉଥିବାବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଛବିତା ଭଞ୍ଜନଗର ହସ୍ପିଟାଲରେ ଥିବାବେଳେ ଚିକିତ୍ସା ପାଇଁ ଅର୍ଥାଭାବ ଦେଖାଦେଇଥିଲା। ଏ ନେଇ ତାଙ୍କ ଭାଇ ଅରୁଣ ଟୁଇଟ୍ କରିଥିଲେ। ଏହାକୁ ଅଭିନେତା ସବ୍ୟସାଚୀ ମିଶ୍ର ଦେଖିବା ପରେ ଅରୁଣଙ୍କ ସହ ଯୋଗାଯୋଗ କରିଥିଲେ। ପରେ ସବ୍ୟସାଚୀ ଏକ ପ୍ରାଇଭେଟ୍ ଆମ୍ବୁଲାନ୍ସରେ ଛବିତାଙ୍କୁ ଭଞ୍ଜନଗର ମେଡିକାଲରୁ ଏସ୍‌ସିବି ମେଡିକାଲକୁ ଆଣିଥିଲେ।

# ବିଦେଶରେ ମିଳିବ 'କୋରାପୁଟ କଫି'

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଏଣିକି ଦେଶ ବିଦେଶରେ ମହକିବ କୋରାପୁଟର କଫି। ଜିଲାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉତ୍ପାଦନ ହେଉଥିବା 'କୋରାପୁଟ କଫି' ଦେଶ ବିଦେଶର କୋଣ ଅନୁକୋଣରେ ନିଜର ଉପସ୍ଥିତି ଜାହିର କରିବାକୁ ଯାଉଛି। ରାଜ୍ୟର କଫି ଚାଷୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ୍ କୋଅପରେଶନ ଅଫ୍ ଓଡ଼ିଶା ଲିମିଟେଡ୍ (ଟିଡିସିସିଓଏଲ)ର ପ୍ରୟାସରେ କୋରାପୁଟ କଫିର ବିକ୍ରିବଟା ପାଇଁ 'ଟାଟା କଫି' ସହମତି ପ୍ରକାଶ କରିଛି। ଏହାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇ ଟାଟା କଫି ପ୍ରଥମଥର ପାଇଁ ଓଡ଼ିଶାରୁ କଫି କ୍ରୟ କରିବାକୁ ଯାଉଛି।




- କ୍ରୟ, ବିକ୍ରି କରିବାକୁ 'ଟାଟା କଫି'ର ସହମତି
- କଫି ଚାଷୀ ସୁଲୋଚନା ଖରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚ ପ୍ରଶଂସା

କୋରାପୁଟରେ କଫି ଚାଷକୁ ବ୍ୟାପକ ତଥା ସମୃଦ୍ଧ କରିବାରେ କଫି ଚାଷୀଙ୍କ ଅବଦାନକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କସମପଦର ଗାଁର ସୁଲୋଚନା ଖରଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଲୋଚନା ଟିଡିସିସିଓଏଲକୁ ୨୦୦ କେଜିରୁ ଊର୍ଦ୍ଧ୍ୱ କଫି ଫଳ ବିକ୍ରି କରି ସଫଳ କଫି ଚାଷୀ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। 'କୋରାପୁଟ କଫି'ର ଚାହିଦା ପୂରଣରେ ତାଙ୍କପରି ଚାଷୀଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ। କଫି ଚାଷୀଙ୍କ ଆର୍ଥିକ-ସାମାଜିକ ଉନ୍ନତି ପାଇଁ ରାଜ୍ୟ ସରକାର କରୁଥିବା ପ୍ରୟାସରେ 'ଟାଟା କଫି'ର ସହଯୋଗ ସେମାନଙ୍କ କଲ୍ୟାଣରେ ସହାୟକ ହେବ। କୋଭିଡ୍ ସଙ୍କଟ ସମୟରେ ଆଦିବାସୀଙ୍କ ଜୀବନ ଜୀବିକା ସୁରକ୍ଷିତ କରିବାରେ ଏହା ବଡ଼ ଗୁରୁତ୍ୱ ବହନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କୋରାପୁଟ କଫି ଜରିଆରେ ଆଦିବାସୀଙ୍କ ଜୀବିକା ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ୨୦୨୧ ଜୁନ ସୁଦ୍ଧା ୩୦ହଜାର ପରିବାରକୁ ୪୬ହଜାର ଏକରର ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଇଛି। ୨୦୨୦-୨୧ରେ କୋରାପୁଟ ଜିଲାର ଲକ୍ଷ୍ମୀପୁର, କାଶିପୁର, ଦଶମନ୍ତପୁର, ନନ୍ଦପୁର, ଲମତାପୁଟ, କୋରାପୁଟ ଓ ପଟ୍ଟାଙ୍ଗି ବ୍ଲକର ୧୯୩ଜଣ ଆଦିବାସୀ କଫି ଚାଷୀଙ୍କଠାରୁ ଟିଡିସିସିଓଏଲ ୨୮,୭୯୦ କେଜି କଫି ଚେରୀ ସଂଗ୍ରହ କରିଛି। ୨୦୨୧-୨୨ ବର୍ଷରେ ଅଧିକ ୮୦ ହେକ୍ଟର ଜମିରେ କଫି ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ଚଳିତବର୍ଷ କଫି ଉତ୍ପାଦନକାରୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଥିବାରୁ ଗତବର୍ଷଅପେକ୍ଷା ଅଧିକ କଫି ଉତ୍ପାଦନ ହେବ ବୋଲି ଆଶା ରଖାଯାଇଛି।

ଧରିତ୍ରୀ DHARITRI | GUPTA DISTRIBUTORS
ଅତୁଟ ବନ୍ଧନ...
Rakhi message contest
In association with RUCHI FOODLINE | PANDA TRAVEL MART | Panasonic
WIN BIG
Loaded with 60 Attractive Prizes
15 Gold Coins & 30 Silver Coins to be won
Cut the Coupon & Send it to :- Dharitri, B-15, Industrial Estate, Rasulgarh, Bhubaneswar-751010
or
Click the photo of the filled message & send it to : - Whatsapp 78944 47155 rakhimessagecontest@dharitri.com
ଆମର ପ୍ରିୟ ପାଠିକା/ପାଠକ । 'ରାକ୍ଷୀ ପୂର୍ଣ୍ଣିମା' ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ହେଉଛି ଏକ ସ୍ୱତନ୍ତ୍ର ବାର୍ତ୍ତା 'ପ୍ରତିଯୋଗିତା' । ସୃଜନଶୀଳ ତଥା ଭାବନାତ୍ମକ ଏବଂ ଚାତୁର୍ଯ୍ୟ ଥିବା ବାର୍ତ୍ତାକୁ ପୁରସ୍କାର ଲାଗି ଅଗ୍ରାଧିକାର ମିଳିବ । ଆପଣଙ୍କ ବାର୍ତ୍ତା ୪୦ଟି ଶବ୍ଦ ଭିତରେ ସୀମିତ ରହିବା ଆବଶ୍ୟକ । ନିଜ ନାମ, ଯୋଗାଯୋଗ ଠିକଣା ଓ ମୋବାଇଲ୍ ନମ୍ବର ସ୍ପଷ୍ଟ ହସ୍ତାକ୍ଷରରେ ଉଲ୍ଲେଖ ରହିବା ଜରୁରୀ । ବାର୍ତ୍ତା ପହଞ୍ଚିବାର ଶେଷ ତାରିଖ ୨୦ ଅଗଷ୍ଟ ୨୦୨୧ । ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ ।
MESSAGE COUPON
ବାର୍ତ୍ତା : ..........
ନାମ.............................., ବୟସ..........
ଠିକଣା..............................
..............................ମୋବାଇଲ୍..............................
"BASIC T & Cs" : *T & C Apply
The Dharitri Management reserves the right to decide on the qualification and basis for winning messeges.

# କେକେବିଏନ୍ ସଦସ୍ୟା କାନ୍ତିଙ୍କ ଆତ୍ମସମର୍ପଣ

ଫୁଲବାଣୀ ଅଫିସ, ୮।୮

କନ୍ଧମାଳ ଜିଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ଜାରି ରହିଛି। ସେମାନେ ନିଜ ଚିନ୍ତାଧାରାରୁ ବିରତ ରହୁଛନ୍ତି। କନ୍ଧମାଳ-କଳାହାଣ୍ଡି-ବୌଦ୍ଧ -ନୟାଗଡ଼ (କେକେବିଏନ୍) ଡିଭିଜନର ଜଣେ ସଦସ୍ୟା ସଙ୍ଗଠନର ଏତାଦୃଶ କାର୍ଯ୍ୟରେ ଅତିଷ୍ଠ ହୋଇ କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ବାଲିଗୁଡା ବ୍ଲକ କୁଟିକିଆ ପଞ୍ଚାୟତ ଗଙ୍ଗାରାଙ୍ଗା ଗ୍ରାମର କାନ୍ତି ମଲ୍ଲିକ ଓରଫ ଅମିତା।

କାନ୍ତି କହିଛନ୍ତି, ୨୦୧୮ରେ କେକେବିଏନ୍ ଡିଭିଜନ ତାଙ୍କୁ ସଙ୍ଗଠନରେ ସାମିଲ କରିଥିଲା। ତାଙ୍କୁ ପାର୍ଟି ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଥିଲା। କାନ୍ତି କନ୍ଧମାଳ ଜିଲାରେ ବହୁ ମାଓବାଦୀ କାର୍ଯ୍ୟକଳାପରେ ସାମିଲ ଥିଲେ। ଅନେକ ସମୟରେ ସେ ଉପରିସ୍ଥ କାର୍ଯ୍ୟକର୍ତ୍ତାଙ୍କ ବ୍ୟବହାରରେ ଅତିଷ୍ଠ ହୋଇଥିଲେ। କେକେବିଏନ୍ ଡିଭିଜନର ନେତୃତ୍ୱ ନେଉଥିବା ଛତିଶଗଡ ଏବଂ ତେଲଗୁ ଅଧିକାରୀଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ। ମାଓବାଦୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ମାଓବାଦୀ ଥଇଥାନ ଯୋଜନାରେ ଆକୃଷ୍ଟ ହୋଇ କାନ୍ତି ଆତ୍ମସମର୍ପଣ କରିଛନ୍ତି।

DAYANAND INSTITUTE
Dhanupali, Sambalpur- 768005
Helpline- 9114338817, 9938895475, 9437158817
ADMISSION NOTICE
NTT- 1year regular and correspondence course
Eligibility- +2 & Above (Only Ladies)
B. Ed- NCTE Approved (2 years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
M.A. IN YOGA- Affiliated Utkal University of Culture, BBSR
Eligibility- Any Graduate
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
OFFICE TIME 8AM TO 1PM
Please visit at – dayanandgroupofinstitution.co.in

JOB OPPORTUNITIES
HS POWER PROJECTS PVT. LTD. (BA of TPWODL) is currently looking for the following candidates to work for Operations Maintenance & Meter Installations of the Bargarh District.

| Sl. No. | Post | Minimum Qualification | Minimum Experience |
|---|---|---|---|
| 1 | Supervisor | Diploma/Degree in Electrical with Supervisor licence | 2 years experience from Discom Sector |
| 2 | Lineman | ITI with MV licence | 2 years experience from Discom Sector |
| 3 | Helper | 10th | 2 years & having knowledge of Discom Sector |
| 4 | KPO | Graduation & PGDCA | 2 years of Excel, Word & Power Point |

Interested candidates may apply for the above positions and send their resume to the following e-mail IDs latest by 15th Aug' 2021
E-mail: hsp.tpwodl2021@gmail.com
Add: Duplex No.8, Balaji City, Old NH-6, Near Ganapati Hotel, Bargarh, Pin-768028

STATE INSTITUTE OF HOTEL MANAGEMENT, BALANGIR
SIHM
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
SPOT ADMISSION OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2021 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9437140772, 6370180040, 8249697369, 9348849484

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ଖେଳରେ ଜାତି

ଅଗଷ୍ଟ ୮, ୨୦୨୧ରେ ସବୁ ଭାରତୀୟ ଖବରକାଗଜର ଶିରୋନାମାରେ ନୀରଜ ଚୋପ୍ରା ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲେ। ରାଜନେତା ଆସନ୍ତି ଓ ଯାଆନ୍ତି। ପରବର୍ତ୍ତୀ ପିଢ଼ିକୁ ଇତିହାସ ବହିର ପୃଷ୍ଠା ଖେଳାଇବାକୁ ପଡ଼େ ସେମାନଙ୍କ ନାମ ଜାଣିବା ପାଇଁ। କିନ୍ତୁ ଭାରତରେ ଗୋଟେ ଅଭିନବ ବିନ୍ଦ୍ରା ଓ ଗୋଟେ ନୀରଜ ଚୋପ୍ରାଙ୍କ ଭଳି ବ୍ୟକ୍ତିବିଶେଷଙ୍କୁ କେହି ପରିଚିତ କରାଇବାର ପ୍ରୟୋଜନ ଉଠିବ ନାହିଁ। ପୃଥିବୀର ସର୍ବୋଚ୍ଚ ଖେଳ ପ୍ରତିଯୋଗିତା–ଅଲିମ୍ପିକ୍ସ–ରେ ନୀରଜଙ୍କ ଅବଦାନ ଦେଶର ଯୁବପିଢ଼ି ସକାଶେ ଉତ୍ସାହ ଆଣିଦେଇଛି। ତେବେ ଦୁଃଖର ବିଷୟ ହେଉଛି, ଭାରତ ସରକାରଙ୍କ ୨୦୨୧–୨୨ କେନ୍ଦ୍ରୀୟ ବଜେଟରେ କ୍ରୀଡ଼ା ଲାଗି ପୂର୍ବ ବର୍ଷଠାରୁ ଏ ବର୍ଷ ୨୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହ୍ରାସ କରିଦିଆଯାଇଛି। ଅନ୍ୟପଟେ ନୀରଜ ଚୋପ୍ରାଙ୍କ ଘର ହରିୟାଣାରେ ହୋଇଥିବାରୁ ସେଠାକାର ସରକାର ତାଙ୍କୁ ୬ କୋଟି ଟଙ୍କାର ଉପହାର ଓ ସରକାରୀ ଚାକିରି ଆଦି ଯାଚିବା ଅତ୍ୟନ୍ତ ହାସ୍ୟାସ୍ପଦ କଥା। ହୁଏତ ହରିୟାଣା ସରକାରଙ୍କ ଏହିଭଳି ସୁବିଧା ତାଙ୍କୁ ପୂର୍ବରୁ ଦିଆଯାଇଥିଲେ ନୀରଜଙ୍କୁ ଓଡ଼ିଶା ଆସି ଅଭ୍ୟାସ କରିବାକୁ ପଡ଼ି ନ ଥାନ୍ତା। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ମହିଳା ହକି ଖେଳାଳିଙ୍କୁ ଆଉ ଅଧିକ କାନ୍ଦ ନାହିଁ ବୋଲି କହିଲା ବେଳକୁ ଭାବିବା ଉଚିତ ଥିଲା ଯେ ଏହିଭଳି ପ୍ରୋତ୍ସାହନ ଖେଳ ପୂର୍ବରୁ ଦିଆଯାଇପାରି ଥାଆନ୍ତା। ଅବଶ୍ୟ ପ୍ରଧାନମନ୍ତ୍ରୀଙ୍କୁ ଅନ୍ୟ ଏକ ନିଷ୍ପତ୍ତି ପାଇଁ ପ୍ରଶଂସା ଜଣାଇବାକୁ ହେବ। ରାଜୀବ ଗାନ୍ଧୀ ଖେଳରତ୍ନ ଉପାଧିର ନାମ ବଦଳାଇ ଧ୍ୟାନଚାନ୍ଦ ଖେଳରତ୍ନ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସମଗ୍ର ଦେଶକୁ ଦେଖିଲେ ସବୁଠାରେ ବ୍ୟବସାୟୀ, ରାଜନେତା ଏବଂ ଅନ୍ୟ କେତେକ ଟାଉଟର ବିଭିନ୍ନ କ୍ରୀଡ଼ା ସଙ୍ଗଠନକୁ ଦୀର୍ଘକାଳ ମାଡ଼ି ବସିଛନ୍ତି। ଏହିଭଳି ବ୍ୟକ୍ତିଙ୍କ ପ୍ରଭାବ ହ୍ରାସ କରିବା ସହିତ ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେବା ଲାଗି ଖେଳ ଓ ତତ୍‌ସହିତ ଜଡ଼ିତ ସଙ୍ଗଠନ ଏବଂ ଭିତ୍ତିଭୂମିଗୁଡ଼ିକର ନାମ କେବଳ ସ୍ଥାନୀୟ ଖେଳାଳିଙ୍କ ନାମରେ ନାମିତ ହେବା ଉଚିତ। ଯଦି ଆଲ୍ଲାହାବାଦ ନାମକୁ ପ୍ରୟାଗରାଜ କରାଯାଇପାରିଲା, ଅହମ୍ମଦାବାଦକୁ ଆମ୍‌ଡାବାଦ୍ କରାଗଲା, ସେହିଭଳି ଗୁଜରାଟର ମୋଟେରାସ୍ଥିତ ଷ୍ଟାଡିୟମ ସହିତ ଦିଲ୍ଲୀର ପୁରାତନ ଫିରୋଜ ଶାହା କୋଟ୍‌ଲାର ନାମ କୌଣସି ରାଜନେତାଙ୍କ ନାମରେ ନାମିତ ହେବା ଉଚିତ ନୁହେଁ।

ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲେ ଦେଶରେ ଖେଳାଳି ଉତ୍ସାହିତ ହେବେ। ଭାରତର ସହରାଞ୍ଚଳରେ ରହୁଥିବା ଧନୀ ପରିବାରର ଯୁବପିଢ଼ି ଦେଶ ପାଇଁ କ୍ରୀଡ଼ାରେ କୌଣସି ନାମ ଅର୍ଜନ କରିଥିବାର କ୍ୱଚିତ ଉଦାହରଣ ଥିବ। ଅପରପକ୍ଷରେ ମନେରଖିବାକୁ ହେବ ଯେ, ଆମ ଦେଶର ଗରିବ ଓ ଅନୁନ୍ନତ ପରିବାରରୁ ଆସୁଥିବା ପିଲାମାନେ ମୁଖ୍ୟତଃ କ୍ରୀଡ଼ାରେ ନାମ ଅର୍ଜନ କରୁଛନ୍ତି। ସେମାନଙ୍କୁ କେଉଁଭଳି ବ୍ୟବହାର ଭାରତୀୟ ସମାଜ ପ୍ରଦର୍ଶନ କରେ ତାହାର ଏକ କୁତ୍ସିତ ଉଦାହରଣ ମହିଳା ହକି ଖେଳାଳି ବନ୍ଦନା କାଟାରିଆଙ୍କ ଘଟଣାରେ ଦେଖିବାକୁ ମିଳେ। ଭାରତୀୟ ମହିଳା ହକି ଦଳ ସେମିଫାଇନାଲରେ ହାରିବା ପରେ ଉତ୍ତରପ୍ରଦେଶର ହରିଦ୍ୱାରରେ ଏକ ଗରିବ ଓ ଦଳିତ ପରିବାରରେ ଜନ୍ମିତ ହକି ଖେଳାଳି ବନ୍ଦନାଙ୍କ ଘର ଚାରିପଟେ ଉଚ୍ଚଜାତିର ଲୋକମାନେ ହୋହଲ୍ଲା କରିଥିବା ଖବର ମିଳିଛି। ଟିମ୍‌ରେ ଦଳିତ, ଜନଜାତି ଓ ସଂଖ୍ୟାଲଘୁମାନଙ୍କୁ ସ୍ଥାନ ଦିଆଯାଉଥିବାରୁ ଏଭଳି ଘଟୁଛି ବୋଲି ସେମାନେ କହିଥିଲେ। ବାସ୍ତବରେ ଯେଉଁମାନେ ଏପରି ଅଶୋଭନୀୟ ମନ୍ତବ୍ୟ ଦେଇଥିଲେ ସେମାନଙ୍କ ପରିବାରରୁ କେହି କେବେ ଆଞ୍ଚଳିକ ସ୍ତରର ଖେଳ ପାଇଁ ଯୋଗ୍ୟତା ଅର୍ଜନ କରି ନ ଥିବେ ବୋଲି କୁହାଯାଇପାରେ। କାରଣ ଖେଳୁଆଡ଼ ମନୋଭାବରେ ବିଶ୍ୱାସୀ କୌଣସି ବ୍ୟକ୍ତି ଏପରି ମନ୍ତବ୍ୟ ଦେଇ ନ ଥାନ୍ତି।

ବନ୍ଦନା ଭାରତୀୟ ମହିଳା ହକିର ଜଣେ ଉଚ୍ଚକୋଟୀର ଡିଫେଣ୍ଡର ଭାବେ ଜଣାଶୁଣା। ଭାରତୀୟ ହକିକୁ ଉଚ୍ଚ ସ୍ଥାନକୁ ନେବା ପାଇଁ ସେ କରିଥିବା ଅବଦାନକୁ ଏଭଳି ଅସହିଷ୍ଣୁ ଲୋକମାନେ ବୁଝିବାକୁ ଅକ୍ଷମ। ଅଲିମ୍ପିକ୍ସ ପାଇଁ ଅଭ୍ୟାସ ସମୟରେ କରୋନା ଲାଗି ପ୍ରତିଷେଧକ ଭାବେ କରାଯାଇଥିବା ବ୍ୟବସ୍ଥା ବାୟୋ ବବ୍‌ଲ ମଧ୍ୟରେ ବନ୍ଦନା ଥିଲେ। ଅଲିମ୍ପିକ୍ସ କମିଟିର ନିୟମ ଅନୁଯାୟୀ ସେ ୩ ମାସ ଘରକୁ ଯାଇପାରି ନ ଥିଲେ। ଏହି ସମୟରେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଥିଲା। ତଥାପି କ୍ରୀଡ଼ା ପ୍ରତି ନିଷ୍ଠା ରଖି ସେ ଖେଳି ଭାରତକୁ ସେମିଫାଇନାଲ ସ୍ତରକୁ ନେବାରେ ସହଯୋଗ କରିଥିଲେ। ଏଭଳି ସ୍ଥଳେ ଉଚ୍ଚଜାତିର ଲୋକମାନେ ତାଙ୍କୁ ସମାଲୋଚନା କରିବା ଅତ୍ୟନ୍ତ ଅରୁଚିକର ମନେହେଉଛି। କେବଳ ଅରୁଚିକର ନୁହେଁ, ଏହା ଭାରତୀୟ ସମାଜ ଭିତରେ ଥିବା ଏକ ବିକୃତ ରୋଗକୁ ପଦାରେ ପକାଇଛି। ବିଧିବଦ୍ଧ ଭାବେ ଏହି ରୋଗର ଚିକିତ୍ସା କରାଯିବାର ଆବଶ୍ୟକତା, ଏବେ, ହଠାତ୍ ଉଠିଛି। ସମସ୍ତେ ସ୍ୱୀକାର କରିବେ ଯେ, ଭାରତର ଜାତିଆଣ ମନୋଭାବ ଦୀର୍ଘକାଳ ରହିଆସିଛି। କିନ୍ତୁ ନିକଟ ଅତୀତରେ ତାହା ପଛରେ ରାଜନୈତିକ ପ୍ରୋତ୍ସାହନ ଅଧିକ ସ୍ପଷ୍ଟ ବୁଝାପଡୁଛି। ଏହି କୁତ୍ସିତ ରାଜନୈତିକ ଚିନ୍ତାଧାରା ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜକୁ ଜାତି ଓ ଧର୍ମଗତ ବିଭାଜନ କରି ବୁଡ଼ାଇ ମାରିଦେବାକୁ ଚେଷ୍ଟା କରୁଛି। ତାହାର ପ୍ରତିକାର ନିଶ୍ଚିତ ଭାବେ ଅଛି। ଉଦାହରଣ ସ୍ୱରୂପ, ପୁନର୍ବାର ବନ୍ଦନାଙ୍କ ପରିବାରକୁ ହଇରାଣ କରୁଥିବା ଉଚ୍ଚଜାତିର ଲୋକମାନେ ଖସିଯିବା ଉଚିତ ନୁହେଁ। ବାସ୍ତବରେ ସେହିମାନେ ହେଉଛନ୍ତି ଦେଶଦ୍ରୋହୀ। ଭାରତ ହାରିଲେ ଯେଉଁମାନେ ଖୁସି ମନାଉଛନ୍ତି, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ସେହିମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ଦଫା '୧୨୪ ଏ' ଲଗାଯାଇ ଦେଶଦ୍ରୋହ ମାମଲା ରୁଜୁ କରାଯିବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୯ ଅଗଷ୍ଟ ୧୯୯୬

- ଏକାଧିକ କୋଟି ଟଙ୍କା ହାୱାଲା ମାମଲାର ଅନ୍ୟତମ ସନ୍ଦିଗ୍ଧ ଆସାମୀ ଅମୀର ଭାଇଙ୍କୁ ହଂକଂର ଏକ ଅଦାଲତ ହଂକଂ ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି।
- ଆମେରିକା ଓ ଚୀନ ମଧ୍ୟରେ ବୁଝାମଣା ରାଜିନାମା ପରେ ବ୍ୟାପକ ଆଣବିକ ପରୀକ୍ଷା ନିଷେଧ ଚୁକ୍ତି (ସିଟିବିଟି)ର ଚୂଡ଼ାନ୍ତ ଚିଠାକୁ ଚୀନ ପରିଶେଷରେ ଗ୍ରହଣ କରିଛି।
- ଟି.ଆର୍. ଅନ୍ଧ୍ୟାରୁଜିନାଙ୍କୁ ଭାରତର ସଲିସିଟର ଜେନେରାଲ ଭାବେ ନିଯୁକ୍ତି ଦିଆଯାଇଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 7 | | | 6 | | | |
| | | | | | 7 | | 5 | |
| | 2 | | | | | | | |
| | | | | 9 | 8 | 4 | | 1 |
| | | 8 | | | | | | 3 |
| 7 | 4 | | | | | 6 | | |
| 1 | 6 | | | 5 | | | 9 | |
| | | 4 | | | | | 6 | |
| | | | | | | 7 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 3 | 7 | 9 | 2 | 5 | 1 |
| 5 | 2 | 3 | 4 | 1 | 6 | 8 | 7 | 9 |
| 1 | 7 | 9 | 5 | 2 | 8 | 3 | 4 | 6 |
| 7 | 1 | 6 | 9 | 3 | 4 | 5 | 8 | 2 |
| 9 | 8 | 5 | 7 | 6 | 2 | 4 | 1 | 3 |
| 4 | 3 | 2 | 1 | 8 | 5 | 9 | 6 | 7 |
| 2 | 4 | 1 | 8 | 9 | 7 | 6 | 3 | 5 |
| 6 | 5 | 7 | 2 | 4 | 3 | 1 | 9 | 8 |
| 3 | 9 | 8 | 6 | 5 | 1 | 7 | 2 | 4 |

ଗତକାଲିର ଉତ୍ତର

# ଆଦିବାସୀଙ୍କ ଅଧିକାର କେତେ ସୁରକ୍ଷିତ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଆଦିବାସୀ ହେଉଛନ୍ତି ଆମ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୩୭ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ଆମ ଦେଶର ଜନସଂଖ୍ୟାର ପ୍ରାୟ ୮ ଭାଗ ହେଉଛନ୍ତି ଆଦିବାସୀ। ଆମ ରାଜ୍ୟର ବି ପ୍ରତି ଚାରି ଜଣରେ ଜଣେ ଅର୍ଥାତ୍ ପ୍ରାୟ ଏକଚତୁର୍ଥାଂଶ (୨୦୧୧ ଜନଗଣନା ଅନୁଯାୟୀ ୨୨.୮୫%) ଜନସଂଖ୍ୟା ହେଉଛନ୍ତି ଆଦିବାସୀ, ଯାହାକି ଦେଶର ମୋଟ ଆଦିବାସୀଙ୍କ ୯.୧୭%। ଯଦିଓ ରାଜ୍ୟରେ ସରକାରୀ ଭାବେ ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କୁ ହିଁ ଅନୁସୂଚିତ ଜନଜାତିର ସ୍ୱୀକୃତି ଦିଆଯାଇଛି। ଏମାନଙ୍କ ବ୍ୟତୀତ ମାଲକାନଗିରିର କୋଣ୍ଡାଦୋରା, ଗଜପତିର ଶୁଦ୍ଧ ଶବର, ରାୟଗଡ଼ାର ଝୋଡ଼ିଆ, ଅନୁଗୋଳର କାନ୍ଧିଆ ପରି ଆହୁରି ଅନେକ ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି, ଯେଉଁମାନେ ଆଜିଯାଏ ଆଦିବାସୀ ରୂପେ ସରକାରୀ ସ୍ୱୀକୃତି ପାଇପାରି ନାହାନ୍ତି।

ସାମ୍ରାଜ୍ୟବାଦୀ ବିକାଶର ବିପଜ୍ଜନକ ଅଭିଯାନ ଆଦିବାସୀଙ୍କ ଜଙ୍ଗଲ ଓ ପରିବେଶକୁ ଧ୍ୱଂସ କରି ସେମାନଙ୍କୁ ଉଦ୍‌ବାସ୍ତୁ କରିବାରେ ଲାଗିଥିବା ବେଳେ ସେମାନଙ୍କ ପ୍ରକୃତିକେନ୍ଦ୍ରିକ ସଂସ୍କୃତି, ଭାଷା ଓ ଧର୍ମ ଆଜି ସଙ୍କଟର ସମ୍ମୁଖୀନ ହୋଇଛି। ଆଣ୍ଡାମାନର ଜାରୱା, ଓଡ଼ିଶାର ମାଙ୍କଡ଼ିଆଙ୍କ ପରି ବିଶ୍ୱରେ ଅନେକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ଭାଷା ଧୀରେଧୀରେ ବିଲୁପ୍ତ ହେବାରେ ଲାଗିଛି। ବିଶ୍ୱରେ ଆଦିବାସୀମାନଙ୍କ ଏହି ସଙ୍କଟମୟ ସ୍ଥିତିକୁ ହିଁ ଲକ୍ଷ୍ୟ କରି ମିଳିତ ଜାତିସଂଘ ୧୯୯୪ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ବା ଆଦିମ ଜନଜାତି ଦିବସ ରୂପେ ପାଳନ କରିଆସୁଛି।

ପ୍ରଥମେ ସାମନ୍ତବାଦୀ ବ୍ୟବସ୍ଥାରେ ଆଦିବାସୀମାନେ ରାଜା ଓ ଜମିଦାରଙ୍କ ଦ୍ୱାରା ଶୋଷିତ ତଥା ଅତ୍ୟାଚାରିତ ହୋଇ ଆସିଥିଲେ। ତେବେ ବ୍ରିଟିଶ୍‌ମାନଙ୍କ ଆଗମନ ପରେ ସେମାନଙ୍କ ଉପରେ ଶୋଷଣ ଓ ଅତ୍ୟାଚାରର ମାତ୍ରା ବହୁଗୁଣରେ ବଢ଼ିଯାଇଥିଲା। ଦେଶର ବିଶାଳ ଜଙ୍ଗଲ ସମ୍ପଦକୁ ଲୁଟ୍ କରିବା ଲକ୍ଷ୍ୟରେ ବ୍ରିଟିଶ୍‌ମାନେ ହିଁ ସର୍ବପ୍ରଥମେ ୧୮୬୫ରେ ଜଙ୍ଗଲ ବିଭାଗ ଗଠନ କରି ଆଦିବାସୀମାନଙ୍କୁ ଜଙ୍ଗଲ ଉପରେ ଥିବା ସେମାନଙ୍କ ପାରମ୍ପରିକ ଅଧିକାରରୁ ବଞ୍ଚିତ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୮୯୪ର ଔପନିବେଶିକ ଜମି ଅଧିଗ୍ରହଣ ଆଇନ 'ବିକାଶ'ର ନାଁରେ ଆଦିବାସୀଙ୍କୁ ସେମାନଙ୍କ ଭିଟାମାଟିରୁ ବଳପୂର୍ବକ ଉଦ୍‌ବାସ୍ତୁ କରିବାର ବାଟ ଖୋଲିଥିଲା। ଆଦିବାସୀ ଅଞ୍ଚଳଗୁଡ଼ିକୁ ନିଜର ଆଇନଗତ ଓ ପ୍ରଶାସନିକ ନିୟନ୍ତ୍ରଣ ଭିତରକୁ ଆଣିବାକୁ ବ୍ରିଟିଶ୍‌ମାନେ ଅତ୍ୟନ୍ତ ସୁନିୟୋଜିତ ଭାବେ ସମତଳ ଅଞ୍ଚଳରୁ ବହୁସଂଖ୍ୟାରେ ଅଣଆଦିବାସୀ ସମ୍ପ୍ରଦାୟର ସାହୁକାର ଏବଂ ସୁଧଖୋର ମହାଜନ ଓ କର୍ମଚାରୀମାନଙ୍କୁ ଆଦିବାସୀ ବହୁଳ ଅଞ୍ଚଳରେ ଅନୁପ୍ରବେଶର ବ୍ୟବସ୍ଥା କରିଥିଲେ। ଏହାଦ୍ୱାରା ସେମାନଙ୍କ ଉପରେ ଶୋଷଣ ତଥା ଅତ୍ୟାଚାରର ମାତ୍ରା ବୃଦ୍ଧି ପାଇଯାଇଥିଲା।

ଦେଶର ମୁଖ୍ୟଭୂମିରେ ବିଧିବଦ୍ଧ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହେବାର ଅନେକ ପୂର୍ବରୁ ଔପନିବେଶିକ ଶାସନ ବିରୋଧରେ ଆଦିବାସୀମାନଙ୍କ ସଶସ୍ତ୍ର ବିଦ୍ରୋହ ଆରମ୍ଭ ହୋଇଯାଇଥିଲା। ଜମି ଓ ଜଙ୍ଗଲ ଉପରେ ଥିବା ପାରମ୍ପରିକ ଅଧିକାରର ସୁରକ୍ଷା ପାଇଁ ୧୮୦୮ ରୁ ୧୯୪୨ ମଧ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରେ ତିଲକା ମାଝୀ, ବୀରସା ମୁଣ୍ଡା, ସିଦ୍ଧୁ–କାନ୍ହୁ, ଆଲ୍ଲୁରୀ ସୀତାରାମ ରାଜୁ, କୋମରାମ୍ ଭୀମ୍, ଚକରା ବିଷୋୟୀ, ରିନ୍ଦୋ ମାଝୀ, ଲକ୍ଷ୍ମଣ ନାୟକ, ଧରଣୀଧର ଭୂୟାଁଙ୍କ ପରି ଅନେକ ଆଦିବାସୀ ଯୋଦ୍ଧାଙ୍କ ନେତୃତ୍ୱରେ ଆଦିବାସୀମାନଙ୍କ ବଡ଼ ବଡ଼ ବିଦ୍ରୋହ ସବୁ ସଙ୍ଗଠିତ ହୋଇଥିଲା। ଏସବୁ ଆନ୍ଦୋଳନଗୁଡ଼ିକରେ ଲକ୍ଷ ଲକ୍ଷ ସଂଖ୍ୟାରେ ଆଦିବାସୀ ବୀରତ୍ୱର ସହ ଭାଗ ନେଇ ପ୍ରାଣବଳୀ ଦେଇଥିଲେ।

### ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ

ଦେଶର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ବିପୁଳ ତ୍ୟାଗ ଓ ବଳିଦାନ ସତ୍ତ୍ୱେ ୧୯୪୭ରେ ବ୍ରିଟିଶ୍‌ମାନେ ଯିବା ପରେ ବି ତଥାକଥିତ ଦେଶୀ ଶାସନରେ ସେମାନଙ୍କ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଦେଖିବାକୁ ମିଳିଲାନି। ବ୍ରିଟିଶ୍‌ମାନଙ୍କ ଦ୍ୱାରା ଅପହୃତ ସେମାନଙ୍କ ଜଙ୍ଗଲ ଅଧିକାର ତ ଫେରିଲାନି, ବରଂ ତାକୁ ଆହୁରି କଡ଼ାକଡ଼ି କରାଗଲା। ଏପରିକି ଆଦିବାସୀଙ୍କ ଦୀର୍ଘ ଲଢ଼େଇର ଫଳସ୍ୱରୂପ ସରକାର କରିଥିବା ଜଙ୍ଗଲ ଅଧିକାର ଆଇନ–୨୦୦୬ ଆଦିବାସୀମାନଙ୍କୁ ଜଙ୍ଗଲ ଉପରେ ପୂର୍ଣ୍ଣ ଅଧିକାର ଦେବାରେ ବିଫଳ ହେଲା। ଆଇନ ମୁତାବକ ଜଙ୍ଗଲ ଜମିରେ ଚାଷବାସ କରି ରହୁଥିବା ଆଦିବାସୀଙ୍କ ଗୋଷ୍ଠୀଗତ ଓ ପ୍ରାକୃତିକ ବାସସ୍ଥାନ (ହେବିଟାଟ୍) ଅଧିକାରକୁ ବହୁତ କମ୍ ସ୍ୱୀକୃତି ଦିଆଯାଉଥିବା ପ୍ରାୟତଃ ବ୍ୟକ୍ତିଗତ ଅଧିକାରକୁ ହିଁ ତାହା ବି ଖଣ୍ଡିତ ଭାବେ ସ୍ୱୀକୃତି ଦିଆଯାଉଛି। ଫଳସ୍ୱରୂପ ଜଙ୍ଗଲ ଉପରେ ପୂର୍ଣ୍ଣ ଅଧିକାରରୁ ବଞ୍ଚିତ ଆଦିବାସୀମାନେ ପୂର୍ବ ଭଳି ଜଙ୍ଗଲ ବିଭାଗ ଦ୍ୱାରା ଶୋଷଣ ତଥା ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି।

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଅମଳରେ କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ଗୋଟିଏ ପଟେ ଅଧିକାରରୁ ବଞ୍ଚିତ ଲକ୍ଷ ଲକ୍ଷ ଆଦିବାସୀ ପରିବାରକୁ ଜଙ୍ଗଲରୁ ଉଚ୍ଛେଦ କରିବାକୁ ଚେଷ୍ଟା ସହ ସଂଶୋଧନ ଜରିଆରେ ଏହି ଐତିହାସିକ ଆଇନକୁ ଦୁର୍ବଳ କରିବାକୁ ମଧ ଷଡ଼ଯନ୍ତ୍ର ଚାଲିଛି। ମୋଦି ସରକାରଙ୍କ କ୍ଷତିପୂରଣକାରୀ ବନୀକରଣ (କାମ୍ପା) ଆଇନ, କମ୍ପାନୀଗୁଡ଼ିକ ବିକାଶ ନାଁରେ ଶିଳ୍ପ, ଖଣି ଓ ନଦୀବନ୍ଧ ପାଇଁ କରୁଥିବା ଜଙ୍ଗଲ ନଷ୍ଟକୁ ସ୍ୱୀକୃତି ଦେଉଥିବା ବେଳେ ତା'ର ତଥାକଥିତ ଭରଣା ଆଦିବାସୀଙ୍କ ଦଖଲରେ ଥିବା ଜମିରେ ବଳପୂର୍ବକ ଗଛ ଲଗାଇ ସେମାନଙ୍କୁ ଅଧିକାରରୁ ବଞ୍ଚିତ କରାଯାଉଛି। ସେହିପରି ଭାରତୀୟ ଜଙ୍ଗଲ ଆଇନ–୧୯୨୭ରେ ସଂଶୋଧନ କରି ଜଙ୍ଗଲ ବିଭାଗକୁ ଅସୀମିତ କ୍ଷମତା ପ୍ରଦାନ କରିବାକୁ ଚେଷ୍ଟା ଚାଲିଛି। କର୍ପୋରେଟ୍‌ମାନଙ୍କୁ ଜଙ୍ଗଲ ଜମିର ହସ୍ତାନ୍ତରକୁ ସହଜ କରିବାକୁ ପରିବେଶ ଆଇନରେ ବି ସଂଶୋଧନ କରି ଅଧ୍ୟାଦେଶ ଆଣିଛନ୍ତି।

ବିକାଶ ନାଁରେ ଦେଶରେ ଯେତେସବୁ ବଡ଼ବଡ଼ ନଦୀବନ୍ଧ, ଶିଳ୍ପ ଓ ଖଣି ପ୍ରକଳ୍ପ ହୋଇଛି, ତା'ର ଲାଭ ଅନ୍ୟମାନେ ପାଇଥିବା ବେଳେ ଆଦିବାସୀମାନଙ୍କ ଭାଗ୍ୟରେ କେବଳ ବିସ୍ଥାପନ ହିଁ ପଡ଼ିଛି। ଯଦିଓ ସେମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ମାତ୍ର ୮%, ଅଥଚ ଦେଶର ମୋଟ ବିସ୍ଥାପିତଙ୍କ ଅଧାରୁ ଅଧିକ ଆଦିବାସୀ ରହିଛନ୍ତି। ବିକାଶ ନାଁରେ ସେମାନଙ୍କୁ ଉପଯୁକ୍ତ, ଯଥାପୂର୍ବରୁ ଏବଂ ଯଥେଷ୍ଟ କ୍ଷତିପୂରଣ ବିନା ଭିଟାମାଟିରୁ ବଳପୂର୍ବକ ଉଚ୍ଛେଦ କରାଯାଉଛି। ଏବେବି ଦେଶର ବିଶେଷକରି ଓଡ଼ିଶାର ଅଧିକାଂଶ ଆଦିବାସୀ ଉତ୍କଟ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ରାଜ୍ୟର ୯୫% ଆଦିବାସୀ ମହିଳା ଓ ୬୫% ଆଦିବାସୀ ଶିଶୁ ରକ୍ତହୀନତା ଓ ଅପପୁଷ୍ଟିର ଶିକାର ଅଟନ୍ତି। ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ପିଇବା ପାଣି, ବିଦ୍ୟୁତ୍ ଆଦି ସର୍ବନିମ୍ନ ମୌଳିକ ସୁବିଧା ଏକରକମ ସ୍ୱପ୍ନ ହୋଇ ରହିଛି। ନିରକ୍ଷରତା, ଅଧାରୁ ପାଠଛଡ଼ା, ଅପପୁଷ୍ଟି, ଅନାହାର, ରକ୍ତହୀନତା ଆଦିର ହାରଟି ଆଦିବାସୀଙ୍କ କ୍ଷେତ୍ରରେ ଅପେକ୍ଷାକୃତ ବେଶି। ୧୯୫୦ରେ ଦେଶର ଅଧିକାଂଶ ଆଦିବାସୀ ଅଞ୍ଚଳକୁ ସମ୍ବିଧାନର ୫ମ ଓ ୬ଷ୍ଠ ଅନୁଚ୍ଛେଦରେ ସାମିଲ କରାଯାଇଥିଲେ ମଧ ଆଜି ବି ଅନେକ ଆଦିବାସୀ ଗାଁ ସେଥିରେ ସାମିଲ ହୋଇ ନ ପାରି ବିଭିନ୍ନ ପ୍ରକାର ସାମ୍ବିଧାନିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ଆଦିବାସୀଙ୍କ ପାଇଁ ଅନେକ ଆଇନ ଓ ଯୋଜନା ତିଆରି ହୋଇଛି ସତ, କିନ୍ତୁ ଶାସକ ଶ୍ରେଣୀର ଆନ୍ତରିକତା ଅଭାବରୁ ସେସବୁ ଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏପରିକି ବଜେଟରେ ଆଦିବାସୀ ସବ୍–ପ୍ଲାନ୍‌ରେ ଦିଆଯାଇଥିବା ଅନୁଦାନକୁ ବି ଆଦିବାସୀଙ୍କ ପମାଇଁ ଖର୍ଚ୍ଚ କରାଯାଇ ପାରୁନି। ଆଦିବାସୀଙ୍କ ବିକାଶ ପାଇଁ ଆସୁଥିବା ଅର୍ଥର ସିଂହଭାଗଟି ଠିକାଦାର–ଅଫିସର–ରାଜନେତାଙ୍କ ଦ୍ୱାରା ହରିଲୁଟ୍ ହେଉଛି।

ଆଦିବାସୀଙ୍କ ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ବିକାଶ ଭାରତ ପରି ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ସାମ୍ବିଧାନିକ କର୍ତ୍ତବ୍ୟ। କିନ୍ତୁ ଏଥିପ୍ରତି ଘୋର ଅବହେଳା କାରଣରୁ ଆଜି ଆଦିବାସୀଙ୍କ ଜୀବନ, ଜୀବିକା, ଭାଷା ଓ ସଂସ୍କୃତି ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛି। ଆମର ଶାସକ ଶ୍ରେଣୀ ସେମାନଙ୍କ ଭାଷା ଓ ସଂସ୍କୃତିର ସ୍ୱାଧୀନ ବିକାଶ ପାଇଁ ସୁଯୋଗ ଦେବା ପରିବର୍ତ୍ତେ ତାକୁ ଅଣଦେଖା କରିବା ଓ ଦବେଇବା ଦେଖାଯାଇଛି। ଅତ୍ୟନ୍ତ ସୁନିୟୋଜିତ ଭାବେ ଓଡ଼ିଆ, ତେଲୁଗୁ, ମରାଠୀ, ଗୁଜରାଟୀ, ହିନ୍ଦୀ ପରି ଅନ୍ୟାନ୍ୟ ପ୍ରଭାବଶାଳୀ ଭାଷାଭାଷୀଙ୍କ ଭିତରେ ଆଦିବାସୀମାନଙ୍କ ଭାଷାଗୁଡ଼ିକୁ ବଳପୂର୍ବକ ସମ୍ମିଳିତ କରିବାର ନୀତିକୁ ଆପଣେଇ ଆସିଛନ୍ତି। ଓଡ଼ିଶାର ଏକଚତୁର୍ଥାଂଶ ଆଦିବାସୀ ହୋଇଥିଲେ ବି ଏବଂ ସେମାନେ ୭୪ଟି ବୋଲିରେ କଥାଭାଷା ହେଉଥିଲେ ବି ସେମାନଙ୍କ ଭାଷାକୁ ବିକଶିତ କରିବାରୁ ଅଥବା ସେମାନଙ୍କ ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷା ପାଇବାରୁ ବଞ୍ଚିତ କରାଯାଉଛି। ଓଡ଼ିଶାର ପ୍ରମୁଖ ଆଦିବାସୀ ଭାଷାରେ ନା କୌଣସି ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହନ ଦିଆଯାଉଛି ନା ବହି କିମ୍ବା ପତ୍ରପତ୍ରିକା ପ୍ରକାଶ ପାଉଛି! ଅଧିକାଂଶ ଆଦିବାସୀ ଭାଷାର ଲିପିକୁ ବି ବିକଶିତ କରିବାରେ ସରକାର ବିଫଳ ହୋଇଛନ୍ତି।

ଅନ୍ତର୍ଜାତୀୟ ଆଦିବାସୀ ଦିବସ (ଅଗଷ୍ଟ ୯) ଅବସରରେ ଆଜି ଜମି, ଜଙ୍ଗଲ ଉପରେ ଆଦିବାସୀମାନଙ୍କ ଅଧିକାରକୁ ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ ସହିତ ସେମାନଙ୍କ ଭାଷା, ସଂସ୍କୃତି ତଥା ସ୍ୱୟଂଶାସନର ଅଧିକାର ପାଇଁ ଜୋରଦାର ଦାବି କରିବାର ସମୟ ଆସିଛି। ଆଦିବାସୀମାନଙ୍କ ଉପରେ ଦମନ ଓ ଅତ୍ୟାଚାର ପରିବର୍ତ୍ତେ ପ୍ରାକୃତିକ ସମ୍ପଦ ଉପରେ ମାଲିକାନା ଦେଇ ସେମାନଙ୍କୁ ମର୍ଯ୍ୟାଦାର ସହିତ ଜୀବନଯାପନ କରିବାର ସୁଯୋଗ ଦେବା ଜରୁରୀ ହୋଇପଡ଼ିଛି।

ମୋ: ୯୪୩୭୧୬୬୩୯୧

# ଅଗଷ୍ଟ ବିପ୍ଲବ ଓ ଓଡ଼ିଶାର ବଳିଦାନ



ଡ. ପ୍ରଫୁଲ୍ଲ କୁମାର ସାହୁ

ଅଗଷ୍ଟ ବିପ୍ଲବ ଆମ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଯୁଗାନ୍ତକାରୀ ଅଧ୍ୟାୟ। ୧୯୪୨ ମସିହା ଅଗଷ୍ଟ ୮ ତାରିଖ ବମ୍ବେର ଗ୍ୱାଲିୟର ଟ୍ୟାଙ୍କ (ଅଗଷ୍ଟ କ୍ରାନ୍ତି) ମଇଦାନରେ ଅନୁଷ୍ଠିତ କଂଗ୍ରେସର ଖୋଲା ଅଧିବେଶନରେ ଗାନ୍ଧିଜୀ ଭାରତଛାଡ଼ ଆନ୍ଦୋଳନ ଡାକରା ଦେବା ସହିତ ସ୍ୱାଧୀନତାର ଅନ୍ତିମ ଲଢ଼େଇ ଲଢ଼ିବା ପାଇଁ ସତ୍ୟାଗ୍ରହୀମାନଙ୍କୁ ଶୁଣେଇଲେ 'କର ବା ମର' ମନ୍ତ୍ର। ସେ ମନ୍ତ୍ର ପ୍ରତିଧ୍ୱନିତ ହେଲା ଆକୁମାରୀ ହିମାଚଳ। ଚାରିଆଡ଼େ ଖେଳିଗଲା ଦେଶପ୍ରେମର ଏକ ଅଦ୍ଭୁତ ଆଲୋଡ଼ନ। ଏଥିରେ ଭୟଭୀତ ହୋଇ ଦମନଲୀଳା ଆରମ୍ଭ କରିଦେଲା ବ୍ରିଟିଶ୍ ସରକାର। ଆନ୍ଦୋଳନକୁ ଦବାଇଦେବା ଉଦ୍ଦେଶ୍ୟରେ ତତ୍କାଳ ଆରମ୍ଭ ହେଲା ବ୍ୟାପକ ଗିରଫଦାରି। ଅଗଷ୍ଟ ୯ ତାରିଖ ସକାଳ ହେବା ଆଗରୁ ଗିରଫ ହୋଇ ସାରିଥିଲେ ଗାନ୍ଧିଜୀ ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ଅଧିକାଂଶ ସଦସ୍ୟ। କଂଗ୍ରେସକୁ ବେଆଇନ ଘୋଷଣା କରିବା ସହିତ ଅନେକ କଂଗ୍ରେସ ଅଫିସ୍‌ରେ ଝୁଲାଇ ଦିଆଗଲା ତାଲା। ଏ ଖବର ଚାରିଆଡ଼େ ବ୍ୟାପିଗଲା ତଡ଼ିତ୍ ବେଗରେ। ସାରା ଦେଶରେ ପ୍ରତିଧ୍ୱନିତ ହେଲା ଗାନ୍ଧିଜୀଙ୍କର 'କର ବା ମର' ମନ୍ତ୍ର। ସେ ପଞ୍ଚାକ୍ଷରୀ ମନ୍ତ୍ରରେ କି ଅଦ୍ଭୁତ ଶକ୍ତି ଥିଲା କେଜାଣି ଦେଶର ପୁରପଲ୍ଲୀରେ ତେଜି ଉଠିଲା ବ୍ରିଟିଶ୍ ବିରୋଧୀ ଗଣଆନ୍ଦୋଳନ। ପୋଲିସ୍ ଗୁଳିକୁ ଖାତିର ନ କରି ରାଜରାସ୍ତାକୁ ଓହ୍ଲାଇ ଆସିଲେ ଲକ୍ଷ ଲକ୍ଷ ଲୋକ। ଏହି ମୁକ୍ତି ଆନ୍ଦୋଳନର ଇତିହାସରେ ଓଡ଼ିଶା ଯୋଡ଼ିଲା ବଳିଦାନର ଏକ ସ୍ୱତନ୍ତ୍ର ଅଧ୍ୟାୟ। ବୀରତ୍ୱ ଓ ବଳିଦାନର ମାଟି ଓଡ଼ିଶା। ଏହି ଓଡ଼ିଶା ମାଟିରୁ ହିଁ ଲେଖାଯାଇଛି ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଇତିହାସ। ୧୮୫୭ ମସିହା ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଖୋରଧାର ପାଇକମାନେ ବଜେଇ ସାରିଥିଲେ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ବିଦ୍ରୋହର ବିଗୁଲ୍। ତେଣୁ ଭାରତଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ଓଡ଼ିଶାର ପୁରପଲ୍ଲୀରେ ଏପରିକି ବଣ ପାହାଡ଼ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବି ତେଜି ଉଠିଥିଲା ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧୀ ଗଣଆନ୍ଦୋଳନ। ଏ ଆନ୍ଦୋଳନରେ ଭଦ୍ରକ (ନବଗଠିତ) ଜିଲ୍ଲା ଥିଲା ସବା ଆଗରେ। ଇତିହାସ କହେ– ୧୯୪୨ ମସିହା ଅଗଷ୍ଟ ୧୭ ତାରିଖ ଦିନ ଭଦ୍ରକଠାରେ ୧୬ କି.ମି. ଦୂରରେ ଅବସ୍ଥିତ ଭଣ୍ଡାରିପୋଖରୀ ଥାନାପୋଡ଼ି ଘଟଣା ଥିଲା ବ୍ରିଟିଶ୍ କୁଶାସନ ବିରୋଧରେ ଓଡ଼ିଶାର ସର୍ବପ୍ରଥମ ହିଂସାତ୍ମକ ଆନ୍ଦୋଳନ। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବୈଷ୍ଣବ ଚରଣ ନାୟକ, କୁଶଧ୍ୱଜ ପଣ୍ଡା ଓ କୃପାସିନ୍ଧୁ ସାହୁ ପ୍ରମୁଖ କେତେଜଣ ସତ୍ୟାଗ୍ରହୀ ନେତାଙ୍କୁ ଗିରଫ କରିନେଇଥିଲା ପୋଲିସ। ପିଟୁଣି ଟିକସ (ଜରିମାନା) ବାବଦକୁ ପାର୍ଶ୍ୱବର୍ତ୍ତୀ ୧୨ଟି ଗ୍ରାମର ଲୋକଙ୍କଠାରୁ ଆଦାୟ କରାଯାଇଥିଲା ୬ ହଜାର ଟଙ୍କା। ବ୍ରିଟିଶ୍ ପ୍ରଶାସନର ଏଭଳି ଦମନମୂଳକ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଭଦ୍ରକ ଅଞ୍ଚଳର ବିଭିନ୍ନ ସ୍ଥାନରେ ତେଜି ଉଠିଥିଲା ଆନ୍ଦୋଳନ।

କୋରାପୁଟର ଗାନ୍ଧୀ ଭାବରେ ପରିଚିତ ଓଡ଼ିଶାର ବୀରପୁତ୍ର ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ କୋରାପୁଟ ଭଳି ଅଞ୍ଚଳରେ ମଧ ଉଗ୍ର ରୂପ ନେଇଥିଲା ଭାରତଛାଡ଼ ଆନ୍ଦୋଳନ। ସେଦିନ ଥିଲା ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ। ମାଲକାନଗିରି ଜିଲ୍ଲା (ନବଗଠିତ)ର ହାଟପଦାରେ ଶତାଧିକ ଲୋକ ଏକାଠି ହେଲେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ। ସେଠାରୁ ଶୋଭାଯାତ୍ରା କରି ବଢ଼ିଲେ ମାଥିଲି ଥାନା ଉପରେ ଜାତୀୟ ପତାକା ଉଡ଼ାଇବାର ସଂକଳ୍ପ ନେଇ। ପୋଲିସର ନିଷେଧାଦେଶ ଅମାନ୍ୟ କରି ସେମାନେ ଥାନା ଭିତରକୁ ଧସେଇ ପଶିବାମାତ୍ରେ ପୋଲିସ୍ ପକ୍ଷରୁ ଆରମ୍ଭ ହେଲା ଲାଠିମାଡ଼। ସେଥିରେ ଅନେକ ସଂଗ୍ରାମୀ ଆହତ ହେବା ସହିତ ସଂଜ୍ଞାହୀନ ହୋଇ ପଡ଼ିଲେ ଲକ୍ଷ୍ମଣ ନାୟକ। ଫଳରେ ଉତ୍ତେଜନା ବଢ଼ିବା ସହିତ ଚାଲିଲା ପୋଲିସ ଓ ସତ୍ୟାଗ୍ରହୀଙ୍କ ମଧ୍ୟରେ ଧସ୍ତାଧସ୍ତି। ଏଥିରେ ଉତ୍କ୍ଷିପ୍ତ ହୋଇ ଆଖିବୁଜା ଗୁଳିଚାଳନା କଲା ପୋଲିସ୍। ଘଟଣା ସ୍ଥଳରେ ୫ ମୃତ୍ୟୁବରଣ କଲେ ଏବଂ ଗୁରୁତର ହେଲେ ୧୭ ସଂଗ୍ରାମୀ। ମାଥିଲି ଗଣହତ୍ୟାର ଦୁଇଦିନ ପରେ (୨୪।୦୮।୧୯୪୨) ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ଗୁମାଗୁଡ଼ାଠାରେ ଏକାଠି ହେଲେ ଶତାଧିକ ଆଦିବାସୀ। ନବରଙ୍ଗପୁର ତାଲୁକର ପାପଡ଼ାହାଣ୍ଡି ଥାନା ଆକ୍ରମଣ ଉଦ୍ଦେଶ୍ୟରେ ଆରମ୍ଭ ହେଲା ଶୋଭାଯାତ୍ରା। ସେଠାକାର ଥାନାଧିକାରୀ ଏକଥା ଜାଣିପାରି ପୋଲିସ୍ ଫୌଜ ଧରି ପହଞ୍ଚିଲେ ତୁରୀ ନଦୀ ନିକଟରେ। ସଂଗ୍ରାମୀମାନେ ନଦୀର କାଠପୋଲ ପାରିହେବା ସମୟରେ ମୁହାଁମୁହିଁ ହେଲେ ପୋଲିସ୍ ଓ ସଂଗ୍ରାମୀ। ପୋଲିସର ପ୍ରତିରୋଧ ସତ୍ତ୍ୱେ ସଂଗ୍ରାମୀମାନେ ଆଗକୁ ବଢ଼ିବାରୁ ଆଖିବୁଜା ଗୁଳିଚାଳନା କଲା ପୋଲିସ। ଘଟଣାସ୍ଥଳରେ ୧୨ ଜଣ ସଂଗ୍ରାମୀ ମୃତ୍ୟୁବରଣ କଲେ ଏବଂ ଅନ୍ୟ ୧୪ ଜଣ ପ୍ରାଣହରାଇଲେ ଡାକ୍ତରଖାନା ଯିବା ବାଟରେ।

ପାପଡ଼ାହାଣ୍ଡି ଗଣହତ୍ୟାର ଦୁଇଦିନ ପରେ (ଅଗଷ୍ଟ ୨୬) ବର୍ତ୍ତମାନର ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ କାଇପଡ଼ା–କଳାମାଟିରେ ଶହୀଦ ହେଲେ ୪ ଜଣ ସତ୍ୟାଗ୍ରହୀ। ୧୯୪୨ ସେପ୍ଟେମ୍ବର ୫ ତାରିଖରେ ଭଦ୍ରକଠାରୁ ୨୦ କି.ମି. ଦୂର ଧାମନଗର ଥାନା ଧୁସୁରୀଠାରେ ସତ୍ୟାଗ୍ରହୀମାନେ ଏକତ୍ର ହୋଇ ଧାମନଗର ଅଞ୍ଚଳକୁ ସ୍ୱାଧୀନ ଘୋଷଣା କଲେ ସର୍ଦ୍ଦାର ମୁରଲୀଧର ପଣ୍ଡା ଓ ମୁରଲୀଧର ଜେନାଙ୍କ ନେତୃତ୍ୱରେ। ଏଥିରେ ଉତ୍କ୍ଷିପ୍ତ ହୋଇ (ସେପ୍ଟେମ୍ବର ୨୨) ଲୁଣିଆ କଟସାହି ଗାଁରେ ପହଞ୍ଚି ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ଘର ଘେରାଉ କଲା ପୋଲିସ୍। ଏ ଖବର ବ୍ୟାପିଗଲା ପରେ ଠେଙ୍ଗାବାଡ଼ି ଧରି ମାଡ଼ିଆସିଲେ ହଜାର ହଜାର ଲୋକ। ଆରମ୍ଭହେଲା ପୋଲିସ୍–ଜନତାଙ୍କ ମଧ୍ୟରେ ଛକାପଞ୍ଝା। ପୋଲିସର ଆଖିବୁଜା ଗୁଳିଚାଳନା ଫଳରେ ଶହୀଦ ହେଲେ ୯ ସତ୍ୟାଗ୍ରହୀ। ନିରୀହ ମଣିଷରକ୍ତରେ ଲାଲ ହେଲା ଚାନ୍ଦିଆପସି ପଡ଼ିଆ। ଏ ବଳିଦାନର ମାଟି ଏବେ ଶହିଦନଗର ନାମରେ ପରିଚିତ।

୧୯୪୨, ସେପ୍ଟେମ୍ବର ୨୮ ଆମ ମୁକ୍ତି ସଂଗ୍ରାମ ଇତିହାସର ଏକ ଲୋମହର୍ଷଣକାରୀ ଅଧ୍ୟାୟ। ସେଦିନ ବାଲେଶ୍ୱର ଜିଲ୍ଲା ତୁଡ଼ିଗଡ଼ିଆ– ଖଇରାଡିହି ଗୁଳିକାଣ୍ଡରେ ୩ ଜଣ ଶହୀଦ ହେବା ସହିତ କବି ବାଞ୍ଛାନିଧି ମହାନ୍ତିଙ୍କ ଜନ୍ମମାଟି ଇରମ (ଭଦ୍ରକ) ଲେଖିଲା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ କବିତା। ଭଦ୍ରକ ଜିଲ୍ଲାର ବାସୁଦେବପୁରଠାରୁ ୧୬ କି.ମି. ଦୂର ରକ୍ତତୀର୍ଥ ଇରମ ଥିଲା ମୁକ୍ତି ଆନ୍ଦୋଳନର ଏକ ପ୍ରୟୋଗଶାଳା। ଘଟଣା ଦିନ ଇରମ ମେଳନ ପଡ଼ିଆରେ ଅନୁଷ୍ଠିତ ସଭାରେ ସମ୍ମିଳିତ ହୋଇଥିଲେ ପ୍ରାୟ ୬ ହଜାର ସତ୍ୟାଗ୍ରହୀ। ହଠାତ୍ ଜମିଦାର ଉଆସଆଡୁ ମାଡ଼ିଆସିଲା ପୋଲିସ ବାହିନୀ। ସଭାସ୍ଥଳ ଛାଡ଼ି ଚାଲିଯିବା ପାଇଁ ଲୋକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ସତ୍ୟାଗ୍ରହୀମାନେ ସ୍ଥାନ ଛାଡ଼ିବା ପରିବର୍ତ୍ତେ ଆରମ୍ଭ କରିଦେଲେ ନାରାବାଜି। ଲୋକଙ୍କୁ ଘଉଡ଼ାଇବା ପାଇଁ ଗର୍ଜିଉଠିଲା ପୋଲିସର ରକ୍ତମୁଖା ବନ୍ଧୁକ। ଘଟଣା ସ୍ଥଳରେ ୨୮ ଜଣ ଟଳି ପଡ଼ିବା ସହିତ ଗୁରୁତର ଭାବେ ଆହତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ ପ୍ରାୟ ୫୬ ଜଣରୁ ଅଧିକ ନିରସ୍ତ୍ର ମଣିଷ। ମୃତକମାନଙ୍କ ମଧ୍ୟରେ ଥିଲେ ବିଜୁଳି ଦାସ ନାମକ ୧୫ ବର୍ଷର ଜଣେ ନାବାଳକ ଏବଂ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକମାତ୍ର ମହିଳା ଶହୀଦ ପରିବେୱା। ପବନ ବେଗରେ ଚାରିଆଡ଼କୁ ବ୍ୟାପିଗଲା ଏ ପୈଶାଚିକ ନରସଂହାର ବାର୍ତ୍ତା। ଅତ୍ୟନ୍ତ ହୃଦୟବିଦାରକ ଥିଲା ଲୁହ ଲହୁର ଏ ଅଭାବନୀୟ ଦୃଶ୍ୟ। ପଞ୍ଜାବର ଜାଲିଆନାୱାଲାବାଗ୍ ପରେ ଇଏ ହେଉଛି ବଳିଦାନର ଦ୍ୱିତୀୟ ସ୍ଥଳ, ଯେଉଁଠି ପରାଧୀନତାର ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ଗୋଟିଏ ଦିନରେ ପୋଲିସ୍ ଗୁଳିରେ ଆତ୍ମବଳି ଦେଇଛନ୍ତି ୨୯ ଜଣ ଦେଶପ୍ରେମୀ। ସେଥିପାଇଁ ଇରମ ହତ୍ୟାକାଣ୍ଡର ବର୍ବରତାକୁ କୁହାଯାଏ ଦ୍ୱିତୀୟ ଜାଲିଆନାୱାଲାବାଗ ନରସଂହାର। ମାତ୍ର ବିଡ଼ମ୍ବନାର ବିଷୟ, ଇତିହାସରେ ଯଥାଯଥ ଭାବରେ ସ୍ଥାନ ପାଇନି ବଳିଦାନର ଏ ବିରଳ ଅଧ୍ୟାୟ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୯୪୩୮୮୫୫୦୮୮

## ଏଇ ଭାରତରେ

ସେବକ ବା ପ୍ରବର୍ତ୍ତକ ଭାବେ କେହି ଜନ୍ମ ନେଇ ନ ଥାଆନ୍ତି। ନିଷ୍ଠା ଓ ଇଚ୍ଛାଶକ୍ତି ବଳରେ ଏହା ହେବାକୁ ପଡ଼ିଥାଏ, ଯାହା ହୋଇପାରିଛନ୍ତି ଚେନ୍ନାଇର ଡ. ଇସା ଫତିମା ଜସ୍ମିନ। ପେସାରେ ଜଣେ ଅର୍ଥୋଡୋନ୍‌ଟିଷ୍ଟ। ସେ ଚେନ୍ନାଇରେ ଗରିବ ଲୋକଙ୍କୁ ପ୍ରତିଦିନ ଖାଦ୍ୟ ଯୋଗାଉଛନ୍ତି। ପିଲାଙ୍କ ପାଇଁ ପାଠ୍ୟପୁସ୍ତକ, ଜୋତା ମଧ ଦେଉଛନ୍ତି। ଇସା ୨୦୧୭ରେ 'ଦି ପବ୍ଲିକ୍ ଫାଉଣ୍ଡେଶନ' ଗଠନ କରି ତା' ମାଧ୍ୟମରେ ଏହି ସେବା କରୁଛନ୍ତି। ଚେନ୍ନାଇର ବିଭିନ୍ନ ସ୍ଥାନରେ ୪ଟି କେନ୍ଦ୍ର ଖୋଲିଛନ୍ତି ଓ ସେଠାରେ ଲୋକମାନେ ବଳକା ଖାଦ୍ୟ, ପୋଷାକ, ବହି ଓ ଖେଳନା ପ୍ରଦାନ କରୁଛନ୍ତି। ଏସବୁକୁ ଇସା ଓ ତାଙ୍କ ସଂସ୍ଥାର ସ୍ୱେଚ୍ଛାସେବୀମାନେ ଗରିବଙ୍କ ପାଖରେ ପହଞ୍ଚାଉଛନ୍ତି। ପ୍ରତ୍ୟେକ କେନ୍ଦ୍ରରେ ୪୦୦ରୁ ୬୦୦ ଲିଟର କ୍ଷମତା ବିଶିଷ୍ଟ ଫ୍ରିଜ୍ ରଖାଯାଇଛି। ସଂଗୃହୀତ ଖାଦ୍ୟକୁ ସେଥିରେ ରଖାଯିବା ପରେ ପ୍ୟାକେଟ କରାଯାଇ ଲୋକଙ୍କୁ ଦିଆଯାଉଛି। ପ୍ରତ୍ୟେକ ସେଣ୍ଟରରୁ ଦୈନିକ ୧୦୦ ମିଲ୍ ହିସାବରେ ମୋଟ୍‌ରେ ୧୦୦୦ ଜଣଙ୍କୁ ଖାଦ୍ୟ ଯୋଗାଉଛନ୍ତି ଇସା। ସକାଳ ୯ଟାରେ ସେ କେନ୍ଦ୍ରଗୁଡ଼ିକୁ ଯାଇ ଖାଦ୍ୟପୁଡ଼ିଆ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରନ୍ତି ଓ ଦିନ ୩ଟା ଭିତରେ ତାହାକୁ ବାଣ୍ଟିସାରିବା ପରେ ନିଜେ ଖାଆନ୍ତି। ସନ୍ଧ୍ୟା ହେଲେ କ୍ଲିନିକ୍‌କୁ ଯାଆନ୍ତି ଓ ରୋଗୀଙ୍କୁ ମାଗଣା ଚିକିତ୍ସା କରନ୍ତି। ଏବେ ସୁଦ୍ଧା ଇସା ୩ କୋଟି ଟଙ୍କା ମୂଲ୍ୟର ଖାଦ୍ୟ, ୨୦,୦୦୦ କେଜି ପୋଷାକ, ୨,୫୦୦ ହଳ ଜୋତା, ୨,୫୦୦ କେଜି ଓଜନର ବହି ବାଣ୍ଟି ସାରିଲେଣି। ଏହା ବାଦ୍ ସେ କୋଭିଡ୍ ମହାମାରୀ ସମୟରେ ଚେନ୍ନାଇର ବିଭିନ୍ନ ବସ୍ତି ଓ ହସ୍ପିଟାଲରେ ଦୈନିକ ୮୦୦ରୁ ୧୦୦୦ ମିଲ୍ ଅସହାୟଙ୍କୁ ଯୋଗାଇ ଚାଲିଛନ୍ତି।

## ଚିରନ୍ତନୀ

କଠୋର ସତ୍ୟ ଏ ଧରାର ମୁହିଁ ଏକା
ସମ୍ମୁଖେ ତୋର ଦେଲି ବହୁବାର ଦେଖା
ଭୟରେ ମୋ ତହୁଁ କଲୁ ସଦା ପଳାୟନ
କଳ୍ପନା ତଳେ ଲୁଚାଇ ରଖିଲୁ ମନ।
–(ଜୀବନର ସ୍ୱର୍ଣ୍ଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଦକ୍ଷେପ ସ୍ୱାଗତଯୋଗ୍ୟ

ମହାଶୟ,

ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାରେ ପୋଲିସ ବିଭାଗର ଏସ୍‌ଆଇ ପାଇଁ ୪୭୭ ପଦବୀ ନିମନ୍ତେ କିନ୍ନରମାନେ ମଧ ଆବେଦନ କରିବାକୁ ସୁଯୋଗ ଦେବାକୁ ପରାମର୍ଶ ଦେଇଛନ୍ତି ; ଯାହା ଫଳରେ ଅବହେଳିତ ଅବସ୍ଥାରେ ଥିବା କିନ୍ନରମାନେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହୋଇପାରିବେ। ଏଥିପାଇଁ ସ୍ୱଚ୍ଛତା ଓ ଦକ୍ଷତା ପରିପ୍ରକାଶ ହେବା ଉଚିତ। ଯେପରି ସେମାନେ ସମାଜର ସ୍ରୋତରେ ସାମିଲ ହୋଇପାରିବେ। ନିଜକୁ ହେୟ ମନେକରିବେ ନାହିଁ। ନିରପେକ୍ଷ ଭାବରେ ଦାୟିତ୍ୱ ନିର୍ବାହ ଆବଶ୍ୟକ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ

ଝୁମ୍ପୁରା, ୮।୮ (ଡି.ଏନ୍.ଏ.): କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଧୀନ ୨୦ନଂ ଜାତୀୟ ରାଜପଥ ଅର୍ଶଲା ପେଟ୍ରୋଲ ପମ୍ପ ନିକଟରେ ରବିବାର ମଧାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଢେଙ୍କିକୋଟ ପାଖ କେତାଙ୍ଗ ଗ୍ରାମର ତାପସ ଗିରି ଓ ତାଙ୍କ ସ୍ତ୍ରୀ କୁମୁଦିନୀ। ସ୍ତ୍ରୀ-ସ୍ୱାମୀ ବାଇକ୍‌ରେ ରିମୁଳି ଅଭିମୁଖେ ଯାଉଥିଲେ। ଏକ ୧୪ଚକିଆ ଟ୍ରକ୍ ପେଟ୍ରୋଲ ପମ୍ପ ନିକଟରେ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଗାଡିରୁ ଛିଟିକି ପଡି କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯାଇଥିଲେ। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ୫କି.ମି. ଦୂର ବାଲିବନ୍ଧ ଗ୍ରାମ ପାଖରେ ଲୋକେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ ଘଟଣା

### ୩୦ଲକ୍ଷ କ୍ଷତିପୂରଣ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

ଭୁବନେଶ୍ୱର,୮।୮(ବ୍ୟୁରୋ): ବାଲେଶ୍ୱର ଜିଲା ବାହାନଗା ରସଲପୁର ଅଞ୍ଚଳର ଗଣେଶ ଚନ୍ଦ୍ର ଜେନା ନାମକ ଚାଷୀ ବିଲକୁ ଯାଇଥିବାବେଳେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ରବିବାର ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ଅଭିଯୋଗ ହୋଇଛି। ମୃତ ଚାଷୀଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଜଣଙ୍କୁ ସ୍ଥାୟୀ ସରକାରୀ ଚାକିରି ଦେବାକୁ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ତାଙ୍କ ପିଟିଶନରେ ଅନୁରୋଧ କରିଛନ୍ତି। ଏଥିସହିତ ୩ସପ୍ତାହ ମଧରେ ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା, ଶକ୍ତି ବିଭାଗ ଓ ବାଲେଶ୍ୱର ଜିଲାପାଳଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେବାକୁ ସେ କମିଶନଙ୍କୁ ଅନୁରୋଧ କରିଛନ୍ତି।। ଶନିବାର 'ଧରିତ୍ରୀ'ରେ ପ୍ରକାଶିତ ରିପୋର୍ଟ ଆଧାରରେ ହିମାଂଶୁ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ, ଗଣେଶ ଶନିବାର ଭାରରେ ଧାନ ତଳି ଧରି ବିଲକୁ ଯାଇଥିଲେ। ଏହି ସମୟରେ ବିଲରେ ମାତ୍ର ୨ଫୁଟ୍ ଉଚ୍ଚରେ ଝୁଲି ରହିଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଥିଲା।

# ୧୩ ଲକ୍ଷରୁ ଊର୍ଦ୍ଧ୍ୱ ନକଲି ନୋଟ ଜବତ


ପୋଲିସ ଜବତ କରିଥିବା ଟଙ୍କା ଓ ଅନ୍ୟ ସାମଗ୍ରୀ।


ସମ୍ବଲପୁର ଏସ୍‌ପି ଅଫିସ ପରିସରରେ ଗିରଫ ଅଭିଯୁକ୍ତ ଓ ପୋଲିସ।

ସମ୍ବଲପୁର,୮।୮(ବ୍ୟୁରୋ)

- ୬ ଅଭିଯୁକ୍ତ ଗିରଫ
- ୧୫ରୁ ୨୦ ହଜାର ଦେଲେ ମିଳୁଥିଲା ୧ ଲକ୍ଷ
- ପ୍ରିଣ୍ଟର ମେଶିନ ଜବତ

ରାଜ୍ୟରେ ନକଲି ନୋଟ କାରବାରର ଚେର ଛତିଶଗଡ଼ ଯାଏ ଲମ୍ବିଛି। ସମ୍ବଲପୁର ଜିଲା ପୋଲିସ ଦ୍ୱାରା ନକଲି ନୋଟ କାରବାର ଉପରୁ ପରଦା ହଟିବା ପରେ ଏହା ସ୍ପଷ୍ଟ ହୋଇଛି। ଗତ କିଛିଦିନ ହେଲା ପୋଲିସ ବରଗଡ଼ ଜିଲା ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩ ଲକ୍ଷ ୮୫ ହଜାର ଟଙ୍କା ନକଲି ନୋଟ ଜବତ କରିଛି। ଜବତ ଟଙ୍କା ମଧ୍ୟରେ ୨ ହଜାର, ୫ ଶହ, ୨୦୦ ଓ ୧୦୦ ଟଙ୍କିଆ ନୋଟ ରହିଛି। ଏହି ଘଟଣାରେ ଛତିଶଗଡ଼ର ରାୟଗଡ଼ କୋସିର ଗ୍ରାମର ଅଭିରାମ ଖାଙ୍ଗଡେ (୪୮), ଉଜବେଠିର ସତ୍ୟ ନାରାୟଣ ନିରଲା (୨୬), ବରଗଡ ଜିଲା ଭଟଲି ଥାନା ଗୋପାଳପୁର ଗ୍ରାମର ସାଗର ସାହୁ (୨୬), ଅଶୋକ କୁମାର ସାହୁ (୨୭), ଅମ୍ବାବନା କୁମ୍ଭୋ ଗ୍ରାମର ଶିବ ଶଙ୍କର ବଣିଆ (୩୮) ଓ ଗୁଣନିଧି ଭୋଇ (୩୮)ଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ନକଲି ନୋଟ, ପ୍ରିଣ୍ଟର ମେଶିନ, ମହାତ୍ମା ଗାନ୍ଧୀଙ୍କ ଲୋଗୋ ଥିବା ରବର ଷ୍ଟାମ୍ପ, ଅଠା, ଜେରକ୍ସ କାଗଜ ଜବତ ହୋଇଛି ବୋଲି ରବିବାର ଏସ୍‌ପି ଅଫିସ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ଗଙ୍ଗାଧର ଆହୁରି କହିଛନ୍ତି, ଟାଉନ ଥାନା ଅଧୀନ ଏକ ଚା ଦୋକାନରେ ଅଭିଯୁକ୍ତ ସାଗର ୫ ଦିନ ତଳେ ଚା ପିଇଥିଲେ। ସେ ଦୋକାନୀଙ୍କୁ ଏ ବାବଦରେ ଏକ ନକଲି ନୋଟ ଦେଇଥିଲେ। କିନ୍ତୁ ଟଙ୍କାକୁ ନେଇ ସନ୍ଦେହ ହେବାରୁ ପଚରାଉଚରା କରିବାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ମାମଲା ଥାନାକୁ ଆସିଥିଲା। ପୋଲିସ ପକ୍ଷରୁ ଉକ୍ତ ଟଙ୍କାକୁ ବ୍ୟାଙ୍କକୁ ଯାଞ୍ଚ ପାଇଁ ପଠା ଯାଇଥିଲା। ସେଠାରେ ଏହା ନକଲି ବୋଲି ଜଣାପଡିଥିଲା। ପରେ ପୋଲିସ ଏହି ଘଟଣାର ଖୋଳତାଡ଼ କରିଥିଲା। ସୂଚନା ପାଇ ବରଗଡ଼ ଅଞ୍ଚଳରେ ଚଢ଼ାଉ କରି ନକଲି ନୋଟ କାରବାରରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଅଭିଯୁକ୍ତମାନେ ଗିରଫ ହୋଇଥିବା ଛତିଶଗଡ଼ର ୨ ଜଣ ଅଭିଯୁକ୍ତଙ୍କଠାରୁ ଟଙ୍କା ଆଣି ବଜାରରେ ଖର୍ଚ୍ଚ କରୁଥିଲେ। ଏପରି କି ୧୫ରୁ ୨୦ ହଜାର ଦେଲେ ୧ ଲକ୍ଷ ଟଙ୍କାର ନକଲି ନୋଟ ମିଳୁଥିବା ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ଘଟଣାରେ ସମ୍ବଲପୁର ଲିଙ୍କ୍‌କୁ ନେଇ ପୋଲିସ ଅଧିକ ତଦନ୍ତ କରୁଛି ବୋଲି ସେ କହିଛନ୍ତି। ହେଲେ ଗିରଫ ଅଭିଯୁକ୍ତଙ୍କଠାରୁ ନକଲି ନୋଟ ଜବତ ବେଳେ କେତେ ପରିମାଣର ଅସଲି ନୋଟ ଜବତ ହୋଇଛି ସେ ସମ୍ପର୍କରେ ଜଣାପଡିନାହିଁ। ନକଲି ସହ ପ୍ରାୟ ୮ ଲକ୍ଷ ୫୦ ହଜାର ଅସଲି ଟଙ୍କା ଜବତ ହୋଇଥିବା ଚର୍ଚ୍ଚା ହେଉଛି। ଏହି ଅସଲି ଟଙ୍କା ଗାଏବ ହୋଇଗଲା କି ବୋଲି ଏସ୍‌ପି ଗଙ୍ଗାଧରଙ୍କୁ ପଚାରିବାରେ ପ୍ରାୟ ୫ ହଜାର ଟଙ୍କା ଜବତ ହୋଇଥିବା କହିଥିଲେ। ତେବେ ଅସଲି ଟଙ୍କା ହେରଫେର ନେଇ କରାଯାଉଥିବା ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ଇଟାଭାଟିରେ ବନ୍ଧକ ନାବାଳକ ଘରକୁ ଫେରିଲେ

ନୂଆପଡ଼ା ଅଫିସ,୮।୮

ହାଇଦ୍ରାବାଦ ଇଟାଭାଟି ମାଲିକଙ୍କ ଦ୍ୱାରା ବନ୍ଧକ ନାବାଳକ ଦାଦନ ବଲ୍ଲଭ ଦୀପ (୧୪) ଉଦ୍ଧାର ହୋଇ ରବିବାର ଗାଁକୁ ଫେରିଛନ୍ତି। ଖବର ପାଇ ଗରିବ ସେନା ସଭାପତି ରବି ମଙ୍ଗରାଜ, ଦେବେନ୍ଦ୍ର ବାଗ, ଶାହରୁଖ ଖାନ, ତରୁଣ ତାଣ୍ଡି, ମହେନ୍ଦ୍ର ପଟେଲ, ଭୂଷଣ ଶଗରିଆ ପ୍ରମୁଖ ବଲ୍ଲଭ ଘରକୁ ଯାଇ ଭଲମନ୍ଦ ପଚାରି ବୁଝିଛନ୍ତି। ସେଚ୍ଛାସେବୀ, ପୋଲିସ ଓ ଗଣମାଧ୍ୟମ ସାହାଯ୍ୟରେ ନାବାଳକ ଉଦ୍ଧାର ହୋଇ ଘରକୁ ଫେରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ନୂଆପଡା ଜିଲା କୋମନା ବ୍ଲକ ଲଖନା ଥାନା ଡେଡେଙ୍ଗା ଗାଁର ବଲ୍ଲଭ ହାଇଦ୍ରାବାଦକୁ ଇଟା ତିଆରି କରିବା ପାଇଁ ଯାଇ ଫେରି ନ ଥିଲେ। ଇଟାଭାଟି ମାଲିକ ବନ୍ଧକ ରଖିଥିବା ଖବର ଗତ ୬ ତାରିଖ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣପରେ ଜିଲାର ସେଚ୍ଛାସେବୀ ସଂସ୍ଥା, ପୋଲିସ ପ୍ରଶାସନ ଟୁଇଟ କରି ହାଇଦ୍ରାବାଦ ପୋଲିସକୁ ଜଣାଇଥିଲା। ହାଇଦ୍ରାବାଦ ପୋଲିସ ଓ ସେଚ୍ଛାସେବୀ ସଂସ୍ଥା ଇଟାଭାଟି ମାଲିକଙ୍କୁ ନାବାଳକଙ୍କୁ ଛାଡି ଦେବା ପାଇଁ କହିଥିଲେ। ଏହା ପରେ ଇଟାଭାଟି ମାଲିକ ନାବାଳକଙ୍କୁ ନେଇ ଆସିବା ପାଇଁ ଦାଦନ ସର୍ଦ୍ଦାରଙ୍କୁ ଫୋନ କରି କହିଥିଲେ। ଦାଦାନ ସର୍ଦ୍ଦାର ଜଣେ ସେଚ୍ଛାସେବୀଙ୍କୁ ହାଇଦ୍ରାବାଦ ପଠାଇ ନାବାଳକ ଦୀପଙ୍କୁ ସାଙ୍ଗରେ ନେଇ ରବିବାର ଡେଡେଙ୍ଗାରେ ପହଞ୍ଚିଛନ୍ତି।

## ଆଇଏଚ୍‌ଆର୍‌ସି ଓଡ଼ିଶା ଶାଖା ଯୁଗ୍ମ ସମ୍ପାଦକ ସୁନାକାର

ଭୁବନେଶ୍ୱର, ୮।୮(ବ୍ୟୁରୋ)


ସୁନାକାର ବେହେରା

ରାଷ୍ଟ୍ରସଂଘ ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ ଓଡିଶା ଶାଖାର ଯୁଗ୍ମ ସମ୍ପାଦକ ଭାବେ ସାମାଜିକ କର୍ମୀ ସୁନାକର ବେହେରାଙ୍କୁ ନିଯୁକ୍ତ କରାଯାଇଛି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ଗ୍ରାମପଞ୍ଚାୟତର ସୁନାକର ଭୁବନେଶ୍ୱରରେ ବସବାସ କରୁଥିବାବେଳେ ଖବରଦାତା ଓ ଆଇନଜୀବୀ ଭାବେ କାର୍ଯ୍ୟରତ। ସମାଜରୁ କୁସଂସ୍କାର ଦୂର କରିବା ସହ ପାରିବାରିକ ହିଂସା, ଅତ୍ୟାଚାର ବିରୋଧରେ ସ୍ୱର ଉଠାଇବା, ବେସାହାରାଙ୍କୁ ସାହାଯ୍ୟ, ଶିକ୍ଷା ସଂସ୍କାର ମାଧ୍ୟମରେ ମାନବିକ ଅଧିକାର ଦେବା, ନାରୀଙ୍କୁ ସୁରକ୍ଷା, ଶିଶୁ ନିର୍ଯାତନାକୁ ବିରୋଧ, ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଯୋଡ଼ି ହେବା, ସାଧାରଣ ଗ୍ରାହକ ଖାଉଟିଙ୍କୁ ସଚେତନ କରାଇ ଅସାଧୁ ବ୍ୟବସାୟୀଙ୍କୁ ଦଣ୍ଡିତ କରିବା, ସମାଜରେ ଆଧ୍ୟାତ୍ମିକ ଜ୍ଞାନର ପରିପ୍ରକାଶ, ମଠମନ୍ଦିର ରକ୍ଷଣାବେକ୍ଷଣ ଭଳି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ହୋଇ ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଆଗାମୀ ଦିନରେ ନିଜର ସମାଜ ସେବାକୁ ଅଧିକ ଶାଣିତ କରିବା ସହ ମାନବାଧିକାର ନୀତି ନିୟମକୁ ସମ୍ପୂର୍ଣ୍ଣ ଧ୍ୟାନ ଦେବେ ବୋଲି ସୁନାକାର କହିଛନ୍ତି।

# ପୋଲିସ ଜୁଲୁମ୍‌କୁ ବିରୋଧ ପାଇଁ ସଜବାଜ

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**

**ନଦୀକୁ ଶୁଖିବାକୁ ଦିଆ ନ ଯିବାକୁ ନେଲେ ଶପଥ**

କେନ୍ଦ୍ରାପଡ଼ା ଅଫିସ, ୮।୮(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣିଦେବା ପ୍ରସଙ୍ଗରେ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ଯୋଗୁ ୨୦୨୦ ଡିସେମ୍ବରରୁ ବନ୍ଦ ରହିଥିଲା। ଏବେ ପୁଣି ମେଗା ପନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶନିବାର ରାତିରୁ ପ୍ରାୟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଆସି ପ୍ରକଳ୍ପ ନିର୍ମାଣ ଅଞ୍ଚଳରେ ପହଞ୍ଚିଛନ୍ତି। ଏହାକୁ ଦେଖି ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସମିତି ପକ୍ଷରୁ ଖରସ୍ରୋତାକୁ ବଞ୍ଚାଇବା ପାଇଁ ସ୍ଥାନୀୟ ଲୋକଙ୍କୁ ମେଳି ନିମନ୍ତେ ପ୍ରଚାର ଗାଡି ରବିବାର ବୁଲି ଥିବାର ଦେଖିବାକୁ ମିଳିଛି। ଅପରପକ୍ଷେ ଏହି ପ୍ରଚାର ଗାଡିକୁ ରାଜକନିକା ପୋଲିସ ପକ୍ଷରୁ ସିଜ୍ କରାଯାଇଛି। ପ୍ରଚାର ଗାଡି ସିଜ୍‌କୁ ନେଇ ପରିସ୍ଥିତ ଉତ୍ତେଜନାପୂର୍ଣ୍ଣ ରହିଛି। ଏସବୁ ସତ୍ତ୍ୱେ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭକୁ ବିରୋଧ କରିବା ପାଇଁ ରାଜକନିକାବାସୀ ବରୁଣାଡ଼ିହାଠାରେ ରବିବାର ମେଳି ହୋଇଛନ୍ତି। ଏଥିରେ ଯୋଗ ଦେଇଥିବା ସ୍ଥାନୀୟ ନେତା, ବୁଦ୍ଧିଜୀବୀ, ପରିବେଶବିତ୍ ଓ ଅନ୍ୟମାନେ ଖରସ୍ରୋତାକୁ ଶୁଖିବାକୁ ଦିଆଯିବ ନାହିଁ ବୋଲି ଶପଥ ନେଇଛନ୍ତି। ସ୍ଥାନୀୟ ଅଞ୍ଚଳର କୃଷି ଓ ଭିତରକନିକାର ଜୈବ ବିବିଧତା ସମ୍ପର୍କରେ ଅନୁଶୀଳନ କରା ନ ଯାଇ ପ୍ରକଳ୍ପ କାମ ପୁଣି ଥରେ ଆରମ୍ଭ କରାଯାଉଥିବାରୁ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର କର୍ମକର୍ତ୍ତା ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଦାସ, କାଳୀପ୍ରସାଦ ନାୟକ, ଶରତ ରାଉତ, ସବିତା ବରଜ, ହଳଧର ମଲ୍ଲିକ ପ୍ରମୁଖ କହିଛନ୍ତି, ରାଜ୍ୟରେ ଏକମାତ୍ର ଜଳସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ା ଚିହ୍ନଟ ହୋଇଛି। ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାର ଜଳଶକ୍ତି ସଂରକ୍ଷଣ ଅଭିଯାନ ୨୦୧୯ରୁ ଆରମ୍ଭ କରିଛନ୍ତି। ବିଶ୍ୱସ୍ତରରେ ଆକର୍ଷଣ ସାଜିଥିବା ଜାତୀୟଉଦ୍ୟାନ ଭିତରକନିକାକୁ ବଞ୍ଚାଇ ରଖିଛି। ଖରସ୍ରୋତାରେ ଖରାଦିନେ ବିଭିନ୍ନ ସ୍ଥାନ ଶୁଖିଲା ପଡୁଛି। ଭଦ୍ରକ ଜିଲାକୁ ପାଣି ଦିଆଗଲେ ଖରସ୍ରୋତା ଶୁଖିଲା ପଡି ସମୁଦ୍ରର ଲୁଣା ଜଳ ମାଡ଼ି ଆସିବ। ଖରସ୍ରୋତା ନଦୀକୁ ମରିବାକୁ ନ ଦେବା ପାଇଁ ପ୍ରଶାସନର ନାଲିଆଖିକୁ କେହି ବରଦାସ୍ତ କରିବେ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି।

ଶିକ୍ଷା ଅଧିକାର
DISTRICT PROJECT OFFICE (SAMAGRA SHIKSHA), NABARANGPUR
E-mail: dpcnawrangssa.opepa@nic.in, Ph.- (06858)-222568 (Off)
No.2086/Estt/2021 Dated 07.08.2021
NOTICE
Objections are invited from the candidates applied for the post of Warden, Assistant Cook, Head Cook to be engaged in OAV Hostels (KGBV-Type-IV) under District Project Office, Samagra Shiksha, Nabarangpur.
The detailed list of candidates may be downloaded from the website www.opepa.in district website www.nabarangpur.nic.in. The last date and time for submission of objection should reach to the office through Registered/ Speed Post only on or before 19.08.2021 by 5.00 P.M.
Sd./- DEO-cum-Dist. Project Coordinator
Samagra Shiksha, Nabarangpur

# ୫୦ ଲକ୍ଷର ନକଲି ଜର୍ଦ୍ଦା, ଗୁଟ୍‌ଖା ଜବତ

କଟକ ଅଫିସ, ୮।୮

କଟକ ଜିଲାର ଦୁଇଟି ଜର୍ଦ୍ଦା ଗୋଦାମରେ ରବିବାର ପୋଲିସ ଓ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚଢାଉ କରାଯାଇଛି। ଉଭୟ ସ୍ଥାନରୁ ବିପୁଳ ପରିମାଣର ନକଲି ଜର୍ଦ୍ଦା ଓ ଗୁଟ୍‌ଖା ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ ୨ ଜଣ ଫେରାର ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଟକ ସଦର ଥାନା ଅନ୍ତର୍ଗତ ମୁକାମେଶ୍ୱର ଗ୍ରାମର ଏକ କାରଖାନାରେ ନକଲି ଜର୍ଦ୍ଦା ପ୍ରସ୍ତୁତ କରାଯାଇ ବିଭିନ୍ନ ଅଞ୍ଚଳରେ ବିକ୍ରି ହେଉଥିଲା। ଖବରପାଇ ପୂର୍ବାହ୍ନ ପ୍ରାୟ ୧୧ଟାରେ କଟକ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଅତିରିକ୍ତ ଆଇଆଇସି ଅନୀତା ସାହୁ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର ଓ ସ୍ୱାସ୍ଥ୍ୟ ପରିଦର୍ଶକ ଭଗବାନ ଲେଙ୍କା ସେଠାରେ ଚଢାଉ କରିଥିଲେ। ଚଢାଉବେଳେ ଉକ୍ତ କାରଖାନାର ଖାଦ୍ୟ ନିରାପତ୍ତା ଲାଇସେନ୍ସ ଓ ଟ୍ରେଡମାର୍କ ନ ଥିବା ଜଣାପଡିଥିଲା। ସେଠାରୁ ୨୦୦ ବସ୍ତା ନକଲି ଜର୍ଦ୍ଦା, ବିଭିନ୍ନ କମ୍ପାନୀର ଲୋଗୋ ଓ ଅପମିଶ୍ରିତ କଞ୍ଚାମାଲ ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଥାନାଧିକାରୀ ଜେନା କହିଛନ୍ତି। ତେବେ ଚଢାଉ ପରେ କାରଖାନାର ମାଲିକ ଓ ତାଙ୍କ ପୁଅ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ସେହିପରି ମାଲଗୋଦାମ ଥାନା ଅଞ୍ଚଳରେ ଥିବା ଜଣେ ବ୍ୟବସାୟୀଙ୍କ ଗୋଦାମ ଘରେ ପୋଲିସ ଓ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଇ ୨ ଲକ୍ଷ ୨୬ ହଜାର ପ୍ୟାକେଟ୍ ଅପମିଶ୍ରିତ ଗୁଟ୍‌ଖା, ୮ ଲକ୍ଷ ପ୍ୟାକେଟ୍ ଶତାବରୀ ଜବତ କରାଯାଇଛି। ମୁକାମେଶ୍ୱର ଗ୍ରାମର ଉକ୍ତ କାରଖାନାରେ ତିଆରି ହେଉଥିବା ସାମଗ୍ରୀ ଏହି ଗୋଦାମଘରେ ରଖାଯାଇ ବିକ୍ରି ହେଉଥିଲା।


କଟକ ମାଲଗୋଦାମ ଅଞ୍ଚଳର ଗୋଦାମଘରେ ପୋଲିସର ଚଢାଉ।


ମୁକାମେଶ୍ୱର ଗ୍ରାମରେ ଥିବା କାରଖାନାରୁ ଜବତ ନକଲି ସାମଗ୍ରୀ।

- ମାଲଗୋଦାମ ଓ ମୁକାମେଶ୍ୱରରେ ଚଢ଼ାଉ
- କାରଖାନା ମାଲିକ, ପୁଅ ଫେରାର
- ମାଲଗୋଦାମ ଅଞ୍ଚଳରୁ ବ୍ୟବସାୟୀ ଗିରଫ

ଖବରପାଇ କଟକ ଜୋନ-୧ ଏସିପି ଅମରେନ୍ଦ୍ର ପଣ୍ଡା, ମାଲଗୋଦାମ ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରୈଲୋକ୍ୟ ସାହୁଙ୍କ ସହ ଅନ୍ୟମାନେ ଏଠାରେ ଚଢାଉ କରିଥିଲେ। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଏସିପି ପଣ୍ଡା କହିଛନ୍ତି। ଏହି ଘଟଣାରେ ଦୋକାନ ମାଲିକ କାର୍ତ୍ତିକ ରାମ୍‌ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ମାମଲା(ନଂ.୧୬୬/୨୧) ରୁଜୁ ହୋଇଛି।

କିଛିମାସ ପୂର୍ବେ କଟକ ଚାଉଳିଆଗଞ୍ଜ, ଜଗତ୍‌ପୁର, ମଧୁପାଟଣା, ପିଠାପୁର, ସିଡିଏ ଅଞ୍ଚଳରେ ଅପମିଶ୍ରିତ ଘିଅ, ନକଲି ସିମେଣ୍ଟ, ଖୁଟ୍‌ଖା, ମସଲା ସାମଗ୍ରୀ ପ୍ରସ୍ତୁତ କାରଖାନାରେ ପୋଲିସ ଚଢାଉ କରିଥିଲା। ଏଥିସହ ସେଠାରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରିଥିଲା। ଏହାସତ୍ତ୍ୱେ ପୋଲିସ ଏହି କାରବାରକୁ ରୋକିବାରେ ସମ୍ପୂର୍ଣ୍ଣ ସଫଳ ହୋଇପାରିନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅପମିଶ୍ରଣ କାରବାରକୁ ରୋକିବା ସହ ଅପମିଶ୍ରିତକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି।

DSPL-112
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
ଓଡ଼ିଶା ସରକାର
କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ
କାଳିଆ ଛାତ୍ର ବୃତ୍ତି
ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଶୁଭାରମ୍ଭ
୯ ଅଗଷ୍ଟ ୨୦୨୧
ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ
http://scholarship.odisha.gov.in
ଆବଶ୍ୟକ ଯୋଗ୍ୟତା
ରାଜ୍ୟର ସରକାରୀ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ/ ଶିକ୍ଷାନୁଷ୍ଠାନରେ ବୃତ୍ତିଗତ ତଥା ବୈଷୟିକ ଶିକ୍ଷାରେ ସ୍ନାତକ/ ଡିପ୍ଲୋମା / ଆଇ.ଟି.ଆଇ.ର ବିଦ୍ୟାର୍ଥୀ
କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷକ ପରିବାରଙ୍କ ସନ୍ତାନ ସନ୍ତତି
ହେଲପ୍ ଲାଇନ୍
୧୫୫୩୨ / ୧୮୦୦-୩୪୫-୬୭୭୦
scholarshipagri@gmail.com
OIPR-01034/13/0016/2122
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

## କୂଅରୁ ମାଟି ଧସି ଯୁବକଙ୍କ ମୃତ୍ୟୁ

ରେଢ଼ାଖୋଲ,(ଡି.ଏନ.ଏ.): ରବିବାର ଏକ କୂଅ ସଫା କରୁଥିବା ବେଳେ ମାଟି ଅତଡ଼ା ଧସିବାରୁ ରେଢ଼ାଖୋଲ ଥାନା ଗଡାଖୋଲ ଗ୍ରାମର ଦେବେନ୍ଦ୍ର ଦେହୁରୀ (୩୦)ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, କୂଅ ସଫା କଲା ବେଳେ ମାଟି ଧସିବାରୁ ସେ ପୋତି ହୋଇ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏ ନେଇ ରେଢ଼ାଖୋଲ ଥାନାରେ ନଂ ୧୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଓଡିଶା ସ୍କୁଲ, କଲେଜ ଅଧାପକ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଜିଲାପାଳ ଅଫିସ, ପୂର୍ବାହ୍ନ ୧୦ଟା ।
- ସମ୍ବଲପୁର ଓବିସି ମଞ୍ଚର ଶୋଭାଯାତ୍ରା, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ।
- ଆଦିବାସୀ ଦିବସ କାର୍ଯ୍ୟକ୍ରମ, ପାନ୍ଥ ନିବାସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।

**ଦେବଗଡ଼**
- ଚାଷ ଜମିର ଉଚିତ୍ ମୂଲ୍ୟ ଦାବିରେ ଗେଲ ଇଣ୍ଡିଆ ପାଇପ୍ ଲାଇନ ବିରୋଧରେ କାର୍ଯ୍ୟବନ୍ଦ ଆନ୍ଦୋଳନ,କୋରଡ଼ପଶି, ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ମାର୍ବଲ ତଳେ ଚାପି ଜଣେ ଶ୍ରମିକ ମୃତ

ରାଉରକେଲା ଅଫିସ୍, ୮।୮: ସିଭିଲ ଟାଉନଶିପ୍‌ରେ ଅନ୍‌ଲୋଡିଂ ବେଳେ ମାର୍ବଲ ତଳେ ଚାପି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଧୁସୂଦନପାଲିର ଅଭିଜିତ ବାନାର୍ଜୀ। ଏହି ଦୁର୍ଘଟଣାରେ ଗୁଡ୍ଡୁ ଇଜାକ୍ ନାମକ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରଘୁନାଥପାଲୀ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମୃତାହତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି। ସୂଚନା ମୁତାବକ, ସିଭିଲ ଟାଉନଶିପ୍‌ରେ ଜଣେ ବ୍ୟବସାୟୀଙ୍କ ବିଲ୍‌ଡିଂ ନିର୍ମାଣ କାମ ଚାଲିଛି। ସେଠାରେ ଅଭିଜିତ ଓ ଗୁଡ୍ଡୁଙ୍କ ସମେତ ୪ଜଣ ଶ୍ରମିକ କାମ କରୁଥିଲେ। ରବିବାର ସେମାନେ ଟ୍ରକ୍‌ରୁ ମାର୍ବଲ ଅନ୍‌ଲୋଡିଂ କରୁଥିବା ବେଳେ ହଠାତ୍ ଅଭିଜିତ ଓ ଗୁଡ୍ଡୁଙ୍କ ଉପରେ ମାର୍ବଲ ଖସି ପଡିଯାଇଥିଲା।

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାରସୁଗୁଡା ଅଫିସ୍,୮।୮: ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ମହାସିଂହ ନିକଟ ଏକ ଆମ୍ବଗଛରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣଙ୍କ ହେଲେ ପଞ୍ଚଗାଁ ଗ୍ରାମର ପ୍ରଦୀପ ଅଢ଼ା(୨୧)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତକଙ୍କ କକାପୁଅ ଭାଇ ପୂର୍ଣ୍ଣଚନ୍ଦ୍ର ଅଢ଼ାଙ୍କ ଅଭିଯୋଗକୁ ନେଇ ପୋଲିସ ରେଙ୍ଗାଲି ଥାନାରେ ଅପମୃତ୍ୟୁ ମାମଲା (ନଂ.୧୫/୨୧) ରୁଜୁକରି ତଦନ୍ତ ଚଳାଇଛି।

### ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ବ୍ରଜରାଜନଗର, ୮।୮(ଡି.ଏନ୍.ଏ.): ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ସୁରଭି କ୍ଲବ, ହିଲଟପ କଲୋନୀ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭାରତୀୟ ଜନତା ପାର୍ଟି ବ୍ରଜରାଜନଗର ମଣ୍ଡଳ ସଭାପତି ରୁକ୍ମନ ଧୂରୁଆ ଉଦଘାଟିତ କରିଥିଲେ । ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଝାରସୁଗୁଡା ଜିଲାର ଯୁବ ନେତା କୃଷ୍ଣମୁରାରୀ ସିଂହଙ୍କ ନେତୃତ୍ୱରେ ହୋଇଥିଲା। କାର୍ଯ୍ୟକ୍ରମରେ ଟଙ୍କଧର ତ୍ରିପାଠୀ ରାଜ୍ୟ ଭାଜପା ସମ୍ପାଦକ, ରାଧାରାଣୀ ପଣ୍ଡା ପୂର୍ବତନ ବିଧାୟିକା, ବିଶ୍ୱଜିତ ଷଡ଼ଙ୍ଗୀ, ରାଜ୍ୟ ଉପସଭାପତି ଭାଜପା ଯୁବ ମୋର୍ଚ୍ଚା, ଅନିଲ କୁମାର ନାୟକ, ଅମରେନ୍ଦ୍ର ରାଇ, ପ୍ରମୋଦ ପୂଜାରୀ, ରାମାନନ୍ଦ ଯାଦବ ଯୋଗଦାନ କରିଥିଲେ। ଆୟୋଜକ ଭାବେ ନିରଜ ବାରିକ, ପିଣ୍ଟୁ ରାଇ, ନେହାଳ ଶର୍ମା, ସାହିଲ ବେହେରା, ସାହିଲ ମହାନ୍ତି, କ୍ରିଷ୍ଣା ଯାଦବ ଉପସ୍ଥିତ ଥିଲେ ।

### ବିଜେଡିର ମିଶ୍ରଣ ପର୍ବ

ବ୍ରଜରାଜନଗର,୮।୮(ଡି.ଏନ୍.ଏ.): ଜିଲା ବିଜେଡ଼ି ସଭାପତି ତଥା ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତିଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି କଂଗ୍ରେସ, ଭାଜପା କର୍ମୀ ବିଜେଡ଼ିରେ ଯୋଗଦେଇଛନ୍ତି। ପୂର୍ବତନ ସରପଞ୍ଚ ମକରଧଜ କଉଡ଼ିଙ୍କ ଆବାହକତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଝାରସୁଗୁଡ଼ା ବ୍ଲକର କୁଦୋପାଲି ଗ୍ରାମପଞ୍ଚାୟତର ଶତାଧିକ ଯୁବକ, ମହିଳା କଂଗ୍ରେସ ଓ ଭାଜପା ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକଙ୍କ ଦ୍ୱାରା ପ୍ରଥମେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତ୍ରିନାଥ ଗୁଆଲ, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁଜାତା ଦିଗଲ, ଜିଲା ସାଧାରଣ ସମ୍ପାଦକ ବିଶନାଥ ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ମିତ୍ରଭାନୁ ସାହୁ, ଜିଲା ଉପସଭାପତି କୁଳମଣି ଦାଶ, ଜିଲା ଉପସଭାପତି ସଞ୍ଜିତ ପ୍ରଧାନ, ଜିଲା ସମ୍ପାଦକ ଗୋପାଳ ସିତାନୀ, ବ୍ରଜରାଜନଗର ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ନରେଶ ଖମାରୀ ଉପସ୍ଥିତ ଥିଲେ।

# ଘରୋଇ ନର୍ସିଂହୋମ୍‌ରେ ସରକାରୀ ଡାକ୍ତରଙ୍କ ରୋଗୀସେବା

ଝାରସୁଗୁଡା ଅଫିସ୍,୮।୮

ଝାରସୁଗୁଡା ଏକ ଶିଳ୍ପସମୃଦ୍ଧ ଜିଲା ହୋଇଥିବାବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଗତି ହେଉଛି ବୋଲି ସ୍ୱାସ୍ଥ୍ୟବିଭାଗ ପ୍ରଚାର କରୁଛି। ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ପ୍ରସାରଣ କରାଯାଇ ୭ମହଲା କୋଠା ନିର୍ମାଣ ହୋଇଛି। ଏଠାରେ ଭିତ୍ତିଭୂମିର ଆଉ ଅଭାବ ନ ଥିବାବେଳେ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଆନୁସଙ୍ଗିକ ଯନ୍ତ୍ରପାତି ନ ଥିବାରୁ ଅନେକ ସମୟରେ ଡାକ୍ତରମାନେ ସାଧାରଣ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରୁଥିବା ଦେଖିବାକୁ ମିଳୁଛି। ଫଳରେ ସାଧାରଣ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ବୁର୍ଲା ବଡମେଡିକାଲ୍, କଟକ ଓ ଭୁବନେଶ୍ୱର ଆଦି ଦୂରଦୂରାନ୍ତକୁ ଯାଉଛନ୍ତି। ଏହାର ସୁଯୋଗନେଇ ଝାରସୁଗୁଡାରେ ଏବେ ଛତୁଫୁଟିଲା ଭଳି ଘରୋଇ ନର୍ସିଂହୋମ୍ ଖୋଲିବାରେ ଲାଗିଛି। ଏହି ସବୁ ଘରୋଇ ନର୍ସିହୋମ୍ ସହିତ ସରକାରୀ ଡାକ୍ତରଙ୍କ ସଲାସୁତୁରା ରହିଛି । ଏଭଳି ସ୍ଥିତିରେ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇଁ ସରକାରୀ ଡାକ୍ତରଖାନାକୁ ଗଲେ ସେଠାରେ ଡାକ୍ତରମାନେ ବିଭିନ୍ନ ବାହାନା ଦେଖାଇ ରୋଗୀଙ୍କୁ ଘରେଇ ନର୍ସିଂହୋମ୍‌କୁ ପଠାଇ ଦେଉଛନ୍ତି। ଖାଲି ପଠାଇ ଦେଉନାହାଁନ୍ତି, ସରକାରୀ ଡାକ୍ତରମାନେ ସେମାନଙ୍କ ଡିଉଟି ସମୟରେ ରୋଗୀଙ୍କୁ ନିଜେ ସାଙ୍ଗରେ ଧରି ନର୍ସିଂହୋମ୍‌କୁ ଆଣି ଚିକିତ୍ସା କରୁଛନ୍ତି। ଏଭଳି ବ୍ୟବସାୟ ଫଳରେ



ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟ।

**ରୋଗୀଙ୍କ ସେବାରେ ଆସୁନାହିଁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟ**

ସରକାରୀ ଡାକ୍ତରମାନେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିବାବେଳେ ରୋଗୀମାନେ ସରକାରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଖାଲି ବଞ୍ଚିତ ନୁହେଁ, ଘରୋଇ ନର୍ସିଂହୋମ୍‌ରେ ଶୋଷଣ ହେବା ସହ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ମୃତ୍ୟୁମୁଖରେ ପଡୁଛନ୍ତି। ଝାରସୁଗୁଡା ଜିଲାରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ବଞ୍ଜାରୀ ସବ୍‌ସେଣ୍ଟରରେ କାର୍ଯ୍ୟରତ ଭରତ ଚନ୍ଦ୍ର ସାହୁ ନାମକ ସ୍ୱାସ୍ଥ୍ୟକର୍ମୀ ବାଇକ୍‌ରେ ଦୁର୍ଘଟଣା ହୋଇ ଗୋଡ ଭାଙ୍ଗିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଅର୍ଥୋପେଡିକ୍ ଡାକ୍ତର ପ୍ରୀତିରଞ୍ଜନ ପାତ୍ରଙ୍କ ପରାମର୍ଶକ୍ରମେ ଗତ ଗୁରୁବାର ସ୍ଥାନୀୟ ସଞ୍ଜିବନି ନର୍ସିଂହୋମ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସରକାରୀ ଡାକ୍ତର ପାତ୍ର ନିଜେ ନର୍ସିଂହୋମ୍‌ରେ ପହଞ୍ଚି ସ୍ୱାସ୍ଥ୍ୟକର୍ମୀ ସାହୁଙ୍କ ଗୋଡ ଅସ୍ତ୍ରୋପଚାର ପାଇଁ ଓଟିକୁ ନେଇଥିଲେ। ଅସ୍ତ୍ରୋପଚାର ପୂର୍ବରୁ ରାଜ କୁମାର ପ୍ରଧାନ ନାମକ ଡାକ୍ତର ସ୍ୱାସ୍ଥ୍ୟକର୍ମୀଙ୍କୁ ଆନେସ୍ଥେସିଆ ନିଶା ଇଞ୍ଜେକସନ ଦେଇଥିଲେ। ଇଞ୍ଜେକସନ୍ ନେବାପରେ ମାତ୍ର ୧୫ରୁ ୨୦ମିନିଟ୍ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀ ଜଣଙ୍କ ଅସୁସ୍ଥ ହୋଇପଡିଥିଲେ । ଆଉ ଅସ୍ତ୍ରୋପଚାର ନ କରି ହାର୍ଟ ସମସ୍ୟା ଦର୍ଶାଇ ନର୍ସିଂହୋମ୍‌ରେ ଆଇସିୟୁ ବ୍ୟବସ୍ଥା ନ ଥିବା କହି ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଆମ୍ବୁଲାନ୍ସ ଯୋଗେ ବୁର୍ଲା ବଡମେଡିକାଲ୍ ପଠାଇ ଦେଇଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ରିସିଭ୍ ଡେଥ୍ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ବଡଭାଇ ବିଳାସ ସାହୁ କହିଛନ୍ତି, ଅସ୍ତ୍ରୋପଚାର ପୂର୍ବରୁ ମାତ୍ରାଧିକ ନିଶା ଇଞ୍ଜେକ୍‌ସନ ଦେବା ଫଳରେ ତାଙ୍କ ଭାଇ ନର୍ସିଂହୋମ୍‌ରେ ପ୍ରାଣ ହରାଇଛନ୍ତି। ଏଥିରୁ ବଞ୍ଚିବା ପାଇଁ ନର୍ସିଂହୋମ୍ କର୍ତ୍ତୃପକ୍ଷ ମୃତବ୍ୟକ୍ତିଙ୍କ ଶରୀରରେ ଅକ୍ସିଜେନ୍ ଲଗାଇ ଆମ୍ବୁଲାନ୍ସ ଯୋଗେ ଅନ୍ୟତ୍ର ସ୍ଥାନାନ୍ତରିତ କରିଦେଇଥିଲେ। ସେ ଆହୁରି ଅଭିଯୋଗ ଆଣିଛନ୍ତି ଯଦି ନର୍ସିଂହୋମ୍‌ରେ ଆଇସିୟୁ ବ୍ୟବସ୍ଥା ନାହିଁ ତାହେଲେ ଡାକ୍ତର କେମିତି ବିନା ଆଇସିୟୁରେ ଅସ୍ତ୍ରୋପଚାର କରିବାକୁ ଯାଉଥିଲେ। ଏଥିପାଇଁ ସେ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଏହାର ପ୍ରକୃତ ତଦନ୍ତ କରାଯାଇ ନର୍ସିଂହୋମ୍ ମାଲିକ ଓ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କ୍ଷତିପୂରଣ ଦାବି କରିଛନ୍ତି। ଏନେଇ ସମ୍ପୃକ୍ତ ନର୍ସିଂହୋମ୍ ଆସିଷ୍ଟାଣ୍ଟ ମ୍ୟାନେଜର ଅଜୟ ଶର୍ମା କହିଛନ୍ତି, ଅର୍ଥୋପେଡିକ ଡାକ୍ତର ପାତ୍ର ଅନେକ ସମୟରେ ରୋଗୀଙ୍କୁ ଆଣି ନର୍ସିଂହୋମ୍‌ରେ ଚିକିତ୍ସା କରନ୍ତି।


ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ମୃତ୍ୟୁବରଣ କରିଥିବା ସ୍ୱାସ୍ଥ୍ୟକର୍ମୀ ଭରତ ଚନ୍ଦ୍ର ସାହୁ (ଫାଇଲ୍ ଫଟୋ)।

ଡାକ୍ତର ପାତ୍ର ଓ ଡାକ୍ତର ପ୍ରଧାନ ଚିକିତ୍ସା କରୁଥିବାବେଳେ ଏଭଳି ହୋଇଛି ବୋଲି ସେ କହିଛନ୍ତି। ଏନେଇ ସାମାଜିକ କର୍ମୀ ଦେବାନନ୍ଦ ବାରିକ କହିଛନ୍ତି, ଜିଲାରେ କୋଟିକୋଟି ଟଙ୍କା ବ୍ୟୟରେ ମୁଖ୍ୟ ଚିକିତ୍ସାଳୟ ରହିଛି। ହେଲେ ସାମାନ୍ୟ ଗୋଡଭାଙ୍ଗିଲେ ଏଠାରେ ଅସ୍ତ୍ରୋପଚାର ନ କରି ରୋଗୀଙ୍କୁ ଘରେଇ ନର୍ସିଂହୋମ୍ ପଠାଇ ଦିଆଯାଉଛି। ଏହା କାହା ସ୍ୱାର୍ଥରେ ବୋଲି ସେ କହିଛନ୍ତି। ଝାରସୁଗୁଡା ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କୁ ଅସ୍ତ୍ରୋପଚାର କରିବାପାଇଁ ପ୍ରସ୍ତୁତ ରହିଥିବା ଅର୍ଥୋପେଡିକ୍ ଡାକ୍ତର ପାତ୍ର ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ହୋଇଥିବାବେଳେ ଆନେସ୍ଥେସିଆ ନିଶା ଇଞ୍ଜେକ୍‌ସନ ଦେଇଥିବା ଡାକ୍ତର ପ୍ରଧାନ ହେଉଛନ୍ତି ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବୋଲି ଜଣାପଡିଛି। ୨ଜଣ ସରକାରୀ ଡାକ୍ତର ପୁଣି ନର୍ସିଂହୋମ୍‌ରେ ଆସି ଘରେଇ ଚିକିତ୍ସା କରୁଥିବା ଏବେ ନଜରକୁ ଆସିଛି। ଏନେଇ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସକ ଡାକ୍ତର ଲାଲ୍‌ମୋହନ ରାଉତରାୟ କହିଛନ୍ତି, ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ଏହିପରି ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସକ ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି, ଏସମ୍ପର୍କରେ ତାଙ୍କୁ ଜଣାନାହିଁ। ଏବେ ଜାଣିଲା ପରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଭାଜପା ଝାରସୁଗୁଡ଼ା ଟାଉନ୍ ମଣ୍ଡଳର କର୍ମକର୍ତ୍ତା ଘୋଷଣା

ଝାରସୁଗୁଡା ଅଫିସ୍,୮।୮

ଭାଜପା ଝାରସୁଗୁଡା ଟାଉନ୍ ମଣ୍ଡଳର ନୂତନ କର୍ମକର୍ତ୍ତାଙ୍କ ନାମ ତାଲିକା ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅନୁମୋଦନକ୍ରମେ ରବିବାର ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ଏହି କମିଟିରେ ଜଣେ ସଭାପତି, ୬ଜଣ ଉପସଭାପତି, ୨ଜଣ ସାଧାରଣ ସମ୍ପାଦକ, ୬ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୪୫ଜଣ ଏକଜିକ୍ୟୁଟିଭ୍ ମେମ୍ବର ଓ ବିଭିନ୍ନ ବିଭାଗର ୬ଜଣ ମୋର୍ଚ୍ଚା ସଭାପତି ରହିଛନ୍ତି। ଏଥିମଧ୍ୟରେ ସଭାପତି ଦୀନେଶ କୁମାର ଉପାଧ୍ୟାୟ, ଉପସଭାପତି ଭୂପେନ୍ଦ୍ର ବୈଦ, ରାମକେତନ ସାହୁ, ବିକାଶ ଗୁରୁଙ୍ଗ୍, ଅମରଜିତ୍ ସିଂହ, ଦେବେନ୍ଦ୍ର ପଟେଲ, ରୂପା କୁମ୍ଭାର, ସାଧାରଣ ସମ୍ପାଦକ ରବି ନାରାୟଣ ହୋତା, ସନ୍ଦିପ ମିଶ୍ର, ସମ୍ପାଦକ ଜମୁନା ସୁନାନୀ, ଉମେଶ ଗୁପ୍ତା, ଅଞ୍ଜଳୀ ନାୟକ, ସ୍ୱତନ୍ତ୍ର କୁମାର ଗୁପ୍ତା, ସୁବ୍ରତ ନାୟକ, ସଞ୍ଜୟ ମିସ୍ତ୍ରୀ, କୋଷାଧ୍ୟକ୍ଷ ଦୀପକ ଦାସ, ଯୁବମୋର୍ଚ୍ଚା ସଭାପତି ବାପି ସାହୁ,ମହିଳା ମୋର୍ଚ୍ଚା ସଭାପତି ସରିତା କୁମାରୀ,ଏସ୍‌ଟି ମୋର୍ଚ୍ଚା ସଭାପତି ନରୋତ୍ତମ କିଷାନ,ଏସ୍‌ସି ମୋର୍ଚ୍ଚା ସଭାପତି ବିଶାଳ ସାଗର, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ବାବା କୁରେସି, ଓବିସି ମୋର୍ଚ୍ଚା ସଭାପତି ରାଜେଶ ବିଶ୍ୱକର୍ମା ପ୍ରମୁଖ ରହିଛନ୍ତି ।

# ବନ୍ଧୁକ ମୁନରେ ଯୁବକଙ୍କୁ ଅପହରଣ କରି ମାଡ଼

ସମ୍ବଲପୁର,୮।୮(ବ୍ୟୁରୋ)

ପୋଲିସ ନିଷ୍କ୍ରିୟତାରୁ ସମ୍ବଲପୁର ଜିଲାରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି ପାଇଛି। ଶନିବାର ଧନୁପାଲି ଥାନା ଅଧୀନ ମୋତିଝରନର ମହମ୍ମଦ ତୋଫାନ (୩୫)ଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁଖ୍ୟାତ ଅପରାଧି ଶେଖ ସାମଦ (୩୦) ଫେରାର ହୋଇ ଯାଇଛନ୍ତି। ତେବେ ସାମଦଙ୍କ ସ୍ତ୍ରୀ ରେଜିଆ ବେଗମ (୨୫) ଓ ସାଙ୍ଗ ମହମ୍ମଦ ସଦାମ (୩୪)ଙ୍କୁ

**ଅଭିଯୁକ୍ତ ଫେରାର, ଅଭିଯୁକ୍ତଙ୍କ ସ୍ତ୍ରୀ ସହ ସାଙ୍ଗ ଗିରଫ**

ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଧନୁପାଲି ଥାନାରେ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁସାରେ, ତୋଫାନ ପୂର୍ବରୁ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଜେଲ ଯାଇ ଜାମିନରେ ଆସିଛନ୍ତି। ଏବେ ଅଭିଯୁକ୍ତ ସାମଦ ଓ ଅନ୍ୟମାନେ ତୋଫାନଙ୍କ ପରିବାରକୁ ଧମକ ଚମକ ଦେଇ ଆସୁଥିଲେ। ଶନିବାର ସନ୍ଧ୍ୟାରେ ତୋଫାନଙ୍କୁ ବନ୍ଧୁକ ଦେଖାଇ ସିଟି ଷ୍ଟେସନ ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନକୁ ଅପହରଣ କରିନେଇ ସେଠାରେ ମାରପିଟ କରିଥିଲେ। ଘଣ୍ଟା ଘଣ୍ଟା ଧରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ତେବେ କୌଶଳକ୍ରମେ ତୋଫାନ ସେମାନଙ୍କ କବଳରୁ ଖସି ଆସି ଧନୁପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଚଢାଉ କରି ସାମଦଙ୍କ ସ୍ତ୍ରୀ ରେଜିଆ ଓ ସାଙ୍ଗ ସଦାମକୁ ଗିରଫ କରିଥିଲା। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ସାମଦଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ହତ୍ୟା, ମାରପିଟ, ରାଜହାନୀ ଭଳି ସଙ୍ଗୀନ ମାମଲା ରହିଛି।

# ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

ଝାରସୁଗୁଡା ଅଫିସ,୮।୮

ଝାରସୁଗୁଡା ଟାଉନ ଥାନା ଅନ୍ତର୍ଗତ ପୁରୁଣାବସ୍ତି ପୋଖରୀରୁ ରବିବାର ଅଗ୍ନିଶମ କର୍ମଚାରୀମାନେ ପୋଲିସ ଉପସ୍ଥିତିରେ ନିଖୋଜ ଯୁବକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ସ୍ଥାନୀୟ ପୁରୁଣାବସ୍ତି ଲୁହୁରାପଡାର ଧର୍ମେନ୍ଦ୍ର ଗର୍ଡିଆ(୩୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ଶଳା କରୁଣାକରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଟାଉନ ଥାନାରେ ଅପମୃତ୍ୟୁ ମାମଲା (ନଂ.୩୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ ଗତ ଶୁକ୍ରବାର ଧର୍ମେନ୍ଦ୍ର ଘରୁ ବାହାରି ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ଘର ଲୋକେ ଭାବିଥିଲେ ଧର୍ମେନ୍ଦ୍ର ଘରକୁ ନ ଆସି ସାଙ୍ଗସାଥିଙ୍କ ସହିତ ରହିଯାଇଥିବେ। ତାପର ଦିନ ମଧ ସେ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଏଭଳି ସ୍ଥିତିରେ ନିଖୋଜର ୨ଦିନ ପରେ ଯୁବକଙ୍କ ମୃତଦେହ ନିକଟସ୍ଥ ପୋଖରୀରେ ଭାସୁଥିବା ପ୍ରଥମେ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବକ ଜଣଙ୍କ ପୋଖରୀକୁ ଗାଧୋଇ ଆସିଥିବାବେଳେ ଅସାବଧାନତା ବଶତଃ ବୁଡିଯାଇ ମୃତବରଣ କରିଥିବା ପୋଲିସ ସନ୍ଦେହ କରୁଛି ।


ପୋଖରୀ କୂଳରେ ପହଞ୍ଚି ପୋଲିସ ତଦନ୍ତ କରୁଛି।

## ଜୈବିକ ଧାନ ଚାଷ ପ୍ରଣାଳୀ ନେଇ ତାଲିମ

ଜମନକିରା,୮।୮(ଡି.ଏନ୍.ଏ.)

ଚଳିତବର୍ଷ ଜୈବିକ ପଦ୍ଧତିରେ କିପରି ଧାନ ଚାଷ କରାଯାଇ ପାରିବ ସେ ନେଇ ସାତୋୟାମା ପକ୍ଷରୁ ଏକ ତାଲିମ ଶିବିର ରବିବାର ଜମନକିରା ବ୍ଲକର ପଥୁରିଆ ଗାଁରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ, ବଡ଼ରମା ବନାଞ୍ଚଳ ଅନ୍ତର୍ଗତ ପଥୁରିଆ ଗ୍ରାମର ଚାଷୀ, ମା' ତାରିଣୀ ଏବଂ ମା' ସମଲେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଜୈବିକ ପଦ୍ଧତିରେ ୧୦ଟି ଗ୍ରାମର ୧୫୦ ଏକର ଜମିରେ ଚାଷ କରିବା ପାଇଁ ସାତୋୟାମା ପ୍ରକଳ୍ପ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ପ୍ରାକୃତିକ ସମ୍ପଦ , ପରିବେଶ ସୁରକ୍ଷା ତଥା ଗ୍ରାମୀଣ ଜନ ସମୂହଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ ଏହି ପ୍ରକଳ୍ପର ଗଠନ ହୋଇଛି। ଏହି ପରିପ୍ରେକ୍ଷୀରେ ବଡ଼ରମା ବନ ବିଭାଗ ପକ୍ଷରୁ ପଥୁରିଆ ଗ୍ରାମର ଚାଷୀମାନଙ୍କ ସହ ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୈବିକ ପଦ୍ଧତି ଓ କୀଟନାଶକ ପ୍ରସ୍ତୁତ ବିଷୟରେ ତାଲିମ ପ୍ରଦାନ କରାଯାଇଛି। ଯେଉଁ ଚାଷୀମାନେ ଏଥିରେ ସଫଳତା ପାଇବେ ସେମାନଙ୍କୁ ୫ ହଜାର ଟଙ୍କା ଲେଖାଁଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ରମା ରେଞ୍ଜର ରିସ୍ମା ଜାମୁଡାଲିଆ, ଫରେଷ୍ଟର ଦୁଷ୍ମନ୍ତ ଖର୍ସେଲ, ଫରେଷ୍ଟ ଗାର୍ଡ଼ ଟି.ବି.ଏସ୍ ସାହୁ ଏବଂ ସାତୋୟାମା ପ୍ରକଳ୍ପ ପକ୍ଷରୁ ସିଦ୍ଧାର୍ଥ ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

## ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ରେଢ଼ାଖୋଲ, ୮।୮(ଡି.ଏନ.ଏ)

ରେଢ଼ାଖୋଲ ବିଜୁ ଛାତ୍ର ଜନତା ଦଳର ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଶିବଶମ୍ଭୁ ନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଜିଲା ଛାତ୍ର ସଭାପତି ଡ. ସିଦ୍ଧାନ୍ତ ମହାନ୍ତି, ପର୍ଯ୍ୟବେକ୍ଷକ ସନ୍ତୋଷ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ଯୁବ ବ୍ଲକ ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ଜିଲା ବିଜେଡି ସାଧାରଣ ସମ୍ପାଦକ ପୁରୁଷୋତ୍ତମ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଜନସାଧାରଣଙ୍କୁ ଅବଗତ କରାଇବା ସହ ଏହାର ସୁବିଧା ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ସଂଗଠନକୁ ମଜଭୁତ କରି ଆଗାମୀ ଦିନରେ ବିଧାୟକ ରୋହିତ ପୂଜାରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଥିଲା।

## ଗୋଲବଜାରରେ ଭାରତ ଯୋଡ଼ୋ ଆନ୍ଦୋଳନ

ସମ୍ବଲପୁର,୮।୮ (ବ୍ୟୁରୋ)

ଦେଶରେ ଇଂରେଜ ଶାସନ ସମୟରେ ତିଆରିହୋଇଥିବା ଆଇନକୁ ରଦ୍ଦ କରିବାକୁ ରବିବାର ଭାରତ ଯୋଡୋ ଆନ୍ଦୋଳନ କରାଯାଇଛି। ଏହି କ୍ରମରେ ସମ୍ବଲପୁର ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଗୋଲବଜାରଠାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସଭାପତି ମିଳନ ରଣା ନେତୃତ୍ୱ ନେଇଥିଲେ। ଜନସଂଖ୍ୟା ନିୟନ୍ତ୍ରଣ ଆଇନ, ଅନୁପ୍ରବେଶକାରୀ ନିୟନ୍ତ୍ରଣ ଆଇନ, ଦେଶରେ ସମାନ ନାଗରିକ ସଂହିତା ଓ ସମାନ ଅପରାଧ ସଂହିତା ଲାଗୁ କରିବା ଲାଗି କର୍ମକର୍ତ୍ତା ଓ ସଭ୍ୟମାନେ ସ୍ଲୋଗାନ ଦେଇଥିଲେ। ଏହାପରେ ଇଂରେଜ ଶାସନ ସମୟରେ ତିଆରି ହୋଇଥିବା ବିଭିନ୍ନ ଆଇନକୁ ପୋଡା ଯାଇଥିଲା। ଭାରତୀ ପଣ୍ଡା, ସ୍ନେହଲତା ଦେବୀ, ବିଦ୍ୟୁତପ୍ରଭା ଯୋଶୀ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଡା. ରାଜ କୁମାର ବଡପଣ୍ଡା, ଦାମୋଦର କର, ମାନସ ରଞ୍ଜନ ବକ୍ସି, ଅରବିନ୍ଦ ନାୟକ, ସୌମିକ ବାବୁ, ରୁଦ୍ର ପ୍ରତାପ ଦ୍ୱିବେଦୀ, ସୁଜିତ ମିଶ୍ର, ନନ୍ଦକିଶୋର ମିଶ୍ର, ଉପେନ୍ଦ୍ର ଝା, ତୁଷାର ରଞ୍ଜନ ପଣ୍ଡା, ପ୍ରଦୀପ ବେହେରା, ସଞ୍ଜୟ ଚାନ୍ଦ, ଅବଦୁଲ କାଦିର୍, ଶଶାଙ୍କ ଶେଖର ପାଲ, ଲିଙ୍ଗରାଜ ଦୋରା ମହେଶ ନାଥ, ପ୍ରଦୀପ ଯୋଶୀ ପ୍ରମୁଖ ସାମିଲ ଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ

ସମ୍ବଲପୁର,୮।୮(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ଯୋଗିପାଲିଠାରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଏସଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ପଟୁଆ, ଆନନ୍ଦ ଜେନା, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜିତ ମହାନ୍ତି, କବିତା ପୁରୋହିତ, ଦିଲିପ ଦୁରିଆ,ମନୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦଳୀୟ ସଂଗଠନ ଉପରେ ଆଲୋଚନା ହୋଇଥିଲା। ତୃଣମୂଳ ସ୍ତରରେ ଦଳକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଜିଲା ସ୍ତରରେ ନିଯୁକ୍ତ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରାଯାଇଥିଲା। ମୋତିଲାଲ ତନ୍ତି, ଏମଡି ସତ୍ୟେନ, ଶିଶିର ମହାନ୍ତି, ଅଶୋକ କୁମାର ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ଯୁବ ସଭାପତି ଲକ୍ଷ୍ମୀଧର ମହାନ୍ତିଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।


କର୍ମୀ ସମ୍ମିଳନୀରେ ଅତିଥି ଓ ଅନ୍ୟମାନେ ।

# ଅଣଓଡିଆଙ୍କ ଦଳିତ ବିରୋଧୀ ମନ୍ତବ୍ୟ: ନିହାଲ ସିଂ

ସମ୍ବଲପୁର,୮।୮(ବ୍ୟୁରୋ)

ଦଳିତ ଶ୍ରେଣୀଙ୍କ ପାଇଁ ସରକାର ସମସ୍ତ ସୁବିଧା ସୁଯୋଗ ଦେବାର ବ୍ୟବସ୍ଥା କରିବା ସହ ସୁରକ୍ଷା ଲାଗି କଡା ନିୟମ ରହିଛି। ହେଲେ ସମ୍ବଲପୁର ଜିଲାରେ ପ୍ରଶାସନ ଓ ପୋଲିସ ଦଳିତମାନଙ୍କୁ ସୁରକ୍ଷା ଦେବାରେ ଅବହେଳା କରୁଛି। କିଛି ମାସ ହେଲା ଜିଲାରେ ଦଳିତମାନଙ୍କୁ ଟାର୍ଗେଟ କରାଯାଉଛି। ଦଳିତଙ୍କୁ ନେଇ କଟୁ ମନ୍ତବ୍ୟ ଦେବା ସହ ଜାତିଆଣ ଆକ୍ଷେପ କରି ସମାଲୋଚନା କରାଯାଉଛି। ଏଥିରେ ସାଂପ୍ରଦାୟିକ ବିଭେଦ ସୃଷ୍ଟି ହେଉଛି। ଶାନ୍ତିପୂର୍ଣ୍ଣ ସହରକୁ ବିଶୃଙ୍ଖଳିତ କରିବାକୁ ଚେଷ୍ଟା କରାଯାଉଛି। ସମ୍ବଲପୁରରେ ପୂର୍ବରୁ ବସବାସ କରୁଥିବା ବ୍ୟକ୍ତି ନୁହନ୍ତି କେତେଜଣ ଅଣ ଓଡିଆ ଏଭଳି ମନ୍ତବ୍ୟ ଦେଉଛନ୍ତି ବୋଲି ରବିବାର ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ଅଧ୍ୟକ୍ଷ ନିହାଲ ସିଂ କହିଛନ୍ତି। ସେ ଆହୁରି କହିଥିଲେ ଯେ, ଗତ କିଛି ଦିନ ତଳେ ଘୁନଘୁଟିପଡାବାସୀଙ୍କ ବିରୋଧରେ ଜାତିଆଣ ଆକ୍ଷେପ କରାଯିବା ସହ ଗୋ ମାଂସ ଖାଉଥିବା ନେଇ ମନ୍ତବ୍ୟ ଦିଆଯାଇଥିଲା । ସାମାଜିକ ଗଣମାଧ୍ୟମରେ ଜଣେ ଅଣଓଡିଆଙ୍କ ନାମ ଥିବା ବିବୃତି ଘୁରି ବୁଲୁଥିଲା। ଏହାକୁ ନେଇ ପଡାବାସୀ କ୍ଷେତରାଜପୁର ଥାନାରେ ଏତଲା ଦେଇଛନ୍ତି। ହେଲେ ପୋଲିସ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ମଙ୍ଗଳବାର ସୁଦ୍ଧା ଅର୍ଥାତ ୪୮ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଘୁନଘୁଟି ପଡାବାସୀ ସମଲେଇ ଯୋଜନାରେ ବିସ୍ଥାପନ ହେବାକୁ ଯାଉଛନ୍ତି। ୪ ଶହ ବର୍ଷରୁ ଅଧିକ ହେବ ସେମାନେ ରହି ଆସୁଛନ୍ତି । ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯାଉ ନାହିଁ। ଜନପ୍ରତିନିଧିମାନେ ମଧ ଗରିବଙ୍କ ସମସ୍ୟା ଉପରେ ଦୃଷ୍ଟି ଦେଉନାହାନ୍ତି। ଏହି ପଡାରେ ଗୋ ମାଂସ ଖାଇବା ଟିପ୍ପଣୀ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ମହାସଚିବ ଶିବ ଶଙ୍କର ପ୍ରଧାନ, ଉପାଧ୍ୟକ୍ଷ ସୁବେଶ ମୁଣ୍ଡା, ଉପ ମହାସଚିବ ପଦ୍ମା ମହାନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।



ସମ୍ବଲପୁର ପାନ୍ଥନିବାସରେ ଖବରଦାତା ସମ୍ମିଳନୀ।

**୪୮ ଘଣ୍ଟାରେ ଗିରଫ କରିବାକୁ ଦାବି**

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୯ ଅଗଷ୍ଟ, ୨୦୨୧



## ଯୌତୁକ ନିର୍ଯାତନା, ସ୍ୱାମୀ ଗିରଫ

ରାଜଗାଙ୍ଗପୁର,(ଡି.ଏନ.ଏ): ନବବିବାହିତା ସ୍ତ୍ରୀକୁ ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ରାଜଗାଙ୍ଗପୁର ସହରର ପ୍ରିୟା କୁମାରୀ (ଛଦ୍ମନାମ) ଗତ ଡିସେମ୍ବର ୨୦୨୦, ସିମଡେଗାର ଜିତେନ୍ଦ୍ର ଯାଦବକୁ ବିବାହ କରିଥିଲେ । ବିବାହ ପରେ ପ୍ରିୟା କୁମାରୀଙ୍କ ଉପରେ ଯୌତୁକ ନିର୍ଯାତନା ଆରମ୍ଭ ହୋଇଥିଲା। ନିର୍ଯାତନା ସହି ନ ପାରି ରାଜଗାଙ୍ଗପୁର ନିଜ ବାପ ଘରକୁ ଚାଲି ଆସିଥିଲେ ଓ ଘଟଣା ସମ୍ବନ୍ଧରେ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ରାଜଗାଙ୍ଗପୁର ଥାନାଧିକାରୀ ବାଭଷ ପ୍ରଧାନ ଏହାର ତଦନ୍ତ କରି ଜିତେନ୍ଦ୍ର ଯାଦବକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

### ସଂକ୍ଷେପରେ

## ସରକାରୀ ମହିଳା ମହାବିଦ୍ୟାଳୟ ପରିଚାଳନା ସମିତିର ନୂତନ କର୍ମକର୍ତ୍ତା

ସୁନ୍ଦରଗଡ଼,୮।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ପରିଚାଳନା ସମିତିର ନୂତନ କର୍ମକର୍ତ୍ତାଙ୍କ ନାମ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୩୧୫୩୧ ତାରିଖ ୭।୮।୨୦୨୧ ଅନୁଯାୟୀ ପରିଚାଳନା ସମିତିର ପୁନର୍ଗଠନ କରାଯାଇଛି। ଏହି ନୂତନ ପରିଚାଳନା ସମିତିରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ଡ:ଇନ୍ଦିରା ନାଏକଙ୍କୁ ପରିଚାଳନା ସମିତିର ସଭାପତି ଭାବେ ନିଯୁକ୍ତ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଉପସଭାପତି ତଥା ସମ୍ପାଦକ ରହିଥିବାବେଳେ ସହକାରୀ ପ୍ରଫେସର ଡ.ସୁଷମା ହାଁସଦା, ସୁଶୀଲ ପଟେଲ, ଅବସରପ୍ରାପ୍ତ ଡିଏସପି ଦାମୋଦର ମାଝି, ସାମାଜିକ କର୍ମୀ ପ୍ରଭାତ ଭୋଲ, ଆଡଭୋକେଟ ଧର୍ମେଶ କୁମାର ପଟେଲ, ରଞ୍ଜନା ପଣ୍ଡା, ଜୟନାରାୟଣ ତ୍ରିପାଠୀଙ୍କୁ ସଭ୍ୟ ଭାବେ ରଖାଯାଇଛି।

## ପୋଲ ତଳକୁ ଡେଇଁ ଯୁବକ ନିଖୋଜ

ଲହୁଣୀପଡା,୮।୮ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଦର୍ଜିଂ ବ୍ରାହ୍ମଣୀ ନଦୀରେ ନବନିର୍ମିତ ପୋଲରୁ ରବିବାର ସକାଳୁ ଜଣେ ଯୁବକ ଡେଇଁ ନିଖୋଜ ହୋଇଥିବା ଜଣାପଡିଛି । ବହୁ ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର ସନ୍ଧାନ ମିଳି ନ ଥିବା ଜଣାପଡିଛି। ରାଉରକେଲା ରଘୁନାଥପାଲି ଥାନା ଅନ୍ତର୍ଗତ ହରିହର ବସ୍ତିର ମେଘନାଦ ଦାସ ଆସି ଦର୍ଜିଂର ଏକ ଢ଼ାବାରେ ଅନେକ ବର୍ଷ ହେବ କାମ କରୁଥିଲେ। ରବିବାର ସକାଳୁ ଦର୍ଜିଂରେ ନବନିର୍ମିତ ବ୍ରାହ୍ମଣୀ ନଦୀ ପୋଲ ଉପରେ ଛିଡା ହୋଇଥିବା କେତେକ ଲୋକ ଦେଖିଥିଲେ । କିନ୍ତୁ ସେ ନିଜେ ପିନ୍ଧିଥିବା ଚପଲକୁ ପୋଲ ଉପରେ ରଖି ଦେଇ ହଠାତ ବ୍ରାହ୍ମଣୀ ନଦୀକୁ ଡେଇଁ ପଡିଥିଲେ। ଫଳରେ ସେଠାରେ ଥିବା ଲୋକମାନେ ପାଟି କରିବା ସହିତ ପୋଲିସକୁ ଖବର ଦେବାରୁ ଲହୁଣୀପଡା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ। ମେଘନାଦ ଦାସ କାହିଁକି ପୋଲ ତଳକୁ ଡେଇଁଲେ ତାର ପ୍ରକୃତ କାରଣ ଜଣାପଡି ନାହିଁ ।

## ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଫଳ ବଣ୍ଟନ

ଲହୁଣୀପଡା,୮।୮ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ରବିବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଫଳବଣ୍ଟନ କରାଯାଇଛି। ଦଳର ବରିଷ୍ଠ ସଙ୍ଗଠନ ନିର୍ମଳ ମାହାତଙ୍କ ପୁଣ୍ୟତିଥି ଅବସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଏହା କରାଯାଇଥିଲା। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସୁନ୍ଦରଗଡ଼ ଜିଲା ସମ୍ପାଦକ ପାତ୍ରାସ ଏକ୍କାଙ୍କ ତତ୍ତ୍ୱାବଧାନରେ ଏହି ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶହିଦ ନିର୍ମଳ ମାହାତ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜଣେ ବରିଷ୍ଠ ସଙ୍ଗଠକ ନିଷ୍ଠାପର, ଟାଣୁଆ ନେତା ଭାବେ ପରିଚିତ ଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଏମଡି ଜଲିଲ, ବସନ୍ତ ସାହୁ, ଜବଲୁନ ଟପ୍ପୋ, ଏମଡି ଅସଗର, ଲକ୍ଷ୍ମଣ ବର୍ମା, ହେଲେନ ଟପ୍ପୋ, ନିର୍ମଳ ଓରାମ, ଡମନିକ ସୁରେନ, ଲେଲନ ଟପ୍ପୋ, ବିମଳା ତିର୍କୀ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ସ୍କୁଲ ବ୍ୟାଗ, ସାନିଟାଇଜର, ମାସ୍କ ବଣ୍ଟନ

କୁତ୍ରା,୮।୮(ଡି.ଏନ୍.ଏ.): କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪୯ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ, ସାନିଟାଇଜର, ମାସ୍କ, ଖାତା, ପେନସିଲ, କମ୍ପାସ ପ୍ରଭୃତି ବଣ୍ଟନ କରାଯାଇଛି। ଜେଏସଡବ୍ଲୁ ଶିବା ସିମେଣ୍ଟ କାରଖାନା ତରଫରୁ ଜିନ୍ଦଲ କମ୍ପାନୀର ପ୍ରତିଷ୍ଠାତା ଓମପ୍ରକାଶ ଜିନ୍ଦଲଙ୍କ ୯୧ତମ ଜନ୍ମ ଦିନ ଉପଲକ୍ଷେ ଏହା ବଣ୍ଟନ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଜେଏସଡବ୍ଲୁ ସିଏସ୍ଆର ମୁଖ୍ୟ ସଂଗ୍ରାମ ରାଉତ, ରିମାରୋଜ ଲାକଡା ପ୍ରମୁଖ ଏହା ବଣ୍ଟନ କରିଥିଲେ। ପୂର୍ବରୁ ପିଲାଙ୍କୁ ପାଠପଢାରେ ଉନ୍ନତି ସକାଶେ କମ୍ପାନୀ ତରଫରୁ ୩ଟି ସ୍ମାର୍ଟ ଶ୍ରେଣୀଗୃହ ଯୋଗାଇ ଦିଆଯାଇଛି। ସେହିପରି ବିଦ୍ୟାଳୟ ପରିବେଶକୁ ଆକର୍ଷଣୀୟ କରିବା ଦିଗରେ ଉପାଦେୟ ବୃକ୍ଷଲତା ଯୋଗାଇ ପରିବେଶ ସୁରକ୍ଷା ଦିଗରେ ସହଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ଯସ୍ମିନ ମିଞ୍ଜ, ଲବଣିଧର ଗର୍ଡିଆ, ସୁନୀଲ ସେଠୀ,ବାବୁଲାଲ ଟପ୍ପୋ, ଦିଲୀପ ବେହେରା, ଜାନକୀ ସିଂ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ: ଲୋକେ ଭୟଭୀତ

କୁତ୍ରା,୮।୮(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକର ପଞ୍ଚରାର ପତ୍ରାପଡ଼ା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଶନିବାର ମଧରାତିରେ ପତ୍ରାପଡ଼ାରେ ହାତୀପଲ ଗ୍ରାମର ସୁକୃ ଗରଡ଼ିଆଙ୍କ ଘର ନିକଟରେ ଥିବା ତାଙ୍କ ପରିବା ବାଡ଼ିରେ ପଶି ଝୁଡ଼ଙ୍ଗ, ବାଇଗଣ, ବିଲାତି ଆଦି ବିଭିନ୍ନ ପନିପରିବାକୁ ଦଳିମକଚି ନଷ୍ଟ କରିଦେଇଛନ୍ତି। ଏହି ହାତୀପଲରେ ୧୭ଟି ହାତୀ ଥିବା ଲୋକେ କହିଛନ୍ତି। ଲୋକେ ଘଉଡ଼ାଇବାରୁ ପାଖ ଜଙ୍ଗଲ ଆଡ଼କୁ ଚାଲିଯାଇଛନ୍ତି। ଶୁକ୍ରବାର ରାତ୍ରି ୧ଟାବେଳେ ସାଧୁମୁଣ୍ଡା ଗ୍ରାମର ସୁରସେନ ସୋରେଙ୍ଗ ଓ ଛୁରୀଚୋଖା ଗ୍ରାମର ଦାନିଏଲ ଟେଟେଙ୍କ ଘର ଭାଙ୍ଗିଥିଲେ। ଘର ଭାଙ୍ଗିବାରୁ ଦାନିଏଲଙ୍କ ସ୍ତ୍ରୀଙ୍କ ଉପରେ କାନ୍ଥପଡି ସେ ଆହତ ହୋଇଥିଲେ। ହାତୀ ଉପଦ୍ରବ ଯୋଗୁ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକେ ଦିନରାତି ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ରାତି ତମାମ ଲୋକେ ଜଗିରହୁଛନ୍ତି। ରାତିରେ ହାତୀମାନେ ଜୋରରେ ଗର୍ଜନ କରୁଛନ୍ତି। ବନବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏଣୁ ଏଥିପ୍ରତି ବନ ବିଭାଗ ତତ୍ପରତା ଦେଖାଇ ହାତୀ ଘଉଡ଼ାଇବାର ବ୍ୟବସ୍ଥା କରିବା ସାଙ୍ଗକୁ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।


ହାତୀପଲ ଘର ଭାଙ୍ଗି ଦେଇଛନ୍ତି।

## ଭେଡ଼ାବାହାଲରେ ବଣୁଆ ହାତୀ

ସୁନ୍ଦରଗଡ଼,୮।୮(ଡି.ଏନ.ଏ.)

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲ ଗ୍ରାମ ନିକଟରେ ରବିବାର ୨ଟି ବଣୁଆ ହାତୀ ଆସି ଉପଦ୍ରବ କରିବା ଦେଖିବାକୁ ମିଳିଥିଲା। ଏହି ଦୁଇଟି ହାତୀ ପାଖ ଜଙ୍ଗଲରୁ ଚାଲିଆସି ଧାନଚାଷ ଜମିରେ ମାଡିଦଳି ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ହାତୀ ଦୁଇଟାକୁ ଘଉଡାଇବାକୁ ଚେଷ୍ଟା କରିଛନ୍ତି ।

# କ୍ଷୋଭ ପ୍ରକଟ କଲେ କର୍ମୀ



ବୈଠକରେ ବଡ଼ଗାଁ ବ୍ଲକ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା।

ବଡ଼ଗାଁ,୮।୮(ଡି.ଏନ୍.ଏ.)

### ବଡ଼ଗାଁରେ ବିଜୁ ଛାତ୍ର ଜନତା ଦଳର ବୈଠକ

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶନିବାର ପୂର୍ବାହ୍ନରେ ବଡ଼ଗାଁ ବ୍ଲକ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବିଜେଡିର ବରିଷ୍ଠ ନେତା ଷ୍ଟିଫେନ୍ ସୋରେଙ୍ଗ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସହନବାଜ ହୁସେନ, ଅବଜରଭର ଗୌରବ ବାରିକ ଯୋଗଦେଇଥିଲେ। ନବୀନ ସରକାର ପ୍ରତ୍ୟେକ ବର୍ଗର ଲୋକଙ୍କୁ ବିନା ଭେଦଭାବରେ ବିକାଶ ପଥରେ ଆଗେଇ ନେଉଥିଲେ ମଧ ଆମର କୌଣସି ଭୁଲ ଯୋଗୁ ସୁନ୍ଦରଗଡ଼ ଜିଲାରେ ଆଶାନୁରୂପ ସଫଳତା ମିଳୁନାହିଁ ବୋଲି ବରିଷ୍ଠ ନେତା ଷ୍ଟିଫେନ୍ କହିଥିଲେ। ଯୁବବର୍ଗ ଗାଁ, ପଡାକୁ ଯାଇ ନବୀନ ସରକାରଙ୍କ ଯୋଜନା, ଜନହିତକର କାର୍ଯ୍ୟ ଉପରେ ଲୋକଙ୍କୁ ଅବଗତ କରାଇବା, ଲୋକଙ୍କ ସମସ୍ୟା ବୁଝି ତାର ସମାଧାନ କରିବା ଏବଂ ଜନସେବା ମାଧ୍ୟମରେ ଲୋକଙ୍କ ସହିତ ଯୋଡି ହେବାକୁ ବୁଝାଇଥିଲେ। ଆଗାମୀ ନିର୍ବାଚନରେ ଯୁବକ, ଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ତେଣୁ ବର୍ତ୍ତମାନ ଠାରୁ ପ୍ରସ୍ତୁତ ହୋଇ କାମରେ ଲାଗିଯିବାକୁ ସେ କହିଥିଲେ। ଅବଜରଭର ଗୌରବ ବାରିକ ସୋସିଆଲ ମିଡିଆରେ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପାଇଁ ଏବେ ଠାରୁ ପ୍ରସ୍ତୁତ ହେବାକୁ କହିଥିଲେ। ବୈଠକରେ କେତେକ କର୍ମକର୍ତ୍ତା ସ୍ଥାନୀୟ ଓ ଜିଲାସ୍ତରୀୟ ନେତାଙ୍କୁ ଛୋଟ ଛୋଟ ସମସ୍ୟାର ସମାଧାନ ପାଇଁ ଫୋନ କଲେ ସୁଇଚ୍ଅପ୍ କିମ୍ବା ଫୋନ ରିସିଭ କରୁ ନ ଥିବାରୁ ଆମେ କାହାକୁ ନେଇ କାମ କରିବୁ ପ୍ରଶ୍ନ ଉଠାଇ କ୍ଷୋଭ ପ୍ରକଟ କରିଥିଲେ। ବିଜୁ ଛାତ୍ର ଜନତା ଦଳର ବଡଗାଁ ବ୍ଲକ ସଭାପତି ତ୍ରିନାଥ ବେହେରା ବୈଠକ ପରିଚାଳନା କରିଥିଲେ।

# ୧୦ହଜାର କିଲୋ ମହୁଲି ପୋଚ ଜବତ: ୩ ଗିରଫ

କୁତ୍ରା,୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖଡକୁରବାହାଲ ଗ୍ରାମର ମାଲିପଡାଠାରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୦ ହଜାର କିଲୋ ମହୁଲି ପୋଚ ସହ ୫୦୦ ଲିଟର ରନ୍ଧା ମଦ ଜବତ କରାଯାଇଛି। ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ଅବାଧରେ ମଦ ପ୍ରସ୍ତୁତ କରାଯାଇ କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହେଉଥିଲା। ଏବାବଦରେ ଖବରପାଇ କୁତ୍ରା ପୋଲିସ, ସୁନ୍ଦରଗଡ଼ ଓ ସମ୍ବଲପୁର ଅବକାରୀ ବିଭାଗ ମିଳିତ ଭାବେ ୨ପ୍ଲାଟୁନ ପୋଲିସ ଫୋର୍ସ ସହ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ହାବିଲ ଖାଖାଙ୍କ ଉପସ୍ଥିତିରେ ରବିବାର ଭୋର ୪ଟାରେ ଅତର୍କିତ ଚଢ଼ାଉ କରିଥିଲେ। ପୋଚ ଓ ମଦ ସାଙ୍ଗକୁ ଗୋଟିଏ ଟ୍ରକ ପରିମାଣର ମଦ ତିଆରି ସାମଗ୍ରୀ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ବର୍ଷା ହେଉଥିବା କାରଣରୁ ଅନ୍ୟମାନେ ଫେରାର୍ ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ବାନା ସାହୁ(୪୭), ଭୁଖନାଥ ସାହୁ(୨୮) ଓ ଲାଲମଣି ସାହୁ(୪୦)। ଏହି ଚଢ଼ାଉରେ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନରୋତ୍ତମ ମିଶ୍ର, ଅବକାରୀ ଇନ୍ସପେକ୍ଟର ସତ୍ୟଜିତ ଖଟୁଆ, ସ୍ମୃତିକାନ୍ତ ରାଉତ, ବିପ୍ରଚରଣ ମଣ୍ଡଳ ପ୍ରମୁଖ ନେତୃତ୍ୱ ନେଇଥିଲେ। ସୂଚନାଥାଉକି କୁତ୍ରା ବ୍ଲକର ବୁଢ଼ାକଟା, କଣ୍ଢେଇମୁଣ୍ଡା, ତେଲିଘନା, ଗୁଲେପଡା, ଡାହିଜିରା ପ୍ରଭୃତି ଅଞ୍ଚଳରେ ଅବାଧରେ ମଦ ବିକ୍ରି ହେଉଛି। ତେଣୁ ଅବକାରୀ ବିଭାଗ ଓ ପୋଲିସ ସେସବୁ ସ୍ଥାନରେ ଚଢାଉ କରିବାକୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।


ଜବତ ମଦ ତିଆରି ସାମଗ୍ରୀ ସହ ଅବକାରୀ ଓ ପୋଲିସ କର୍ମଚାରୀ।

### ଗୋଟିଏ ଟ୍ରକ ପରିମାଣର ମଦ ତିଆରି ସାମଗ୍ରୀ ଜବତ

## ଓ.ପି ଜିନ୍ଦଲଙ୍କ ୯୧ତମ ଜୟନ୍ତୀ ପାଳିତ

ଟେନ୍ସା,୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟେନ୍ସାରେ ଥିବା ଟିଆରବି ଖଣି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃର ମାଲିକ ସ୍ୱର୍ଗତ ଓପି ଜିନ୍ଦଲଙ୍କ ୯୧ତମ ଜନ୍ମ ବାର୍ଷିକ ଶନିବାର ପାଳିତ ହୋଇଛି। ସକାଳୁ ଓପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ୟୁନିଟ ହେଡ ପ୍ରମୋଦ କୁମାର ପାତ୍ରଙ୍କ ଆହ୍ୱାନ କ୍ରମେ ଜିନ୍ଦଲ କଲୋନୀରେ ଥିବା ନିଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ତନ୍ତରା, ରାଇକେଲା, ବନ୍ଧଲ ଗ୍ରାମରେ ଥିବା ଗରିବ ଲୋକମାନଙ୍କୁ ଚାଉଳ, ଡାଲି, ତେଲ, ଆଳୁ ଆଦି ବଣ୍ଟନ କରାଯାଇଥିଲା। ଦିନ ତମାମ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହେବା ସହ ସମୂହ ପ୍ରସାଦ ସେବନ ହୋଇଥିଲା। କରୋନା ନିୟମକୁ ପାଳନ କରାଯାଇ ଓପି ଜିନ୍ଦଲଙ୍କ ବିଷୟ ଉପରେ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ କ୍ଲବହାଉସଠାରେ ଏକ ବିଶେଷ କାର୍ଯ୍ୟକ୍ରମରେ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଯୋଗଦେଇ, ସ୍ୱର୍ଗତ ଶ୍ରୀ ଓମ ପ୍ରକାଶ ଜିନ୍ଦଲଙ୍କ ସ୍ମୃତିଚାରଣ କରି ତାଙ୍କ ଜୀବନୀ, ଦୃଷ୍ଟିକୋଣ ଏବଂ ଆଧୁନିକ ଭାରତରେ ଶିଳ୍ପ ସଂରଚନା ରେ ବାଉଜିଙ୍କ ଭୂମିକା ସନ୍ଧର୍ଭରେ ସମସ୍ତଙ୍କୁ ବୁଝାଇଥିଲେ। ଏହି ଅବସରରେ ଜେ.ଏସ.ପି.ଏଲ ଫାଉଣ୍ଡେସନ ଦ୍ୱାରା ତନ୍ତ୍ରା ଓ ରାଇକେଲା ଗ୍ରାମ ଠାରେ ୫୦ ଜଣ ଅସହାୟ, ଗରିବ ବୃଦ୍ଧ, ବୃଦ୍ଧା, ଶିଶୁଙ୍କୁ ଏକ ମାସ ପାଇଁ ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବି.ଡି ସାହୁ, ସୁଦାମ ମହାକୁଡ଼, ଏସ .ଏସ ବିଶ୍ୱାଳ, ଅଭିମନ୍ୟୁ ସାମଲ, ପି.କେ ଧଳ, ଅଜିତ କୁମାର ବିଶୋଇ, ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଓ.ପି ଜିନ୍ଦଲଙ୍କ ଜୟନ୍ତୀରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଉଛି।

# ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ


ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟିର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କୁତ୍ରା,୮।୮( ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଓଷ୍ଟା ଆହ୍ୱାନ କ୍ରମେ କୁତ୍ରା ବ୍ଲକ ଓଷ୍ଟାର ଏକ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟିର ବୈଠକ ସଭାପତି ଲୋକନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମହେନ୍ଦ୍ର ସିଂ ଶିକ୍ଷକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶିକ୍ଷକମାନଙ୍କ ପ୍ରମୁଖ ଦାବି ହେଲା, ଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡିକୁ ଅନୁଦାନ ପ୍ରଦାନ, ପେନସନ ଓ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ୪୮ ବର୍ଷିୟ ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ଦରମା ପ୍ରଦାନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକୁ ସରକାରୀକରଣ ଦାବି କରାଯାଇଛି। ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ଜିଲାପାଳଙ୍କ ଜରିଆରେ ମିଳିତ ମଞ୍ଚ ଦ୍ୱାରା ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲା ସଭାପତି ବିଭୀଷଣ ବାରିକ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଓଷ୍ଟା ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲା ଉପସଭାପତି ନିତ୍ୟାନନ୍ଦ ବେହେରା, ଜିଲା ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଦେ, ରାଜ୍ୟ ପରିଷଦ ସଭ୍ୟ ଅମରେଶ ସାହୁ ଏବଂ ଟିକଚାନ୍ଦ ସିଂ, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ସରୋଜ ମହାରଣା, ଡିଲେଶର ରଣା, କିରନଶିଲା ବାର୍ଲା, ଦିଲ୍ଲୀପ ବେହେରା ଯୋଗଦେଇଥିଲେ।

# ଭାରତୀୟ ହକି ଦଳକୁ ନିଆରା ଢଙ୍ଗରେ ସମ୍ବର୍ଦ୍ଧନା



ଦେବଗଡ଼ରେ ନିଆରା ଢ଼ଙ୍ଗରେ ସମ୍ବର୍ଦ୍ଧନା କରାଯାଉଛି।

ଦେବଗଡ,୮।୮(ଡି.ଏନ୍.ଏ.)

ଟୋକିଓ ଅଲିମ୍ପିକ୍ସରେ ଉଲ୍ଲେଖନୀୟ ଖେଳ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ହକି ଦଳକୁ ଦେବଗଡ ଜିଲା କ୍ରୀଡା ସଂସଦ ଏବଂ ସ୍ଥାନୀୟ ଆଦିବାସୀ ହରିଜନ ଉନ୍ନୟନ ଟ୍ରଷ୍ଟ ନିଆରା ଢଙ୍ଗରେ ସମ୍ବର୍ଦ୍ଧନା ଜ୍ଞାପନ କରିଛି । ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲାର ବିଭିନ୍ନ ହକି ଖେଳାଳିଙ୍କୁ ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ ଉପଢୌକନ ପ୍ରଦାନ ପୂର୍ବକ ପ୍ରତୀକାତ୍ମକ ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ହକିଖେଳାଳିମାନଙ୍କୁ ବାଜା ବଜାଇବା ସହ ବାଣ ଫୁଟାଇ ସ୍ୱାଗତ କରାଯାଇଥିଲା। ଜନ୍ମେଜୟ ନାୟକଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଆୟୋଜକ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଧିରେନ୍ଦ୍ର ନାୟକ, ଆଦିବାସୀ ହରିଜନ ଟ୍ରଷ୍ଟର ସମ୍ପାଦକ ଉଇଲିୟମ ହେନେଜ, ଜିଲା କ୍ରୀଡା ସଂସଦ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉମାଶଙ୍କର ସାହୁ, ଯୁଗ୍ମ ସମ୍ପାଦକ ଡିଲେଶ୍ୱର ପ୍ରଧାନ ଓ କିଶୋର ରାୟ, ଜିଲା କ୍ରୀଡା ସଂସଦ କବାଡି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ ଏବଂ କ୍ରୀଡାପ୍ରେମୀ ଉପସ୍ଥିତ ରହି ଭାରତୀୟ ହକି ଖେଳାଳିମାନଙ୍କ ପ୍ରତି ସମ୍ମାନ ଜଣାଥିଲେ।

# ସାପ କାମୁଡ଼ାରେ ଯୁବକ ମୃତ

ଦେବଗଡ, ୮।୮(ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ମୁଣ୍ଡଗୋହୀରା ଗ୍ରାମରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗ୍ରାମର କୃଷ୍ଣଚନ୍ଦ୍ର ମହାକୁଳଙ୍କ ପୁଅ ଟିକେଶ୍ୱର(୧୯)। ଅନ୍ୟ ଦିନ ଭଳି ଟିକେଶ୍ୱର ଗତ ଶୁକ୍ରବାର ରାତିରେ ଘରର ଚଟାଣରେ ଶୋଇଥିଲେ। ଶନିବାର ପ୍ରତ୍ୟୁଷ ପ୍ରାୟ ୪ଟା ସମୟରେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ଏକଥା ଜଣା ପଡିବାପରେ ପରିବାର ଲୋକେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ ଥାନା ପୁଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମହୁଲଢିପା ସାହି ରାସ୍ତାରେ ପାଚେରି ନିର୍ମାଣକୁ ବିରୋଧ

ଦେବଗଡ,୮।୮(ଡି.ଏନ୍.ଏ.)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ କଡଦେଇ ଯାଇଥିବା ମହୁଲଢିପା ସାହି ରାସ୍ତାରେ ପୌର ପରିଷଦ ପକ୍ଷରୁ ପାଚେରି ନିର୍ମାଣକୁ ଜିଲା ଭାଜପା ଯୁବମୋର୍ଚ୍ଚା ବିରୋଧ କରିଛି। ରବିବାର ଅପରାହ୍ନ ପ୍ରାୟ ୨ଟାରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ମହୁଲଢିପା ସାହିର କାର୍ତ୍ତିକ ମହାକୁଳ, ଜଗନ୍ନାଥ ବେହେରା,ତନ୍ମୟ ଦାଶ, ପାଉଲ ଘୋଷ, ଅଟଳ ବିହାରୀ ସ୍ୱାଇଁ, କାଳିଆ ସାହୁ, କିରଣ ଗୁରୁ, ବାବୁଲି ଭୁକ୍ତା ପ୍ରମୁଖ ନିର୍ମାଣ ସ୍ଥାନକୁ ଯାଇ କାମ ବନ୍ଦ କରିବାକୁ ଦାବି କରିଥିଲେ। ଫଳରେ ନିର୍ମାଣ ବନ୍ଦ ହୋଇଥିଲା। ସୂଚନାଯୋଗ୍ୟ ଯେ, ଦେବଗଡ କଲେକ୍ଟୋରେଟ କଡରେ ଥିବା ରସ୍ତାକୁ ମହୁଲଢିପା ସାହି ବାସୀନ୍ଦା ସବୁଦିନିଆ ରାସ୍ତା ଭାବେ ବ୍ୟବହାର କରି ଆସୁଥିଲେ। କିଛିଦିନ ହେଲା ଦେବଗଡ ପୌର ପରିଷଦ କର୍ତ୍ତୃପକ୍ଷ ଉକ୍ତ ରାସ୍ତାରେ ପାଚେରି ନିର୍ମାଣ କରିବା ସହ ସାହି ବାସୀନ୍ଦାଙ୍କ ଯାତାୟତ ନିମନ୍ତେ ଅନ୍ୟ ଏକ ରାସ୍ତା ନିର୍ମାଣ କରୁଛନ୍ତି। ତେବେ ଉକ୍ତ ନିର୍ମଣାଧୀନ ରାସ୍ତା ଅଣ ଓସାରିଆ ଏବଂ ନିର୍ମାଣ କର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏପରିସ୍ଥଳେ ପୌର ପରିଷଦ ପୁରୁଣା ରାସ୍ତାକୁ ଅବରୋଧ କରି ସେଠାରେ ପାଚେରି ନିର୍ମଣ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ମହାବୀର ପର୍ବତରେ ଝଣ୍ଡା ସ୍ଥାପନ

ବଡ଼ଗାଁ,୮।୮(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଐତିହାସିକ ମହାବୀର ପର୍ବତ ଶିଖରରେ ପାରମ୍ପାରିକ ଭାବେ ହୋଇଆସୁଥିବା ହନୁମାନ ଝଣ୍ଡା ସ୍ଥାପନ ଓ ପୋଢ଼ ଗୁହାଳ ଗୁମ୍ଫାରେ ଭାଗବତ ପାଠ ଅନୁଷ୍ଠିତ ହୋଇଛି । ପୂର୍ବାହ୍ନରେ ବଡଗାଁ ଗ୍ରାମବାସୀମାନେ ପର୍ବତ ଚଢ଼ି ଶିଖରରେ ପହଞ୍ଚିଲା ପରେ ପାରମ୍ପାରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଶାଶ୍ୱତ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହା ପରେ ଯୁବକମାନେ ହନୁମାନ ଝଣ୍ଡା ସ୍ଥାପନ କରି ପୋଢ଼ ଗୁହାଳକୁ ଫେରିଥିଲେ। ଶନିବାର ରାତିରେ ଭଗବତ ପାଠ କରାଯିବ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଚକ୍ରଧର ମହାନ୍ତି, ଅକ୍ଷୟ ନାୟକ, ଗୌରା ନାୟକ, ବିଟୁ ନାୟକ, ପିକଲୁ ପାଣିଗ୍ରାହୀ, ରୂପେଶ ରାଉତ, ବିଶୁ ପୁରୋହିତ, ତାପସ ପଣ୍ଡା, ବବଲୁ ପ୍ରଧାନଙ୍କ ସହିତ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ବଡଗାଁର କୁଳପୁରୋହିତ ତଥା ହନୁମାନ ସାଧକ ସ୍ୱର୍ଗତ ନିତ୍ୟାନନ୍ଦ ନାୟକ ୧୯୬୩ ମସିହାରେ ଆକର୍ଷିତ ହୋଇ ପର୍ବତକୁ ଯାଇ ୩ ଦିନ ଅବସ୍ଥାନ କରିଥିଲେ। ୧୯୬୪ରୁ ସେ ଗ୍ରାମବାସୀଙ୍କୁ ନେଇ ପର୍ବତରେ ଝଣ୍ଡା ସ୍ଥାପନ ଓ ଭାଗବତ ପାଠ କରି ଆସୁଥିଲେ। ତାଙ୍କ ଦେହାନ୍ତ ପରେ ପାରମ୍ପାରିକ ଭାବେ ହୋଇଆସୁଛି। ବଡଗାଁ ଗ୍ରାମବାସୀ ଶ୍ରାବଣର ଦ୍ୱିତୀୟ ଶନିବାର ଝଣ୍ଡା ସ୍ଥାପନ କଲାପରେ ବଡଗାଁ ଓ ବାମରା ବ୍ଲକର ବିଭିନ୍ନ ଗ୍ରାମର ଲୋକେ ପର୍ବତରେ ଝଣ୍ଡା ସ୍ଥାପନ ଓ ରାତ୍ରି ଉଜାଗର ରହି ଭାଗବତ ପାଠ କରିଥାନ୍ତି।


ଝଣ୍ଡା ସ୍ଥାପନ ଅବସରରେ ଉପସ୍ଥିତ ଗ୍ରାମବାସୀ।

## ସରେଇ କଳାପାଟ ଜଙ୍ଗଲରେ ଦନ୍ତା ଅସୁସ୍ଥ

କେନ୍ଦୁଝର,(ସ୍ବ.ପ୍ର.): କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ୍ ଅନ୍ତର୍ଗତ ସରେଇ କଳାପାଟ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀ ଅସୁସ୍ଥ ହୋଇ ପଡ଼ିଛି। ହାତୀଟି ଗୋଟିଏ ସ୍ଥାନରେ ଠିଆ ହୋଇ ରହିଥିବା ବନ ବିଭାଗ ଟ୍ରାକିଂ ବେଳେ ଜାଣିବାକୁ ପାଇଥିଲା। ସେ ଅସୁସ୍ଥ ଥିବା ଆଶଙ୍କା କରି ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇଥିଲା। ତେବେ ତାକୁ କେହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଗୋଡ଼ରେ ଆଘାତ ଲାଗିଥିବାରୁ ଚଳପ୍ରଚଳ କରି ପାରୁ ନ ଥିବା ଜଣାପଡ଼ିଛି। ଭୟରେ ହାତୀ ପାଖକୁ କେହି ଯାଉ ନ ଥିବାରୁ ଚିକିତ୍ସା ଆରମ୍ଭ ହୋଇ ପାରିନାହିଁ। ତେବେ ଏ ନେଇ ବନ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

## ବିଜୁ ମହିଳା ଜନତା ଦଳର ୩୫ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ବର, ୮।୮(ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଜୁ ମହିଳା ଜନତା ଦଳର ୩୫ ଜଣ ନେତ୍ରୀଙ୍କୁ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ବ ବାଣ୍ଟିଛନ୍ତି। ଏନେଇ ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କ ଦ୍ବାରା ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଦଳ ତରଫରୁ ପ୍ରକାଶ ପାଇଥିବା ତାଲିକାରେ ଗଞ୍ଜାମ ଜିଲା ଦାୟିତ୍ବରେ ଗୀତାଞ୍ଜଳି ବସ୍ତିଆଙ୍କୁ ରଖାଯାଇଛି। ବ୍ରହ୍ମପୁର ପାଇଁ ବାସନ୍ତି ମାଝୀ, ଖୋର୍ଦ୍ଧାରେ ଲୋପାମୁଦ୍ରା ବକ୍ସିପାତ୍ର, ଭୁବନେଶ୍ବରରେ କସ୍ତୁରୀ ମହାପାତ୍ର, କେନ୍ଦୁଝରରେ ସଞ୍ଜୁକ୍ତା ମହାନ୍ତି, ମୟୂରଭଞ୍ଜ-୧ ଉମିଳତା ଦାସ, ମୟୂରଭଞ୍ଜ-୨ ସୁମିତ୍ରା ଜେନା, କଟକରେ ପ୍ରଭାସିନୀ ଷଡ଼ଙ୍ଗୀ, କଟକ ସଦରରେ ସାଇଶ୍ରୀ ପଟ୍ଟନାୟକଙ୍କୁ ଦାୟିତ୍ବ ଦିଆଯାଇଛି। ସେହିପରି ସୁନ୍ଦରଗଡରେ ଜ୍ୟୋତି ପାଣିଗ୍ରାହୀ, ରାଉରକେଲାରେ ସାଧନା ସାମନ୍ତରାୟ, ରାୟଗଡାରେ ସ୍ନିଗ୍ଧା ପାଣିଗ୍ରାହୀ, ବାଲେଶ୍ବରରେ ବାସନ୍ତି ମହାପାତ୍ର, ନୟାଗଡରେ ରୁନୁ ଜେନା, ଜଗତ୍‌ସିଂହପୁରରେ ସଞ୍ଜୁକ୍ତା ମହଲ, ମାଲକାନଗିରିରେ ନିବେଦିତା ମହାନ୍ତି, କନ୍ଧମାଳରେ ମମତା ବିଶୋଇ, ସମ୍ବଲପୁରରେ ନିବେଦିତା ନାଏକ, କେନ୍ଦ୍ରାପଡାରେ ସବିତା ମହାପାତ୍ର, ବଲାଙ୍ଗୀରରେ କଲ୍ୟାଣୀ ନାଏକ, ଅନୁଗୋଳରେ ପୁଷ୍ପାଞ୍ଜଳି ରାଣା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ବ ପାଇଛନ୍ତି। ସମାନଭାବେ କଳାହାଣ୍ଡିରେ ଅନିମା କହଁର, ପୁରୀରେ ସନ୍ଧ୍ୟା ବିଶ୍ବାଳ, ସୁବର୍ଣ୍ଣପୁରରେ ପ୍ରଭାସିନୀ ନନ୍ଦ, ଯାଜପୁରରେ ଭାରତୀ ସିଂ, ନୂଆପଡାରେ ମାଳତି ସାହୁ, କୋରାପୁଟରେ ମୀରା ପରିଡ଼ା, ବରଗଡରେ ଗୋପ ମହାନନ୍ଦା, ଭଦ୍ରକରେ ଶୁଭଦ୍ରା ଦାସ, ନବରଙ୍ଗପୁରରେ ପୁଷ୍ପାଞ୍ଜଳି ପାଣ୍ଡେ, ଢେଙ୍କାନାଳରେ ରଞ୍ଜୁଲତା ରାଏ, ଝାରସୁଗୁଡାରେ ସନ୍ଧ୍ୟାରାଣୀ ଲେଙ୍କା, ବୌଦ୍ଧରେ ସିପ୍ରା ମହାନ୍ତି, ଗଜପତିରେ ଜୟଶ୍ରୀ ଦାସ, ଦେବଗଡ଼ରେ ବନଜା ମହାନ୍ତିଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି।

# କୋଣାଦିତ୍ୟରେ ଅଖଣ୍ଡ ଧୂନି ପରମ୍ପରା ଆଜି ବି ବଞ୍ଚିଛି

## ନରସିଂହ ଦେବଙ୍କ ମା’ ମାନସିକ କରିଥିଲେ ପୁଅଟିଏ ପାଇଁ ଅବଧୂତ ମଠରେ

ଡ. ସୁରେନ୍ଦ୍ର କୁମାର ମିଶ୍ର



କୋଣାର୍କ ଅବଧୂତ ମଠ। (ଫଟୋ: ଜ୍ୟୋତିରାଜ ମହାନ୍ତି)




ତତ୍କାଳୀନ ଓଡ଼ିଶାର ବୁଦ୍ଧିଜୀବୀ ଏବଂ କାରିଗରମାନେ ବୌଦ୍ଧିକସ୍ତରରେ କେତେ ଉଚ୍ଚ ଥିଲେ, ତାହାର ବଳିଷ୍ଠ ପ୍ରମାଣ ହେଉଛି ଶ୍ରୀପଦ୍ମକେଶର ମନ୍ଦିର। ଯାହା ସମୟକ୍ରମେ ଆଜି ପ୍ରସିଦ୍ଧ ହୋଇଯାଇଛି କୋଣାର୍କ ମନ୍ଦିର ନାମରେ। ଏହାସହ ଜଡ଼ିତ ହୋଇଥିବା ମେଘର ଆବାହନୀ ଐତିହ୍ୟକୁ ଆଜି ଆମେ ବଳକା ଖାଦ୍ୟ ସହିତ ହାଣ୍ଡିବାଡ଼ିଆ ପରମ୍ପରାରେ ବଞ୍ଚେଇ ରଖିଛେ ଚନ୍ଦ୍ରଭାଗା ବୁଡ଼ର ପୂର୍ବ ରାତିରେ। ସମର୍ପିତ କରୁଛେ ଅର୍କାସୁରକୁ। ଏକ ଯଜ୍ଞର ତତ୍ତ୍ବକୁ ଅର୍କାସୁର ଐତିହ୍ୟ କଥାରେ ଆମେ ବଞ୍ଚେଇ ରଖିଛେ। ତୀର୍ଥରେ ଯେବେ ପଦ୍ମକେଶର ମନ୍ଦିର ତୋଳା ହେବାର ଆଦ୍ୟ ବିଚାରବିମର୍ଶ ଆରମ୍ଭ ହୋଇଥିଲା, ଆମର ମହାଜନମାନେ ମନ୍ଦିରର ନାମକରଣକୁ ନେଇ ଏକ ଚମତ୍କାର ସିଦ୍ଧାନ୍ତରେ ପହଞ୍ଚିଥିଲେ। ତାହା ଥିଲା ୧୨୪୧-୪୨ ମସିହା କଥା। ଇୟେ ପଦ୍ମକ୍ଷେତ୍ର। ‘ସଂଜ୍ଞା’ ଦେବୀ ଧାରଣ କରିଥିଲେ ପଦ୍ମିନୀରୂପ। ବେଦର ରହସ୍ୟ ବିଷ୍ଣୁ ଉପାସନାରେ ସମୀକରଣ ନ ହେଲେ ପିଣ୍ଡଦାନ ସମ୍ଭବ ନୁହେଁ। ସ୍ନାନ-ତର୍ପଣ-ପିଣ୍ଡଦାନର ମନୋବିଜ୍ଞାନ ଭିତ୍ତିଭୂମିରେ ‘ତୀର୍ଥ’ ନାମ ବହନ କରିଥିଲା ପଦ୍ମକ୍ଷେତ୍ର। ଆରମ୍ଭ ହୋଇଥିଲା ପଦ୍ମକ୍ଷେତ୍ରର ପଦ୍ମତୋଳା ଗଣ୍ଡରେ ଶ୍ରୀପଦ୍ମକେଶର ମନ୍ଦିର।

ସେମିତି ଐତିହ୍ୟ ବଞ୍ଚିରହିଛି ଶାମ୍ବଙ୍କ ଉପାସନା ପ୍ରସଙ୍ଗରେ। ଶାସ୍ତ୍ରରେ ଆଉ ଏକ ନାମରେ ପରିଚିତ ହେଲା ଏହି କ୍ଷେତ୍ର। ମିତ୍ରବନ ତଥା ମୈତ୍ରେୟବନ। ଶ୍ରୀପଦ୍ମକେଶର ମନ୍ଦିର ତୋଳା ହେବାର ଶହ ଶହ ବର୍ଷ ପୂର୍ବେ ମିତ୍ରବନ ପରିଚିତ ଥିଲା ତପସ୍ୟା ଭୂମି ଭାବରେ।

କୋଣାଦିତ୍ୟରେ ଶ୍ରୀପଦ୍ମକେଶର ମନ୍ଦିର ନିରାକାର ଉପାସନାର ପ୍ରଥମ ମନ୍ଦିର ନୁହେଁ। ଶାସ୍ତ୍ର ମତକୁ ଯଦି ଆଧାର କରିବା, ତେବେ ଏହା ତୃତୀୟ ମନ୍ଦିର। ତେଣୁ ବହୁ ପୂର୍ବରୁ ତୀର୍ଥରେ ୫ଟି ତୀର୍ଥଦ୍ବାରା ଏ ମାଟି ପବିତ୍ର ହୋଇ ସାରିଥିଲା। ମଣିମୟ ବିଗ୍ରହଙ୍କର ପ୍ରତିଷ୍ଠା ପୂର୍ବରୁ ଗଢ଼ି ଉଠିଥିଲା ମଣିକର୍ଣ୍ଣିକା ତୀର୍ଥ, ଚନ୍ଦ୍ରଭାଗା ତୀର୍ଥ, ଅର୍କ ତୀର୍ଥ ଓ ମଙ୍ଗଳ ତୀର୍ଥ। ସର୍ବମଙ୍ଗଳ ତୀର୍ଥଟି ଥିଲା ଶ୍ରୀମଙ୍ଗଳେଶ୍ବର ମହାଦେବଙ୍କ ନିକଟରେ, ତହସିଲ ଦସ୍ତାବିଜରେ ଠାର ଅଛି। ତୀର୍ଥଟିକୁ ପୁଣି ଚଳଚଞ୍ଚଳ କରେଇବା ଆମ ପାଇଁ ବଡ଼ କଥା ନୁହେଁ। ଯା ସହିତ ପରେ ଜଡ଼ିତ ହେଲା ଜୟଦେବ ତୀର୍ଥ।

ତୀର୍ଥ ଓ କ୍ଷେତ୍ରକୁ ନେଇ ସାଧୁ-ସନ୍ଥ-ଯୋଗୀ ଯେ ମାଟିରେ ଚଳଚଞ୍ଚଳ ଥିଲେ। ନିରାକାର ଉପାସନା ପାଇଁ ନିର୍ବିକାର ଭାବରେ ସେମାନେ ତପସ୍ୟାରତ ଥିଲେ। ଖୋଲା ଆକାଶ ଓ ବାଲିବନ୍ତ ଥିଲା ତାଙ୍କ ସାଧନାର ମୂଳାଧାର। ଅବନ୍ତୀବନ୍ତ, ବେଣୁସାଗରବନ୍ତ, ନାରାୟଣୀବନ୍ତ ପରେ ଆବିଷ୍କାର ହୋଇଥିଲା ଦର୍ଶନୀବନ୍ତ। ଆଉ ଏଇ ବନ୍ତ ପରେ ପରେ ପ୍ରଥମକରି ବୈଦିକ ଆଶ୍ରମ ପରମ୍ପରାରେ ଗଢ଼ି ଉଠିଥିଲା ଅଗସ୍ତି ଆଶ୍ରମ।

ନିରାକାର ଉପାସନା କାଳକ୍ରମେ ‘ସାକାର ଉପାସନା’ରେ ରୂପାନ୍ତରିତ ହେଲା। ନିରାକାର ସାଧନାସ୍ଥଳ ଆଶ୍ରମର ମାଧ୍ୟମ ଦେଇ ଏଇ ମାଟିରେ ସାକାର ଉପାସନା ପାଇଁ ଗଢ଼ିଉଠିଲା ପଞ୍ଚତୀର୍ଥ ଓ ପଞ୍ଚବନ୍ତ ପରି ପଞ୍ଚ ମଠ। ଅବଧୂତ ମଠର ଧୂନି ଏ ମାଟିର ଅନ୍ତରୀକ୍ଷ ମଣ୍ଡଳକୁ ପବିତ୍ର କରିବା ଯେବେ ଆରମ୍ଭ କରିଥିଲା, ସେତେବେଳେ ଗଜପତି ଲାଙ୍ଗୁଳା ନରସିଂହ ଦେବ ରାଜଗାଦୀ ଆରୋହଣ କରି ନ ଥିଲେ। ନିରାକାର ସୂର୍ଯ୍ୟ ଉପାସନାର ଆଦି ଆସ୍ଥାନ ଥିଲା ଏହି କ୍ଷେତ୍ର। ଆଦିତ୍ୟଦେବ ଏଠି ନିରାକାର ବ୍ରହ୍ମ। ଓଁ ହେଉଛି ଏହି ଉପାସନାର ପ୍ରତୀକ। ଅଗ୍ନିଙ୍କୁ ଏଠାରେ ନିର୍ବାପିତ କରାଯାଏ ନାହିଁ। ତେଣୁ ଅଖଣ୍ଡ ଧୂନି ପରମ୍ପରା ଆଜି ବି ବଞ୍ଚିରହିଛି। ଦିନେ ଗଜପତି ଅନଙ୍ଗଭୀମ ଦେବଙ୍କ ସାନ ରାଣୀ କସ୍ତୁରୀ ଦେବୀ ଏହି ମଠରେ ପଦାର୍ପଣ କରିଥିଲେ। ମହାବୀରଙ୍କ ପାଖରେ ମାନସିକ କରି ପାଇଥିଲେ ଦିଗ୍‌ବିଜୟୀ ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କୁ। ଅବଧୂତ ମଠ ପରି ରୋହିଣୀକୁଣ୍ଡ ମଠ, ପଞ୍ଚବଟୀ ମଠ ଓ ଦେଉଳି ମଠ ଯେ ମାଟିର ପାଞ୍ଚକୋଶ ପରିମିତ ଜଳ-ସ୍ଥଳ-ଆକାଶକୁ ପବିତ୍ରତାର ବଳୟରେ ବିମୁଗ୍ଧ କରିଦେଇଥିଲେ। ସାଧନାରେ ଯେତେବେଳେ ଭକ୍ତିର ମିଶ୍ରଣ ହେଲା, ସେବେ ଗଢ଼ିଉଠିଥିଲା ଲିଆଖିଆ ଆଶ୍ରମ।

## ପେଟ୍ରୋଲିୟମ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

**ଭୁବନେଶ୍ବର, ୮।୮(ବ୍ୟୁରୋ):** ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ତୈଳ ଏବଂ ଗ୍ୟାସ ପ୍ରକଳ୍ପର ଅଗ୍ରଗତି ଓ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି। ରବିବାର ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ବୈଠକରେ ରାଜ୍ୟରେ ତୈଳ ଓ ଗ୍ୟାସ ପ୍ରକଳ୍ପର ଠିକ୍ କ୍ରିୟାନ୍ବୟନ ବିଶେଷ ଭାବେ ପେଟ୍ରୋକେମିକାଲ୍ସ, ସିଟି ଗ୍ୟାସ ବିତରଣ(ସିଜିଡି), ଇଥାନଲ, ସିବିଜି, ଏଲପିଜି, ପାଇପଲାଇନ, ଅନ୍ବେଷଣ ଏବଂ ଉତ୍ପାଦନ(ଇ ଏବଂ ପି) କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ଧର୍ମେନ୍ଦ୍ର ଗୁରୁତ୍ବାରୋପ କରିଛନ୍ତି। ବୈଠକ ଫଳପ୍ରଦ ହୋଇଥିବା କେନ୍ଦ୍ରମନ୍ତ୍ରୀ ଜଣାଇଛନ୍ତି।

## ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ଆଠମଲ୍ଲିକ,୮।୮(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ସବ୍‌ଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅଙ୍ଗପଡା ଗ୍ରାମ ହାଡ଼ି ସାହିର ସୁମନ ଦେହୁରୀ (୨୬)। ଏକ ହତ୍ୟା ମାମଲାରେ ୨୦୨୦ରୁ ସେ ଗିରଫ ହୋଇ ଜେଲ୍‌କୁ ଆସିଥିଲେ। ଅପରାହ୍ନରେ ସୁମନ ଟିଭି ଦେଖୁଥିଲେ। ଅନ୍ୟ କଏଦୀଙ୍କଠାରୁ ଖବର ପାଇ ଜେଲ ୱାର୍ଡର ସୁମନଙ୍କ ପାଖକୁ ଯାଇ ଡାକିଥିଲେ ହେଁ ସେ ଶୁଣି ନ ଥିଲେ। ତାଙ୍କୁ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରାଯାଇଥିବା ସୁପରିଣ୍ଟେଣ୍ଡେଣ୍ଟ ସମରେନ୍ଦ୍ର ଦେହୁରୀ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ମଝି ନଈରେ ପ୍ରସବ

- କାମାକ୍ଷାନଗର ବ୍ଲକରେ ଜନନୀ ଯନ୍ତ୍ରଣାର ବିକଳ ଚିତ୍ର
- ଖଟିଆରେ ଭରାନଦୀ ପାର ହେଲେ ମା’, ନବଜାତକ

କାମାକ୍ଷାନଗର, ୮।୮(ଡି.ଏନ୍.ଏ.)



ମହିଳାଙ୍କୁ ନଦୀ ପାର କରି ଡାକ୍ତରଖାନା ନିଆଯାଉଛି।

ଖଟିଆରେ ଡାକ୍ତରଖାନା ବୁହାହୋଇ ଆସୁଥିବା ବେଳେ ଗର୍ଭବତୀଙ୍କ ବାଟ ଓଗାଳିଲା ନଦୀ। କଷ୍ଟେମଷ୍ଟେ ଭରାନଦୀ ପାର କରାଯାଉଥିବାବେଳେ ଅସହ୍ୟ ହେଲା ଗର୍ଭଯନ୍ତ୍ରଣା ଏବଂ ନଈ ମଝିରେ ହୋଇଗଲା ପ୍ରସବ। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକରେ ରବିବାର ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣାର ଏଭଳି ବିକଳ ଚିତ୍ର, ଯାହା ଶିଳ୍ପସମୃଦ୍ଧ ଜିଲାର ସ୍ବାସ୍ଥ୍ୟସେବାର ବାସ୍ତବତାକୁ ପଦାକୁ ଆଣିଛି।

ସୂଚନାଯୋଗ୍ୟ, କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ ଗୁଣ୍ଡିଚାନାଳୀ କଳାମାଟିସାହି ଗ୍ରାମର ଓକିଲ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ଡୁମୁନି (୧୯)ଙ୍କ ରବିବାର ସକାଳେ ଗର୍ଭକଷ୍ଟ ଆରମ୍ଭ ହୋଇଥିଲା। ଗାଁକୁ ଆମ୍ବୁଲାନ୍ସ ଯିବାକୁ ସୁବିଧା ନ ଥିବାରୁ ପରିବାର ସଦସ୍ୟ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟ ସମ୍ପର୍କୀୟମାନେ ପୂର୍ବାହ୍ନ ୯ଟାରେ ଡୁମୁନିଙ୍କୁ ଖଟିଆରେ ଡାକ୍ତରଖାନା ଆଣୁଥିଲେ। ଗାଁଠାରୁ ୨ କିମି ଦୂର ଆସିବା ପରେ ରାମିଆଳ ନଦୀ ପ୍ରତିବନ୍ଧକ ସାଜିଲା। ଅନ୍ୟ ଉପାୟ ନ ଥିବାରୁ ପରିବାର ସଦସ୍ୟ ଡୁମୁନିଙ୍କୁ ନଦୀ ପାର କରି ଡାକ୍ତରଖାନା ନେବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ସେତେବେଳକୁ ଗର୍ଭକଷ୍ଟ ବଢ଼ିଯାଇଥିଲା ଏବଂ ଭରା ନଦୀ ମଝିରେ ମହିଳା ଏକ ପୁତ୍ରସନ୍ତାନକୁ ଜନ୍ମ ଦେଇଥିଲେ। ନଈ ପାର କରିବା ପରେ କୂଳରେ ଅପେକ୍ଷା କରିଥିବା ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ତୁରନ୍ତ କାମାକ୍ଷାନଗର ଉପଖଣ୍ଡ ସ୍ବାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ମା’ ଏବଂ ନବଜାତକଙ୍କ ଚିକିତ୍ସା ଜାରି ରହିଛି। ଉଭୟେ ସୁସ୍ଥ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ବ୍ଲକ ସଦରଠାରୁ କଳାମାଟିସାହି ଗ୍ରାମର ଦୂରତା ପ୍ରାୟ ୧୦ କିଲୋମିଟର ହେବ। କାମାକ୍ଷାନଗରଠାରୁ ରାମିଆଳ ନଦୀ ଯାଏ ୭ କିମି ପକ୍କା ରାସ୍ତା ରହିଛି। ହେଲେ ନଦୀ ଅପରପାର୍ଶ୍ବରେ ଥିବା କଳାମାଟିସାହି ଗ୍ରାମକୁ ଯିବା ଲାଗି ପୋଲ କି ଭଲ ରାସ୍ତା ନାହିଁ। ଗ୍ରାମବାସୀ ବର୍ଷତମାମ ନଦୀଶଯ୍ୟାରେ ପାର ହୋଇ ଯାତାୟାତ କରିଥାଆନ୍ତି। ତେବେ ବର୍ଷାଦିନେ ସେମାନଙ୍କ ସମସ୍ୟା ବଢ଼ିଯାଏ। ନଦୀରେ ବଢ଼ି ଆସିଲେ ବ୍ଲକ ସଦର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼େ। ଗ୍ରାମବାସୀ ବଡ଼ କଷ୍ଟରେ ଜୀବନକୁ ବିପଦରେ ପକାଇ ବ୍ଲକ ସଦରକୁ ଜରୁରୀ କାର୍ଯ୍ୟରେ ଆସିଥାଆନ୍ତି। ବର୍ଷାଦିନେ ଜିଲା ପ୍ରଶାସନ ପକ୍ଷରୁ ନଦୀରେ ପୋଲ ନିର୍ମାଣ ଲାଗି ପଦକ୍ଷେପ ନିଆଯାଉ ନ ଥିବାରୁ ଅନେକ ସମୟରେ ଏଭଳି ହୃଦୟବିଦାରକ ଘଟଣା ଘଟୁଥିବା ଡୁମୁନିଙ୍କ ପରିବାର ସଦସ୍ୟ କହିଛନ୍ତି।

ଏ ସଂକ୍ରାନ୍ତରେ ବିଡିଓ ବିକାଶ କୁମାର ମହାନ୍ତି କୁହନ୍ତି, ବର୍ଷାଦିନେ ରାମିଆଳ ନଦୀରେ ପାଣି ବଢ଼ିଲେ ନଦୀ ଅପରପାର୍ଶ୍ବରେ ଥିବା ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। କଳାମାଟିସାହି ଗ୍ରାମବାସୀଙ୍କ ବ୍ଲକ ସଦରକୁ ଯାତାୟାତ ସୁଗମ ଲାଗି ବିକଳ୍ପ ରାସ୍ତା ନିର୍ମାଣ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏଥିଲାଗି ଅନୁଦାନ ଆସିଛି। ବର୍ଷାଦିନ ପରେ କାମ ଆରମ୍ଭ ହେବ।

# ଯୋଜନାରେ ଅଟକିଛି ନିୟମଗିରି କଟେଜ୍ ନିର୍ମାଣ

## ୨୦୧୯ରୁ ପଡ଼ିରହିଛି କୋଟିଏରୁ ଊର୍ଦ୍ଧ୍ବ ଟଙ୍କାର ଅନୁଦାନ

ବିଷମକଟକ,୮।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ନିୟମଗିରି ପାଦଦେଶରେ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ କଟେଜ ନିର୍ମାଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧ କୋଟିରୁ ଊର୍ଦ୍ଧ୍ବ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହି କଟେଜ୍ ନିର୍ମାଣ ଦାୟିତ୍ବ ବନ ବିଭାଗକୁ ଦିଆଯାଇଥିଲା। ହେଲେ ଏହାମଧ୍ୟରେ ୨ବର୍ଷ ବିତିଯାଇଥିଲେ ମଧ୍ୟ ଅଞ୍ଚଳର କେତେକ ନ୍ୟସ୍ତସ୍ବାର୍ଥ ବ୍ୟକ୍ତିଙ୍କ ଯୋଗୁ କାମ ଆଗେଇ ପାରୁନାହିଁ। ଅନ୍ୟପକ୍ଷରେ ଜିଲା ପ୍ରଶାସନର ମଧ୍ୟ ଆନ୍ତରିକତାର ଅଭାବ ଯୋଗୁ ଏହି ବିକାଶମୂଳକ ପ୍ରକଳ୍ପ ଅଟକିଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

କଟେଜ ନିର୍ମାଣ ପାଇଁ ୧ କୋଟିରୁ ଊର୍ଦ୍ଧ୍ବ ଟଙ୍କା ୨୦୧୯ରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଅଧୀନକୁ ଆସିଥିଲା। ହେଲେ ଡିକେଡିଏ ଅଧୀନରେ କାମ ପରିଚାଳନା ପାଇଁ କର୍ମଚାରୀ ଅଭାବ ଯୋଗୁ ଟଙ୍କା ଗୁଣପୁର ଆଇଟିଡିଏ(ସମନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥା)କୁ ହସ୍ତାନ୍ତର କରାଯାଇଥିଲା। ଆଇଟିଡିଏ କଟେଜର ଡିଜାଇନ୍ ପ୍ଲାନ୍ କରିବା ପରେ ଏହାକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲା। ବନ ବିଭାଗ ଏହାର କାମ ଆରମ୍ଭ କରିଥିଲା। ଏହାକୁ ନେଇ ବିରୋଧ ହେବାପରେ କାମରେ ବାଧା ସୃଷ୍ଟି ହେଲା। ଫଳରେ ରେଞ୍ଜର ଡିଏଫ୍‌ଓଙ୍କୁ ଅବଗତ କରିଥିଲେ। ଏହାପରେ ଡିଏଫ୍‌ଓ ଘଟଣା ନେଇ ଜିଲାପାଳଙ୍କୁ ଚିଠି କରିବା ସହ ଉକ୍ତ ଅନୁଦାନ ଆଇଟିଡିଏକୁ ଫେରାଇ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କଟେଜ କାମ ହୋଇପାରିନାହିଁ।

ସୂଚନାଯୋଗ୍ୟ, ପ୍ରସ୍ତାବିତ ୩ କଟେଜ ଡଙ୍ଗରିଆମାନଙ୍କର ପାରମ୍ପରିକ କୌଶଳରେ ନିର୍ମାଣ ନେଇ ଯୋଜନା ରହିଥିଲା। ବାଉଁଶ, କାଠର ବିଭିନ୍ନ ପ୍ରକାର କାରୁକାର୍ଯ୍ୟ, ଡଙ୍ଗରିଆଙ୍କ ସଂସ୍କୃତି, ପରମ୍ପରାର ଫଟୋଚିତ୍ର, ଅତ୍ୟାଧୁନିକ ବ୍ୟବସ୍ଥା କରିବା ପାଇଁ ଯୋଜନା ରହିଥିଲା। ଡିକେଡିଏ ଓ ବନ ବିଭାଗ ପକ୍ଷରୁ ନିୟମଗିରି ଯାଇ ଖଜୁରି ଗାଁ ନିକଟରେ ୨ ଏକର ସରକାରୀ ଜାଗା ଚିହ୍ନଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ବନ ବିଭାଗ ନିଜ ଖର୍ଚ୍ଚରେ ଜାଗା ସଫା କରି କାମ ଆରମ୍ଭ କରିଥିଲା। ହେଲେ ଉକ୍ତ କାମ ବନ ବିଭାଗ ପକ୍ଷରୁ କରାଯିବାକୁ ଥିବାବେଳେ ଏ ନେଇ କୌଣସି ଟେଣ୍ଡର ହୋଇ ନ ଥିଲା। କିନ୍ତୁ ସ୍ଥାନୀୟ କେତେଜଣ ନ୍ୟସ୍ତସ୍ବାର୍ଥ ବ୍ୟକ୍ତି କଟେଜ କାମ ନିଜ ଅଧୀନକୁ ନେଇ କରିବାକୁ ଉଦ୍ୟମ କରିଥିଲେ। ତେବେ ଏହା ଟେଣ୍ଡର କାମ ନୁହେଁ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଥିଲା। ଫଳରେ ପ୍ରକଳ୍ପକୁ ବିରୋଧ କରାଯାଇଥିଲା। କଟେଜ୍ ନିର୍ମାଣ ହେଲେ ବନ ବିଭାଗ ଜଙ୍ଗଲ ଜମିରେ ଚାଷ ଏବଂ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ଉପରେ ରୋକ ଲଗାଇବ ବୋଲି ଡଙ୍ଗରିଆଙ୍କ ମନରେ ମିଥ୍ୟା ଧାରଣା ସୃଷ୍ଟି କରାଯାଇଥିଲା। ଏହାପରେ ଡଙ୍ଗରିଆମାନେ କଟେଜ ନିର୍ମାଣକୁ ବିରୋଧ କରିଥିଲେ। ଫଳରେ କାମ ଆଗକୁ ବଢ଼ିବା ସମ୍ଭବ ହୋଇ ନ ଥିଲା। ତେବେ ଡିଏଫ୍‌ଓ ଜିଲାପାଳଙ୍କୁ ଚିଠି କରିବାର ୨ ବର୍ଷ ବିତିଯାଇଥିଲେ ମଧ୍ୟରେ ପ୍ରଶାସନ ପକ୍ଷରୁ ନୂଆ ଜାଗା ଚିହ୍ନଟ ହୋଇପାରି ନ ଥିବା ଜଣାପଡ଼ିଛି। ଜିଲା ପ୍ରଶାସନର ଇଚ୍ଛାଶକ୍ତି ଅଭାବରୁ ଏହି ପ୍ରକଳ୍ପ ଆଗେଇପାରୁ ନ ଥିବା ମତପ୍ରକାଶ ପାଇଛି। ତେଣୁ ଶୀଘ୍ର ଏହି କଟେଜ ନିର୍ମାଣ କରିବା ପାଇଁ ବିଷମକଟକ ବିକାଶ ପରିଷଦ ସଭାପତି ଗୋପାଳ ପଟ୍ଟନାୟକ, ରବୀନ୍ଦ୍ର କୁମାର ପଣ୍ଡା, ଡି. ଶିବପ୍ରସାଦ, ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭ୍ୟ ପୃଥ୍ବୀରାଜ ସାହୁ, ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆଇଟିଡିଏର ସହକାରୀ ଯନ୍ତ୍ରୀ ପଦ୍ମଚରଣ ଘଣାଙ୍କୁ ପଚାରିବାରୁ, ଆଇଟିଡିଏ ପିଏ ପଦ ଖାଲି ପଡ଼ିଛି। ନୂତନ ପିଏ ଯୋଗ ଦେବାପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏହାପରେ ଜମି ଚିହ୍ନଟ କାମ ହେବ ବୋଲି ସେ କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| Sl. No. | State | Name of the District | Name of the Sub-Distirct/Taluk/ Mandal | Name of the Village | Survey/ Plot No. | Type of Land | Nature of Land (Kisam) | Area in (Hector) | Area in (Acre) |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| ମୌଜା: ଗଣ୍ଡବନ୍ଧ ପଲା | | | | | | | | | |
| ୧ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୪ | ବେସରକାରୀ | ଆଟ | 0.1510 | ୦.୩୭୩ |
| ୨ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୫ | ବେସରକାରୀ | ଆଟ | 0.1607 | ୦.୩୯୭ |
| ୩ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୫/ ୭୭୫ | ବେସରକାରୀ | ଆଟ | 0.0526 | ୦.୧୩୦ |
| ୪ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୬ | ବେସରକାରୀ | ଆଟ | 0.0336 | ୦.୦୮୩ |
| ୫ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୭ | ବେସରକାରୀ | ଆଟ | 0.1097 | ୦.୨୭୧ |
| ୬ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୮ | ବେସରକାରୀ | ଆଟ | 0.3679 | ୦.୯୦୯ |
| ୭ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୯ | ବେସରକାରୀ | ଆଟ | 0.0558 | ୦.୧୩୮ |
| ୮ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୬୧ | ବେସରକାରୀ | ମାଳ | 0.4767 | ୧.୧୭୮ |
| ୯ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୬୨ | ବେସରକାରୀ | ବାହାଲ | 0.2740 | ୦.୬୭୭ |
| ୧୦ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୬୩ | ବେସରକାରୀ | ଆଟ | 0.5217 | ୧.୨୮୯ |
| ୧୧ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୬୪ | ବେସରକାରୀ | ମାଳ | 0.1501 | ୦.୩୭୧ |
| ୧୨ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୬୭ | ବେସରକାରୀ | ମାଳ | 0.1238 | ୦.୩୦୬ |
| ୧୩ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୬୮ | ସରକାରୀ | ନୟନଯୋରୀ | 0.1712 | ୦.୪୨୩ |
| ୧୪ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୬୯ | ସରକାରୀ | ସଡକ | 0.1425 | ୦.୩୫୨ |
| ୧୫ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୭୦ | ସରକାରୀ | ନୟନଯୋରୀ | 0.0854 | ୦.୨୧୧ |
| ୧୬ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୫/ ୭୯୧ | ବେସରକାରୀ | ଆଟ | 0.0081 | ୦.୦୨୦ |
| ୧୭ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | ଗଣ୍ଡବନ୍ଧ ପଲା | ୫୫/ ୮୦୫ | ବେସରକାରୀ | ଆଟ | 0.0324 | ୦.୦୮୦ |
| | | | | | | | | 2.9170 | ୭.୨୦୮୦ |
| ମୌଜା: କନ୍ଧ ବାନ୍ଧୋ ପଲା | | | | | | | | | |
| ୧ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | କନ୍ଧ ବାନ୍ଧୋ ପଲା | ୪୧୧ | ବେସରକାରୀ | ଘରବାରି | 0.0210 | ୦.୦୫୨ |
| ୨ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | କନ୍ଧ ବାନ୍ଧୋ ପଲା | ୪୧୧/ ୧୧୩୦ | ବେସରକାରୀ | ବାହାଲ | 0.0850 | ୦.୨୧୦ |
| ୩ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | କନ୍ଧ ବାନ୍ଧୋ ପଲା | ୪୧୧/୧୧୩୮ | ବେସରକାରୀ | ବାହାଲ | 0.1214 | ୦.୩୦୦ |
| ୪ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | କନ୍ଧ ବାନ୍ଧୋ ପଲା | ୪୨୮ | ସରକାରୀ | ସଡକ | 0.1441 | ୦.୩୫୬ |
| ୫ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | କନ୍ଧ ବାନ୍ଧୋ ପଲା | ୪୨୭ | ସରକାରୀ | ବେର୍ଣ୍ଣା | 0.0567 | ୦.୧୪୦ |
| ୬ | ଓଡ଼ିଶା | କଳାହାଣ୍ଡି | ଭବାନୀପାଟଣା | କନ୍ଧ ବାନ୍ଧୋ ପଲା | ୪୨୬ | ବେସରକାରୀ | ବାହାଲ | 0.0283 | ୦.୦୭୦ |
| | | | | | | | | 0.4565 | ୧.୧୨୮୦ |
| | | | | | | | | 48.6402 | ୧୨୦.୧୯୦୦ |

| Type of Land | Area in (Acre) | Area in (Hct) |
|---|---|---|
| GOVT | 14.003 | 5.6669 |
| PRIVATE | 106.187 | 42.9733 |
| **Total** | **120.190** | **48.6402** |

Sd./- CALA-cum-Land Acquisition Officer, Kalahandi
OIPR-24180/14/0005/2122

# ୮ ଆଲମାରିରୁ ୯ କୁଇଣ୍ଟାଲ ଗଞ୍ଜେଇ ଜବତ

## ୨ ଗିରଫ, ଗଞ୍ଜେଇ ମୂଲ୍ୟ ୯୦ ଲକ୍ଷ

କୋରାପୁଟ, ୮।୮(ସ୍ବ.ପ୍ର)



ଜବତ ଗଞ୍ଜେଇ।

ଗଞ୍ଜେଇ ଚୋରାଚାଲାଣ କରିବା ଲାଗି ଚାଲାଣକାରୀମାନେ ଭିନ୍ନଭିନ୍ନ ତରିକା ଆପଣାଉଛନ୍ତି। କେବେ ମୁଢ଼ିବସ୍ତା ଭିତରେ ତ କେବେ ଅଦା, ପଣସ ଭିତରେ ଚାଲାଣ କରୁଥିବା ନଜର ରହିଛି। ତେବେ ଏବେ ସେମାନେ ଗଞ୍ଜେଇ ଚାଲାଣ ପାଇଁ ଏକ ନୂଆ କୌଶଳ ବାହାର କରିଛନ୍ତି। ଆଲମାରି କିଣି ତା’ ଭିତରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲାରେ। ଏପରି ଉପାୟରେ ଯାଉଥିବା ବେଳେ ଜିଲାର ଲମତାପୁଟ ପୋଲିସ ଏକ ଟ୍ରକରୁ ୯କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶ ଆଲିଗଡ ଅଞ୍ଚଳର ଯଶୱନ୍ତ ସିଂ ଓ ଆଗ୍ରା ଅଞ୍ଚଳର ହରେନ୍ଦ୍ର ସିଂ। ଜବତ ଗଞ୍ଜେଇର ବଜାର ମୂଲ୍ୟ ୯୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

ଖବରରୁ ଜଣାପଡିଛି, ରବିବାର ଏକ ଆଲମାରି ବୋଝେଇ ଟ୍ରକରେ ଆଲମାରି ଭିତରେ ଗଞ୍ଜେଇ ଚୋରାଚାଲାଣ କରାଯାଉଥିବା ସୂଚନା ପାଇ ଏସ୍‌ପି ବରୁଣ ଗୁଣ୍ଟୁପାଲି ଧରପଗଡ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦପୁର ଏସ୍‌ଡିପିଓଙ୍କ ନେତୃତ୍ବରେ ସ୍ଥାନୀୟ ଚାଙ୍ଗୁଡିପଡା ଛକ ନିକଟରେ ଲମତାପୁଟ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ପାଡୁଆ ଅଞ୍ଚଳରୁ ଏକ ଟ୍ରକ ଦ୍ରୁତଗତିରେ ଆସୁଥିବା ଦେଖି କର୍ମଚାରୀମାନେ ଟ୍ରକକୁ ଅଟକାଇ ଦୀର୍ଘ ସମୟ ଧରି ଯାଞ୍ଚ କରି ଗଞ୍ଜେଇ ପାଇ ନ ଥିଲେ। ଟ୍ରକଟି ଯିବାକୁ ବାହାରିବା ବେଳେ ପୁଣି ଅଟକାଇ ଟ୍ରକରେ ଯାଉଥିବା ଆଲମାରି ଖୋଲି ଯାଞ୍ଚ କରିଥିଲେ। ଫଳରେ ୮ଟି ଆଲମାରି ଭିତରୁ ଛୋଟ ଛୋଟ ପ୍ୟାକେଟ କରାଯାଇ ରଖାଯାଇଥିବା ୯ କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି। ପଚରାଉଚରା ବେଳେ ସେମାନେ ଗଞ୍ଜେଇ ଚାଲାଣ ଲାଗି ଆନ୍ଧ୍ରର ବିଜୟ ନଗରମ ଅଞ୍ଚଳରୁ ୮ଟି ଆଲମାରି କିଣିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

## ୭ କୁଇଣ୍ଟାଲ ଗଞ୍ଜେଇ, ୨ଗିରଫ

**ତରଭା, ୮।୮(ଡି.ଏନ.ଏ.):** ଭୁବନେଶ୍ବର ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ) ତରଭା ପୋଲିସ ସହାୟତାରେ ରବିବାର ଭୋର ପ୍ରାୟ ୫ଟାରେ ସୁବର୍ଣ୍ଣପୁର ଜିଲା ତରଭା ଥାନା ତେଲନଦୀ ନିକଟ ଗୁହିରାଘାଟ ସଂରକ୍ଷିତ ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ଉଦ୍ୟମକୁ ଭଣ୍ଡୁର କରିଛି। ଅତର୍କିତ ଚଢାଉ ସମୟରେ ଜଙ୍ଗଲର ବୁଦା ଆଢୁଆଳରେ ଲୁଚାଯାଇଥିବା ୨୬ଟି ବଡ ଜରିବସ୍ତାରେ ଭର୍ତ୍ତି ଗଞ୍ଜେଇକୁ ଜବତ କରିଛି ଏସ୍‌ଟିଏଫ। ଘଟଣାସ୍ଥଳରୁ ୮ରୁ ୧୦ ଜଣ ବ୍ୟକ୍ତି ଏସଟିଏଫ ଓ ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ତେବେ ନିକଟରେ ଥିବା ଏକ ସ୍ବିଫ୍ଟ ଡିଜାଏର କାର (ନଂ ଓଡି ୦୨ ଏଏନ ୭୩୩୯)ରେ ବସିଥିବା ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୀରମହାରାଜପୁର ମୁଣ୍ଡୋଘାଟର ପୂର୍ଣ୍ଣାନନ୍ଦ ମେଣ୍ଡଲୀ ଓ ମନମୁଣ୍ଡା ଥାନା ମହତପୁର ଗ୍ରାମର ବିଶ୍ବନାଥ କର୍ଣ୍ଣ। ଉକ୍ତ ୨୬ ପ୍ୟାକେଟ ଗଞ୍ଜେଇ ବୌଦ୍ଧ ଜିଲାରୁ ଉତ୍ତରପ୍ରଦେଶକୁ ଚାଲାଣ କରିବାର ଯୋଜନା ଥିଲା। ଜବତ ଗଞ୍ଜେଇ ୬ କୁଇଣ୍ଟାଲ ୯୩ କେଜି। ତରଭା ଥାନାରେ ମାମଲା ନଂ. ୧୫୯/୨୧ ରୁଜୁ ହୋଇଛି।




## ମହିଳା ବାସ୍କେଟବଲରେ ଆମେରିକାକୁ ରେକର୍ଡ କ୍ରମାଗତ ୭ମ ସ୍ୱର୍ଣ୍ଣ

ଟୋକିଓ, ୮।୮

ଅଲିମ୍ପିକ୍ସ ମହିଳା ବାସ୍କେଟବଲରେ ଆମେରିକା ଏହାର ପ୍ରାଧାନ୍ୟ ବଜାୟ ରଖିଛି। ଫାଇନାଲରେ ଆୟୋଜକ ଜାପାନକୁ ପରାସ୍ତ କରି କ୍ରମାଗତ ୭ମ ଥର ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛି। ୫ ଅଲିମ୍ପିକ୍ ବାସ୍କେଟବଲ ସ୍ୱର୍ଣ୍ଣ ଜିତିବାରେ ଦଳର ଦୁଇ ଭେଟେରାନ ସୁଇ ବର୍ଡ ଓ ଡାଏନା ଟରାସି ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ଆମେରିକା ମହିଳା ଦଳ କ୍ରମାଗତ ୫୫ ଅଲିମ୍ପିକ ମ୍ୟାଚରେ ଅପରାଜେୟ ରହିଛି। ଶେଷଥର ସେମାନେ ୧୯୯୨ ସଂସ୍କରଣ ସେମିଫାଇନାଲରେ ପରାଜିତ ହୋଇଥିଲେ। ଜାପାନ ଶ୍ରେଷ୍ଠ ପ୍ରଦର୍ଶନ ସହ ରୌପ୍ୟ ପଦକ ଲାଭ କରିଥିବାବେଳେ ଫ୍ରାନ୍ସକୁ ବ୍ରୋଞ୍ଜ ମିଳିଥିଲା। ଫାଇନାଲରେ ଆମେରିକା ୯୦-୭୫ରେ ଜାପାନକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ବ୍ରିଟନୀ ଗ୍ରିନର ୫ ରିବାଉଣ୍ଡ ଓ ୨ ଆସିଷ୍ଟ ସହ ସର୍ବାଧିକ ୩୦ ପଏଣ୍ଟ ସ୍କୋର କରିଥିଲେ। କୌଣସି ଅଲିମ୍ପିକ କ୍ରୀଡ଼ାରେ ଏକ ଟିମ୍ କ୍ରମାଗତ ସବୁଠାରୁ ଅଧିକ ୭ଥର ଚାମ୍ପିୟନ ହେବାରେ ଆମେରିକା ମହିଳା ବାସ୍କେଟବଲ୍ ଦଳ ନିଜ ଦେଶର ପୁରୁଷ ବାସ୍କେଟବଲ ଦ୍ୱାରା ପ୍ରତିଷ୍ଠିତ ରେକର୍ଡର ସମକକ୍ଷ ହୋଇପାରିଛି। ଆମେରିକା ପୁରୁଷ ବାସ୍କେଟବଲ ଦଳ ୧୯୩୬ରୁ ୧୯୬୮ ପର୍ଯ୍ୟନ୍ତ କ୍ରମାଗତ ସ୍ୱର୍ଣ୍ଣ ପଦକ ଜିତିଥିଲା।

# ଉଦ୍‌ଯାପନୀ ଝଲକ













## ନୀରଜଙ୍କୁ ଅଲିମ୍ପିକ୍ସ ଦଳର ଭବ୍ୟ ସ୍ୱାଗତ

ଟୋକିଓ,୮।୮

ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଟୋକିଓରେ ଭାରତୀୟ ଅଲିମ୍ପିକ୍ସ ଦଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛି। ହକି ଅଧିନାୟକ ମନପ୍ରୀତ ସିଂଙ୍କ ସମେତ ଟୋକିଓରେ ଏବେ ରହିଥିବା ଅନ୍ୟ ଅଲିମ୍ପିକ୍ସ ଖେଳାଳିମାନେ ଓ ଅଫିସିଆଲମାନେ ନୀରଜଙ୍କ ଏହି ସଫଳତାକୁ ଐତିହାସିକ ବୋଲି କହିଛନ୍ତି। ଅଲିମ୍ପିକ୍ସ କ୍ରୀଡ଼ାଗ୍ରାମରେ ଶନିବାର ରାତିରେ ଏକ ଛୋଟିଆ ଉତ୍ସବରେ ନୀରଜଙ୍କ ସଫଳତାକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ଏକ କେକ୍ ମଧ୍ୟ କଟାଯାଇଥିଲା। ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭାରତର ଏହି ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲକୁ ମନପ୍ରୀତ ପ୍ରଶଂସା କରିଥିଲେ।

ଏବେ ସାରା ଦେଶରେ କେବଳ ନୀରଜଙ୍କୁ ନେଇ ଚର୍ଚ୍ଚା ଚାଲିଛି। ଦୀର୍ଘବର୍ଷ ଧରି ନୀରଜ କଠିନ ପରିଶ୍ରମ କରିଆସିଥିଲେ ଓ ଏବେ ସେ ତାଙ୍କର ଫଳ ପାଇଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ସେ ଯୋଗ୍ୟ ବୋଲି ମନପ୍ରୀତ କହିଛନ୍ତି। ତାଙ୍କ ପାଇଁ ଆମେ ଓ ସାରା ଦେଶ ଗର୍ବିତ। ଏହା ବ୍ୟତୀତ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରୟାସ କରିଥିବା ସବୁ ଖେଳାଳିଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ମନପ୍ରୀତ କହିଛନ୍ତି। ମନପ୍ରୀତଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଦୀର୍ଘ ୪୧ ବର୍ଷ ପରେ ଅଲିମ୍ପିକ୍ସରେ ପଦକ ହାସଲ କରି ଇତିହାସକୁ ଦୋହରାଇଛି। ପୂରା ଅଲିମ୍ପିକ୍ସରେ ଭାରତୀୟ ଆଥ୍‌ଲେଟମାନଙ୍କର ଯତ୍ନ ନେବା ସହ ବିଭିନ୍ନ ଆବଶ୍ୟକତା ପୂରଣ କରିଥିବା ଅଫିସିଆଲମାନଙ୍କୁ ମଧ୍ୟ ସେ କୃତଜ୍ଞତା ଜଣାଇଛନ୍ତି।

ଭାରତୀୟ ଦଳର ଅଧିକାଂଶ ଖେଳାଳି ସୋମବାର ସକାଳେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ପଦକ ବିଜେତା ଖେଳାଳିମାନଙ୍କୁ ଅଭିନନ୍ଦନ ସମାରୋହରେ ସମ୍ବର୍ଦ୍ଧିତ କରାଯିବ। ଏଥର ଗୋଟିଏ ସ୍ୱର୍ଣ୍ଣ ସହ ୭ଟି ପଦକ ହାସଲ କରି ଭାରତ ଅଲିମ୍ପିକ୍ସ ଇତିହାସରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହାପୂର୍ବରୁ ଭାରତ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୬ଟି ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଏଥର ଭାରତ ଗୋଟିଏ ପାଦ ଆଗକୁ ଯାଇଛି।


ନୀରଜ ଚୋପ୍ରା

## ବିକାଶଙ୍କ କାନ୍ଧରେ ଅସ୍ତ୍ରୋପଚାର

ନୂଆଦିଲ୍ଲୀ, ୮।୮ (ପି.ଟି.)

ଟୋକିଓ ଅଲିମ୍ପିକ୍ସରେ ଆଘାତପ୍ରାପ୍ତ ଭାରତୀୟ ବକ୍ସର ବିକାଶ କ୍ରିଶନଙ୍କ ଡାହାଣ କାନ୍ଧରେ ଅସ୍ତ୍ରୋପଚାର ହୋଇଛି। ଫଳରେ ସେ ୩ ମାସ ବକ୍ସିଂରୁ ଦୂରେଇ ରହିବେ। ୨୯ବର୍ଷୀୟ ବିକାଶଙ୍କର ଏହା ଥିଲା ତୃତୀୟ ଅଲିମ୍ପିକ୍ସ। ଇଞ୍ଜୁରି ଯୋଗୁ ସେ ଜାପାନର ସିଓନ୍ ଓକାଜାୱାଙ୍କ ବିପକ୍ଷ ମୁକାବିଲା ଗୋଟିଏ ହାତରେ କରିଥିଲେ। ଫଳରେ ସେ ହାରିଯାଇଥିଲେ। ମୁମ୍ବାଇର କୋକିଲାବେନ୍ ହସ୍ପିଟାଲରେ ବିଶିଷ୍ଟ ଡାକ୍ତର ଦିନ୍‌ଶ ପର୍ଡିୱାଲା ବିକାଶଙ୍କ ଅସ୍ତ୍ରୋପଚାର କରିଛନ୍ତି। ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରା ନୀରଜ ଚୋପ୍ରାଙ୍କର ୨୦୧୯ରେ ଅନୁରୂପ କାନ୍ଧରେ ଇଞ୍ଜୁରି ହୋଇଥିଲା। ତାଙ୍କ କ୍ୟାରିୟର ପ୍ରତି ବିପଦ ଦେଖା ଦେଇଥିଲା। ହେଲେ ପର୍ଡିୱାଲାଙ୍କ ଦ୍ୱାରା ଅସ୍ତ୍ରୋପଚାର ହେବାପରେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଥିଲେ। ପର୍ଡିୱାଲା ଅତୀତରେ କ୍ରିକେଟର ଯଶପ୍ରୀତ ବୁମ୍‌ରା ଓ ଶ୍ରେୟାଶ ଆୟାର ଏବଂ ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲଙ୍କର ମଧ୍ୟ ସଫଳ ଅସ୍ତ୍ରୋପଚାର କରିଛନ୍ତି। ଅଲିମ୍ପିକ୍ସ ପୂର୍ବରୁ ଇଟାଲୀରେ ଟ୍ରେନିଂ ବେଳେ ବିକାଶ ଆଘାତପ୍ରାପ୍ତ ହୋଇଥିଲେ।

## ମହିଳା ଭଲିବଲ୍‌ରେ ଆମେରିକାକୁ ପ୍ରଥମ ସ୍ୱର୍ଣ୍ଣ

ଟୋକିଓ, ୮।୮(ଏପି)

ମହିଳା ଭଲିବଲ୍‌ରେ ଆମେରିକା ପ୍ରଥମ ଥର ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛି। ଫାଇନାଲରେ ଏହି ଦେଶ ୨୫-୨୧, ୨୫-୨୦, ୨୫-୧୪ରେ ବ୍ରାଜିଲକୁ ପରାସ୍ତ କରିଛି। ଆମେରିକା ପୂର୍ବରୁ ଏହି ଇଭେଣ୍ଟରେ ୩ ଥର ରୌପ୍ୟ ଓ ୨ଥର ବ୍ରୋଞ୍ଜ ଜିତିସାରିଥିଲା। ୨୦୦୮ ଓ ୨୦୧୨ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ସୁଯୋଗ ରହିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା । ରବିବାରର ଏହି ବିଜୟ ଦ୍ୱାରା ୟୁ.ଏସ୍. କୋଚ୍ କାର୍ଚ କିରାଲି ଚାଇନାର ଲାଙ୍ଗ୍ ପିଙ୍ଗ୍‌ଙ୍କ ସହିତ ସମକକ୍ଷ ହୋଇପାରିଛନ୍ତି। ଅର୍ଥାତ୍ ପ୍ରଥମେ ଜଣେ ଭଲିବଲ ଖେଳାଳି ଏବଂ ପରେ କୋଚ୍ ଭାବେ ନିଜ ଦେଶର ନେତୃତ୍ୱ ନେଇ ସ୍ୱର୍ଣ୍ଣ ପଦକ ଲାଭ କରିବାରେ ଦ୍ୱିତୀୟ ବ୍ୟକ୍ତି ବିବେଚିତ ହୋଇଛନ୍ତି। କିରାଲି ଜଣେ ଖେଳାଳି ଭାବେ ୧୯୮୪ ଓ ୧୯୮୮ରେ ସ୍ୱର୍ଣ୍ଣ ଜିତିଥିଲେ। ସେ ଆହୁରି ମଧ୍ୟ ୧୯୯୬ରେ ବିଚ୍ ଭଲିବଲ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ୨୦୧୨ ଅଲିମ୍ପିକ୍ସ ପୂର୍ବରୁ ଦଳରେ ଜଣେ ସହକାରୀ ଷ୍ଟାଫ୍ ଭାବେ ଯୋଗ ଦେଇଥିଲେ। ୨୦୧୬ ପୂର୍ବରୁ ସେ ମୁଖ୍ୟ କୋଚ ଦାୟିତ୍ୱ ଗ୍ରହଣ କରିଥିଲେ। ଆମେରିକା ମହିଳା ଦଳକୁ ଅଲିମ୍ପିକ୍ସ ଚାମ୍ପିୟନ କରାଇ ପାରିଥିବାରୁ ତାଙ୍କର ଏକ ଲକ୍ଷ୍ୟ ପୂରଣ ହୋଇଛି ବୋଲି କିରାଲି କହିଛନ୍ତି। ସୂଚନାଯୋଗ୍ୟ, ବ୍ରାଜିଲ ମହିଳା ଦଳ କ୍ରମାଗତ ୭ ବିଜୟ ପରେ ଟୋକିଓରେ ପ୍ରଥମ ଥର ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛି। ଅନ୍ୟପକ୍ଷରେ ପୁରୁଷ ଦଳ ସେମିଫାଇନାଲରେ ରୁଷିଆ ଏବଂ ପରେ ବ୍ରୋଞ୍ଜ ପଦକ ମୁକାବିଲାରେ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଛି।


ସ୍ୱର୍ଣ୍ଣ ପଦକ ବିଜୟୀ ଆମେରିକା ମହିଳା ଭଲିବଲ୍ ଦଳ।

## ରୋଗ ନିରୂପଣ କରିବ ବେଞ୍ଚ



ଗୋଟିଏ ବେଞ୍ଚ ଦ୍ୱାରା କ'ଣ ରୋଗ ନିରୂପଣ କରାଯାଇପାରିବ। ଏ କଥାକୁ ଅନେକେ ବିଶ୍ୱାସ କରି ନ ପାରନ୍ତି। ହେଲେ ସେପରି ଏକ ନୂଆ ଉପାୟରେ ରୋଗ ସମ୍ପର୍କରେ ଜାଣିହେବ ବୋଲି ସଦ୍ୟତମ ଗବେଷଣାରୁ ଜାଣିବାକୁ ମିଳିଛି। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ଏକ ମ୍ୟାଜିକ୍ ବେଞ୍ଚ ତିଆରି କରିଛନ୍ତି। ଜଣେ ବ୍ୟକ୍ତି ଏହା ଉପରେ ବସିଲେ ତାଙ୍କ ଶାରୀରିକ ସମସ୍ୟା ବିଷୟରେ କେତେକ ତଥ୍ୟ ସହଜରେ ଜାଣିହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଉକ୍ତ ବେଞ୍ଚରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ ସେନ୍ସର ଏବଂ କ୍ୟାମେରା ସହ ଏଗୁଡ଼ିକୁ ଏକ ମନିଟର ସହ ସଂଯୋଗ କରାଯାଇଛି। ବ୍ୟକ୍ତି ଜଣକ ତା' ଉପରେ ବସିବା ପରେ ସେନ୍ସର ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ବିଷୟରେ ମନିଟରରେ ଲିପିବଦ୍ଧ ହୋଇଯାଏ ଏବଂ କ୍ୟାମେରା ସଂପୃକ୍ତ ସ୍ଥାନର ଫଟୋ ଉତ୍ତୋଳନ କରିଥାଏ। ଏପରି ବେଞ୍ଚରୁ ପରୀକ୍ଷାମୂଳକ ଭାବରେ ସଫଳତା ମିଳିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ଲୋ ବ୍ଲଡ୍‌ପ୍ରେସର ଓ ଅଙ୍ଗୁର

ସାଧାରଣତଃ ବ୍ଲଡପ୍ରେସର ଦୁଇ ପ୍ରକାରର– ହାଇ ବ୍ଲଡ୍‌ପ୍ରେସର ଏବଂ ଲୋ ବ୍ଲଡପ୍ରେସର। ତେବେ ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ଆପଣ ଲୋ ବ୍ଲଡ୍‌ପ୍ରେସର ସମସ୍ୟା ସହ ଜଡ଼ିତ, ତେବେ ନିୟମିତ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ। ଏହାକୁ ନିୟମିତ ଖାଇଲେ ତାହା ଲୋ ବ୍ଲଡପ୍ରେସରଠାରୁ ଜଣକୁ ଅନେକାଂଶରେ ଦୂରେଇ ରଖିଥାଏ। ଏପରି ରୋଗୀଙ୍କ ପାଇଁ ଓଟ୍‌ସ ଆହୁରି ଉପକାରୀ। ପ୍ରତିଦିନ ରସୁଣ ଖାଇଲେ ଲୋ ବ୍ଲଡ୍‌ପ୍ରେସର ନିୟନ୍ତ୍ରିତ ରହିଥାଏ। କେବଳ ସେତିକି ନୁହେଁ, ଖାଦ୍ୟ ତାଲିକାରେ ଆଇରନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ଆପଣ ବ୍ଲଡ୍‌ପ୍ରେସର ସମସ୍ୟା ସହ ଜଡ଼ିତ, ତେବେ ନିୟମିତ ସମୟ ଅନ୍ତରାଳରେ ଏହାର ପରିମାଣ ଚେକ୍ କରିନିଅନ୍ତୁ।



## ସକ୍ରିୟ ହେବ ରକ୍ତ ସଂଚାଳନ

ଆମ ଶରୀରରେ ଯଦି ରକ୍ତ ସଂଚାଳନ ସକ୍ରିୟ ନ ହୁଏ, ତେବେ ଆମେ ହାର୍ଟ ଆଟାକ୍ ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହାର ଅସନ୍ତୁଳିତ ପ୍ରକ୍ରିୟାକୁ ରକ୍ତଚାପ ବା ବ୍ଲଡପ୍ରେସର କୁହାଯାଏ। ତେବେ ଏହାକୁ ସନ୍ତୁଳିତ ବା ସକ୍ରିୟ ରଖିବା ପାଇଁ ଆମକୁ ସଚେତନ ହେବାକୁ ପଡ଼ିଥାଏ। ନିକଟରେ ଏହି ତାଲିକାରେ ଆଉ ଏକ ଉପାୟ ଯୋଡ଼ାଯାଇଛି। ପ୍ରାୟ ତିନି ବର୍ଷ ଉଦ୍ୟମ କରି ଓହିଓ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞମାନେ ଏକ ହାଇଟେକ୍ ଘଣ୍ଟା (ରିଷ୍ଟ ୱାଚ୍) ପ୍ରସ୍ତୁତ କରିଛନ୍ତି। ଏହାକୁ ପିନ୍ଧିବା ଦ୍ୱାରା ରକ୍ତ ସଂଚାଳନଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। କେବଳ ସେତିକି ନୁହେଁ,



ଏପରି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହି ଘଣ୍ଟା ପିନ୍ଧିବାକୁ ପରାମର୍ଶ ଦିଆଯାଇଥିଲା। ଏପରି ପ୍ରଣାଳୀ ଅନୁସରଣ କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ରକ୍ତ ସଂଚାଳନ ପୂର୍ବାପେକ୍ଷା ସକ୍ରିୟ ହୋଇଥିବାର ସେମାନେ ଲକ୍ଷ୍ୟ କରିଥିଲେ।

# ଡେଙ୍ଗୁ ସଚେତନତା



ଡେଙ୍ଗୁ ଭୂତାଣୁଜନିତ ମଶାବାହକ ଜ୍ୱର। ବର୍ଷାଋତୁରେ ସଂକ୍ରମଣ ବେଶି। ଏଥିରେ ବହୁତ ଜ୍ୱର ହୁଏ। ମୁଣ୍ଡବିନ୍ଧା ହୁଏ। ମୁହଁ ନାଲି ଦେଖାଯାଏ। ଗୋଡ଼ ହାତ ଘୋଳାବିନ୍ଧା ହୁଏ। ବାନ୍ତି ଲାଗେ। ଏହାକୁ ଠେଙ୍ଗା ଜ୍ୱର କିମ୍ବା ହାଡ଼ଭଙ୍ଗା ଜ୍ୱର ମଧ୍ୟ କୁହାଯାଏ। ଏହି ଜ୍ୱର ଗୋଟିଏ ସପ୍ତାହ ପରେ କମିଯାଏ। ମୃତ୍ୟୁହାର ଏକ ଶତାଂଶରୁ କମ୍। ତେଣୁ କୋଭିଡ୍ ସଂକ୍ରମଣ ପରି ଏଥିରେ ଭୟଭୀତ ହେବାର କାରଣ ନାହିଁ। ପରିବେଶ ସହିତ ନାଳ ନର୍ଦ୍ଦମା ସଫା ନ ହେଲେ ଏଡିସ୍ ମଶା ବଂଶ ବୃଦ୍ଧି କରି ରୋଗ ବିସ୍ତାର କରେ। ଏହି ମଶାମାନେ ଦିନରେ କାମୁଡ଼ନ୍ତି ଓ ମୁଖ୍ୟତଃ ସହଜରେ ରୋଗ ସଂକ୍ରମଣ କରନ୍ତି। ଶରୀରରେ ଡେଙ୍ଗୁ ଭୂତାଣୁ ପ୍ରବେଶ କରିବାର ତିନି ଦିନ ପର୍ଯ୍ୟନ୍ତ ବହୁତ ଜ୍ୱର ହୁଏ। ଏହି ସମୟରେ ରୋଗ ନିରୂପଣ କଷ୍ଟ ହୁଏ। ହାତକୁ ବାନ୍ଧି ଦେଲେ ତିନି ଭାଗ ଲାଲ ପଡ଼ିଯାଏ। ଏହି ସମୟରେ ରକ୍ତରେ ଶ୍ୱେତ ରକ୍ତକଣିକା ଓ ପ୍ଲେଟଲେଟ୍ ପରିମାଣ ହ୍ରାସ ଘଟେ। ପ୍ଲେଟଲେଟ୍ କମିଯିବା ଦ୍ୱାରା ମସ୍ତିଷ୍କ, ଫୁସ୍‌ଫୁସ୍, ଲିଭର, କିଡ୍‌ନୀ ଓ ଅନ୍ତ୍ରରେ ରକ୍ତସ୍ରାବ ହୁଏ। ଭୋକ କମିଯାଏ। ଏହାର ୪୮ ଘଣ୍ଟା ପରେ ଜ୍ୱର କମିଯାଏ ଓ ଖାଇବାକୁ ଇଚ୍ଛା ହୁଏ। ଏହାସହିତ ଦେହ କୁଣ୍ଡାଇ ହୁଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହୃତ୍‌ସ୍ପନ୍ଦନ (ହାର୍ଟବିଟ୍) କମିଯାଏ। ଏହା ହେଉଛି ଆରୋଗ୍ୟ ହେବାର ଲକ୍ଷଣ।

ବର୍ଷାଋତୁରେ ଅତ୍ୟଧିକ ଜ୍ୱର ହୋଇ ଶ୍ୱେତ ରକ୍ତକଣିକା ଓ ପ୍ଲେଟଲେଟ୍ ପରିମାଣ କମିଗଲେ ଡେଙ୍ଗୁ ହୋଇଥିବାର ଆଶଙ୍କା କରାଯାଏ। ଏହି ସମୟରେ ରୋଗୀର ରକ୍ତରେ 'ଏନ୍-ଏସ୍-୧' ଆଣ୍ଟିଜେନ୍ ପରୀକ୍ଷା କଲେ ରୋଗ ଠିକ୍ ଭାବରେ ନିରୂପଣ କରିହୁଏ। ଟିପ ଫୋଡ଼ି 'କାଲେଟ୍' ଦ୍ୱାରା ରକ୍ତ ପରୀକ୍ଷା କଲେ ସଠିକତା ପ୍ରଶ୍ନବାଚୀ ହୁଏ। ତେଣୁ 'ଏଲିସା' ପରୀକ୍ଷା କରି ଡେଙ୍ଗୁ ନିରୂପଣ କରିବା ଉଚିତ। ଶରୀରରେ ଭୂତାଣୁ ପ୍ରବେଶର ୫ ଦିନ ପରେ ଆଇ-ଜି-ଏମ୍ ଆଣ୍ଟିବଡି ସୃଷ୍ଟି ହୁଏ। ଏହି ସମୟରେ ପରୀକ୍ଷା ଅନାବଶ୍ୟକ। ଆକ୍ରାନ୍ତ ହେବାର ୫ଦିନ ବେଳକୁ ରୋଗ ଲକ୍ଷଣ ବିହୀନ ହୋଇଯାଇଥିବ। ଜ୍ୱର ହେବାର ପ୍ରଥମ ଦିନରେ ରୋଗ ଚିହ୍ନଟ ହୋଇ ନ ପାରିଲେ, ରୋଗୀକୁ ଆସନ୍ନ ମୃତ୍ୟୁରୁ ରକ୍ଷା କରାଯାଇପାରିବ ନାହିଁ। ପ୍ଲେଟଲେଟ୍ କମିଯିବା ଫଳରେ ଦେହ ଭିତରେ ରକ୍ତସ୍ରାବ ହୋଇ ରୋଗୀମୃତ୍ୟୁର କାରଣ ହେବ। ତେଣୁ ବହୁତ ଜ୍ୱର ହେଲେ ଡେରି ନ କରି ରକ୍ତରେ ପ୍ଲେଟଲେଟ୍ ପରିମାଣ ନିର୍ଣ୍ଣୟ କରିନେବା ଉଚିତ। ଯନ୍ତ୍ର ସାହାଯ୍ୟରେ ନ କରି ଅଣୁବୀକ୍ଷଣ ଯନ୍ତ୍ରରେ ଆଖି ଦ୍ୱାରା ପ୍ଲେଟଲେଟ୍ ଗଣିଲେ ଠିକ୍ ନିର୍ଣ୍ଣୟ ହୋଇପାରିବ। ଏହା ୧୦ ହଜାରରୁ କମିଗଲେ ତୁରନ୍ତ ରୋଗୀକୁ ପ୍ଲେଟଲେଟ୍ ରକ୍ତରେ ଦେବା ଉଚିତ। ନଚେତ୍ ରକ୍ତସ୍ରାବ ହୋଇ ରୋଗୀର ମୃତ୍ୟୁ ଆଶଙ୍କା ଯଥେଷ୍ଟ ରହିଛି।



ଡା. ଦ୍ୱିଜେଶ କୁମାର ପଣ୍ଡା

> "ଜ୍ୱର ହେବାର ପ୍ରଥମ ଦିନରେ ରୋଗ ଚିହ୍ନଟ ହୋଇ ନ ପାରିଲେ ରୋଗୀକୁ ଆସନ୍ନ ମୃତ୍ୟୁରୁ ରକ୍ଷା କରାଯାଇପାରିବ ନାହିଁ। ପ୍ଲେଟଲେଟ୍ କମିଯିବା ଫଳରେ ଦେହ ଭିତରେ ରକ୍ତସ୍ରାବ ହୋଇ ରୋଗୀମୃତ୍ୟୁର କାରଣ ହେବ। ତେଣୁ ବହୁତ ଜ୍ୱର ହେଲେ ଡେରି ନ କରି ରକ୍ତରେ ପ୍ଲେଟଲେଟ୍ ପରିମାଣ ନିର୍ଣ୍ଣୟ କରିନେବା ଉଚିତ।"

ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଆଣ୍ଟିବାୟୋଟିକର ଆବଶ୍ୟକତା ନ ଥାଏ। ଜ୍ୱର ଓ ଯନ୍ତ୍ରଣା ପାଇଁ 'ପାରାଏସିଟାମଲ୍' ବଟିକା ଦିଆଯାଇପାରେ। ବେଶି ପରିମାଣରେ ସାଲାଇନ୍ ଦେବା ଅନୁଚିତ। କାରଣ ଏହାର ପରିମାଣ ଆବଶ୍ୟକତାଠାରୁ ଅଧିକ ହେଲେ ତାହା ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡରେ ଜମି ରହିବ। ଜ୍ୱର ହେବାର ପ୍ରଥମ ଦୁଇ ଦିନ ରୋଗୀ ପାଇଁ



ସତର୍କ ଘଣ୍ଟି। ଏହା ପାରି ହୋଇଗଲେ ଆଉ ବିପଦ ନ ଥାଏ। ଜ୍ୱର କମିଯିବା, ନାଡ଼ିର ଗତି କମି ସାଧାରଣ ସ୍ତରକୁ ଆସିବା, ଭୋକ ଲାଗିବା, ଶ୍ୱେତ ରକ୍ତକଣିକା ଏବଂ ପ୍ଲେଟଲେଟ୍ ବୃଦ୍ଧି ହେବା ଆରୋଗ୍ୟ ହେବାର ଲକ୍ଷଣ। ଜ୍ୱର ହେବାର ପ୍ରଥମ ଦିନରେ 'ଏଲିସା' ରକ୍ତ ପରୀକ୍ଷା ଭୂତାଣୁର ଆଣ୍ଟିଜେନ୍ ନିର୍ଣ୍ଣୟ ପାଇଁ ଓ ପ୍ଲେଟଲେଟ୍ ଓ ଶ୍ୱେତ ରକ୍ତକଣିକା ନିର୍ଣ୍ଣୟ ପାଇଁ ଅନିବାର୍ଯ୍ୟ। ଏହା ରୋଗ ନିରୂପଣ ଓ ଚିକିତ୍ସାର ମୂଳମନ୍ତ୍ର। ଡେଙ୍ଗୁ କୋଭିଡ୍ ପରି ମାରାତ୍ମକ ନୁହେଁ। ତେଣୁ ଜନସାଧାରଣ ଭୟଭୀତ ହେବା ଉଚିତ ନୁହେଁ।

– ୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ : ୯୪୩୮୪୭୦୭୭୭

## ଡାଇବେଟିସ୍ : ଭ୍ରାନ୍ତ ଧାରଣା

**ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ରକ୍ତରେ ଶର୍କରା (ସୁଗାର) ପରିମାଣ ବଢ଼ିଗଲେ ଏହି ରୋଗ ସୃଷ୍ଟି ହୋଇଥାଏ। ତେବେ ଏ ବିଷୟରେ ଅନେକଙ୍କ ମନରେ କେତେକ ଭ୍ରାନ୍ତ ଧାରଣା ରହିଛି। ସେ ସମ୍ପର୍କରେ ଟିପ୍ସ...**

**ମିଛ :** ଜଣେ ଡାଇବେଟିସ୍ ରୋଗୀ ଆଦୌ ମିଠାଜାତୀୟ ଖାଦ୍ୟ ଖାଇବା ଠିକ୍ ନୁହେଁ।

**ସତ :** ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ଏହାକୁ ଆଦୌ ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଏହା ଗୁରୁତର ଅବସ୍ଥାକୁ ଚାଲିଗଲେ ମୃତ୍ୟୁର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଡାଇବେଟିସ୍ ନିୟନ୍ତ୍ରଣରେ ଅଛି ଭଲ କଥା, ହେଲେ ତାହା ଅସନ୍ତୁଳିତ ରହିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ବ୍ୟବହାର ଖାଇବାକୁ ଭୁଲନ୍ତୁ ନାହିଁ।

**ମିଛ:** କେବଳ ମୋଟା ଲୋକଙ୍କୁ ଟାଇପ୍-୨ ଡାଇବେଟିସ ହୋଇଥାଏ।

**ସତ :** ଏଭଳି ଧାରଣା ସମ୍ପୂର୍ଣ୍ଣ ଭୁଲ। ଅବଶ୍ୟ ପୃଥୁଳତା ଡାଇବେଟିସର କେତେକାଂଶରେ କାରଣ ହୋଇଥାଏ, ହେଲେ କେବଳ ମୋଟା ବ୍ୟକ୍ତିଙ୍କୁ ଟାଇପ୍-୨ ଡାଇବେଟିସ ହେବ ତାହା ଭାବିବା ଭୁଲ।

**ମିଛ:** ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି



ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର। ଏପରି କି ଏହି ରୋଗୀ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ମିଠାଜାତୀୟ ଖାଦ୍ୟ ଖାଇପାରନ୍ତି।

**ମିଛ:** ଟାଇପ-୧ ହେଉ କି ଟାଇପ-୨ ଡାଇବେଟିସ୍‌ର ପ୍ରଭାବ ସାମାନ୍ୟ ରହିଥାଏ।

**ସତ:** ଏଭଳି ଧାରଣା ସମ୍ପୂର୍ଣ୍ଣ ଭୁଲ। ଥରେ ଏପରି ସମସ୍ୟା ଦ୍ୱାରା ଆକ୍ରାନ୍ତ ହେଲେ ସବୁ ଦିଗ ପ୍ରତି ସତର୍କ ରହିବାକୁ ପଡ଼େ। ଟାଇପ-୧ ହେଉ କି ଟାଇପ-୨ ଡାଇବେଟିସ୍, କେବଳ ସୁଗାର ଫ୍ରି ଖାଦ୍ୟ ଖାଇବା ଆବଶ୍ୟକ।

**ସତ:** ଅନେକ କ୍ଷେତ୍ରରେ ଏପରି ଧାରଣା କେତେକାଂଶରେ ସତ ହୋଇପାରେ, ହେଲେ ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି କିପରି ଖାଦ୍ୟ ଖାଇବା ଆବଶ୍ୟକ, ସେ ନେଇ ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ। କାହା କଥାରେ ପ୍ରଲୋଭିତ ହୋଇ ଏଥିପାଇଁ ଖାଦ୍ୟ ତାଲିକା ପ୍ରସ୍ତୁତ କରିବା ଠିକ୍ ନୁହେଁ। ଏହି ରୋଗୀ ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର।

## ସୁନିଦ୍ରା ଅନ୍ତରାଳେ...

ଆମେ ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ରାତିରେ ଆବଶ୍ୟକ ମୁତାବକ ଶୋଇବା ଦରକାର। କାରଣ ନିଦ୍ରାଜନିତ ସମସ୍ୟା ଭବିଷ୍ୟତରେ କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେବେ ଯଦି ଜଣେ ବ୍ୟକ୍ତି ଦୈନନ୍ଦିନ ଆବଶ୍ୟକ ମୁତାବକ ଶୋଉଛନ୍ତି, ତେବେ ତାଙ୍କର ମାନସିକତା ଅନେକ ସମୟରେ ସକାରାତ୍ମକ ରହିଥାଏ। 'ସକାରାତ୍ମକ ମାନସିକତା ଓ ସୁନିଦ୍ରା' ଶୀର୍ଷକ ବିଷୟ ଉପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହି ସମୟରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରତିଦିନ ଆବଶ୍ୟକ ମୁତାବକ ନିଦ୍ରା ଯାଉଥିଲେ, ସେମାନଙ୍କର ମାନସିକତା ଅନ୍ୟମାନଙ୍କ ତୁଳନାରେ ସକାରାତ୍ମକ ରହୁଥିଲା ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ହେଲେ ଶୋଇବା ପୂର୍ବରୁ ମନକୁ ଶାନ୍ତ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



## ସ୍ୱାସ୍ଥ୍ୟ ସୂଚନା

➤ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ସକାଳେ କିଛି ସମୟ ଦିଅନ୍ତୁ। ଏହି ସମୟରେ ମର୍ନିଂ ୱାକ୍ କରନ୍ତୁ। ଯୋଗ, ପ୍ରାଣାୟାମକୁ ଏହି ତାଲିକାରେ ସାମିଲ କରନ୍ତୁ।

➤ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପରୋକ୍ଷରେ ଆପଣଙ୍କ ମେଦ ବୃଦ୍ଧି ପାଇଁ ସାହାଯ୍ୟ କରିବ। ସୁସ୍ଥ ଜୀବନ ପାଇଁ ଜଣେ ଅଭିଜ୍ଞ ପୁଷ୍ଟି ବିଜ୍ଞାନୀଙ୍କ ସହ ନିଜ ଖାଦ୍ୟ ବିଷୟରେ ଆଲୋଚନା କରନ୍ତୁ।

➤ଯଦି ଆଣ୍ଠୁଗଣ୍ଠିଜନିତ ସମସ୍ୟା ଅଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।



➤ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାଲାଡ୍ ସାମିଲ କରନ୍ତୁ। କାରଣ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି।

➤ଦାନ୍ତଜନିତ ସମସ୍ୟାର ଲକ୍ଷଣ ଜାଣିବାକୁ ପାଇଲେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ଏ ସମ୍ପର୍କରେ ଅଭିଜ୍ଞ ଦନ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

➤ଖାଇବା ସମୟରେ ଗପିବା କେତେକଙ୍କର ଅଭ୍ୟାସ। ଏଭଳି ଅଭ୍ୟାସ ପରିହାର କରିବାକୁ ଚେଷ୍ଟା କରନ୍ତୁ। ଖାଇବା ସମୟରେ ଶାନ୍ତ ମନରେ ଗପ ନ କରି ଖାଆନ୍ତୁ।

### ଜାଣିରଖନ୍ତୁ

ସବୁବେଳେ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଅଣ୍ଟା ଉପରେ ପଡ଼ିଥାଏ। ଯଦି ପୂର୍ବରୁ ଏପରି ସମସ୍ୟା ରହିଛି, ତେବେ ତାହା ଆହୁରି ଗୁରୁତର ଆକାର ଧାରଣ କରିବାର ଆଶଙ୍କା ରହିଛି। ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାଦ୍ୱାରା ସୁନିଦ୍ରା ହୋଇ ନ ଥାଏ। କଦାପି ସୁଗାର କ୍ୟାଲୋରି ଡ୍ରିଙ୍କ୍ସ ପିଅନ୍ତୁ ନାହିଁ। କାରଣ ଏହା ଶରୀରରେ ଚର୍ବି ପରିମାଣ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଯେତେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇଲେ ମଧ୍ୟ ଶରୀରରେ ଜଳୀୟ ଅଂଶକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। କିଛି ପରିମାଣର ତଟକା ଫଳମୂଳ ଖାଆନ୍ତୁ।

## ସଂକ୍ଷେପରେ

### ଅଭିଯୋଗ ଦାଖଲ ପାଇଁ ଆୟକର ବିଭାଗର ୩ ମେଲ୍

**ନୂଆଦିଲ୍ଲୀ, ୮।୮:** ଆୟକର ବିଭାଗ ପକ୍ଷରୁ ଫେସ୍‌ଲେସ୍ ଆସେସ୍‌ମେଣ୍ଟ ସ୍କିମ ଅଧିନରେ ଅଭିଯୋଗ ଦାଖଲ ପାଇଁ ୩ଟି ଇମେଲ ଠିକଣା ଜାରି କରାଯାଇଛି। ଏହି ମେଲ୍ ଆଇଡିଗୁଡିକ ମଧ୍ୟରେ ଫେସଲେସ ମୂଲ୍ୟାୟନ ପାଇଁ SAMADHAN.FACELESS.ASSESSMENT@INCOMETAX.GOV.IN, ଫେସଲେସ ପେନାଲ୍ଟି ପାଇଁ SAMADHAN.FACELESS.PENALTY@INCOMETAX.GOV.IN, ଫେସଲେସ ଅପିଲ ଲାଗି SAMADHAN.FACELESS.APPEAL@INCOMETAX.GOV.IN ରହିଥିବା ଜଣାପଡିଛି। ଏହି ସ୍କିମ୍‌ରେ ଟିକସଦାତାଙ୍କୁ ଆୟକର ବିଭାଗର କୌଣସି ଅଧିକାରୀଙ୍କୁ ସାକ୍ଷାତ୍ କରିବାର କୌଣସି ଆବଶ୍ୟକତା ନାହିଁ। ବିଭାଗ ସୋସିଆଲ ମିଡିଆ ଜରିଆରେ କହିଛି ଯେ, ଟିକସ ଦାତାଙ୍କୁ ପ୍ରଦାନ କରାଯାଉଥିବା ସେବାକୁ ଆହୁରି ଉନ୍ନତ କରିବା ଲାଗି ପଡି ରହିଥିବା ମାମଲାଗୁଡିକର ସମାଧାନ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଫେସ୍‌ଲେସ ସ୍କିମରେ ଏହି ମାମଲାଗୁଡିକର ଅଭିଯୋଗ ଦାଖଲ ଲାଗି ନୂଆ ଇ-ମେଲ ଠିକଣା ଜାରି କରାଯାଇଛି। ୩ଟି ଭିନ୍ନ ଭିନ୍ନ ଆଇଡି ଦ୍ୱାରା ଲୋକମାନେ ନିଜ ସୁବିଧା ଦ୍ୱାରା ଅଭିଯୋଗ ଦାଖଲ କରିପାରିବେ। ଫେସ୍‌ଲେସ ଆସେସମେଣ୍ଟ ବା ଇ-ଆସେସମେଣ୍ଟ ଅଧିନରେ ଟିକସଦାତା ଏବଂ ଟିକସ ଅଧିକାରୀ ମଧ୍ୟରେ ଦେଖା ସାକ୍ଷାତ ହୋଇ ନ ଥାଏ।

### ଅତିରିକ୍ତ ଅଫିସ ସ୍ପେଶ କିଣିବ ଆର୍‌ବିଆଇ

**ମୁମ୍ବାଇ, ୮।୮:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅତିରିକ୍ତ ଅଫିସ ସ୍ପେଶ କିଣିବାକୁ ଯୋଜନା ରଖିଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ନିକଟ କିମ୍ବା ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ ଏରିଆରେ ଏହି ସ୍ଥାନ ରଖିବା ନେଇ ବ୍ୟାଙ୍କ ବିଚାର କରୁଛି। ଏହି ଏରିଆର ସାଇଜ ୨୬୦୧ରୁ ୭୬୮୧ ମିଟର ବିଶିଷ୍ଟ ହେବ। ଏଥି ଲାଗି କେନ୍ଦ୍ରୀୟ ବ୍ୟାଙ୍କ ରିକ୍ୱେଷ୍ଟ ଫର ପ୍ରପୋଜାଲ ଜାରି କରିଛି।

# ବିମାନ ଭଡ଼ା ଅହେତୁକ ବୃଦ୍ଧି

**ନୂଆଦିଲ୍ଲୀ, ୮।୮**



କରୋନା କଟକଣା ଧୀରେ ଧୀରେ କୋହଳ ହେଉଥିବା ବେଳେ ବର୍ତ୍ତମାନ ବିମାନ ଯାତ୍ରା ନେଇ ଚାହିଦା ବଢ଼ିଛି। ବିଦେଶକୁ ବିମାନ ସେବା ଯୋଗାଣ କରୁଥିବା ଏୟାରଲାଇନ କମ୍ପାନୀଗୁଡ଼ିକ ହାରାହାରି ଇକୋନୋମି କ୍ଲାସ ଲାଗି ପ୍ରମୁଖ ରୁଟ୍‌ଗୁଡିକରେ ଭଡ଼ାକୁ ଅହେତୁକ ଭାବେ ବଢାଇଥିବା ଜଣାପଡିଛି। ଗତ ଗୋଟିଏ ମାସ ମଧ୍ୟରେ ଭଡ଼ା ବୃହତ୍ ହାରରେ ବଢିଥିବା ଇଜ୍ ମାଇ ଟ୍ରିପ ଡଟ୍ କମ୍ ଡାଟାରୁ ଏହା ସାମ୍ନାକୁ ଆସିଛି। ଟ୍ରାଭେଲ ୱେବସାଇଟ ଡାଟା ମୁତାବକ, ନୂଆଦିଲ୍ଲୀରୁ ନ୍ୟୁୟର୍କ ଲାଗି ଇକୋନୋମି କ୍ଲାସ ଭଡ଼ା ଜୁଲାଇରେ ୬୯,୦୩୪ ଟଙ୍କା ଥିବା ବେଳେ ଅଗଷ୍ଟରେ ଏହା ୮୭,୫୨୪ ଟଙ୍କାକୁ ବଢିଛି। ସେହିଭଳି ମୁମ୍ବାଇ-ମସ୍କୋ ଏବଂ ମୁମ୍ବାଇ-ଦୋହା ବିମାନ ଭଡ଼ା ଜୁଲାଇରେ ଯଥାକ୍ରମେ ୪୩,୧୩୨ ଟଙ୍କା ଏବଂ ୧୧,୭୧୯ ଟଙ୍କା ରହିଥିଲା। ଏହି ଦୁଇ ରୁଟ୍‌ରେ ବିମାନ ଭଡ଼ା ବର୍ତ୍ତମାନ ୮୫,୦୨୪ ଟଙ୍କା ଏବଂ ୧୮,୩୮୪ ଟଙ୍କା ରହିଛି।

ଜୁଲାଇ ତୁଳନାରେ ବିମାନ କମ୍ପାନୀଗୁଡିକ ଅଗଷ୍ଟରେ ଭଡ଼ା ଯଥେଷ୍ଟ ବଢାଇଥିବା ଇଜ୍ ମାଇଁ ଟ୍ରିପ ଡଟ୍ କମ୍‌ର ସିଇଓ ନିଶାନ୍ତ ପିଟି କହିଛନ୍ତି। ନିକଟରେ ବିଭିନ୍ନ ଦେଶ ଭାରତୀୟଙ୍କ ଲାଗି ବିମାନ ଯାତ୍ରା କଟକଣାକୁ କୋହଳ କରିଛନ୍ତି। ଫଳରେ ଅଧିକ ଲୋକ ବିମାନ ଯାତ୍ରା ଲାଗି ବର୍ତ୍ତମାନ ଆଗଭର ହୋଇଛନ୍ତି। ବିମାନ ଇନ୍ଧନ ଦର ବୃଦ୍ଧି ଏବଂ ସିଟ୍ ଅଭାବ ଭଳି ପ୍ରସଙ୍ଗ ଦର ବୃଦ୍ଧି ଲାଗି ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଗତ କିଛି ସପ୍ତାହ ମଧ୍ୟରେ ଭାରତ ଏବଂ ଲଣ୍ଡନ ମଧ୍ୟରେ ଭଡ଼ାରେ ଅହେତୁକ ବୃଦ୍ଧି ନେଇ ଯାତ୍ରୀମାନେ ସୋସିଆଲ ମିଡିଆରେ ସେମାନଙ୍କ ଅସନ୍ତୋଷ ଜାହିର କରିଥିବା ଦେଖାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଇଣ୍ଟରଷ୍ଟେଟ କାଉନସିଲ ସଚିବ ସଞ୍ଜୀବ ଗୁପ୍ତା କହିଛନ୍ତି, ବ୍ରିଟିଶ ଏୟାରୱେଜର ଦିଲ୍ଲୀ ଲଣ୍ଡନ ଫ୍ଲାଇଟ ଅଗଷ୍ଟ ୨୬ ପାଇଁ ୩.୯୫ ଲକ୍ଷ ଟଙ୍କା ରହିଥିବା ଟୁଇଟରରେ କହିଛନ୍ତି। ଏହି ରୁଟରେ ଭିସ୍ତାରା ଏବଂ ଏୟାର ଇଣ୍ଡିଆ ଅଗଷ୍ଟ ୨୬ ଲାଗି ଯଥାକ୍ରମେ ୧.୨ ଲକ୍ଷ ଏବଂ ୨.୩ ଲକ୍ଷ ଟଙ୍କା ନେଉଛନ୍ତି। ବର୍ତ୍ତମାନ ବ୍ରିଟେନରେ କଲେଜ ଆଡ୍‌ମିଶନ ଚାଲୁଥିବା ବେଳେ ଭଡ଼ା ବୃଦ୍ଧି ଲୋକଙ୍କୁ ପ୍ରଭାବିତ କରୁଥିବା ଲୋକମାନେ ଟୁଇଟରରେ ମତ ରଖିଛନ୍ତି।

**ରିଭେଞ୍ଜ ଟ୍ରାଭେଲ ଟ୍ରେଣ୍ଡ**

ଏହାର ଉତ୍ତର ରଖି ଭିସ୍ତାରା ମୁଖପାତ୍ର କହିଛନ୍ତି, ଚାହିଦା ଏବଂ ଯୋଗାଣ ଆଧାରରେ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ବର୍ତ୍ତମାନ ସାପ୍ତାହିକ ୧୫ ବିମାନକୁ ଭାରତ ବ୍ରିଟେନ ରୁଟରେ ଅନୁମତି ମିଳିଛି।

**ସୋସିଆଲ ମିଡିଆରେ ଯାତ୍ରୀଙ୍କ ଅସନ୍ତୋଷ**

କଟକଣା କୋହଳ ହେଲେ ଏହି ରୁଟରେ ଅଧିକ ବିମାନକୁ ଅନୁମତି ମିଳିବ। ଏହା ହେଲେ ବିମାନ ଭଡ଼ା କମିବ। କରୋନା ମହାମାରୀ ପାଇଁ ଗତବର୍ଷ ମାର୍ଚ୍ଚ ୨୩ରୁ ଅନ୍ତର୍ଜାତୀୟ ବିମାନ ସେବାକୁ ବାତିଲ କରାଯାଇଛି। ଜୁଲାଇ ୨୦୨୦ ପରଠାରୁ କେତେକ ନିର୍ଦ୍ଦିଷ୍ଟ ଫ୍ଲାଇଟକୁ ଏୟାର ବବଲ୍ ଚୁକ୍ତି ଦ୍ୱାରା ଅନୁମତି ମିଳିଛି। ମୋଟ ୨୮ ଦେଶକୁ ଏଭଳି ବିମାନ ସେବା ଉପଲବ୍ଧ ରହିଛି। ରିପୋର୍ଟ ମୁତାବକ, ବାଙ୍ଗାଲୋର-ମାଲେ-ବାଙ୍ଗାଲୋର ଭଡ଼ା ଗତମାସରେ ୧୮,୭୪୧ ଟଙ୍କା ରହିଥିଲା। ବର୍ତ୍ତମାନ ଏହା ୨୦,୩୭୨ ଟଙ୍କାକୁ ବଢିଛି। ବର୍ତ୍ତମାନ ଟିକାକରଣ ବଢୁଥିବାରୁ ଟ୍ରାଭେଲ ଏବଂ ଟୁରିଜମ କ୍ଷେତ୍ରରେ ପୁଣି ଥରେ ଚାହିଦା ଫେରୁଛି। ସେହିଭଳି ଲୋକଙ୍କ ମଧ୍ୟରେ ରିଭେଞ୍ଜ ଟ୍ରାଭେଲ ପ୍ରବଣତା ଦେଖାଯାଉଛି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ଡେଷ୍ଟିନେଶନଗୁଡିକ ଲାଗି ବର୍ତ୍ତମାନ ଲୋକମାନେ ଯାତ୍ରା ପାଇଁ ମନ ବଳାଉଛନ୍ତି। ଏହା ଟ୍ରାଭେଲ ଶିଳ୍ପ ଲାଗି ଶୁଭ ସଙ୍କେତ ବୋଲି କୁହାଯାଉଛି।

# ହୋଣ୍ଡା ଆମେଜ୍‌ର ପ୍ରିବୁକିଂ

**ନୂଆଦିଲ୍ଲୀ, ୮।୮**




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ଚଳିତ ମାସ ୧୮ରେ ଏହାର ନୂଆ କାର ହୋଣ୍ଡା ଆମେଜର ଶୁଭାରମ୍ଭ କରିବାକୁ ଯାଉଛି। ଏହି ନୂଆ ମଡେଲ ଏକ ନୂତନ ଷ୍ଟାଇଲିଶ ଲୁକ, ଆକର୍ଷଣୀୟ ଏକ୍ସଟେରିୟର ଓ ଆଧୁନିକ ଇଣ୍ଟେରିୟର ସହିତ ଆସୁଛି। ହୋଣ୍ଡା ଆମେଜ୍‌ରେ ୧.୫ ଲିଟର ଆଇ-ଡିଟିଇସି ଡିଜେଲ ଇଞ୍ଜିନ ଓ ୧.୨ ଲିଟର ଆଇ-ଭିଟିଇସି ପେଟ୍ରୋଲ ଇଞ୍ଜିନ ରହିଛି। ଏହା ଉଭୟ ଇନ୍ଧନ ବିକଳ୍ପରେ ମାନୁଆଲ ଓ ସିଟିଭି ଭର୍ସନରେ ଉପଲବ୍ଧ ରହିଛି। କମ୍ପାନୀ ଭାରତରେ ଏହାର ସମସ୍ତ ହୋଣ୍ଡା ଡିଲରଶିପରେ ୨୧ ହଜାର ଟଙ୍କାର ଏକ ପ୍ରିବୁକିଙ୍ଗ ରାଶି ସହିତ ଏହି ନୂଆ କାର ପାଇଁ ପ୍ରିବୁକିଂ ଆରମ୍ଭ କରିଛି। ଅତିରିକ୍ତ ଭାବେ ଗ୍ରାହକମାନେ ଏଚ୍‌ସିଆଇଏଲ ୱେବସାଇଟର 'ହୋଣ୍ଡା ଫ୍ରମ ହୋମ' ପ୍ଲାଟଫର୍ମ ମାଧ୍ୟମରେ ୫ ହଜାର ଟଙ୍କାର ଏକ ରାଶି ସହିତ ଘରେ ବସି ଆରାମରେ ଏହି କାର ପାଇଁ ଅନଲାଇନ ବୁକିଂ କରିପାରିବେ। ଏହି ଅବସରରେ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ, ମାର୍କେଟିଂ ଏବଂ ସେଲ୍‌ସ, ସିନିୟର ଭାଇସ ପ୍ରେସିଡେଣ୍ଟ ଏବଂ ଡାଇରେକ୍ଟର ରାଜେଶ ଗୋଏଲ କହିଛନ୍ତି, ୨୦୧୩ରେ ଏହାର ବଜାର ପ୍ରବେଶ ପରଠାରୁ ହୋଣ୍ଡା ଆମେଜ ୪.୫ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକଙ୍କ ହୃଦୟ ଜିତିଛି। ଫଳରେ ଏହାକୁ ଭାରତର ସବୁଠାରୁ ପସନ୍ଦର ପରିବାର ସେଡାନରେ ପରିଣତ କରିଛି। ଚଳିତ ମାସରେ ଏହି ନୂଆ ଆମେଜର ଶୁଭାରମ୍ଭ ସହିତ ଏହି ମଡେଲର ସଫଳ କାହାଣୀରେ ଆଉ ଏକ ଅଧ୍ୟାୟ ସାମିଲ କରିବା ନେଇ ଆମେ ଅତ୍ୟନ୍ତ ଉତ୍ସାହିତ। ନୂଆ ଆମେଜ ଆହୁରି ଅଧିକ ଷ୍ଟାଇଲିଶ, ପ୍ରିମିୟମ ଏବଂ ଆରାମଦାୟକ ହୋଇଛି। ଆମେ ପାର୍ବଣ ଋତୁକୁ ଅପେକ୍ଷା କରିଛୁ ଓ ଏହି ନୂତନ ଶୃଙ୍ଖଳ ସହିତ ବଜାରରେ ନୂତନ ଉତ୍ସାହ ସୃଷ୍ଟି କରିବ ବୋଲି ଆଶା କରୁଛୁ।

# ସମ୍ ନର୍ସିଂ ଟିମ୍‌କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୮।୮**

କରୋନା ମହାମାରୀରେ କୋଭିଡ୍ ଯୋଦ୍ଧା ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମାଜ ପାଇଁ ଅତୁଳନୀୟ କାର୍ଯ୍ୟ କରିଥିବା ନର୍ସମାନଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରୁ ରଖି କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ସମ୍ ଅଲ୍‌ଟିମେଟ ମେଡ଼ିକେୟାର'ର ନର୍ସିଂ ଟିମ୍‌କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମୟରେ ୨୪ ଘଣ୍ଟିଆ ନିଷ୍ଠାପର ସେବା ସହ ରୋଗୀର ଯତ୍ନ ନେଉଥିବା ସମ୍‌ର ନର୍ସିଂ ଟିମ୍‌କୁ ସମ୍ମାନିତ କରିଛି ସିଆଇଆଇ। ସେହିଭଳି ସିଆଇଆଇ ଓଡ଼ିଶା କାଉନ୍‌ସିଲର ପୂର୍ବତନ ଚେୟାରମ୍ୟାନ ତଥା ଏସାର ମୀନମେଟ ଲିମିଟେଡ୍‌ର ନିର୍ଦ୍ଦେଶକ (ଖଣି) ସଞ୍ଜୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମ୍ ଅଲ୍‌ଟିମେଟ ମେଡିକେୟାରର ସିଇଓ ଡା. ସ୍ୱେତପଦ୍ମ ଦାଶ, ଡା. ବିରାଜ ମୋହନ ମିଶ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ମଳୟ ରଞ୍ଜନ ମିଶ୍ର, ଚିଫ୍ ଅଫ ନର୍ସିଂ ସର୍ଭିସେସ ଆୟେଶା ଏନ୍ ଓ ହସ୍ପିଟାଲର ସମସ୍ତ ନର୍ସିଂ ଟିମ୍‌କୁ ପ୍ରଦାନ କରିଥିଲେ। ଏହି ଅବସରରେ ସିଆଇଆଇ ଆଇଡବ୍ଲୁଏନ୍ ଓଡିଶା ଶାଖାର ଚେୟାରମ୍ୟାନ ଓ ଲୁମିନାସ ଇନ୍‌ଫୋୱେସ ପ୍ରାଇଭେଟ ଲିମିଟେଡ୍‌ର ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଗ୍ ବଜାରର ମହାବଚତ୍ ଅଫର

**ନୂଆଦିଲ୍ଲୀ, ୮।୮**

ବିଗ୍ ବଜାର ପକ୍ଷରୁ ମହାବଚତ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଉଭୟ ଷ୍ଟୋର ଏବଂ ଅନ୍‌ଲାଇନରେ ଉପଲବ୍ଧ ହେବ। ସାରା ଦେଶରେ ରହିଥିବା ବିଗ୍ ବଜାର ଷ୍ଟୋର ସହ ବିଗ୍ ବଜାର ଆପ୍ ଏବଂ ବାଣିଜ୍ୟ ସାଇଟ ଶପ୍ ଡଟ୍ ବିଗ୍ ବଜାର ଡଟ୍ କମ୍‌ରେ ଚଳିତ ମାସ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅଫରରେ ୩ ହଜାର ଟଙ୍କାର କିଣାକିଣି ସହିତ ଗ୍ରାହକମାନେ ମାଗଣା ଅଟା, ଡାଲି, ଚାଉଳ ପାଇବାର ଅଫର ସହିତ ସଞ୍ଚୟକୁ ଦୁଇ ଗୁଣ କରିପାରିବେ। ଏହି ସମୟରେ ଅନ୍ୟ ସମସ୍ତ ବର୍ଗରେ ଶୀର୍ଷ ସ୍ତରର ଡିଲ୍ ଉପଭୋଗ କରିବାକୁ ସକ୍ଷମ ହେବେ। ମହାବଚତ୍ ଗ୍ରାହକମାନଙ୍କୁ ଖାଦ୍ୟ, ଫ୍ୟାଶନ, ଗୃହଉପକରଣ, ଇଲେକ୍‌ଟ୍ରୋନିକ୍ସ ଆଦି ବର୍ଗରେ ଡିଲ୍ ଯୋଗାଇ ଦେବ। ଅତିରିକ୍ତ ବ୍ୟାଙ୍କ ରିହାତି ମଧ୍ୟ ପ୍ରଦାନ କରିବ। ମ୍ୟାଗି, ଭିମ୍, ଗୁଡେ, ଲକ୍ସ, ସନସିଲ୍କ, କ୍ଲିନିକ ପ୍ଲସ, ମାମିପୋକୋ, ଲୋଟୋଚକୋପାଇ, ଟ୍ରପିକାନା, ହ୍ୱିସପର, କ୍ୟାଡବରି, କୋଲଗେଟ ମାକ୍ସଫ୍ରେଶ, ବିକାନୋ ନମକିନ, ଖାଦ୍ୟ ଏବଂ ବ୍ୟକ୍ତିଗତ ବ୍ରାଣ୍ଡଗୁଡିକରେ ୨ଟି କିଣି ୧ଟି ମାଗଣାରେ ପାଇପାରିବେ।

**ଷ୍ଟୋର, ଅନ୍‌ଲାଇନରେ ଉପଲବ୍ଧ**

BIG BAZAAR
Making India Beautiful

ମହିଳା, ପୁରୁଷ ଏବଂ ପିଲାମାନଙ୍କର ଫ୍ୟାଶନ ଓ ଜୋତାଚପଲ ଗୋଟିଏ କିଣି ଗୋଟିଏ ମାଗଣାରେ ପାଇପାରିବେ। ୧୪, ୬୮୦ ଟଙ୍କାର ପିଜିୟନ କିଚେନ୍ କମ୍ବି ଅଫର ପ୍ରାଇସରେ ୫୪୯୯ ଟଙ୍କାରେ ଉପଲବ୍ଧ। ଡ୍ରିମ ଲାଇନ, ବମ୍ବେ ଡାଇଙ୍ଗ, ସ୍ପେଶ ଭଳି ବ୍ରାଣ୍ଡର ଡବଲ ବେଡ ଶିଟ୍ ଏବଂ ତକିଆ କଭରର ନିର୍ଦ୍ଦିଷ୍ଟ ରେଞ୍ଜ ଉପରେ ଆକର୍ଷଣୀୟ ରିହାତି ରହିଛି। ୬୯୯୦ ଟଙ୍କା ମୂଲ୍ୟର କୋରୟୋ ମାଇକ୍ରୋୱେଭ ଓଭନ ଅଫର ମୂଲ୍ୟରେ ୩,୯୯୯ ଟଙ୍କାରେ ମିଳିବ। ଏଭଳି ଅଫର ଦ୍ୱାରା ଗ୍ରାହକଙ୍କ କ୍ରୟ ଅଭିଜ୍ଞତା ବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ଫ୍ୟୁଚର ଗ୍ରୁପର, ଡିଜିଟାଲ, ମାର୍କେଟିଂ, ଇ-କମର୍ସ ସିଏମ୍‌ଓ ପୱନ ସାରଦା କହିଛନ୍ତି।

## ଫୁରସତ

### ହସ୍ପିଟାଲ ବେଡ୍‌ରୁ ପ୍ରେମ, ବିବାହ

**ଚଣ୍ଡିଗଡ:** କୁହାଯାଏ ପ୍ରେମ କେତେବେଳେ କାହାକୁ ହୋଇଯାଏ ତାହା ଜଣାପଡେ ନାହିଁ। ହିମାଚଳ ପ୍ରଦେଶରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି। ହିମାଚଳର ଉନା ଜିଲାର ନଙ୍ଗଲ ଖୁର୍ଦ୍ଦର ଶଶି ପାଲ ଏବଂ ବିହାରର ସୋନମଙ୍କ ବିବାହ ଚର୍ଚ୍ଚା ସମଗ୍ର ଅଞ୍ଚଳରେ ଚାଲିଛି। ପ୍ରାୟ ୭ ବର୍ଷ ପୂର୍ବେ ଏକ ଦୁର୍ଘଟଣାରେ ଶଶି ପାଲଙ୍କର ମେରୁଦଣ୍ଡରେ ଆଘାତ ଲାଗିଥିଲା ଏବଂ ସେ ଆଜୀବନ ଅକ୍ଷମ ହୋଇ ଯାଇଥିଲେ। ଦୀର୍ଘ ଦିନର ଚିକିତ୍ସା ପରେ ଶଶି ପାଲ ଏବେ ନିଜ ଜୀବନ ଏକ ହ୍ୱିଲ ଚେୟାରରେ କାଟୁଛନ୍ତି। ସେହିପରି ବିହାରର ମୁଙ୍ଗେର ଜିଲାର ଛୋଟି ଗୋବିନ୍ଦପୁର ଫୁଲକା ନିବାସୀ ସୋନମଙ୍କ ସହ ମଧ୍ୟ ସମାନ ଘଟଣା ଘଟିଥିଲା, ଯିଏ ତାଙ୍କ ଘରର ଛାତରୁ ଖସିଯିବା କାରଣରୁ ମେରୁଦଣ୍ଡରେ ଆଘାତ ପାଇଥିଲେ ଏବଂ ଆଜୀବନ ଅକ୍ଷମ ମଧ୍ୟ ହୋଇଥିଲେ। ଚିକିତ୍ସା ସମୟରେ ପିଜିଆଇ ଚଣ୍ଡିଗଡ଼ର ଡାକ୍ତରଖାନାରେ ଉଭୟଙ୍କ ସାକ୍ଷାତ ହୋଇଥିଲା। ପରେ ଉଭୟେ ପରସ୍ପରକୁ ଜୀବନ ସାଥୀ ଭାବରେ ବାଛି ଉନା କୋର୍ଟରେ ବିବାହ କରିଛନ୍ତି।

# ଫୁଟନ୍ତା ନଦୀ ମୟାନତୁୟାକୁ

**ଲିମା:** ରହସ୍ୟରେ ପରିପୂର୍ଣ୍ଣ ଆମାଜନ ଜଙ୍ଗଲ ଏକ ପଜଲ ପରି। ଏହାକୁ ବିଶ୍ୱର ବୃହତ୍ତମ ଜଙ୍ଗଲ ମଧ୍ୟରେ ଗଣାଯାଏ। ଏହି ଜଙ୍ଗଲ ଏତେ ବିସ୍ତୃତ ଯେ ଏହା ୯ଟି ଦେଶର ସୀମାକୁ ସ୍ପର୍ଶ କରେ। ଏହା ମଧ୍ୟ କୁହାଯାଏ ଯେ, ଏହି ଜଙ୍ଗଲରେ ଅଦ୍ଭୁତ ଜୀବ ଏବଂ ବୃକ୍ଷଲତା ରହିଥାନ୍ତି। ଫଳରେ ମଣିଷମାନେ ଏହି ଜଙ୍ଗଲକୁ ଯିବା ପାଇଁ ଭୟ କରିଥାନ୍ତି। ଏହି ଜଙ୍ଗଲରେ ଏପରି ଏକ ନଦୀ ଅଛି, ଯାହାର ପାଣି ସବୁବେଳ ପାଇଁ ଫୁଟୁଥାଏ। କୁହାଯାଏ, ଯଦି କେହି ଅଜାଣତରେ ଏହି ନଦୀ ପାଣିରେ ଖସି ପଡ଼ନ୍ତି ତେବେ ତାଙ୍କର ମୃତ୍ୟୁ ସୁନିଶ୍ଚିତ। ପେରୁରେ ଥିବା ଏହି ରହସ୍ୟମୟୀ ନଦୀକୁ ୨୦୧୧ ମସିହାରେ ଭୂବିଜ୍ଞାନୀ ଆଣ୍ଡ୍ରେ ରୁଜୋ ଆବିଷ୍କାର କରିଥିଲେ। ମୟାନତୁୟାକୁ ନାମକ ଏହି ନଦୀର ଆବିଷ୍କାରର କାହାଣୀ ମଧ୍ୟ ଅତ୍ୟନ୍ତ କୌତୂହଳପୂର୍ଣ୍ଣ, ଯାହା ବିଷୟରେ ଆଣ୍ଡ୍ରେ ରୁଜୋ କହିଛନ୍ତି।



ପିଲାଦିନରୁ ରୁଜୋ ଏପରି କଳ୍ପିତ ନଦୀଗୁଡ଼ିକର କାହାଣୀ ଶୁଣିଥିଲେ, ଯାହା ତାଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା, କିନ୍ତୁ ସେତେବେଳେ ସେ ଆଦୌ ଅନୁଭବ କରି ନ ଥିଲେ ଯେ ବାସ୍ତବରେ ଏପରି କିଛି ନଦୀ ଅଛି। ଏହି ଦ୍ୱନ୍ଦ୍ୱରେ, ଦିନେ ଆଣ୍ଡ୍ରେ ଆମାଜନ ଜଙ୍ଗଲରେ ପହଞ୍ଚିଥିଲେ, ଯେଉଁଠାରେ ସେ ତାଙ୍କର କାଳ୍ପନିକ କାହାଣୀ ସତରେ ପରିଣତ ହୋଇଥିବା ଦେଖିଥଲେ। ଶେଷରେ ସେ ଏକ ନଦୀ ଖୋଜିବାରେ ସଫଳ ହେଲେ ଯାହାର ପାଣି ରହସ୍ୟମୟ ଭାବରେ ଫୁଟୁଥିଲା। ଏହି ନଦୀ ପ୍ରାୟ ଏକ ମାଇଲ ପର୍ଯ୍ୟନ୍ତ ଲମ୍ବା। ଆଣ୍ଡ୍ରେ କୁହନ୍ତି, ମୟାନତୁୟାକୁ ନଦୀର ପାଣି ଏତେ ଗରମ ଯେ, ଏଥିରେ ଆପଣ ଚା' କରି ପାରିବେ। ଏହି ନଦୀ ପାଣିର ତାପମାତ୍ରା ପ୍ରାୟ ୮୦ ଡିଗ୍ରୀ ସେଲସିୟସ। ତାଙ୍କ କହିବାନୁସାରେ, ମୟାନତୁୟାକୁ ପ୍ରକୃତିର ଏକ ଚମତ୍କାର, ଯାହାର ଜଳ ରହସ୍ୟମୟ ଭାବରେ ଫୁଟୁଛି। ବୈଜ୍ଞାନିକମାନେ ଏ ବିଷୟରେ ଅନୁସନ୍ଧାନ କରୁଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ଏହାର ଜଳ କାହିଁକି ଗରମ ତାହା ଜଣା ପଡ଼ିନାହିଁ।

### ମଣିଷ ଆକୃତିର ମାଛ



**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଏମିତି ଏକ ମାଛର ଫଟୋ ଭାଇରାଲ ହେଉଛି, ଯାହାର ଦାନ୍ତ ଓ ମାଢ଼ି ମଣିଷ ଆକୃତିର। ପ୍ରଥମେ ଏହି ମାଛ ସମ୍ପର୍କରେ ଖବର ଶେୟାର ହୋଇଥିଲା ଜେନେଟ୍ ପିୟର ନାମକ ଫେସ୍‌ବୁକ ଆକାଉଣ୍ଟରୁ। ମାଛଟିର ନାଁ ସିପ୍‌ସହେଡ୍ ଫିଶ୍। ଏହାକୁ ଆମେରିକାର ଜଣେ ମାଛଧରାଳି ମାଥନ ମାର୍ଟିନ୍ ପ୍ରଥମେ ଧରି ତା'ର ଅଜବ ବିଶେଷତ୍ୱ ସମ୍ପର୍କରେ ଜାଣିପାରିଥିଲେ। ରିସର୍ଚ୍ଚରଙ୍କ ମତରେ ଏହି ବିଶେଷ ଧରଣର ମାଛଟି ଅନ୍ୟ ସାମୁଦ୍ରିକ ଜୀବଙ୍କୁ ସହଜରେ ଖାଇପାରିଥାଏ।

### ସେଟ୍‌ରେ ବେହୋସ ହେଲେ ନୁସ୍‌ରତ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ନୁସରତ ଭରୁଚା ଶୁଟିଂ ସେଟରେ ବେହୋସ ହୋଇ ଯାଇଛନ୍ତି । ଏବେ ସେ ଲଭ୍ ରଞ୍ଜନଙ୍କ ଫିଲ୍ମରେ କାମ କରୁଥିବା ବେଳେ ନିକଟରେ ଶୁଟିଂ କରୁଥିବା ସମୟରେ ବେହୋସ ହୋଇ ଯାଇଥିଲେ । ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ଅତିକମରେ ୧୫ ଦିନ ପର୍ଯ୍ୟନ୍ତ ବିଶ୍ରାମ କରିବାକୁ କହିଛନ୍ତି। ନିମ୍ନ ରକ୍ତଚାପ ଯୋଗୁ ସେ ବେହୋସ ହୋଇ ଯାଇଥିବା ଜଣାପଡିଛି । ମୁମ୍ବାଇର ଏକ ଷ୍ଟୁଡିଓରେ ନୁସରତ ଏବେ ଶୁଟିଂ କରୁଥିବା ବେଳେ ୨୩-୨୪ ଦିନର ଶୁଟିଂ ଶେଷ କରିଛନ୍ତି। ଏହା ପୂର୍ବରୁ ସେ ସାମାନ୍ୟ ଅସୁସ୍ଥ ଥିଲେ ବି କାମରେ ଯୋଗଦେଇ ଥିଲେ ।

**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NURSING**
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ



ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



Late- Er. Akashi Bhasker Rao
(Retd. Chief Engineer & Director, OHPC)
ସ୍ଥାନ- କାନନ ବିହାର, ଫେଜ୍-୧ ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୫।୧୨।୧୯୩୮
ତିରୋଧାନ: ୩୦।୦୭।୨୦୨୧
ତୁମର ସ୍ନେହ, ତ୍ୟାଗ, ମହାନତା, ସମାଜସେବା, ଶିକ୍ଷା, ପରୋପକାରିତା ଓ ଦରଦୀ ବ୍ୟକ୍ତିତ୍ୱ ଆମକୁ ସମାଜର ଉପଯୁକ୍ତ ନାଗରିକ କରି ଗଢ଼ି ତୋଳିଛି। ତୁମର ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ଆମର ଇଷ୍ଟଦେବ ଦେବଙ୍କ ଦେବ ଶ୍ରୀଶ୍ରୀ ଶ୍ରୀମହାଦେବଙ୍କ ଠାରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ:** ଆକାଶିପୁ ପରିବାରବର୍ଗ, ମୀରାବାଇ, ବାଲାଜୀ, ଅନୁପ୍ରିୟା, ହ୍ରିସିତା, ସାଇ ଭବେସ୍ ଓ ଆତ୍ମୀୟସ୍ୱଜନ ।
ଧ-୨୧୨୯୭

ଏକାଦଶାହ ଉପଲକ୍ଷେ



✓ଭୁବନାନନ୍ଦ ତ୍ରିପାଠୀ
ଆଳି, ମହୁ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୫।୦୮।୧୯୪୧
ତିରୋଧାନ: ୩୦।୦୭।୨୦୨୧
ଭୁବନାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ଆମମାନଙ୍କ ପାଇଁ ଦୁଃଖ ଓ ପରିତାପର ବିଷୟ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:–** ହତଭାଗ୍ୟ: ପତ୍ନୀ- ନିଳିମା ତ୍ରିପାଠୀ, ପୁତ୍ର: ଅର୍, ଧୂମ୍, ସନା, ବୋହୂ: ରୋଜି, ଝିନା, ମିଲି, ଝିଅ: ଡଲି, ସିଲି, ଜ୍ୱାଇଁ: ସରୋଜ୍, ଅଭୟ, ନାତି-ନାତୁଣୀ: କାହ୍ନୁ, ଶୁଭମ୍, ରାହୁଲ୍, ଶିଳ୍ପିତା, ଅପ୍ରିତା, ଅଙ୍କିତା, ଲୋପିତା, ଅମ୍ରିତା
ଧ-୨୧୨୯୮

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଏମ୍.ପଦ୍ମାବତୀ
ବାଛରାପାଟଣା, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୦୧ ଜୁଲାଇ ୧୯୪୪
ତିରୋଧାନ: ୩୧ ଜୁଲାଇ ୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ଶ୍ରୀଭେଙ୍କେଟେଶ୍ୱର ବାଲାଜୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଏମ୍.ଲକ୍ଷ୍ମଣ ରାଓ, ପୁଅ: ଏମ୍. ପରମେଶ୍ୱର ଡୋରା, ବୋହୂ: ଏମ୍.ସାଇ ଜ୍ୟୋତି, ନାତି/ନାତୁଣୀ: କାବ୍ୟାଲତା, ପଲ୍ଲବୀ, ଭାସୀ, କାବ୍ୟା, ରାହୁଲ, ରୋହିତ, କ୍ରିଷ୍ଣା, ରୋହନ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ
ଧ-୨୧୨୯୬




# ଚାନୁଙ୍କଠାରୁ ଚୋପ୍ରାଙ୍କ ପର୍ଯ୍ୟନ୍ତ


ନୀରଜ ଚୋପ୍ରା


ସାଇଖୋମ ମୀରାବାଈ ଚାନୁ


ରବି କୁମାର ଦହିୟା


ପି.ଭି. ସିନ୍ଧୁ

ଭୁବନେଶ୍ୱର, ୮।୮ (କ୍ରୀଡ଼ା ପ୍ରତିନିଧି)

କରୋନା ସଂକ୍ରମଣର ଭୟ, ବିରୋଧ, ବିକ୍ଷୋଭଜନିତ ଆଶଙ୍କା ମଧ୍ୟରେ ଟୋକିଓ ଅଲିମ୍ପିକ୍ସ ରବିବାର ଉଦ୍‌ଯାପିତ ହୋଇଛି। କୋଭିଡ୍-୧୯ ଜନିତ କଟକଣାରେ ଟ୍ରେନିଂ ସତ୍ତ୍ୱେ ଭାରତ ଏହି ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। ଭାରୋତ୍ତୋଳିକା ସାଇଖୋମ ମୀରାବାଈ ଚାନୁଙ୍କ ରୌପ୍ୟଠାରୁ ଆରମ୍ଭ ହୋଇଥିବା ଭାରତର ପଦକ ଅଭିଯାନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣିମ ସଫଳତାରେ ଶେଷ ହୋଇଛି। ଭାରତକୁ ମୋଟ ୭ ପଦକ ମିଳିଛି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସାମିଲ। ଭାରତର ଅଲିମ୍ପିକ୍ସ ଇତିହାସରେ ଏହା ସର୍ବାଧିକ ପଦକ ଏବଂ ସର୍ବଶ୍ରେଷ୍ଠ ପ୍ରଦର୍ଶନ।

ଜୁଲାଇ ୨୩ରେ ଆରମ୍ଭ ହୋଇଥିଲା କ୍ରୀଡ଼ାଜଗତର ଏହି ମେଗା ପ୍ରତିଯୋଗିତା। ତେବେ ପଦକ ରାଉଣ୍ଡର ପ୍ରଥମ ଦିବସରେ ଚାନୁ ଦେଇଥିଲେ ଭାରତକୁ ପ୍ରଥମ ପଦକ। ସେ ମହିଳା ୪୯ କେଜି ବିଭାଗରେ ସ୍ନାଚ୍‌ରେ ୮୭, କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଏହିପରି ମୋଟ ୨୦୨ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ। ଏକ ସପ୍ତାହର ପଦକ ଶୂନ୍ୟତା ପରେ ଅଗଷ୍ଟ ୧ରେ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ ଜିତିଥିଲେ ବ୍ରୋଞ୍ଜ ପଦକ। ସେମିଫାଇନାଲରେ ତାଇୱାନର ତାଇ ଜୁ ୟିଙ୍ଗ୍‌ଙ୍କଠାରୁ ହାରି ସ୍ୱର୍ଣ୍ଣ ପଦକ ଲଢ଼େଇରୁ ବାଦ୍ ପଡ଼ିଥିଲେ ହେଁ ସିନ୍ଧୁ ବ୍ରୋଞ୍ଜ ପଦକ ମୁକାବିଲାରେ ହେ ବିଙ୍ଗ୍ ଜିଆଓଙ୍କୁ ୨୧-୧୩, ୨୧-୧୫ ପଏଣ୍ଟରେ ହରାଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ। ପୂର୍ବ ଅଲିମ୍ପିକ୍ସରେ ରୌପ୍ୟ ପଦକ ପାଇଥିଲେ ଏହି ମହିଳା ବ୍ୟାଡ୍‌ମିଣ୍ଟନ ତାରକା। ଅଗଷ୍ଟ ୪ରେ ମହିଳା ୱେଲ୍ଟରୱେଟ୍ ବକ୍ସିଂରେ ଲଭଲିନା ବୋରଗୋହେନ ପାଇଥିଲେ ବ୍ରୋଞ୍ଜ ପଦକ। ପଦାର୍ପଣରେ ଦମ୍ ଦେଖାଇଥିବା ଲଭଲିନା ସେମିଫାଇନାଲରେ ତୁର୍କୀର ବୁସେନାଜ ସୁରମେନେଲିଙ୍କଠାରୁ ୦-୫ରେ ହାରି ଯାଇଥିଲେ। ଅଗଷ୍ଟ ୫ରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରି ଦୀର୍ଘ ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିବାବେଳେ ପୁରୁଷ ଫ୍ରିଷ୍ଟାଇଲ ୫୭ କେଜି କୁସ୍ତିରେ ରବି କୁମାର ଦହିୟା ରୌପ୍ୟ ପଦକ ଜିତି ଦେଶକୁ

## ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ

ଗର୍ବିତ କରିଥିଲେ। ଲଢୁଆ ପ୍ରଦର୍ଶନ କରି ସେମିଫାଇନାଲରେ ବେଲ୍‌ଜିୟମଠାରୁ ୨-୫ ଗୋଲରେ ହାରିଥିବା ଭାରତ ବ୍ରୋଞ୍ଜ ପଦକ ମୁକାବିଲାରେ ଜର୍ମାନୀକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଏହି ବ୍ରୋଞ୍ଜ ଭାରତୀୟ ହକିରେ ଏକ ବୈପ୍ଳବିକ ପରିବର୍ତ୍ତନର ଆଭାସ ଦେଇଥିଲା। ସମଗ୍ର ଦେଶବାସୀ ହକି ପ୍ରେମରେ ମଜ୍ଜି ଯାଇଥିବା ପରିଲକ୍ଷିତ ହୋଇଥିଲା। ଭାରତୀୟ ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଉପଅଧିନାୟକ ଥିବାବେଳେ ଅମିତ ରୋହିଦାସ ଚମତ୍କାର ପ୍ରଦର୍ଶନ କରି ହିରୋ ସାବ୍ୟସ୍ତ ହୋଇଥିଲେ। ରେସ୍‌ଲର ରବି କୁମାର ଦହିୟା ସେମିଫାଇନାଲରେ କାଜାଖସ୍ତାନର ନୁରିସ୍ଲାମ ସାନାୟେଭଙ୍କୁ ୫-୦ରେ ହରାଇଥିବାବେଳେ ସଂଘର୍ଷପୂର୍ଣ୍ଣ ଫାଇନାଲରେ ରୁଷିଆ ଅଲିମ୍ପିକ୍ କମିଟି (ଆରଓସି) ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଜାଓର ରିଜଭାନୋଭିଚ୍ ଉଗୁଏଭଙ୍କଠାରୁ ୧-୩ ବ୍ୟବଧାନରେ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ।

ଅଗଷ୍ଟ ୭ ଅର୍ଥାତ୍ ଅଲିମ୍ପିକ୍ସ ଶେଷ ହେବାର ପୂର୍ବଦିନ ପୁରୁଷ ୬୫ କେଜି ଫ୍ରିଷ୍ଟାଇଲ କୁସ୍ତିରେ ବଜରଙ୍ଗ ପୁନିଆ ପାଇଥିଲେ ବ୍ରୋଞ୍ଜ ପଦକ। ସେମିଫାଇନାଲରେ ଆଜରବୈଜାନର ହାଜି ଆଲିୟେଭଙ୍କଠାରୁ ୧-୩ ପଏଣ୍ଟ ବ୍ୟବଧାନରେ ପରାସ୍ତ ହୋଇଥିବା ବଜରଙ୍ଗ ରିପଚେଜ୍ ରାଉଣ୍ଡରେ ବାଇ ପାଇଥିଲେ। ଏହାପରେ ବ୍ରୋଞ୍ଜ ପଦକ ମୁକାବିଲାରେ ସେ କାଜାଖସ୍ତାନର ଦାଉଲେଟ୍ ନିୟାଜବେକୋଭଙ୍କୁ ୩-୦ରେ ହରାଇ ଦେଇଥିଲେ। ଏହି ଦିନ ଶେଷ ଭାଗରେ ଭାରତ ପାଇଥିଲା ସବୁଠାରୁ ବଡ଼ ସଫଳତା। ଦେଶକୁ ମିଳିଥିଲା ସ୍ୱର୍ଣ୍ଣିମ ସ୍ୱର୍ଶ। ପୁରୁଷ ଜାଭେଲିନ ଥ୍ରୋରେ ନୀରଜ ଚୋପ୍ରା ପାଇଥିଲେ ସ୍ୱର୍ଣ୍ଣ ପଦକ। ପ୍ରଥମ ଉଦ୍ୟମରେ ୮୭.୦୩ ମିଟର ଥ୍ରୋ କରିଥିବା ନୀରଜ ଦ୍ୱିତୀୟ ଉଦ୍ୟମରେ ୮୭.୫୮ ମିଟର ସ୍ୱର୍ଶ କରିଥିଲେ। ଯାହାକି ତାଙ୍କ ପାଇଁ ସ୍ୱର୍ଣ୍ଣ ପଦକ ଅର୍ଜନରେ ସହାୟକ ହୋଇଥିଲା। ୪ର୍ଥ ଓ ୫ମ ଉଦ୍ୟମରେ ସେ ଫାଉଲ୍ କରିଥିବାବେଳେ ୬ଷ୍ଠ ତଥା ଅନ୍ତିମ ଉଦ୍ୟମରେ ୮୪.୨୪ ମିଟର ଦୂରକୁ ଜାଭେଲିନ ପକାଇ ପାରିଥିଲେ। ଫାଇନାଲ୍‌ରେ ମୋଟ ୧୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ହେଁ ନୀରଜଙ୍କ ୮୭.୫୮ ମିଟର ଦୂରତା ପାଖାପାଖି କେହି ପହଞ୍ଚି ପାରି ନ ଥିଲେ। ଅଲିମ୍ପିକ୍ସର କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ପାଇଁ ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ୨୦୦୮ ବେଜିଂ ଅଲିମ୍ପିକ୍ସରେ ତାରକା ଶୁଟର ଅଭିନବ ବିନ୍ଦ୍ରା ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ମାତ୍ର ହରିୟାଣା ପାନିପଥ ନିକଟସ୍ଥ ଖଣ୍ଡ୍ରା ଗ୍ରାମର ଜଣେ କୃଷକଙ୍କ ସନ୍ତାନ ନୀରଜ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଟ୍ରାକ୍ ଆଣ୍ଡ ଫିଲ୍ଡରୁ ଗତ ୧୦୦ ବର୍ଷ ଧରି ଭାରତର ପଦକ ଶୂନ୍ୟତାକୁ ପୂରଣ କରିଥିଲେ।

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତି ପ୍ରଶଂସନୀୟ ଥିଲା। ରାଣୀ ରାମପାଲଙ୍କ ଦଳ ଯଦିଓ ବ୍ରୋଞ୍ଜ ପଦକ ମୁକାବିଲାରେ ଗ୍ରେଟ୍ ବ୍ରିଟେନଠାରୁ ପରାସ୍ତ ହୋଇ ୪ର୍ଥ ସ୍ଥାନ ପାଇଥିଲା, ତେବେ ଭାରତୀୟ ମହିଳା ହକିକୁ ଏହା ଏକ ଭିନ୍ନ ସୋପାନକୁ ନେଇ ଯାଇଥିଲା। ଏହି ଦଳରେ ଓଡ଼ିଶାର ଦୁଇ ଖେଳାଳି ଦୀପ୍ ଗ୍ରେସ୍ ଏକ୍କା ଉପଅଧିନାୟିକା ଦାୟିତ୍ୱ ସମ୍ପାଦନ କରିଥିବାବେଳେ ନମିତା ଟପ୍ପୋ ସାମିଲ ଥିଲେ। ଭାରତୀୟ ମହିଳା ଗଲ୍ଫର ଅଦିତି ଅଶୋକ ମଧ୍ୟ ଅତି ଚମତ୍କାର ଖେଳି ଅଧିକାଂଶ ସମୟ ପ୍ରଥମ ୩ ଜଣଙ୍କ ମଧ୍ୟରେ ରହିଥିଲେ ହେଁ ଶେଷରେ ୪ର୍ଥ ସ୍ଥାନକୁ ଖସି ଆସିଥିଲେ। ଫଳରେ ଏହି ଇଭେଣ୍ଟରୁ ଅଳ୍ପକେ ପଦକ ହାତଛଡ଼ା ହୋଇଥିଲା। ଭାରତ ଏହି ଅଲିମ୍ପିକ୍ସର ୧୮ଟି କ୍ରୀଡ଼ାରେ ଭାଗ ନେଇଥିଲା। ମୋଟ ୧୨୪ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶୁଟିଂ ଇଭେଣ୍ଟରେ ୧୫ ପ୍ରତିଯୋଗୀ ଭାଗ ନେଇଥିଲେ ହେଁ ସମସ୍ତେ ନିରାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମହିଳା ବକ୍ସର ଏମ୍‌ସି ମେରୀକମ୍ ଏବଂ ଭାରତୀୟ ହକି ଅଧିନାୟକ ମନପ୍ରୀତ ସିଂ ଜାତୀୟ ପତାକାଧାରୀ ହୋଇଥିବାବେଳେ ଉଦ୍‌ଯାପନୀରେ ବଜରଙ୍ଗ ପୁନିଆ ଏହି ସମ୍ମାନଜନକ ଦାୟିତ୍ୱ ସମ୍ପାଦନ କରିଥିଲେ।

### ଟୋକିଓରେ ଭାରତର ପଦକ

| ପଦକ | ନାମ | କ୍ରୀଡ଼ା | ଇଭେଣ୍ଟ | ତାରିଖ |
|---|---|---|---|---|
| ସ୍ୱର୍ଣ୍ଣ | ନୀରଜ ଚୋପ୍ରା | ଆଥଲେଟିକ୍ସ | ପୁରୁଷ ଜାଭେଲିନ ଥ୍ରୋ | ଅଗଷ୍ଟ ୭ |
| ରୌପ୍ୟ | ସାଇଖୋମ ମୀରାବାଈ ଚାନୁ | ଭାରୋତ୍ତୋଳନ | ମହିଳା ୪୯ କେଜି | ଜୁଲାଇ ୨୪ |
| ରୌପ୍ୟ | ରବି କୁମାର ଦହିୟା | କୁସ୍ତି | ପୁରୁଷ ଫ୍ରିଷ୍ଟାଇଲ ୫୭ କେଜି | ଅଗଷ୍ଟ ୫ |
| ବ୍ରୋଞ୍ଜ | ପି.ଭି. ସିନ୍ଧୁ | ବ୍ୟାଡ୍‌ମିଣ୍ଟନ | ମହିଳା ସିଙ୍ଗଲ୍ସ | ଅଗଷ୍ଟ ୧ |
| ବ୍ରୋଞ୍ଜ | ଲଭଲିନା ବୋରଗୋହେନ | ବକ୍ସିଂ | ମହିଳା ୱେଲ୍ଟରୱେଟ | ଅଗଷ୍ଟ ୪ |
| ବ୍ରୋଞ୍ଜ | ଭାରତୀୟ ହକି ଦଳ | ଫିଲ୍ଡ ହକି | ପୁରୁଷ ଟୁର୍ନାମେଣ୍ଟ | ଅଗଷ୍ଟ ୫ |
| ବ୍ରୋଞ୍ଜ | ବଜରଙ୍ଗ ପୁନିଆ | କୁସ୍ତି | ପୁରୁଷ ଫ୍ରିଷ୍ଟାଇଲ ୬୫ କେଜି | ଅଗଷ୍ଟ ୭ |


ଭାରତୀୟ ପୁରୁଷ ହକି ଦଳ


ଲଭଲିନା ବୋରଗୋହେନ


ବଜରଙ୍ଗ ପୁନିଆ

## ଶେଷ ଦିନରେ ଚାଇନାକୁ ଟପିଲା ଆମେରିକା

**ଟୋକିଓ, ୮।୮:** ଜୁଲାଇ ୨୩ରୁ ଆରମ୍ଭ ହୋଇଥିବା ଟୋକିଓ ଅଲିମ୍ପିକ୍ସ ରବିବାର ଶେଷ ହୋଇଛି। ପ୍ରତିଯୋଗିତା ଆରମ୍ଭରୁ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ଚାଇନାକୁ ଅନ୍ତିମ ଦିବସରେ ପଛରେ ପକାଇ ଦେଇଛି କ୍ରୀଡ଼ା ଜଗତର ପାୱାର ହାଉସ ଆମେରିକା। ଆମେରିକା ୩୯ ସ୍ୱର୍ଣ୍ଣ, ୪୧ ରୌପ୍ୟ ଓ ୩୩ ରୌପ୍ୟ ଏହିପରି ମୋଟ ୧୧୩ ପଦକ ହାସଲ କରି ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି। ଚାଇନା ୩୮ ସ୍ୱର୍ଣ୍ଣ, ୩୨ ରୌପ୍ୟ ଓ ୧୮ ବ୍ରୋଞ୍ଜ ସହ ୮୮ ପଦକ ପାଇ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛି। ଆୟୋଜକ ଜାପାନ ପ୍ରଭାବୀ ପ୍ରଦର୍ଶନ କରି ତୃତୀୟ ସ୍ଥାନ ଅଧିକାର କରିଛି। ଏହି ଦେଶ ୨୭ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୧୭ ବ୍ରୋଞ୍ଜ ସହ ୫୮ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଗ୍ରେଟ ବ୍ରିଟେନ ୬୫ (୨୨+୨୧+୨୨), ରୁଷିଆ ଅଲିମ୍ପିକ୍ କମିଟି ୭୧(୨୦+୨୮+୨୩) ଓ ଅଷ୍ଟ୍ରେଲିଆ ୪୬(୧୭+୭+୨୨) ପଦକ ପାଇ ପରବର୍ତ୍ତୀ ୩ ସ୍ଥାନରେ ରହିଛି। ଭାରତ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ ୪୮ତମ ସ୍ଥାନ ପାଇଛି।

## ମାରାଥନ ଟାଇଟଲ ଜିତିଲେ କିପ୍‌ଚୋଗେ

ସାପୋରୋ,୮।୮(ଏପି)

କେନିୟାର ୩୬ ବର୍ଷୀୟ ଏଲିଉଡ୍ କିପ୍‌ଚୋଗେ ଅଲିମ୍ପିକ ମାରାଥନ ଟାଇଟଲ ବଜାୟ ରଖିଛନ୍ତି। ରେସ୍‌ରେ କୌଣସି ପ୍ରତିଯୋଗୀ ତାଙ୍କ ପାଖ ଛୁଇଁ ପାରି ନ ଥିଲେ। ପବନ ସହ ଆର୍ଦ୍ର ପରିବେଶରେ କିପ୍‌ଚୋଗେ ୨ ଘଣ୍ଟା ୮ ମିନିଟ ଓ ୩୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ନେଦରଲାଣ୍ଡ୍ସ ରନର୍ସଅପ୍ ଆବଦି ନଗେୟିଙ୍କଠାରୁ ସେ ୮୦ ସେକେଣ୍ଡ ଆଗୁଆ ଫିନିଶ ଲାଇନ୍ କ୍ରସ୍ କରିଥିଲେ। ବେଲ୍‌ଜିୟମର ବସିର ଆବଦିଙ୍କୁ ମିଳିଥିଲା ବ୍ରୋଞ୍ଜ ପଦକ। ପୁରୁଷ ମାରାଥନରେ ଏକାଧିକ ସ୍ୱର୍ଣ୍ଣ ଜିତିବାରେ କିପ୍‌ଚୋଗେ ତୃତୀୟ ଆଥ୍‌ଲେଟ। ଅନ୍ୟ ଦୁଇଜଣ ହେଲେ ଆବେବି ବିକ୍‌ଲା (୧୯୬୦, ୧୯୬୪) ଓ ୱାଲଡେମାର ସିରପିନ୍‌ସ୍କି (୧୯୭୬, ୧୯୮୦)। କିପ୍‌ଚୋଗେ ଧଳା ଓ ଗୋଲାପୀ ରଙ୍ଗର ନାଇକ୍ସ ପିନ୍ଧିଥିଲେ। ତାଙ୍କୁ ପ୍ରାୟ ୩୦ କିଲୋମିଟର ପାଖାପାଖି ଦୌଡ଼ିବାକୁ ହୋଇଥିଲା। ରବିବାର ଅନୁଷ୍ଠିତ ଏହି ରେସ୍‌ର ଷ୍ଟାର୍ଟିଂ ଲାଇନ୍‌ରେ ୧୦୬ ଧାବକ ରହିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଡଜନରୁ ଅଧିକ ରେସ୍ ଶେଷ କରିପାରି ନ ଥିଲେ। ଆମେରିକାର ଶ୍ରେଷ୍ଠ ଧାବକ ଗାଲେ ରପ୍ ୮ମ ସ୍ଥାନରେ ରହିଥିଲେ। ଗତଥରର ଚାମ୍ପିୟନ ଏବଂ ବିଶ୍ୱ ରେକର୍ଡଧାରୀ (୨:୦୧:୩୯) ହୋଇଥିବାରୁ କିପ୍‌ଚୋଗେ ଆରମ୍ଭରୁ ଫେଭରାଇଟ୍ ଥିଲେ। କିପ୍‌ଚୋଗେଙ୍କ ନାମ ଆହୁରି ମଧ୍ୟ କେନିୟାନ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛି। ଅଲିମ୍ପିକ୍ସରେ ଦେଶରୁ ୪ ପଦକ ସଫଳତା ହାସଲ କରିବା କ୍ଷେତ୍ରରେ ସେ ମହିଳା ଆଥ୍‌ଲେଟ କିପ୍ କିନୋ ଓ ଭିଭିଆନ ଚେରୁୟୋଟ୍‌ଙ୍କ ସହ ଯୋଗ ଦେଇଛନ୍ତି। ମାରାଥନରେ ୨ ସ୍ୱର୍ଣ୍ଣ ପଦକ ବ୍ୟତୀତ ୫,୦୦୦ ମିଟର ଦୌଡ଼ରେ ରୌପ୍ୟ (୨୦୦୮) ଓ ବ୍ରୋଞ୍ଜ (୨୦୦୪) ପଦକ ପାଇଛନ୍ତି।



ଏଲିଉଡ୍ କିପ୍‌ଚୋଗେ

## ସାଇକ୍ଲିଂ ସ୍ପ୍ରିଣ୍ଟରେ ମିଚେଲଙ୍କୁ ସ୍ୱର୍ଣ୍ଣ

**ଟୋକିଓ, ୮।୮(ଏପି):** କାନାଡାର କେଲସି ମିଚେଲ ଅଲିମ୍ପିକ ଟ୍ରାକ୍ ସାଇକ୍ଲିଂ ସ୍ପ୍ରିଣ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଇଜୁ ଭେଲୋଡ୍ରୋମ୍‌ଠାରେ ସେ ୟୁକ୍ରେନ୍‌ର ଓଲେନା ଷ୍ଟାରିକୋଭାଙ୍କୁ ପଛରେ ପକାଇ ଦେଇଥିଲେ। ଷ୍ଟାରିକୋଭାଙ୍କୁ ଭେଟିବା ପୂର୍ବରୁ ମିଚେଲ ସେମିଫାଇନାଲରେ ବିଶ୍ୱ ଚାମ୍ପିୟନ ଜର୍ମାନୀର ଇଭା ହିଞ୍ଜେଙ୍କର ବିପର୍ଯ୍ୟୟ ଘଟାଇଥିଲେ। ଷ୍ଟାରିକୋଭା ମଧ୍ୟ ସେମିଫାଇନାଲରେ ୨୦୧୯ ବିଶ୍ୱ ଚାମ୍ପିୟନ ଲି' ୱାଇ ସିଜେଙ୍କୁ ପଛରେ ପକାଇ ଦେଇଥିଲେ। ବେଷ୍ଟ ଅଫ୍ ଥ୍ରି ଫାଇନାଲ ମଧ୍ୟରୁ ପ୍ରଥମଟିରେ ଷ୍ଟ୍ରାଇକୋଭାଙ୍କୁ କଡ଼ା ଟକ୍କର ଦେଇଥିଲେ ମିଚେଲ। ପରେ ଏକ ଡ୍ରାଗ୍ ରେସ୍‌ରେ ସେ ଷ୍ଟ୍ରାଇକୋଭାଙ୍କୁ ପଛରେ ପକାଇ ଇଭେଣ୍ଟରେ କାନାଡା ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିଲେ। ପୂର୍ବରୁ ଲୋରି ଆନ୍ ମ୍ୟୁଞ୍ଜର ୨୦୦୪ ଏଥେନ୍ସ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ଲି ସହଜରେ ହିଞ୍ଜେଙ୍କୁ ପଛରେ ପକାଇ ବ୍ରୋଞ୍ଜ ପାଇଥିଲେ।


କେଲସି ମିଚେଲ



### ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଆମେରିକା | ୩୯ | ୪୧ | ୩୩ | ୧୧୩ |
| ଚାଇନା | ୩୮ | ୩୨ | ୧୮ | ୮୮ |
| ଜାପାନ | ୨୭ | ୧୪ | ୧୭ | ୫୮ |
| ଗ୍ରେଟ ବ୍ରିଟେନ | ୨୨ | ୨୧ | ୨୨ | ୬୫ |
| ଆରଓସି | ୨୦ | ୨୮ | ୨୩ | ୭୧ |
| ଅଷ୍ଟ୍ରେଲିଆ | ୧୭ | ୭ | ୨୨ | ୪୬ |
| ନେଦରଲାଣ୍ଡ୍ସ | ୧୦ | ୧୨ | ୧୪ | ୩୬ |
| ଫ୍ରାନ୍ସ | ୧୦ | ୧୨ | ୧୧ | ୩୩ |
| ଜର୍ମାନୀ | ୧୦ | ୧୧ | ୧୬ | ୩୭ |
| ଇଟାଲୀ | ୧୦ | ୧୦ | ୨୦ | ୪୦ |
| କାନାଡ଼ା | ୭ | ୬ | ୧୧ | ୨୪ |
| ବ୍ରାଜିଲ | ୭ | ୬ | ୮ | ୨୧ |
| ନ୍ୟୁଜିଲାଣ୍ଡ | ୭ | ୬ | ୭ | ୨୦ |
| କ୍ୟୁବା | ୭ | ୩ | ୫ | ୧୫ |
| ହଙ୍ଗେରି | ୬ | ୭ | ୭ | ୨୦ |
| ଦକ୍ଷିଣ କୋରିଆ | ୬ | ୪ | ୧୦ | ୨୦ |
| ପୋଲାଣ୍ଡ | ୪ | ୫ | ୫ | ୧୪ |
| ଚେକ୍ ରିପବ୍ଲିକ୍ | ୪ | ୪ | ୩ | ୧୧ |
| କେନିୟା | ୪ | ୪ | ୨ | ୧୦ |
| ନରୱେ | ୪ | ୨ | ୨ | ୮ |
| ଜାମାଇକା | ୪ | ୧ | ୪ | ୯ |
| ସ୍ପେନ | ୩ | ୮ | ୬ | ୧୭ |
| ସୁଇଡେନ | ୩ | ୬ | ୦ | ୯ |
| ସୁଇଜରଲାଣ୍ଡ | ୩ | ୪ | ୬ | ୧୩ |
| ଡେନମାର୍କ | ୩ | ୪ | ୪ | ୧୧ |
| କ୍ରୋଏସିଆ | ୩ | ୩ | ୨ | ୮ |
| ଇରାନ | ୩ | ୨ | ୨ | ୭ |
| ସର୍ବିଆ | ୩ | ୧ | ୫ | ୯ |
| ବେଲଜିୟମ | ୩ | ୧ | ୩ | ୭ |
| ବୁଲଗେରିଆ | ୩ | ୧ | ୨ | ୬ |
| ସ୍ଲୋଭେନିଆ | ୩ | ୧ | ୧ | ୫ |
| ଉଜ୍‌ବେକିସ୍ତାନ | ୩ | ୦ | ୨ | ୫ |
| ଜର୍ଜିଆ | ୨ | ୫ | ୧ | ୮ |
| ଚାଇନିଜ୍ ତାଇପେ | ୨ | ୪ | ୬ | ୧୨ |
| ତୁର୍କୀ | ୨ | ୨ | ୯ | ୧୩ |
| ଗ୍ରୀସ୍ | ୨ | ୧ | ୧ | ୪ |
| ଉଗାଣ୍ଡା | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୧ | ୦ | ୩ |
| ଆୟର୍ଲାଣ୍ଡ | ୨ | ୦ | ୨ | ୪ |
| ଇସ୍ରାଏଲ | ୨ | ୦ | ୨ | ୪ |
| କାତାର | ୨ | ୦ | ୧ | ୩ |
| ବାହାମାସ | ୨ | ୦ | ୦ | ୨ |
| କୋସୋଭୋ | ୨ | ୦ | ୦ | ୨ |
| ୟୁକ୍ରେନ | ୧ | ୬ | ୧୨ | ୧୯ |
| ବେଲାରୁଷ | ୧ | ୩ | ୩ | ୭ |
| ରୋମାନିଆ | ୧ | ୩ | ୦ | ୪ |
| ଭେନଜୁଏଲା | ୧ | ୩ | ୦ | ୪ |
| ଭାରତ | ୧ | ୨ | ୪ | ୭ |
| ହଂକଂ | ୧ | ୨ | ୩ | ୬ |
| ଫିଲିପାଇନ୍ସ | ୧ | ୨ | ୧ | ୪ |
| ସ୍ଲୋଭାକିଆ | ୧ | ୨ | ୧ | ୪ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୫ | ୭ |
| ଇଜିପ୍ଟ | ୧ | ୧ | ୪ | ୬ |
| ଇଣ୍ଡୋନେସିଆ | ୧ | ୧ | ୩ | ୫ |
| ଇଥିଓପିଆ | ୧ | ୧ | ୨ | ୪ |
| ପର୍ତ୍ତୁଗାଲ | ୧ | ୧ | ୨ | ୪ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଲାଟିଭିଆ | ୧ | ୦ | ୧ | ୨ |
| ଥାଇଲାଣ୍ଡ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ମରକ୍କୋ | ୧ | ୦ | ୦ | ୧ |
| ପୁଏର୍ତୋ ରିକୋ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୪ | ୧ | ୫ |
| ଆଜରବୈଜାନ | ୦ | ୩ | ୪ | ୭ |
| ଡୋମିନିକାନ ରିପବ୍ଲିକ | ୦ | ୩ | ୨ | ୫ |
| ଆର୍ମେନିଆ | ୦ | ୨ | ୨ | ୪ |
| କିର୍ଗିଜସ୍ତାନ | ୦ | ୨ | ୧ | ୩ |
| ମଙ୍ଗୋଲିଆ | ୦ | ୧ | ୩ | ୪ |
| ଆର୍ଜେଣ୍ଟିନା | ୦ | ୧ | ୨ | ୩ |
| ସାନ୍ ମାରିନୋ | ୦ | ୧ | ୨ | ୩ |
| ଜୋର୍ଡାନ | ୦ | ୧ | ୧ | ୨ |
| ମାଲେସିଆ | ୦ | ୧ | ୧ | ୨ |
| ନାଇଜେରିଆ | ୦ | ୧ | ୧ | ୨ |
| ବାହାରିନ | ୦ | ୧ | ୦ | ୧ |
| ସୌଦୀ ଆରବ | ୦ | ୧ | ୦ | ୧ |
| ଲିଥୁଆନିଆ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ନାମ୍ବିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୮ | ୮ |
| ମେକ୍ସିକୋ | ୦ | ୦ | ୪ | ୪ |
| ଫିନ୍‌ଲାଣ୍ଡ | ୦ | ୦ | ୨ | ୨ |
| ବୋତ୍‌ସୁଆନା | ୦ | ୦ | ୧ | ୧ |
| ବୁରକିନା ଫାସୋ | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଘାନା | ୦ | ୦ | ୧ | ୧ |
| ଗ୍ରେନାଡ଼ା | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲଡୋଭା | ୦ | ୦ | ୧ | ୧ |
| ସିରିୟା | ୦ | ୦ | ୧ | ୧ |

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅଗଷ୍ଟ ୯/୨୦୨୧ Sambalpur, Monday, August 9/ 2021

# ସାୟୋନାରା ଟୋକିଓ, ବିଆଁଭେନ୍ୟୁ ପ୍ୟାରିସ୍


ଉଦ୍‌ଯାପନୀ ଉତ୍ସବ

ଟୋକିଓ,୮।୮

କରୋନା ମହାମାରୀର ଚ୍ୟାଲେଞ୍ଜ ସତ୍ତ୍ୱେ ଟୋକିଓ ଅଲିମ୍ପିକ୍ସ ସଫଳତାର ସହ ସମାପ୍ତ ହୋଇଛି। ବିଶ୍ୱର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭର ୩୨ତମ ସଂସ୍କରଣ ଏବେ ସାରା ଦୁନିଆକୁ ଏକ ନୂଆ ବାର୍ତ୍ତା ଦେବାରେ ସଫଳ ହୋଇଛି। କୌଣସି ବିପତ୍ତି ଆଗରେ ମାନବ ସଭ୍ୟତା କେବେ ବି ହାର ମାନେନାହିଁ ଏହି ଅଲିମ୍ପିକ୍ସରୁ ସ୍ପଷ୍ଟ ହୋଇଛି। ଏଥର ଅଲିମ୍ପିକ୍ସ କେବଳ କ୍ରୀଡ଼ାରେ ସୀମିତ ହୋଇ ରହିନାହିଁ। କୋଭିଡ୍-୧୯ କାରଣରୁ ସାରା ବିଶ୍ୱରେ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଥିଲା। ଏଥିପାଇଁ ଅଲିମ୍ପିକ୍ସ ଆୟୋଜନକୁ ଜାପାନର ଅଧିକାଂଶ ଲୋକ ବିରୋଧ କରିଥିଲେ। ଏ ନେଇ ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ ହୋଇଥିଲା। ତେବେ ଜାପାନ ସରକାର ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଏହି କ୍ରୀଡ଼ା ସମାରୋହକୁ ଆୟୋଜନ କରିବାକୁ ବଦ୍ଧପରିକର ଥିଲେ। କେବଳ ସେତିକି ନୁହେଁ, ଅଲିମ୍ପିକ୍ସ ଆୟୋଜନ ଅବସରରେ ବାତ୍ୟା ବିପଦ ମଧ୍ୟ ସୃଷ୍ଟି ହୋଇଥିଲା। ଅତ୍ୟଧିକ ଗରମ ଓ ବାତ୍ୟା ଦ୍ୱାରା ମଧ୍ୟ କେତୋଟି ଇଭେଣ୍ଟ ପ୍ରଭାବିତ ହୋଇଥିଲା।

ଶେଷରେ ଏହା ସଫଳ ହୋଇଛି ଓ ଆଗାମୀ ସମୟ ପାଇଁ ଉଦାହରଣ ସୃଷ୍ଟି କରିଛି। ଏବେ ମଧ୍ୟ ଜାପାନ ଓ ରାଜଧାନୀ ଟୋକିଓରେ କରୋନାର ପ୍ରକୋପ ଜାରି ରହିଛି। ଅଲିମ୍ପିକ୍ସର ସଫଳ ଆୟୋଜନ ପାଇଁ ଜାପାନ ସରକାର, ଟୋକିଓ ପ୍ରଶାସନ ଓ ସର୍ବୋପରି ଆଇଓସି ଶ୍ରେୟର ହକ୍‌ଦାର। କ୍ରୀଡ଼ାକୁ ବାଦ୍ ଦେଲେ ମାନବ ଜୀବନ ଓ ସଭ୍ୟତାର ପରିକଳ୍ପନା ଅସମ୍ଭବ। ତେଣୁ ଟୋକିଓ ଅଲିମ୍ପିକ୍ସ ଇତିହାସ ସୃଷ୍ଟି କରିଛି ଓ ନୂଆ ଆଶା ସଂଚାର କରିଛି କହିଲେ ଭୁଲ ହେବ ନାହିଁ। ଟୋକିଓ ଅଲିମ୍ପିକ୍ସ ବିଭିନ୍ନ ଦୃଷ୍ଟିକୋଣରୁ ଅସାଧାରଣ ସାବ୍ୟସ୍ତ ହୋଇଛି। ଆଗାମୀ ୨୦୨୪ ଅଲିମ୍ପିକ୍ସ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଆୟୋଜନ ହେବ। ତେଣୁ ଟୋକିଓକୁ ଏବେ ବିଦାୟ ଅର୍ଥାତ୍ ସାୟୋନାରା (ଜାପାନୀ ଭାଷାରେ ବିଦାୟ) ଦେବାର ସମୟ ଉପନୀତ ହୋଇଛି। ପ୍ୟାରିସ୍‌ରେ ପୁଣି ଦେଖା ହେବ।

୨୩ ଜୁଲାଇରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ସମାରୋହ ରବିବାର ଶେଷ ହେଲା ବୋଲି ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍ ଔପଚାରିକ ଭାବେ ଘୋଷଣା କରିଛନ୍ତି। ଅଲିମ୍ପିକ୍ସରେ ୨୦୫ଟି ଦେଶ ଓ ଶରଣାର୍ଥୀ ଦଳର ପାଖାପାଖି ୧୧,୦୦୦ ଆଥ୍‌ଲେଟ ୩୩୯ କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆଥ୍‌ଲେଟମାନେ ଦ୍ରୁତ ଓ ଶକ୍ତିଶାଳୀ ଭାବେ ନିଜକୁ ପ୍ରମାଣିତ କରିବା ସହ ଆହୁରି ଉଚ୍ଚକୁ ଯାଇପାରିଛନ୍ତି ବୋଲି ବାକ୍ ଉଦ୍‌ଯାପନୀ ଉତ୍ସବରେ ତାଙ୍କ ବକ୍ତବ୍ୟ ରଖି କହିଛନ୍ତି। ଆଥ୍‌ଲେଟମାନେ ସାରା ବିଶ୍ୱକୁ ଅନୁପ୍ରାଣିତ କରିଛନ୍ତି। ମହାମାରୀରେ ପ୍ରଥମଥର ପାଇଁ ସାରା ବିଶ୍ୱ ଏକାଠି ହୋଇଥିଲା। ଏହା ଭବିଷ୍ୟତ ପାଇଁ ଆଶା ସୃଷ୍ଟି କରିଛି ବୋଲି ବାକ୍ କହିଛନ୍ତି। ଏଥିପାଇଁ ଜାପାନ ନାଗରିକମାନଙ୍କୁ ଶ୍ରେୟ ଦିଆଯିବା ଆବଶ୍ୟକ। ଜାପାନୀମାନେ ଏଥିପାଇଁ ଗର୍ବ ଅନୁଭବ କରିବା ଉଚିତ। ଏହା ଆଶା ଓ ଏକତାର ଅଲିମ୍ପିକ୍ସ ବୋଲି କୁହାଯାଇପାରେ।

୬୮,୦୦୦ କ୍ଷମତା

## ଶେଷ ହେଲା ଅଲିମ୍ପିକ୍ସ

ବିଶିଷ୍ଟ ଟୋକିଓ ନ୍ୟାଶନାଲ ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଆରମ୍ଭ ହୋଇଥିଲା। ତେବେ ଉଦ୍‌ଘାଟନୀରୁ ଉଦ୍‌ଯାପନୀ ଉତ୍ସବ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ମାତ୍ର କେତେଜଣ ହାତଗଣତି ଆଥ୍‌ଲେଟ ସେମାନଙ୍କ ଜାତୀୟ ପତାକା ସହ ମାର୍ଚ୍ଚପାଷ୍ଟରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରେସଲର ବଜରଙ୍ଗ ପୁନିଆ ଭାରତର ଧ୍ୱଜା ବହନ କରିଥିଲେ। ଗୋଟିଏ ସ୍ୱର୍ଣ୍ଣ ସହ ମୋଟ ୭ଟି ପଦକ ହାସଲ କରି ଭାରତ ପଦକ ତାଲିକାର ୪୮ତମ ସ୍ଥାନରେ ରହି ଅଲିମ୍ପିକ୍ସ ଇତିହାସରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି।

### ଆତସବାଜିରୁ ଆରମ୍ଭ

ରଙ୍ଗାରଙ୍ଗ ଆତସବାଜି ସହ ଉଦ୍‌ଯାପନୀ ଉତ୍ସବ ଆରମ୍ଭ ହୋଇଥିଲା। ଏହାପରେ ଆୟୋଜକ ଜାପାନର ପତାକା ମଞ୍ଚ ଉପରେ ଉତ୍ତୋଳିତ ହୋଇଥିଲା। ସବୁ ଦେଶର ପତାକା ଏକ ଗୋଲରେ ଦେଖା ଦେଇଥିଲା। ଧୀରେ ଧୀରେ ଆଥ୍‌ଲେଟମାନେ ଷ୍ଟାଡିୟମକୁ ପ୍ରବେଶ କରିଥିଲେ। ଏହି ଦୃଶ୍ୟ ମନୋରମ ତଥା ସୁନ୍ଦର ଥିଲା। କେବଳ ଭାରତୀୟଙ୍କ ପାଇଁ ନୁହେଁ, ସାରା ଦୁନିଆର ହୃଦୟ ଏହି ଦୃଶ୍ୟ ଜିତି ନେଇଥିଲା। ଯେଉଁ ଖେଳାଳିଙ୍କ ଇଭେଣ୍ଟ ରବିବାର ଥିଲା ସେମାନଙ୍କୁ ମେଡାଲ ମଧ୍ୟ ଏହି ଅବସରରେ ପ୍ରଦାନ କରାଯାଇଥିଲା।

### ଏଫିଲ୍ ଟାୱାରରେ ଅଲିମ୍ପିକ ପତାକା ଉଡ଼ିଲା

ସମାପନ ସମାରୋହରେ ଟୋକିଓ ଗଭର୍ନର ୟୁରିକୋ କୋଇକେ ଓ ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍ ଅଲିମ୍ପିକ୍ସ ପତାକା ପ୍ୟାରିସ ମେୟର ଏନୀ ହିଡାଲ୍‌ଗୋଙ୍କୁ ହସ୍ତାନ୍ତର କରିଥିଲେ। ୨୦୨୪ ଅଲିମ୍ପିକ୍ସ ପ୍ୟାରିସ୍‌ରେ ଆୟୋଜନ ହେବ। ତେଣୁ ଏଫିଲ୍ ଟାୱାରରେ ଅଲିମ୍ପିକ୍ ପତାକା ଉଡ଼ାଯାଇଥିଲା।

### ଫ୍ରାନ୍ସ ପତାକା ମଧ୍ୟ ଉଡ଼ିଲା

ସମାପନ ସମାରୋହରେ ଫ୍ରାନ୍ସର ଜାତୀୟ ସଙ୍ଗୀତ ଗାନ ହେବା ପରେ ଫ୍ରାନ୍ସ ପତାକା ମଧ୍ୟ ଉଡିଥିଲା। ଏହାପରେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସର କାଉଣ୍ଟଡାଉନ ବା ଅବଗଣନା ଆରମ୍ଭ ହୋଇଥିଲା। ଏଥିସହ ଆଗାମୀ ଅଲିମ୍ପିକ୍ସ ପାଇଁ ଆଥ୍‌ଲେଟମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବେ। ଏକ ଭିଡିଓ ଜରିଆରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋ ମଧ୍ୟ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ।

### ବଜରଙ୍ଗ ପୁନିଆ ଭାରତୀୟ ଦଳର ନେତୃତ୍ୱ ନେଲେ

ଉଦ୍‌ଯାପନୀ ଉତ୍ସବରେ ରେସ୍‌ଲର ବଜରଙ୍ଗ ପୁନିଆ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସବୁ ଦେଶର ଆଥ୍‌ଲେଟମାନେ ନିଜ ପତାକା ସହ ମାର୍ଚ୍ଚପାଷ୍ଟ କରିଥାନ୍ତି। କିନ୍ତୁ ଉଦ୍‌ଯାପନୀ ଉତ୍ସବରେ ସବୁ ଦେଶର ଆଥ୍‌ଲେଟମାନେ ସାଥି ହୋଇ ଗୋଟିଏ ଧୂନ୍‌ରେ ଚାଲିଥାନ୍ତି ଓ ଏହି ବିରଳ ମୁହୂର୍ତ୍ତକୁ ଉପଭୋଗ କରିଥାନ୍ତି। ଉଦ୍‌ଘାଟନୀ ଉତ୍ସବରେ ମନପ୍ରୀତ ସିଂ ଓ ମେରୀକମ୍ ଭାରତୀୟ ପତାକା ବହନ କରିଥିଲେ।

### ମନୋମୁଗ୍ଧକର ଥିଲା ଉଦ୍‌ଯାପନୀ

ଆତସବାଜି ସହ ଟୋକିଓର ସନ୍ଧ୍ୟା ଝଲସି ଉଠିଥିଲା। କିଛି ଲୋକ ମୋବାଇଲରେ ଏହି ମୁହୂର୍ତ୍ତକୁ ଟୋଳି ଧରିବାକୁ ପ୍ରୟାସ କରିଥିଲେ। ଉତ୍ସବର ସଙ୍ଗୀତ 'ୱାର୍ଲ୍ଡ ୱି ଶେୟାର' ଗାନ କରାଯାଇଥିଲା। ଏହି ଅବସରରେ ବହୁତ ମ୍ୟୁଜିକ ଆଇଟମ, ଆଲୋକ ସମ୍ବଳିତ ମ୍ୟୁଜିକ ଶୋ' ଓ ବିଭିନ୍ନ ପ୍ରକାର ଷ୍ଟଣ୍ଟ ଦେଖିବାକୁ ମିଳିଥିଲା। ଏଥିସହିତ ଅଲିମ୍ପିକ କଲ୍‌ଡ୍ରନ ଅର୍ଥାତ୍ ଅଗ୍ନିକୁଣ୍ଡରୁ ଶିଖା ନିର୍ବାପିତ କରାଯାଇଥିଲା। ଏଥିସହିତ ଟୋକିଓ ଅଲିମ୍ପିକ୍ସ ଇତିହାସ ସାମିଲ ହୋଇଥିଲା। ପ୍ରଥମଥର ପାଇଁ ହ୍ୟାଣ୍ଡଓଭର ସେରିମନିରେ ପରବର୍ତ୍ତୀ ଆୟୋଜକ ଦେଶର ଜାତୀୟ ସଙ୍ଗୀତ ପ୍ରସାରିତ ହୋଇଥିଲା। ପ୍ରଥମଥର ଲାଗି ଉଦ୍‌ଯାପନୀ ଉତ୍ସବରେ ପରବର୍ତ୍ତୀ ଆୟୋଜକ ସହରରୁ ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଜାପାନ ରାଜକୁମାର ଅକିଶିନୋ ଓ ବାକଙ୍କୁ ଅଫିସିଆଲ ଷ୍ଟାଣ୍ଡରେ ଦେଖିବାକୁ ମିଳିଥିଲା। ଗତ ୧୭ ଦିନର ଇଭେଣ୍ଟ ଓ ପ୍ରତିଯୋଗିତାକୁ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯିବା ସହିତ ଉତ୍ସବ ଆରମ୍ଭ ହୋଇଥିଲା। ଭଲ୍ୟୁଣ୍ଟରମାନଙ୍କୁ ମଧ୍ୟ ପ୍ରଶଂସା କରାଯାଇଥିଲା।




# ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ ଅମୀମାଂସିତ

ନଟିଂହାମ,୮।୮

ଲଗାତର ବର୍ଷା ଖଳନାୟକ ସାଜିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ରବିବାର ଅମୀମାଂସିତ ଭାବେ ଶେଷ ହେଲା। ପଞ୍ଚମ ତଥା ଅନ୍ତିମ ଦିବସ ଖେଳ ସମ୍ପୂର୍ଣ୍ଣ ରୂପେ ଧୋଇଯିବା କାରଣରୁ ଗୋଟିଏ ହେଲେ ବଲ୍ ବୋଲିଂ କରାଯାଇପାରି ନ ଥିଲା। ଫଳରେ ଭାରତକୁ ବିଜୟ ସୁଯୋଗ ହରାଇବାକୁ ପଡିଛି।

ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୬୫.୪ ଓଭରରେ ୧୮୩ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ

## ପଞ୍ଚମ ଦିବସ ଖେଳ ଧୋଇଗଲା

୮୪.୫ ଓଭରରେ ୨୭୮ ରନକରି ଅଲ୍‌ଆଉଟ ହେବା ସହ ୯୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୮୫.୫ ଓଭରରେ ୩୦୩ ରନକରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ଆଗରେ ୨୦୯ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୪ ଓଭରରେ ୧ ଉଇକେଟ ହରାଇ ୫୨ ରନ ସଂଗ୍ରହ କରିଥିଲା। ଅନ୍ତିମ ଦିବସରେ ଭାରତ ୯ ଉଇକେଟ ହାତରେ ରଖି ବିଜୟ ପାଇଁ ଆଉ ୧୫୭ ରନ ଆବଶ୍ୟକ କରୁଥିଲା। କିନ୍ତୁ ବର୍ଷା ଯୋଗୁ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା। ଦ୍ୱିତୀୟ ଓ ତୃତୀୟ ଦିନ ଖେଳ ମଧ୍ୟ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚ ଅମୀମାଂସିତ ରହିଥିଲା। ଏଥିସହ ଉଭୟ ଦଳକୁ ୪ ଲେଖାଏ ପଏଣ୍ଟ ମିଳିଛି। ଚତୁର୍ଥ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଓପନର ରୋହିତ ଶର୍ମା ୧୨ ଓ ଚେତେଶ୍ୱର ପୂଜାରା ୧୨ ରନକରି ଅପରାଜିତ ରହିଥିଲେ। ଓପନର ଲୋକେଶ ରାହୁଲ ୨୬ ରନକରି ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ।

ଗୋଟିଏ ଟେଷ୍ଟରେ ୪୫୦ ଓଭର ବୋଲିଂ କରାଯାଇଥାଏ। ବର୍ଷା କାରଣରୁ ମାତ୍ର ୨୫୦.୨ ଓଭର ବୋଲିଂ ସମ୍ଭବ ହୋଇଥିଲା। ପ୍ରଥମ ଇନିଂସରେ ଭାରତୀୟ ବୋଲର ଓ ଟେଲ୍‌ଏଣ୍ଡର ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଫଳରେ ଭାରତ ଅଗ୍ରଣୀ ହାସଲ କରିଥିଲା। ଓପନର ଲୋକେଶ ରାହୁଲ ସର୍ବାଧିକ ୮୪ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ମଧ୍ୟ ପୂର୍ବତନ ଭାରତୀୟ ସ୍ପିନର ଅନିଲ କୁମ୍ବଲେଙ୍କୁ ପଛରେ ପକାଇ ବିଶ୍ୱର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ଦ୍ୱିତୀୟ ଇନିଂସରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ୫ ଉଇକେଟ ହାସଲ କରି ଫର୍ମକୁ ଫେରିବାର ସୂଚନା ଦେଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ସେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ବେଶ୍ ସମାଲୋଚିତ ହୋଇଥିଲେ। ସେହିପରି ବ୍ୟାଟିଂ ଅଲରାଉଣ୍ଡର ଭାବେ ରବୀନ୍ଦ୍ର ଜାଡେଜା ଓ ଅତିରିକ୍ତ ବୋଲର ଭାବେ ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଇବା ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତି କାମ ଦେଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଦୁର୍ଘଟଣା ଯୋଗୁ ପରୀକ୍ଷାରୁ ବଞ୍ଚିତ

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ନିକଟ ଝାଇଁଜୋର ବ୍ରିଜ୍ ଉପରେ ରବିବାର ଏକ କାର୍ (ନଂ.ଓଡ଼ି୦୩ଜେ/୦୨୩୩) ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣା ଯୋଗୁ ସମ୍ବଲପୁରର ଏକ ପରୀକ୍ଷାକେନ୍ଦ୍ରକୁ ଯାଉଥିବା ବଲାଙ୍ଗୀରର ଜଣେ ପରୀକ୍ଷାର୍ଥୀ ଜେନି ରାଜ୍ ଆଇବିପିଏସ୍ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ସେ ଉକ୍ତ କାର୍‌କୁ ଭଡ଼ାରେ ନେଇ ପରୀକ୍ଷାକେନ୍ଦ୍ରକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଥିବାବେଳେ ପରୀକ୍ଷାର୍ଥିନୀ ଏବଂ ତାଙ୍କ ସାଥିରେ ଥିବା ସମ୍ପର୍କୀୟମାନେ ଏଥିରୁ ରକ୍ଷା ପାଇ ଯାଇଛନ୍ତି। ଆହତ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ଅତାବିରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ଯୋଗୁ ଘଟଣାସ୍ଥଳର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଗାଡ଼ି ଗୁଡ଼ିକ ଅଟକି ରହିଥିଲା ।

### ଆଜି କ'ଣ କେଉଁଠି

କର୍ଲାମୁଣ୍ଡା
- ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ, ସ୍ଥାନ: ଦୁର୍ଗା ମଣ୍ଡପ, ସମୟ ପୂର୍ବାହ୍ନ ୧୧ଟା

### ସଂକ୍ଷେପରେ

## ୩ ପ୍ରକଳ୍ପର ଶିଳାନ୍ୟାସ



ଟିଟିଲାଗଡ,୮।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ରବିବାର ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଏବଂ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡିକ ହେଲା ମା' ଓ ଶିଶୁ ଡାକ୍ତରଖାନା କର୍ମଚାରୀଙ୍କ କାର୍ଟର୍ସ, ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ୫୫ଲକ୍ଷ ଟଙ୍କାର ସ୍ମାର୍ଟ ପାର୍କ ଓ ରେଳ ଷ୍ଟେଶନ ନିକଟରେ ଏକ ଆଶ୍ରୟସ୍ଥଳୀ। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ଟିଟିଲାଗଡ଼ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ, ଅରୁଣ ମିଶ୍ର, ପ୍ରେମ ଜୈନ, ସୁନୀଲ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଭରତ ତାଣ୍ଡି, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ୨ଚୋରଙ୍କୁ କାବୁ କଲେ ଗ୍ରାମବାସୀ

ବରଗଡ଼ ଅଫିସ୍,୮।୮: ବରଗଡ଼ ସହରର ଏକ ହନୁମାନ ମନ୍ଦିରରୁ ରବିବାର ଚୋରି ଉଦ୍ୟମ ବେଳେ ସ୍ଥାନୀୟ ଲୋକମାନେ ରବିବାର ୨ଜଣ ଚୋରଙ୍କୁ ଧରିଛନ୍ତି। ଉକ୍ତ ଚୋରଙ୍କୁ ଉତ୍ତମ ମଧ୍ୟମ ଦେବା ପରେ ଲୋକେ ସେମାନଙ୍କୁ ସ୍ଥାନୀୟ ପୋଲିସ ଜିମା ଦେଇଛନ୍ତି । ସମ୍ପୃକ୍ତ ୨ଜଣ ହନୁମାନ ମନ୍ଦିରକୁ ଯାଇ ଦାନ ବାକ୍ସ ଫଟାଇ ଟଙ୍କା ନେବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଦେଖି ଉଭୟଙ୍କୁ କାବୁ କରିଥିଲେ ।

## କାର୍ଯ୍ୟରେ ଯୋଗଦେଲେ ପ୍ରଧାନଶିକ୍ଷକ

ଲୋଇସିଂହା,୮।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ନୂତନ ପ୍ରଧାନଶିକ୍ଷକଭାବେ ନିଯୁକ୍ତ ହୋଇଛନ୍ତି ସହକାରୀ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ପଦୋନ୍ନତି ପରେ ସେ ଏହି ପଦରେ ଅବସ୍ଥାପିତ ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ତ୍ରିପାଠୀ ୧୯୯୦ ମସିହାରୁ ଏଠାରେ ସହକାରୀ ଶିକ୍ଷକଭାବେ କାର୍ଯ୍ୟ କରି ଅସୁଥିଲେ ।

## ୨୪ ପ୍ରକଳ୍ପ ଉଦ୍‌ଘାଟିତ



ଖପ୍ରାଖୋଲ,୮।୮(ଡି.ଏନ.ଏ.): ପାଟଣାଗଡ ବିଧାୟକ ସରୋଜ ମେହେର ଖପ୍ରାଖୋଲ ଅଞ୍ଚଳ ଗସ୍ତ କରି ରବିବାର ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିଛନ୍ତି। ଘୁନସର ଗୋଷ୍ଠୀକେନ୍ଦ୍ରକୁ ସେ ଉଦ୍‌ଘାଟନ କରିଥିଲେ। ପରେ ଚକରାଭଟା, ପିଙ୍ଗଳମୁଣ୍ଡା, ରେଙ୍ଗାଲି, ଭରୁଆମୁଣ୍ଡା, ଯୁନାନିବାହାଲ, ନାନ୍ଦୁପଲା, କୁଠୁର୍ଲା ପ୍ରଭୃତି ଗାଁର ୨୪ଟି ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଡିଓ ରଶ୍ମିରଞ୍ଜନ ରାଉତ, ସହକାରୀ ଯନ୍ତ୍ରୀ ସୋମ୍ୟକିଶୋର ଜଏପୁରିୟା, ବିଧାୟକ ପ୍ରତିନିଧି ପଞ୍ଚୁଦେବ ସାହୁ, ରମେଶ ପଧାନ, ପ୍ରମୁଖ ଉପସ୍ଥିତ ଥିଲେ ।

## ସଂସ୍କୃତ ଦିବସ ପାଳନ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୮।୮: ବରଗଡ଼ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ପାଇଁ ରାଣାପ୍ରତାପ ହାଇସ୍କୁଲରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ସୁଧୀର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଗସ୍ତି ପ୍ରଧାନ ଉଦେଶ୍ୟ ଜ୍ଞାପନ କରିଥିଲେ। ଆସନ୍ତା ୨୦ତାରିଖରେ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ସଂଘ ପଶ୍ଚିମ ସଂଭାଗ ସମ୍ପାଦକ ବୃନ୍ଦାବନ ଠେଠୁଆର, ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଉମେଶ ପଣ୍ଡା, କିରଣ ବିଶ୍ୱାଳ, ଅଶୋକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବଲାଙ୍ଗୀର ଜିଲା: ମରୁଡ଼ିମୁହାଁ ଚାଷ

ବଲାଙ୍ଗୀର ଅଫିସ, ୮।୮

ବର୍ଷାଭାବରୁ ବଲାଙ୍ଗୀର ଜିଲାର ଚାଷ ମରୁଡି ମୁହାଁ ହେଲାଣି। ରୁଆ, ବେଉଷଣ ବନ୍ଦ ହୋଇପଡିଲାଣି। ଜିଲାରେ ଆସନ୍ନ ମରୁଡି ପରିସ୍ଥିତିକୁ ନେଇ ଜିଲାର ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ବର୍ଷାର ଦେଖାନାହିଁ। ଅଗଷ୍ଟ ୧ରୁ ୮ ତାରିଖ ଭିତରେ ୧୯.୩୨ ହାରରେ ଜିଲାରେ ବର୍ଷା ରେକର୍ଡ କରାଯାଇଛି। ବଲାଙ୍ଗୀରରେ ସର୍ବାଧିକ ୩୯.୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ତୁରେକେଲାଠାରେ ସର୍ବନିମ୍ନ ୦.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅର୍ଥାତ ତୁରେକେଲା ଅଞ୍ଚଳରେ ଗତ ୮ ଦିନ ହେଲା ବର୍ଷା ହୋଇନାହିଁ। ମୁରିବାହାଲଠାରେ ୪.୦ମିଲିମିଟର ଓ ବଙ୍ଗୋମୁଣ୍ଡାରେ ୯.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଚଳିତବର୍ଷ ବଲାଙ୍ଗୀର ଜିଲାରେ ମୂଳରୁ ବର୍ଷାଭାବ ପରିସ୍ଥିତି ଲାଗି ରହିଛି। କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ମୁତାବକ ଜୁନ୍ ମାସରେ ଜିଲାରେ ସାଧାରଣ ବୃଷ୍ଟିପାତ ହାରରୁ ୨୯.୧ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ଜୁଲାଇ ମାସରେ ମଧ୍ୟ ଜିଲାରେ ୨୨.୨ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ଅଗଷ୍ଟ ପ୍ରଥମ ସପ୍ତାହରୁ ଜିଲାରେ ବର୍ଷାର ଦେଖାନାହିଁ କହିଲେ ଚଳେ। ଏଭଳି ପରିସ୍ଥିତିରେ ଜିଲାରେ ପୁଣି ମରୁଡି ଆଭାସ ମିଳିଲାଣି। ଚଳିତବର୍ଷ ଭଲ ବର୍ଷା ହେବା ଆଶାରେ ଜିଲା ବହୁ ଅଞ୍ଚଳରେ ଚାଷୀମାନେ ଖର୍ଡି ଧାନ ବିହନ ବୁଣିଥିଲେ। ବର୍ଷାଭାବରୁ ସେ ସବୁ ମରିବା ଅବସ୍ଥାକୁ ଚାଲିଆସିଲାଣି। ଅନେକ ସ୍ଥାନରେ ଜମି ଫାଟି ଆଁ କଲାଣି। ଯେଉଁ ଚାଷୀମାନେ ପହ୍ଲା ପକାଇଥିଲେ ଠିକଣା ସମୟରେ ବର୍ଷା ନହେବାରୁ ସେସବୁ ରୋପଣ କରିପାରୁନାହାନ୍ତି। ଚଳିତବର୍ଷ କୃଷି ବିଭାଗ ପକ୍ଷରୁ ଖରିଫ ଚାଷ ପାଇଁ ଜିଲାରେ ୧ ଲକ୍ଷ ୮୭ ହଜାର ୪୦୦ ହେକ୍ଟର ଜମିରେ ଧାନଚାଷ ଯୋଜନା କରାଯାଇଥିଲା। ସେଥିରୁ ଏପର୍ଯ୍ୟନ୍ତ ୧ ଲକ୍ଷ ୨୧ ହଜାର ୮୭୪ ହେକ୍ଟର ଜମିରେ ଚାଷ ସରିଯାଇଥିଲା। ବର୍ଷା ଅଭାବରୁ ଏବେ ଏଥିରୁ ପ୍ରାୟ ୭୦ ପ୍ରତିଶତ ଜମିରେ ଉତ୍କଟ ମରୁଡି ପରିସ୍ଥିତି ଦେଖାଦେଇଥିବା ଅଭିଯୋଗ ହେଲାଣି। ବର୍ଷାଭାବ ଯୋଗୁଁ ଜିଲାରେ ଧାନଚାଷ ସହ ଶସ୍ୟଜାତୀୟ, ତୈଳଜାତୀୟ ଓ ପନିପରିବା ଚାଷ ମଧ୍ୟ ଅଡୁଆରେ ପଡିଲାଣି। ଆଉ ୬/୭ ଦିନ ଭିତରେ ଆବଶ୍ୟକ ବର୍ଷା ନହେଲେ ଜିଲାରେ ପୁଣି ଥରେ ମରୁଡି ପରିସ୍ଥିତି ଦେଖାଦେବା ଆଶଙ୍କା କରାଗଲାଣି। ବଲାଙ୍ଗୀର ଜିଲାରେ ଜଳସେଚନ ସୁବିଧା ନାହିଁ। ଜିଲାରେ ମାତ୍ର ୩ ପ୍ରତିଶତ ନିଶ୍ଚିତ ଜଳସେଚନ ସୁବିଧା ଥିବା ବାରମ୍ବାର କୁହାଯାଇଆସୁଛି। ଜଳସେଚନ ବୃଦ୍ଧି କରିବା ଦିଗରେ ସରକାର ଆନ୍ତରିକତାର ସହ ପ୍ରୟାସ କରୁ ନ ଥିବାରୁ ଜିଲାରେ କ୍ରମାଗତ ଭାବେ ଭୟାବହ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ଛୋଟ୍ ଚେକ୍‌ଡ୍ୟାମ୍, ଆନିକଟ ନିର୍ମାଣରେ ଦୁର୍ନୀତି ଜିଲାର ମରୁଡି ମୁକାବିଲା କାର୍ଯ୍ୟକ୍ରମକୁ ବାଟବଣା କରିଦେଇଛି। ଏଭଳି ପରିସ୍ଥିତିରେ ଜିଲାରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଲାଣି।



ତୁରେକେଲା ବ୍ଲକ୍‌ର ପଣ୍ଡରେନ୍ ଗ୍ରାମ ନିକଟରେ ବର୍ଷାଭାବରୁ ଚାଷଜମି ଶୁଖିଲା ପଡିଛି।

- ଜୁନ୍‌ରେ ୨୯.୧, ଜୁଲାଇରେ ୨୨.୨ ପ୍ରତିଶତ କମ୍ ବୃଷ୍ଟିପାତ ରେକର୍ଡ
- ଅଗଷ୍ଟ ପ୍ରଥମ ସପ୍ତାହରେ ଜିଲାରେ ୧୯.୩୨ ହାରରେ ବର୍ଷା
- ଶୁଖିଲା ପଡିଛି ଚାଷଜମି, ରୁଆ, ବେଉଷଣ ବନ୍ଦ

### କାମରେ ଲାଗୁନି ଅଙ୍ଗନଦୀ ମେଗାଲିଫ୍ଟ



"ଆଗଲପୁର୍‌ଠାରେ ଅଙ୍ଗନଦୀରେ ଏକ ମେଗାଲିଫ୍ଟ ପଏଣ୍ଟ କରାଯାଇଥିଲା। ପ୍ରାୟ ୪୫ କୋଟି ଟଙ୍କାରେ ଏଠାରେ ମେଗାଲିଫ୍ଟ ବସାଯାଇଥିଲା। ଯେଉଁ ଯାଗାରେ ଏହାକୁ ବସାଗଲା ସେହି ଜାଗାରେ ପାଣିନାହିଁ। ଏଭଳିକି ନଦୀରେ ପାଣି ଆସିଲେ ବି ଏହା କାର୍ଯ୍ୟ କରୁନାହିଁ। କାମ ବେଳେ ନଦୀର ଗଣ୍ଡ ଜାଗାରେ ଲିଫ୍ଟ ପଏଣ୍ଟ କରିବାକୁ କୁହାଯାଇଥିଲା। ହେଲେ ଠିକାଦାର ଓ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କଲେନାହିଁ। ଫଳରେ ୪୫କୋଟିର ମେଗାଲିଫ୍ଟ ପାଣିରେ ପଡିଛି। ଆଗଲପୁର ନାଗରିକ କମିଟି ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ଓ ଅଧିକାରୀଙ୍କୁ ଜଣାଇଛୁଁ। ଏଦିଗରେ ଏବେଠୁ ସରକାର ଓ ପ୍ରଶାସନ ଉଚିତ୍ ପଦକ୍ଷେପ ନେବା ଜରୁରୀ।

**ରାଧାକାନ୍ତ ନାୟକ, ଚାଷୀ ଓ ସମ୍ପାଦକ, ଆଗଲପୁର ନାଗରିକ କମିଟି, ବଲାଙ୍ଗୀର**

## ବଲାଙ୍ଗୀର ଜିଲା କଂଗ୍ରେସ କମିଟି ଗଠିତ

ବଲାଙ୍ଗୀର ଅଫିସ, ୮।୮

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ଗଠିତ ହୋଇଛି। ସଭାପତିଭାବେ ଦିଲୀପ ବେହେରା, ଉପସଭାପତି ମନୀଷ ମିଶ୍ର, ଇଂ ରମେଶ ପୁରୋହିତ, ସନ୍ତକ ବହିଦାର, କ୍ଷୀରସାଗର ବର୍ମା, ସୁଶାନ୍ତ ଯୋଷୀଙ୍କୁ ମନୋନୀତ କରାଯାଇଛି। ସାଧାରଣ ସମ୍ପାଦକ ରାଧାକାନ୍ତ ଭୋଇ, ବିଜିଳି ପ୍ରଧାନ, ବିଘ୍ନେଶ୍ୱର ନାଏକ, ଉପେନ୍ଦ୍ର ମିଶ୍ର, ଭକ୍ତ ଦୀପ, ସମ୍ପାଦକ ଭାବେ ବିଶ୍ୱଜିତ ପାତ୍ର, ଜୟନ୍ତୀ ପଟେଲ, ରାଜୁ ମିଶ୍ର, ଦେବଦତ୍ତ ମଛଖଣ୍ଡ, ସୁଶାନ୍ତ ଷଡଙ୍ଗୀ ରହିଛନ୍ତି। କାର୍ଯ୍ୟକାରୀ ସଭ୍ୟଭାବେ ଯୋଗେଶ୍ୱର ସାହୁ, ମହେନ୍ଦ୍ର ଧରୁଆ, ମୋତିଲାଲ ସରାଫ, ମୋହିତ ମିଶ୍ର, କ୍ଷମାନିଧି ଦଳପତି, ଅନୀଲ ତାଣ୍ଡି, ସାରଥି ସାହୁ, ସଞ୍ଜୁକ୍ତା ଭୋଇ, ଅନିତା ପଟେଲ, ମହାବୀର ପ୍ରସାଦ ବେହେରା, ବିଜୟା ସାହୁ, ବେଲାରସେନ ବେହେରା, ଯାଜ୍ଞସିନୀରଣା, ବିନୟ ପୁଟେଲ, କୁଳଦୀପ ବେହେରା, ମନୋଜ ପାଣିଗ୍ରାହୀ, ଅମରେନ୍ଦ୍ର ନନ୍ଦ, ମୁନୁ ମେର୍ଲି, ନାରାୟଣ ଜୈନ, ଅମନ ସାହୁ, ଦୁକାମଣି ବାଗଙ୍କୁ ରଖଶଯାଇଛି। କୋଷାଧକ୍ଷ ରହିଛନ୍ତି ପ୍ରଦୀପ ପଟ୍ଟନାୟକ।

# ବର୍ଷା ପାଇଁ ବେଙ୍ଗବେଙ୍ଗୁଲି ବାହାଘର

ନୂଆପଡ଼ା ଅଫିସ,୮।୮

ନୂଆପଡା ଜିଲାରେ ବର୍ଷାର ଅଭାବ ଯୋଗୁ ଚାଷୀଙ୍କ ଚାଷ କାର୍ଯ୍ୟ ଧିମେଇ ଯାଇଛି। ଏ ନେଇ ଚାଷୀ ଚିନ୍ତାରେ ପଡ଼ିଥିବା ବେଳେ ଅନ୍ୟ ପାୟ ହୋଇ ବର୍ଷା ପାଇଁ ଦେବଦେବୀ ଉପରେ ଭରସା ରଖି ପୂଜା ଅର୍ଚ୍ଚନା କରୁଛନ୍ତି। ରବିବାର ତରବୋଡ ଭାଟିପଡାରେ ବର୍ଷା ହେବା ପାଇଁ ବେଙ୍ଗବେଙ୍ଗୁଲିଙ୍କ ବିବାହର ଆୟୋଜନ କରିଥିଲେ। ଦୁଇଜଣ ନାବାଳିକାକୁ ବରକନ୍ୟା ବେଶରେ ସଜାଇ ଓଡିଆ ପରମ୍ପରା ଅନୁସାରେ ବିବାହ ଉତ୍ସବ କରିଥିଲେ। ଉତ୍ସବରେ ଗାଁର ମହିଳାମାନେ ବିବାହ କାର୍ଯ୍ୟରେ ସାମିଲ ହୋଇଥିଲେ। ବେଙ୍ଗବେଙ୍ଗୁଲିଙ୍କ ବିବାହ କଲେ ବର୍ଷା ହୁଏ ବୋଲି ବିଶ୍ୱାସ ରଖି ଗାଁ ଗାଁରେ ଭୀମାପୂଜା, ଇନ୍ଦ୍ରପୂଜା, ବୁଢାରଜା, ଗୋବିନ୍ଦ୍ର ଚନ୍ଦ୍ର ଖେଦା, ବେଙ୍ଗବେଙ୍ଗୁଲି ବିବାହ ଇତ୍ୟାଦି କାର୍ଯ୍ୟକ୍ରମ ଲାଗି ରହିଛି।



ତରବୋଡ ଭାଟିପଡାରେ ବେଙ୍ଗବେଙ୍ଗୁଲିଙ୍କ ବିବାହ କରାଯାଉଛି।

ସନ୍ଧ୍ୟା ବାରିକଙ୍କ ନେତୃତ୍ୱରେ ପଦ୍ମିନୀ ମାଝି, ନେପୁର ବିଶି, ରୁକ୍ମଣୀ ହଂସ, ଟୁନି ବାରିକ, ବିଷ୍ଣୁପ୍ରିୟା ବିଶି, ବେଶରୀ ପୁଝାରି, ବିଳାଶିନୀ ନାଗ, କୁନ୍ତଳା ନାଗ, ଭୂମି ଅଦା, ନେପୁର ମେହେର, ସାବେତ୍ରୀ ବାରିକ, ଜୟମତୀ ନାଗ, ଜ୍ୟାମନି ମହରା, ନିକିତାଇ ମହରା, ଇମିଲି ମହରା ପ୍ରମୁଖ ଉପସ୍ଥିତ ଥିଲେ।

## ପଣ୍ଡରା ମାଳିଙ୍କୁ ମିଳିଲା ଓବିସି ମାନ୍ୟତା

ସୋନପୁର,୮।୮(ନି.ପ୍ର.)

ପଣ୍ଡରା ମାଳି ଜାତିଙ୍କୁ ପୁଣି ଓବିସି ମାନ୍ୟତା ମିଳିଛି। ରାଜ୍ୟ ସରକାରଙ୍କ ଏସସି, ଏସ୍‌ଟି ଓ ଓବିସି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପଣ୍ଡରା ମାଳି ସମାଜ ପକ୍ଷରୁ ଏଥିପାଇଁ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ୨୦୨୦ ପୂର୍ବରୁ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ ଅନୁସାରେ ପଣ୍ଡରା ମାଳି ଜାତିର ଛାତ୍ରୀଛାତ୍ରଙ୍କୁ ଓବିସି ଜାତି ପ୍ରମାଣପତ୍ର ମିଳୁଥିଲା। ତେବେ ୨୦୨୦ ଜାନୁୟାରୀ ପରେ ନୂଆ ସର୍ଭିସ ପ୍ଲସ ପ୍ଲାଟଫର୍ମର ଓବିସି ତାଲିକାରେ ପଣ୍ଡରା ମାଳି ଜାତି ନ ଥିବାରୁ ଓବିସି ପ୍ରମାଣପତ୍ର ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଥିଲେ। ରାଜ୍ୟ ସରକାରଙ୍କ ଆପ୍‌ରେ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ହୋଇଥିଲା। ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ପଣ୍ଡରା ମାଳି ସମାଜ ଜିଲା ସଭାପତି ରଞ୍ଜନ କୁମାର ମହଲା, ଦୀପକ ମହାପାତ୍ର, ଉପଦେଷ୍ଟା ସୀତାରାମ ଭୋଇ ଜିଲାପାଳଙ୍କୁ ଗତ ୨୯ ତାରିଖରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଓଷ୍ଟାର ସ୍କୁଲ ବଞ୍ଚାଅ ଅଭିଯାନ ନେଇ ବୈଠକ



ବୈଠକରେ ମଞ୍ଚାସୀନ ବ୍ୟକ୍ତିମାନେ।

ବିନିକା, ୮।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ହାଇସ୍କୁଲରେ ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ପକ୍ଷରୁ ସ୍କୁଲ ବଞ୍ଚାଅ ଅଭିଯାନକୁ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବୈଦ୍ୟନାଥ କର୍ଣ୍ଣଙ୍କ ସଭାପତିତ୍ୱ ଓ ସମ୍ପାଦକ ସୁଶୀଳ ବିଶିଙ୍କ ତତ୍ତ୍ୱାବଧାନରେ ବୈଠକ ହୋଇଥିଲା। ଉପଦେଷ୍ଟା ପ୍ରମୋଦ କୁମାର ପଣ୍ଡା ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନଙ୍କୁ ମୋ ସ୍କୁଲ ଅଭିଯାନ ସହିତ ସ୍କୁଲ ବଞ୍ଚାଅ ଅଭିଯାନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ପ୍ରକାଶ ଥାଉକି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍‌ରେ ଆଗାମୀ ୩/୪ ବର୍ଷ ମଧ୍ୟରେ ୭ଟି ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହେବେ ।ଏଣୁକରି ଉପରୋକ୍ତ ୭ ପୁରାତନ ସ୍କୁଲରେ ସରକାର ଯେଭଳି ସରକାରୀ ଶିକ୍ଷକ ନିଯୁକ୍ତି ଦେବେ ସେ ନେଇ ମୋ ସ୍କୁଲ ଅଭିଯାନରେ ସାମିଲ ପୁରାତନ ଛାତ୍ର ସଂଗଠନ ଓ ଜିଲା ଓଷ୍ଟା କମିଟି ଏକତ୍ରିତ ହୋଇ ସମସ୍ୟା ସମାଧାନ ବାଟ ବାହାର କରିବାକୁ ପଡିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ମୂରଲୀଧର ବଡମାଳୀ ଓ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଅମିୟ ମହାନ୍ତି ଯୋଗ ଦେଇଥିଲେ।

# ବନୀକରଣ ପାଇଁ ଜମି ଚିହ୍ନଟ ହୋଇପାରିଲାନି

ଅମରପାଲି, ୮।୮ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଭାଲୁଡୁଙ୍ଗୁରି ଜଙ୍ଗଲରେ ବ୍ୟକ୍ତିଗତ ଜମି ଓ ଦଖଲ ଜମିରେ ବନବିଭାଗ ପକ୍ଷରୁ ଚାରା ରୋପଣ ଅଭିଯୋଗ କରି ଭାଲୁଡୁଙ୍ଗୁରୀ କଲନିପଡାର ଲୋକେ ଚାରା ଗଛ ନଷ୍ଟ କରିବା ସହିତ ତାରବାଡା ଭାଙ୍ଗିଥିଲେ। ଏନେଇ ବନବିଭାଗ ତରଫରୁ ସୁବଳୟା ଥାନାରେ ୪୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ଗ୍ରାମର ଆଦିବାସୀମାନେ ଏନେଇ ସୁବର୍ଣ୍ଣପୁର ଏସପି ଓ ସୁବଳୟା ଥାନା ଅଧିକାରୀଙ୍କୁ ଭେଟି ମାମଲା ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ରବିବାର ଘଟଣାସ୍ଥଳକୁ ଆସି ଉକ୍ତ ବିବାଦୀୟ ଜମି ଚିହ୍ନଟ କରିବାର ଥିଲା। ମାତ୍ର ଜମି ଚିହ୍ନଟ ହୋଇ ପାରି ନ ଥିଲା। ଘଟଣାସ୍ଥଳକୁ ବନବିଭାଗ ପକ୍ଷରୁ ଏସିଏଫ ପ୍ରଫୁଲ୍ଲ ଧରୁଆ, ରେଞ୍ଜ ଅଧିକାରୀ ଅବିନାଶ ବରିହା, ବୀରମହାରାଜପୁର ତହସିଲଦାର ବିଜ୍ଞାନ କୁମ୍ବାର, କେଞ୍ଜିରିଆପାଲି ଆରଆଇ ରାଜେନ୍ଦ୍ର ମିଶ୍ର, ସୁବଳୟା ଥାନାରୁ ପୋଲିସ ବାହିନୀ ଓ ଇରିଗେସନ୍ ବିଭାଗର କର୍ମଚାରୀ ଆସିଥିଲେ। କଲନିପଡା ଗ୍ରାମବାସୀଙ୍କ ସହ ଏକ ଆଲୋଚନା ପରେ ଉକ୍ତ ବିବାଦୀୟ ଅଞ୍ଚଳର ଜମି ଚିହ୍ନଟ କରାଯିବାର ନିଷ୍ପତ୍ତି ନିଆଗଲା। ମାତ୍ର ଉକ୍ତ ଅଞ୍ଚଳରେ ବ୍ୟକ୍ତିଗତ ଜମିଥିବା ଅଭିଯୋଗ କରିଥିଲେ ଗ୍ରାମବାସୀ। ଏନେଇ କୌଣସି ସମାଧାନ ହୋଇପାରି ନ ଥିଲା। ଅନ୍ୟ ଏକ ଦିନରେ ଏହା ଚିହ୍ନଟ କରାଯିବାର ନିଷ୍ପତ୍ତି ନିଆଯାଇଛି।



ଜମି ଚିହ୍ନଟ ପାଇଁ ଗ୍ରାମବାସୀ ଓ ବିଭାଗ ମଧ୍ୟରେ ଆଲୋଚନା ଚାଲିଛି।

## ମାଝିମୁଣ୍ଡା ଗୁଳିକାଣ୍ଡ: ୨ ଗିରଫ

ଡୁଙ୍ଗୁରିପାଲି, ୮।୮ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାଝିମୁଣ୍ଡା ଗ୍ରାମ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗତ ଗୁରୁବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ତିନି ଜଣ ଯୁବକ ବାବଲୁ ବାରିକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଫେରାର ହୋଇଯାଇଥିଲେ। ଡୁଙ୍ଗୁରିପାଲି ପୋଲିସ ଏହି ଘଟଣାରେ ରବିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାମଜି ପୁରୋହିତ (୨୧) ଓ ତ୍ରିଲୋଚନ ବାଗ (୩୧)। ଅଭିଯୁକ୍ତ ରାମଜୀଙ୍କୁ ମାଝୀମୁଣ୍ଡାରୁ ଓ ତ୍ରିଲୋଚନଙ୍କୁ ତରଭା ଥାନା କୁଟାସିରାରୁ ଗିରଫ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଅନ୍ୟ ଜମିରେ କୃଷି ବୀମା: ଜେଲଗଲେ ଅଭିଯୁକ୍ତ

ଖପ୍ରାଖୋଲ, ୮।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳରେ ଚଞ୍ଚକତା କରି ଅନ୍ୟ ଜମିକୁ ନିଜ ନାମରେ କୃଷି ବୀମା କରାଇଥିବା ଅଭିଯୋଗ ଆସିଥିଲା । ଏହି ଘଟଣାର ତଦନ୍ତ କରି ଖପ୍ରାଖୋଲ ଥାନା ପୋଲିସ୍ ମୁଖ୍ୟ ଅଭିଯୁକ୍ତ ନୂଆପଡା ଜିଲା ଖଡିଆଳ ନିକଟ ବାଙ୍କପୁର ଗାଁର ଗୁଣବନ୍ତ ବେହେରା(୩୮)ଙ୍କୁ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ବ୍ଲକର ପଡିଆବାହାଲ ପଞ୍ଚାୟତ ଦେଦର୍ହ ଗାଁର ଅନେକ ଚାଷୀଙ୍କ ଶତାଧିକ ଏକର ଜମିକୁ ଅନ୍ୟ କେହି ବୀମା କରାଇ ନେଇଥିଲେ। ଅସଲି ଚାଷୀମାନେ ବୀମା କରିବାକୁ ଗଲାବେଳେ ଏହା ଜାଣିବାକୁ ପାଇଥିଲେ । ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଘଟଣାର ତଦନ୍ତ ପାଇଁ ଖପ୍ରାଖୋଲ ପୋଲିସ୍ , ତହସିଲ, କୃଷି କାର୍ଯ୍ୟାଳୟ, ବ୍ଲକ ଅଫିସରେ ଜଣାଇଥିଲେ । ଏ ସମ୍ପର୍କରେ ପଡିଆବାହାଲ ଗାଁର ଦେବରାଜ ପଧାନ ନାମକ ଚାଷୀ ଥାନାରେ ଅଭିଯୋଗ କଲା ପରେ ଜୁଲାଇ ୨୩ତାରିଖରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଏହାକୁ ଭତ୍ତି କରି ପୋଲିସ୍ ତନାଘନା କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଅଭିଯୁକ୍ତ ନିଜ ନାମ ସହିତ ତାର ସମ୍ପର୍କୀୟଙ୍କ ନାମରେ ମଧ୍ୟ କୃଷି ବୀମା କରାଇଥିବା ଜଣାଯାଇଛି । ଏ ନେଇ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ପଚାରିବାରୁ ଘଟଣାର ଅଧିକ ତଦନ୍ତ ଚାଲିଥିବା କହିଛନ୍ତି।

# ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା: ଜେଲଗଲେ କୋଟିପତି କନିଷ୍ଠ କିରାଣି

ବଲାଙ୍ଗୀର ଅଫିସ, ୮।୮

ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ କନିଷ୍ଠ କିରାଣି ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ଭିଜିଲାନ୍ସ ବିଭାଗ ପକ୍ଷରୁ କିରାଣି ମହାନ୍ତି ଓ ତାଙ୍କ ସ୍ତ୍ରୀ ସହକାରୀ ଶିକ୍ଷୟିତ୍ରୀ ମେଘମାଳା ପଟ୍ଟନାୟକଙ୍କ ବଲାଙ୍ଗୀର ସାଗରପଡା, ତୁଷରା ଓ ଡୁଙ୍ଗୁରିପାଲି ଘର ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ସର୍ଚ୍ଚ ବେଳେ ସମୁଦାୟ ୧ କୋଟି ୬୮ ଲକ୍ଷ ୩୪ ହଜାର ୬୨୩ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା।



ରବୀନ୍ଦ୍ର କୁମାର ମହାନ୍ତି।

ଆକଳନ ପରେ ତାଙ୍କର ଆୟବର୍ହିଭୂତ ସମ୍ପତ୍ତି ୯୯ ଲକ୍ଷ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଗିରଫ କିରାଣି ମହାନ୍ତି ଆୟବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗକୁ ଖଣ୍ଡନ କରି ସେ ନିଜେ, ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଚାକିରିଆ ଅଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି।

# ମାଲ ପରିବହନ କ୍ଷେତ୍ରରେ ରହିଥିବା ସମସ୍ୟା ନେଇ ଆଲୋଚନା

ବୌଦ୍ଧ,୮।୮(ସ୍ୱ.ପ୍ର.)

ଟ୍ରକ ମାଲିକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସମଗ୍ର ପଶ୍ଚିମ ଓଡ଼ିଶାର ଟ୍ରକମାଲିକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ମାଲ ପରିବହନ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ପରେ ପଶ୍ଚିମ ଓଡ଼ିଶାର ଟ୍ରକ ମାଲିକ ସଂଘଗୁଡିକୁ ନେଇ ଏକ ମହାସଂଘ ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପଶ୍ଚିମ ଓଡ଼ିଶାର ସମୁଦାୟ ୧୨ ଗୋଟି ଟ୍ରକମାଲିକ ସଂଘ ଏହି ମହାସଂଘରେ ସାମିଲ ହୋଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ସଂଘଗୁଡିକୁ ଏଥିରେ ସାମିଲ କରାଯିବାକୁ ସ୍ଥିର ହୋଇଥିଲା। ଏହି ମହାସଂଘରେ ବୌଦ୍ଧ, ବଲାଙ୍ଗୀର, ସୁବର୍ଣ୍ଣପୁର, ସମ୍ବଲପୁର, ରେଢାଖୋଲ୍, ବାମୁର, ଭବାନୀପାଟଣା, ବରଗଡ, ଅତାବିରା, ଡୁଙ୍ଗରିପାଲି, ଗୋଡଭଗା ଟ୍ରକମାଲିକ ସଂଘ ସାମିଲ ହୋଇଥିବା ବେଳେ ସମ୍ବଲପୁର ଟ୍ରକ ମାଲିକ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରସାଦ କୁଅଁରଙ୍କୁ ମହାସଂଘର ଅଧକ୍ଷ ଭାବରେ ମନୋନୀତ କରାଯାଇଛି। ଏହାବ୍ୟତୀତ ମହାସଂଘର ପରିଚାଳନା ନିମନ୍ତେ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ଏଥିରେ ବୌଦ୍ଧ ଜିଲା ଟ୍ରକ ମାଲିକ ସଂଘର ସଭାପତି ଶିବ ପ୍ରସାଦ ମିଶ୍ର, ବଲାଙ୍ଗୀର ଟ୍ରକ ଅପରେଟର ଆସୋସିଏଶନର ସଭାପତି ବିରେନ୍ଦ୍ର କୁମାର ମିଶ୍ର ଓ ବରଗଡ ଟ୍ରକମାଲିକ ସଂଘର ସାଧାରଣ ସମ୍ପାଦକ ଅନୀଲ କୁମାର ତୋମାରଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାରେ ଏହି ମହାସଂଘ ଅଧୀନରେ ସମସ୍ତ ମାଲ ପରିବହନ କାର୍ଯ୍ୟ ପରିଚାଳନା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଶେଷରେ ବୌଦ୍ଧ ସଂଘର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଟ୍ରକ ମାଲିକମାନେ।

### ପଶ୍ଚିମ ଓଡ଼ିଶା ଟ୍ରକ ମାଲିକଙ୍କ ବୈଠକ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୯ ଅଗଷ୍ଟ, ୨୦୨୧

## ଛାତ୍ର ବିଜେଡିର ମ୍ୟୁନିସିପାଲିଟି ସ୍ତରୀୟ ବୈଠକ

ସୋନପୁର (ନି.ପ୍ର.): ବିଜୁ ଛାତ୍ର ଜନତା ଦଳର ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ସ୍ତରୀୟ କର୍ମକର୍ତ୍ତାଙ୍କ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଶାଶ୍ୱତ କୁମାର ମିଶ୍ରଙ୍କ ନେତୃତ୍ୱରେ ମ୍ୟୁନିସିପାଲିଟି ସଭାପତି ଦେବାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଛାତ୍ର ସଂଗଠନକୁ ସୁଦୃଢ଼ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳର ପର୍ଯ୍ୟବେକ୍ଷକ ଆଶିଷ ମହାପାତ୍ର, ଜିଲା ବିଜୁ ଛାତ୍ର ଜନତା ଦଳ ଆଇଟି ସଂଯୋଜକ ଅଭିଶେକ ଶର୍ମା, ଯୁବ ନେତା ସୀତାରାମ ମହାପାତ୍ର, ପିୟୁଷ ପଣ୍ଡା, ଅମୀୟ ରଞ୍ଜନ ଦାଶ, ସଙ୍କେତ ନାୟକ, ରଜତ ଅଗ୍ରୱାଲା, ଚନ୍ଦନ ବେହେରା, ରଘୁପତି ମାଝୀ ଓ ଉଦିତ ପ୍ରତାପ ଭୋଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଅଟୋ ସହ ଚୋରି ସୋଲାର ପ୍ଲେଟ ଜବତ

ଦେଓଗାଁ,୮।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ କୁକୁରଖାଇ ନିକଟରେ ଥିବା ଭେଣ୍ଟୋ ସୋଲାର ପ୍ଲାଣ୍ଟରୁ ଚୋରି ସୋଲାର ପ୍ଲେଟକୁ ଜବତ କରି ପୋଲିସ ଜିମାଦେଇଛନ୍ତି ସ୍ଥାନୀୟ ଯୁବକ। ଏହି ଘଟଣାରେ ପୋଲିସ ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ ଗାଇସିଲେଟ ଥାନା ଜାମୁଟବାହାଲ ଗାଁର ନିରଜ ପଟେଲ(୨୯) ଓ ନୃପରାଜ ମେହେର(୪୪)। ରବିବାର ସୋଲାର ପ୍ଲାଣ୍ଟ ମ୍ୟାନେଜର ପ୍ରିୟବ୍ରତ ଦାଶଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୧୬୦/୨୧) ରୁଜୁ ହୋଇଛି। ସୋମବାର ଅଟକ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମନୋଜ କୁମାର ମୁଣ୍ଡା ସୂଚନା ଦେଇଛନ୍ତି। ଚୋରିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନାନୁସାରେ କୁକୁରଖାଇ ସୋଲାର ପ୍ଲାଣ୍ଟରୁ ଶନିବାର ରାତିରେ ୪ଟି ବଡସାଇଜର ପ୍ଲେଟ ଚୋରି କରି ଅଟୋ ନଂ (ଓଡି୦୩ ୦୩୫୫୫)ରେ ଚାଲାଣ କରାଯାଉଥିଲା। ଉପରଝରର ଆଞ୍ଚଳିକ ହାଇସ୍କୁଲ ନିକଟରେ ସ୍ଥାନୀୟ କେତେକ ଯୁବକ ଅଟକାଇ ପୋଲିସକୁ ଖବର ଦେଇଥିଲେ।

### ଉପରଝରରେ ଫାଣ୍ଡି ସ୍ଥାପନ ଦାବି କଲା ଯୁବ ସଙ୍ଗଠନ

ଦେଓଗାଁ,୮।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝରରେ ଏକ ପୋଲିସ ଫାଣ୍ଡି ସ୍ଥାପନ କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଆସୁଛି। ଏ ନେଇ ସ୍ଥାନୀୟ ଯୁବ ସଂଗଠନ କେନ୍ଦ୍ର, ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସଂଗଠନ ସମ୍ପାଦକ ରମେଶ ମହାପାତ୍ର ଉକ୍ତ ଦାବିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୫ଟି ମୋ ସରକାର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ନରସିଂହ ମିଶ୍ର, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଡିଜିପି ଓଡିଶା, ଜିଲାପାଳ ଓ ଏସ୍‌ପିଙ୍କ ନିକଟକୁ ଟ୍ୱିଟ ମାଧମରେ ଦାବି ଜଣାଇଛନ୍ତି। ଅନ୍ୟପକ୍ଷେ ସାମାଜିକ ଗଣମାଧମରେ ମଧ ଲୋକେ ଉକ୍ତ ସ୍ଥାନରେ ଫାଣ୍ଡି ସ୍ଥାପନ ପାଇଁ ଦାବି କରିଛନ୍ତି। କିଛିଦିନ ତଳେ ଅଞ୍ଚଳବାସୀଙ୍କ ତରଫରୁ ଦେଓଗାଁ ଥାନାରେ ମଧ ଲିଖିତଭାବେ ଦାବି ପ୍ରଦାନ କରାଯାଇଥିଲା। ଉକ୍ତ ଅଞ୍ଚଳରେ ବାରମ୍ବାର ଡକାୟତି, ଚୋରି, ରାହାଜାନି, ହତ୍ୟା, ଲୁଟ ଭଳି ଆପରାଧିକ ଘଟଣା ଘଟି ଆସୁଛି। ତେବେ ଦେଓଗାଁ ଥାନାରୁ ଉପରଝରର ଦୂରତ୍ୱ ୧୦ରୁ ୧୫ କିଲୋମିଟର ଦୂରତ୍ୱ ହେଉଥିବାରୁ ପୋଲିସ ପହଞ୍ଚିବା ବେଳକୁ ଅପରାଧ ଘଟାଇ ଅପରାଧୀମାନେ ଫେରାର ହୋଇଯାଉଛନ୍ତି। ଏଣୁ ଉପରଝରରେ ଅଗ୍ରାଧିକାର ଭିତ୍ତିରେ ଫାଣ୍ଡି ସ୍ଥାପନ ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ସ୍ୱଚ୍ଛତା ସପ୍ତାହରେ ଗାଁ ସଫେଇ ପାଇଁ ଶପଥ

ଲୋଇସିଂହା,୮।୮(ଡି.ଏନ.ଏ.): ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଏବଂ ଜୟଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋଇସିଂହା ବ୍ଲକ ବାଦିବାହଲ ପଞ୍ଚାୟତର ଅଧୀନ ଅଗଲାପାଲି ଗ୍ରାମରେ ସ୍ୱଚ୍ଛତା ସପ୍ତାହ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସରୋଜ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗାଦେଇଥିଲେ। ଗାଁକୁ ସ୍ୱଚ୍ଛ ଓ ପରିମଳ ରଖିବା ଦିଗରେ ଯୁବ ଅନୁଷ୍ଠାନର ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ସରୋଜ ମହାକୁର ନେହେରୁ ଯୁବକେନ୍ଦ୍ରର ଆଭିମୂଖ୍ୟ ଉପରେ କହିଥିଲେ। ଏହି ପରିପ୍ରେକ୍ଷୀରେ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଏବଂ ଗ୍ରାମରେ ସଫେଇ କରିବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା।

### ଦୁଆର ମୁହଁରେ ପ୍ରାଥମିକ ଶିକ୍ଷା

ବରପାଲି,୮।୮(ଡି.ଏନ.ଏ): ପ୍ରାଥମିକ ଶିକ୍ଷାକୁ ତ୍ୱରାନ୍ୱିତ କରିବା ପାଇଁ ଘରକୁ ଘର ପହଞ୍ଚି ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କରିବା ଉପରେ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ପରିସରରେ ଆୟୋଜିତ ଏହି ଶିବିର ଏବିଇଓ ଦିଲୀପ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷାଧିକାରୀ ତଥା ପ୍ରଧାନଶିକ୍ଷକ ଶଙ୍କର ମାଝୀ, ଜିଲା ପ୍ରଶିକ୍ଷିକା ମଞ୍ଜୁଷା ଦୋରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ସମସ୍ତ କ୍ଲଷ୍ଟରସ୍ତରୀୟ ସିଆରସିସି, ଆରସିସି ଓ ଡିଆରଜି ଉପସ୍ଥିତ ରହି ସୁନିଶ୍ଚିତ ରୂପରେଖ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ପରେ ଡିଆରଜି ଦୀପ୍ତିକାନ୍ତ ମୁଗ୍ରୀ, ବିଆର୍‌ଟି ମକୁନ୍ଦ ମେହେର, ଅଶୋକ ସାହୁ, ଶିକ୍ଷା ସମନ୍ୱୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ସିଆର୍‌ସିସି ଅତୀଶ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ଉଜୁଡ଼ିଲାଣି ଧାନ ଫସଲ

- ଅଣଜଳସେଚିତ ଅଞ୍ଚଳରେ କମ୍ ବୃଷ୍ଟି
- ମରୁଡ଼ି ଆଶଙ୍କା, ଚାଷୀଙ୍କୁ ଚିନ୍ତା

ବରଗଡ଼ ଅଫିସ୍,୮।୮

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଖରିଫ ଫସଲ ଉଜୁଡ଼ିବା ଆଶଙ୍କା ପ୍ରକାଶ ପାଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ଅଣଜଳସେଚିତ ଅଞ୍ଚଳରେ ଫସଲ ଅଧିକ ପ୍ରଭାବିତ ହୋଇଛି। ବର୍ଷାଭାବ ଯୋଗୁ ଅନେକ ଚାଷୀ ଧାନ ରୁଆ, ବିହୁଡ଼ା କରି ପାରିନାହାନ୍ତି। ଚାଷଜମି ଶୁଖିଲା ପଡ଼ିଥିବାରୁ ଚାଷୀ ଜମିକୁ ହଳ ମଧ୍ୟ କରି ପାରିନାହାନ୍ତି। ଆଗକୁ ବର୍ଷା ନ ହେଲେ ରୁଆ, ବିହୁଡ଼ା ଧାନ ନଷ୍ଟ ହେବା ସମ୍ଭାବନା ରହିଛି। ଫଳରେ ମରୁଡ଼ି ଆଶଙ୍କାରେ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢ଼ିଛି।

ଜୁନ୍ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୨୦୫.୬ମି.ମି ରହିଛି। ମାତ୍ର ରବି ଧାନ ବିକ୍ରି ସମସ୍ୟାରେ ଚାଷୀ ଛନ୍ଦି ହୋଇପଡ଼ିବାରୁ ଖରିଫ ଚାଷକାର୍ଯ୍ୟକୁ ଆଗେଇ ପାରି ନ ଥିଲା। ଚାଷକାର୍ଯ୍ୟ ବିଳମ୍ବିତ ସହ ଆଶାନୁରୂପ ବର୍ଷା ହୋଇ ନ ଥିଲା। ସେହିପରି ଚାଷ ଆରମ୍ଭରୁ ବର୍ଷା ହୋଇଥିଲେ ମଧ ଜଳସେଚିତ ଅଞ୍ଚଳ ଅପେକ୍ଷା ଅଣଜଳସେଚିତ ଅଞ୍ଚଳରେ ବୃଷ୍ଟିପାତ ପରିମାଣ କମ୍ ରହିଥିଲା। ଫଳରେ ଅଣଜଳସେଚିତ ଅଞ୍ଚଳରେ ଚାଷକାର୍ଯ୍ୟ ଅଧିକ ପ୍ରଭାବିତ ହୋଇଛି।

ଜୁନ ମାସରେ ଜିଲାର ଜଳସେଚିତ ଅତାବିରା ବ୍ଲକରେ ସର୍ବାଧିକ ୩୧୭.୨ମି.ମି ଏବଂ ଅଣଜଳସେଚିତ ଝାରବନ୍ଧରେ ସର୍ବନିମ୍ନ ୧୩୭ମି.ମି ବୃଷ୍ଟିପାତ ରେକର୍ଡ଼ କରାଯାଇଛି। ଅମ୍ବାଭୋନାରେ ୩୦୮.୮, ବରଗଡ଼ରେ ୨୬୯, ବରପାଲିରେ ୧୯୩, ଭଟଲିରେ ୨୭୬, ଭେଡ଼େନରେ ୧୩୯, ବିଜେପୁରରେ ୨୨୦, ଗାଇସିଲେଟରେ ୧୪୪.୨, ପଦ୍ମପୁରରେ ୧୫୧.୮, ପାଇକମାଲରେ ୧୭୨, ସୋହେଲାରେ ୧୬୦ ମି,ମି ବୃଷ୍ଟିପାତ ରେକର୍ଡ଼ କରାଯାଇଛି। କିନ୍ତୁ ଜୁଲାଇରେ ହୋଇଥିବା ବର୍ଷା ସ୍ୱାଭାବିକ ବୃଷ୍ଟିପାତ ପରିମାଣକୁ ଛୁଇଁ ପାରି ନ ଥିଲା। ଜୁଲାଇରେ ଜିଲାରେ ହାରାହାରି ୩୯୭.୨ମି.ମି ବୃଷ୍ଟିପାତ ହେବା କଥା। କିନ୍ତୁ ଏହା ୩୨୩.୧୧ ମି.ମି ରହିଥିବା ରେକର୍ଡ଼ କରାଯାଇଛି। ସେହିପରି ଜୁନ ଭଳି ଜୁଲାଇରେ ମଧ୍ୟ ଅଣଜଳସେଚିତ ଅଞ୍ଚଳରେ ବୃଷ୍ଟିପାତ ପରମାଣ କମ୍ ରହିଥିଲା। ଜୁଲାଇରେ ଜଳସେଚିତ ଅତାବିରା ବ୍ଲକରେ ସର୍ବାଧିକ ୪୦୧.୨୦ମି.ମି ଏବଂ ଅଣଜଳସେଚିତ ଗାଇସିଲେଟରେ ସର୍ବନିମ୍ନ ୧୯୪.୯୦ମି.ମି ବର୍ଷା ହୋଇଥିଲା। ଅଗଷ୍ଟରେ ଜିଲାରେ ବର୍ଷା ନାହିଁ। ଏପର୍ଯ୍ୟନ୍ତ ଜିଲାରେ ହାରାହାରି ବୃଷ୍ଟିପାତ ପରିମାଣ ମାତ୍ର ୧୩.୦୬ମି.ମି ରହିଛି।

ପଦ୍ମପୁର ଉପଖଣ୍ଡ ଗାଇସିଲେଟର ଜଣେ ଚାଷୀ ନାରାୟଣ ସାହୁ କହିଛନ୍ତି, ଏଥର ବହୁତ କମ୍ ବର୍ଷା ହୋଇଛି। ଚାଷୀ ଚିନ୍ତାରେ ରହିଛନ୍ତି। ସରକାର ସହଯୋଗ ନ କଲେ ଚାଷୀଙ୍କ ଅବସ୍ଥା ସାଂଘାତିକ ହୋଇପଡ଼ିବ। ଝାରବନ୍ଧ ବ୍ଲକ ଗୋଠୁଗୁଡ଼ାର ଚାଷୀ କହିଛନ୍ତି, ବର୍ଷା ନ ହେବାରୁ ସେ ୩ଏକର ଜମିରେ ଏପର୍ଯ୍ୟନ୍ତ ଚାଷକାର୍ଯ୍ୟ କରି ପାରିନାହାନ୍ତି ଏବଂ ଯେଉଁ ଜମିରେ ଧାନ ବୁଣିଥିଲେ, ତାର ବିହୁଡ଼ା ହୋଇ ପାରି ନ ଥିବା ସେ କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ପଦ୍ମପୁର ଅଞ୍ଚଳରେ ବୃଷ୍ଟିପାତ ପରିମାଣ ଧିମେଇ ଯାଇଛି। ମରୁଡ଼ି ସମ୍ଭାବନା ଏବେଠାରୁ କହିହେବନାହିଁ। ଅଗଷ୍ଟ ୧୫ ମଧ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହୁଛି। ବର୍ଷା ନ ହେଲେ, ଫସଲ ପ୍ରଭାବିତ ହେବ ବୋଲି ସେ କହିଥିଲେ।


ବରଗଡ଼ ଜିଲା ଝାରବନ୍ଧରେ ଶୁଖିଲା ପଡ଼ିଥିବା ଚାଷଜମିକୁ ଜଣେ ଚାଷୀ ଦେଖୁଛନ୍ତି।

## ୪ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଗିରଫ

କୋକସରା, ୮।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ପୋଲିସ ୪ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଛନ୍ତି। ଗିରଫ ୪ଜଣ ଉତ୍ତରପ୍ରଦେଶ ଇଲାହାବାଦ ଅଞ୍ଚଳର କୂଳଦୀପ ଗୁପ୍ତା (୧୯), ସରୋଜ ସିଂ (୨୪), ରବି ଶଙ୍କର ଚୌହାନ (୨୦), ଅନିଲ କୁମାର ବିନ୍ଦ (୨୪)। ନଦୀମ ଖାଁ (୨୪) ଫେରାର ଅଛନ୍ତି। ସୋମବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଖବର ପାଇ ପୋଲିସ ଶନିବାର ଆମପାଣି-ମୋଟେର ମଧରେ ଛକି ରହିଥିଲେ। ସେହି ସମୟରେ ଆମପାଣି ପଟୁ ୨ଟି କାର ଆସୁଥିଲା। ପୋଲିସକୁ ଦେଖି ଧଳା ରଙ୍ଗର କାର (ନଂ. ଓଆର୦୨ଏୟୁ-୨୩୮୩)କୁ ଅଲାଗୁଡା ନିକଟରେ ଛାଡି ୨ଜଣ ଫେରାର ହୋଇଥିଲେ। ଅନ୍ୟ ଏକ କାର (ନଂ.ଡିଏଲ୪ସିଏୱବ୍ଲୁ-୪୩୧୩)କୁ ପୋଲିସ ଅଲାଗୁଡାରୁ ଜବତ କରିବା ସହ କାର ଛାଡି ଫେରାର ଥିବା ୨ଜଣଙ୍କୁ ଧରିଥିଲା। ସେମାନଙ୍କଠାରୁ ତଥ୍ୟ ପାଇ ଅନ୍ୟ ଏକ ଫେରାର କାର ସହ ୨ ଜଣଙ୍କୁ ଧରିଥିଲା। ଦୁଇଟି କାରରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି।

## ବିନା ପ୍ରୋସିଡିଂରେ ଚାଲିଛି ଉନ୍ନୟନ କାମ

### ବୁର୍ଡା ପଞ୍ଚାୟତ

- ଅସନ୍ତୋଷ ପ୍ରକାଶ କଲେ ୱାର୍ଡ ସଭ୍ୟାସଭ୍ୟ

ଲୋଇସିଂହା,୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପଞ୍ଚାୟତରେ ମାସଧିକ କାଳ ହେଲା ମାସିକ ବୈଠକ ହେଉନାହିଁ। ଏପରିକି ବିନା ପ୍ରୋସିଡିଂରେ ଉନ୍ନୟନ କାମ କରାଯାଉଛି। ଯାହାବି କାମ ହେଉଛି ତାହା ପୁଣି ନିମ୍ନମାନର। ଏଥିସହିତ ବେଆଇନ ଭାବେ ବିଲ ମଧ୍ୟ ଉଠାଣ କରାଯାଉଥିବା ନେଇ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏଠାରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ରାଜେନ୍ଦ୍ର ବାବୁଙ୍କ ପଦୋନ୍ନତି ପରେ ତାଙ୍କର ଗତ ଜାନୁୟାରୀରୁ ବଦଳି ହୋଇଯାଇଛି। ଲୋକନାଥ ନାଏକ ପିଇଓ ଭାବେ ଏଠାରେ କାର୍ଯ୍ୟରତ ଅଛନ୍ତି। ହେଲେ ସେ ଯୋଗଦେବା ଇତିମଧରେ ୭ମାସ ବିତି ଯାଇଥିଲେ ସୁଦ୍ଧା ଗୋଟିଏ ବି ମାସିକ ବୈଠକ ଡକାଇ ନାହାନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କ ବିନା ଆଲୋଚନାରେ ପଞ୍ଚାୟତ ପକ୍ଷରୁ ଉନ୍ନୟନ କାମ କରାଯାଉଛି। କଂକ୍ରିଟକରଣ, ଡ୍ରେନ କାମ, କଲର୍ଭଟ, ପୋଖରୀରେ ପାହାଚ, ମାଟି ପୁନରୁଦ୍ଧାର, ସ୍କୁଲ ମରାମତି ପ୍ରଭୃତି ଉନ୍ନୟନମୂଳକ କାମ ହାତକୁ ନିଆଯାଇଛି। ନିର୍ମାଣ କାମ ନିମ୍ନମାନର ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। କେତେକ ଉନ୍ନୟନମୂଳକ କାମର ପ୍ରାପ୍ୟ ଉଠାଣକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ନାଏମ ସରପଞ୍ଚ ଜଗମୋହନ ସାହୁ ଓ ଅନ୍ୟ ୱାର୍ଡ ସଭ୍ୟାସଭ୍ୟ। ଏହାବାଦ ବିନା ନୋଟିସ ଏବଂ ନିଷ୍ପତ୍ତିରେ ପାନୀୟ ଜଳ ଯୋଗାଣ କରିବା ପାଇଁ ଦୁଇଜଣଙ୍କୁ ନିଯୁକ୍ତି ଦିଆଯିବାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ପିଇଓ ନାଏକ କହନ୍ତି, ମୋ ସମୟରେ ୩ଟି ବିଲ୍ କରାଯାଇଛି। କେଉଁକେଉଁ ବିଲ ପାସ୍ ହୋଇଛି ରେକର୍ଡ ଦେଖିଲା ପରେ କହିପାରିବି ବୋଲି କହିଥିଲେ।

## ବିଜେଡିର ସଂକଳ୍ପ ବୈଠକ

ଟିଟିଲାଗଡ, ୮।୮(ଡି.ଏନ .ଏ. )

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଗୋବିନ୍ଦ ବାଟିକା ପରିସରରେ ବିଜେଡିର ସଂକଳ୍ପ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବକ୍ତବ୍ୟ ରଖି ସ୍ଥାନୀୟ ବିଧାୟିକା ତଥା ଗୁକୁନି ସାହୁ ଟିଟିଲାଗଡ ଅଞ୍ଚଳର ବିକାଶ ମୋର ଏକ ମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଉପରେ ସତନ୍ତ୍ର ଦୃଷ୍ଟି ଦେଇ ଅନେକଗୁଡ଼ିଏ ଯୋଜନକୁ ମଞ୍ଜୁରୀ ଦେଇ ଅର୍ଥ ଅନୁମୋଦନ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ କର୍ମୀମାନେ ଏବେଠାରୁ ସଜାଗ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ସଂକଳ୍ପ ବୈଠକରେ ଯୋଗଦେଇ ତୃଣମୂଳସ୍ତରରେ ଦଳକୁ ଆହୁରି ସଂଗଠିତ କରିବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ପାଟଣାଗଡ ବିଧାୟକ ସରୋଜ ମେହେର ମଧ ବୈଠକରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜେଡି ନେତା ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା ଓ ଗୀତା ବିଶି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଯୁବ ବିଜେଡି ଜିଲା ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ଟିଟିଲାଗଡ ବ୍ଲକ ଅଧକ୍ଷା ରମାକାନ୍ତି ପଟେଲ, ଗୀତା ବିଶି, ରଞ୍ଜିତ ପୃଷ୍ଟି, ରାଜ କିଶୋର ସିଂ ପାତ୍ର, ସୁକାନ୍ତି ପାଢ଼ୀ, ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମସଭାରେ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ


ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀ ଓ ଜନପ୍ରତିନିଧି।

ସଇଁତଲା,୮।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡୁଙ୍ଗରିପାଲି ପଞ୍ଚାୟତ ଅଞ୍ଚଳରେ ଆଦିତ୍ୟ ବିର୍ଲା କମ୍ପାନୀ ଦ୍ୱାରା ପ୍ରସ୍ତାବିତ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠାକୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ବିରୋଧ କରାଯାଉଛି। ରବିବାର ପୂର୍ବାହ୍ନରେ ଡୁଙ୍ଗରିପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୁଫଳ ମାଝୀଙ୍କ ଦ୍ୱାରା ଆହୁତ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମସଭାରେ ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ପୂର୍ବତନ ସରପଞ୍ଚ ଉତ୍ତମ ପଟେଲ, ସାମାଜିକ କର୍ମୀ ଶାନ୍ତନୁ ନାଏକ(ରାଜୁ), ଶ୍ରମିକ ନେତା ପ୍ରେମା ଭୋଇ, ଯୁବନେତା ଗଜପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଅଞ୍ଚଳର ୫୬୬ଏକର ଗୋଚର ଜମିରେ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଟୁର୍ଙ୍ଗା ଉପେର, ଟେଣ୍ଟଲିପାଲି, କୁଆଁରଗାଁ ଓ ଡୁଙ୍ଗରିପାଲି ଗ୍ରାମର ଗୋରୁ, ଛେଳି ମେଣ୍ଢାଙ୍କ ପାଇଁ ଚାରଣ ଭୂମିର ଅସୁବିଧା ହେବ। ସେହିଭଳି ଉକ୍ତ ଗ୍ରାମଗୁଡିକର ଶ୍ମଶାନ ମଧ ଉକ୍ତ ଜମିରେ ରହିଛି। ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଭବିଷ୍ୟତରେ ଶ୍ମଶାନ ପାଇଁ ଜାଗାର ଅଭାବ ସୃଷ୍ଟି ହେବା ଆଶଙ୍କା ଥିବା ଗ୍ରାମବାସୀ ମତ ରଖିଥିଲେ। ପୂର୍ବରୁ ଏହି ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ କରି ଗ୍ରାମବାସୀଙ୍କ ତରଫରୁ ସଇଁତଲା ତହସିଲଦାରଙ୍କୁ ଦୁଇଥର ଦାବିପତ୍ର ଦିଆଯାଇଛି। ହେଲେ ବର୍ତମାନ ପର୍ଯ୍ୟନ୍ତ ତହସିଲଦାର ଗ୍ରାମବାସୀଙ୍କୁ କୌଣସି ଆଶ୍ୱାସନା ଦେଇ ନ ଥିବାରୁ ଗ୍ରାମସଭାରେ କ୍ଷୋଭ ପ୍ରକାଶ କରା ଯାଇଥିଲା। ଅନ୍ୟମାନଙ୍କ ମଧରେ ଯୁବନେତା ଅମନ ରଣା, ଶମ୍ଭୁ ସରାଫ, ଦୁର୍ଗା ଭୋଇ, ଲିଙ୍ଗରାଜ ବାଗ, ସସ୍ମିତା ସାହୁ, ସୁକାନ୍ତି ସାହୁ, ରଶ୍ମିତା ନାଗ, ସନ୍ତୋଷିନୀ ସାହୁ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ସୋଲାର ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ କରି ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ୧୩ ବର୍ଷ ପରେ ପୂରଣ ହେଲା ପ୍ରଧାନଶିକ୍ଷକ ପଦବୀ


ନବନିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ କରୁଛନ୍ତି ଶିକ୍ଷୟିତ୍ରୀ ଓ ଶିକ୍ଷକ।

### ଡେ଼ଙ୍ଗ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ

ସଇଁତଲା, ୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡେ଼ଙ୍ଗ ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମାନ୍ୟତା ୨୦୦୮ ମସିହାରେ ପାଇଥିଲା। ହେଲେ ମାନ୍ୟତା ପାଇବା ଦିନ ପରଠାରୁ ଏଠାରେ ପ୍ରଧାନଶିକ୍ଷକଭାବେ କାହାକୁ ନିଯୁକ୍ତି ଦିଆଯାଇ ନ ଥିଲା। ଦୀର୍ଘ ୧୩ବର୍ଷର ଅପେକ୍ଷା ପରେ ସମ୍ପ୍ରତି ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଚାଣ୍ଡାଳ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପୂର୍ବରୁ ସେ ସଇଁତଲା ନୋଡ଼ାଲ ହାଇସ୍କୁଲରେ ଶିକ୍ଷକଭାବେ କାର୍ଯ୍ୟରତ ଥିଲେ। ଡେ଼ଙ୍ଗ ବିଦ୍ୟାଳୟରେ ଶନିବାର ଯୋଗଦେବା ଅବସରରେ ତାଙ୍କୁ ସ୍କୁଲର ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ସ୍ୱାଗତ ଜଣାଇଥିଲେ। ଏହି ଉପଲକ୍ଷେ ଶିକ୍ଷକ ବିଶ୍ୱନାଥ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ବକ୍ତବ୍ୟ ରଖି ନବନିଯୁକ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକମାନେ ଏକମନ ହୋଇ କାମ କଲେ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ହୋଇପାରିବ ବୋଲି କହିଥିଲେ। ରେଡ଼କ୍ରସର ଜୁନିୟର ପରାମର୍ଶଦାତା ତଥା ଶିକ୍ଷକ ରାମନାରାୟଣ ଦାଶ କୋଭିଡ଼ର ମାର୍ଗଦର୍ଶିକା ବିଷୟରେ କହିଥିଲେ। ଶିକ୍ଷକ ସୁଦର୍ଶନ ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ଆଦିତ୍ୟ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଜରା ନିବାସକୁ ଗଲେ ଅସହାୟ ବୃଦ୍ଧ

ଧରିତ୍ରୀ ପ୍ରଭାବ

ଲାଠୋର, ୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଜଲପାଙ୍କେଲ ସରକାରୀ ବିଦ୍ୟାଳୟ ବାରଣ୍ଡାରେ ଗତ ୧୮ ମାସ ହେବ ଜଣେ ହିରନ ଦାସ ନାମକ ଜଣେ ବୃଦ୍ଧ ପଡି ରହିଥିଲେ। କିଏ ଦେଉଥିଲେ ଖାଉଥିଲେ, ନହେଲେ ଉପବାସ ରହୁଥିଲେ। ଏ ନେଇ ଧରିତ୍ରୀରେ ଗତ ୭ ତାରିଖରେ ସ୍କୁଲ ବାରଣ୍ଡାରେ ପଡି ରହିଛନ୍ତି ଅସହାୟ ବୃଦ୍ଧ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବରକୁ ନେଇ ସାମାଜିକ କର୍ମୀ ଦୀପା ବାରିକ ଓ ରେମାନନ୍ଦ କୁମ୍ଭାର ପ୍ରଶାସନିକ ଅଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସାହାଯ୍ୟ ଯୋଗାଇ ଦେବାକୁ ଟ୍ୱିଟ କରି ଅନୁରୋଧ କରିଥିଲେ। ଶନିବାର ବିଡିଓ ରଶ୍ମିରଞ୍ଜନ ରାଉତ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ଅଙ୍ଗନୱାଡି କର୍ମୀ ରୀତା ଧରୁଆ, ଯୋଗାଣ ସହାୟକ ସତ୍ୟ ରଣା ବୃଦ୍ଧଙ୍କ ନିକଟରେ ପହଞ୍ଚି ଥିଲେ। କିଛି ଖାଦ୍ୟ ସହ ଆବଶ୍ୟକ ବ୍ୟବହୃତ ସାମଗ୍ରୀ ତାଙ୍କୁ ପ୍ରଦାନ କରିଥିଲେ। ରବିବାର ହରିନଙ୍କୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କୋଭିଡ ପରୀକ୍ଷା ପରେ ତାଙ୍କୁ ଦେଓଗାଁ ସାଲେପାଲି ଜରା ନିବାସରେ ରଖାଯାଇଛି।


ହିରନଙ୍କୁ ପ୍ରଶାସନ ଉଦ୍ଧାର କରି ନେଉଛି।

## ନିଃଶୁଳ୍କ ଅସ୍ଥି ବିସର୍ଜନ କରିବ ମାରୱାଡ଼ି ଯୁବାମଞ୍ଚ

ସୋନପୁର,୮।୮(ନି.ପ୍ର.)

ପ୍ରୟାଗରାଜ ସ୍ଥିତ ତ୍ରିବେଣୀ ସଙ୍ଗମରେ ବିଧି ଅନୁସାରେ ନିଶୁଳ୍କ ଅସ୍ଥି ବିସର୍ଜନ କରିବ ମାରୱାଡି ଯୁବାମଞ୍ଚ। ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଓ ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ମିଳିତ ଭାବେ ଏହି କାର୍ଯ୍ୟ କରିବେ। କରୋନାରେ ଅନେକ ଲୋକ ନିଜର ସମ୍ପର୍କୀୟଙ୍କୁ ହରାଇଛନ୍ତି। ଏହା ପୂର୍ବରୁ ମୃତ୍ୟୁବରଣ କରିଥିବା ବହୁ ଲୋକଙ୍କ ଅସ୍ଥି ଗୁଡିକ ଗୋଶାଳା ଓ ଅନ୍ୟ ସ୍ଥାନରେ ସଂରକ୍ଷିତ ରଖାଯାଇଛି। ପବିତ୍ର ତ୍ରିବେଣୀ ସଙ୍ଗମରେ ବିସର୍ଜନ କରିବା ପାଇଁ ମାରୱାଡି ଯୁବାମଞ୍ଚ ନିଷ୍ପତ୍ତି ନେଇଛି। ଅଗଷ୍ଟ ଶେଷ ସୁଦ୍ଧା ଯେତେ ଜଣଙ୍କ ଅସ୍ଥି ବିସର୍ଜନ ପାଇଁ ପରିଜନଙ୍କଠାରୁ ଅନୁମତି ମିଳିବ ମଞ୍ଚ ପକ୍ଷରୁ ସେହି ଅସ୍ଥିଗୁଡିକ ବିସର୍ଜନ କରାଯିବ ବୋଲି କୁହାଯାଇଛି। ଓଡିଶାବାସୀଙ୍କ ପାଇଁ ଏହି ସେବା ନିଶୁଳ୍କ କରାଯିବ ବୋଲି ମଙ୍ଗତୁରାମ ଅଗ୍ରୱାଲା, ଘନଶ୍ୟାମ ଅଗ୍ରୱାଲା, ନନ୍ଦକିଶୋର ଅଗ୍ରୱାଲା ଓ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ସୁବର୍ଣ୍ଣପୁର ଜିଲା ସଭାପତି ଚମରୁଲାଲ ଅଗ୍ରୱାଲା ପ୍ରମୁଖ ସୂଚନା ଦେଇଛନ୍ତି।

## ଛତୁଚାଷ କରି ସ୍ୱାବଲମ୍ବୀ

ଜାମଟିକ୍ରା, ୮।୮ (ଡି.ଏନ.ଏ)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗାଁ। ଏଠାରେ ରୋଜଗାରର ମାଧମ ପାଲଟିଛି ଛତୁଚାଷ। ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହ ପରିବାର ଗୁଜରାଣ ମେଣ୍ଟାଇ ପାରୁଛି ଏହି ଚାଷ। ଘରେ ଘରେ ଲୋକେ ପାଲଟିଛନ୍ତି ଜଣେ ଜଣେ ସଫଳ ଛତୁ ଚାଷୀ। ଜୁଆଡେ ଆଖି ବୁଲାଇବେ କେବଳ ଛତୁ ଚାଷ ହିଁ ନଜରରେ ପଡିବ। ଏଠାକାର ୯୦ ଭାଗ ଲୋକଙ୍କ ପ୍ରଧାନ ଜୀବିକା ଛତୁଚାଷ। ସକାଳୁ ସଞ୍ଜ ଯାଏ ଲୋକେ ଏଥିରେ ଲାଗିଥାନ୍ତି। ନଡାରେ ପାଣିଦେବା, ମଞ୍ଜି ବିଛାଇବା ଯାଏ ସବୁ କାମ କରନ୍ତି ପରିବାରର ସବୁ ସଦସ୍ୟ। ଛତୁଚାଷ ପାଇଁ ଗୋଟିଏ ବେଡ୍ ପିଛା ୪୦ରୁ ୫୦ ଟଙ୍କା ଖର୍ଚ୍ଚ ହେଉଛି ଏବଂ ଗୋଟିଏ ବେଡ୍‌ରୁ ୫ଶହ ଗ୍ରାମ୍‌ରୁ ୧କିଲୋ ଛତୁ ଫୁଟିଥାଏ। ଖରିଫ ଋତୁରେ ଧାନ ସହ ରବି ଋତୁରେ ଛତୁ ଚାଷ ଗାଁ ଲୋକଙ୍କୁ ଦେଇଛି ରୋଜଗାର। ଏହାସହ ଅନୁକୂଳ ଜଳବାୟୁ ଓ ପାଣି ସୁବିଧା ଯୋଗୁ ଏହି ଚାଷ ବେଶ୍ ଭଲ ହେଉଥିବା କହିଛନ୍ତି ଗ୍ରାମବାସୀ। ସେପଟେ ଚାଷୀ କୁହନ୍ତି, ମାର୍କେଟକୁ ନଜରରେ ରଖି ଆମେ ଛତୁଚାଷ କରୁଛୁ। କେତେବେଳେ ଛତୁ କିଲୋ ପିଛା ୧୦୦ ତ ଆଉ କେତେବେଳେ ୨୦୦ ଟଙ୍କାରେ ବିକୁଛୁ। ଜଣେ ମହିଳା ଚାଷୀ କହିଛନ୍ତି, ଗାଁରେ ଆମେ ଅନେକ ଦିନ ହେଲା ଛତୁଚାଷ କରୁଛୁ। ସିଜିନ ଆସିଲେ ବେପାର ଭଲ ହୁଏ। ଏହି ଅଞ୍ଚଳରେ ଛତୁର ସେଭଳି ବଜାର ନ ଥିବାରୁ ଦୂରଦୂରାନ୍ତରୁ ବେପାରୀମାନେ ଆସି ଗାଁ ଲୋକଙ୍କଠୁ ଛତୁ କିଣି ନେଇଥାନ୍ତି। ଏହାବାଦ୍ ଆଉ କିଛି ଚାଷୀ ରାସ୍ତାକଡ଼ରେ ଛତୁ ବିକ୍ରି କରିଥାନ୍ତି। ତେବେ ଛତୁପାଇଁ ସ୍ୱତନ୍ତ୍ର ବଜାର ଏବଂ ଚାଷୀଙ୍କ ପାଇଁ ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା କରାଗଲେ ସେମାନେ ଉପକୃତ ହୁଅନ୍ତେ ବୋଲି ମତପ୍ରକାଶ ପାଇଛି।


ଜାମଟିକ୍ରା ଗାଁରେ ଛତୁଚାଷ।